୫୧
DHARITRI
ଭୁବନେଶ୍ୱର, ଗୁରୁବାର, ଡିସେମ୍ବର ୨୬/୨୦୨୪ (୧୪ ପୃଷ୍ଠା) Bhubaneswar, Thursday, December 26/2024 Page 14 ₹ 7.00
୫୧ଶ ଭାଗ ୩୩ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 33 ମୂଲ୍ୟ₹୭/-

# ବିମାନ ଦୁର୍ଘଟଣା: ୩୮ ମୃତ

**ଆଜରବୈଜାନ ରାଜଧାନୀ ବାକୁରୁ ୬୭ ଯାତ୍ରୀଙ୍କୁ ନେଇ ରୁଷିଆର ଚେଚନ୍ୟାସ୍ଥିତ ଗ୍ରୋଜ୍ନି ଅଭିମୁଖେ ଯାତ୍ରା କରୁଥିବା ଏକ ବିମାନ ବୁଧବାର କାସ୍ପିଆନ୍ ସାଗର ଉପକୂଳ କାଜାଖସ୍ତାନରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଦୁର୍ଘଟଣାରେ ୩୮ ଯାତ୍ରୀଙ୍କ ମୃତ୍ୟୁ ଘଟିଥିବାବେଳେ ୨୯ ଆହତ ହୋଇଛନ୍ତି। କେତେଜଣ ଆହତଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ବିମାନ ଦୁର୍ଘଟଣାର କାରଣ ସ୍ପଷ୍ଟ ହୋଇ ନ ଥିବାବେଳେ ଏହାକୁ ନେଇ ନାନା କଳ୍ପନାଜଳ୍ପନା ପ୍ରକାଶ ପାଇବାରେ ଲାଗିଛି। ଉଡ଼ାଣ ବେଳେ ବିମାନକୁ ପକ୍ଷୀ ଧକ୍କାଦେବାରୁ ଏପରି ଘଟିଥିବା ପ୍ରାରମ୍ଭିକ ରିପୋର୍ଟରୁ ଜଣାପଡ଼ିଛି। ଅନ୍ୟପକ୍ଷେ ଉକ୍ତ ଏୟାରକ୍ରାଫ୍ଟର ଗ୍ଲୋବାଲ ପୋଜିଶନିଂ ସିଷ୍ଟମ୍ (ଜିପିଏସ୍) ଭଲ ଭାବେ କାର୍ଯ୍ୟ ନ କରିବା ଭଳି ନାଭିଗେଶନ୍ ସମସ୍ୟା ରହିଥିବାରୁ ଏହା ଦୁର୍ଘଟଣାଗ୍ରସ୍ତ ହୋଇଥିବା ମଧ୍ୟ କୁହାଯାଉଛି।**


ଦୁର୍ଘଟଣାଗ୍ରସ୍ତ ବିମାନ

**ମସ୍କୋ,୨୫।୧୨**

ଆଜରବୈଜାନରୁ ୬୭ ଜଣଙ୍କୁ ନେଇ ରୁଷିଆ ଯାଉଥିବା ଏକ ବିମାନ ବୁଧବାର କାଜାଖସ୍ତାନର ଅକାଟଉ ସହରରେ ଦୁର୍ଘଟଣାଗ୍ରସ୍ତ ହୋଇ ଜଳିଯାଇଛି। ଏଥିରେ ଅନ୍ୟୂନ ୩୮ ଯାତ୍ରୀଙ୍କ ମୃତ୍ୟୁ ଘଟିଥିବାବେଳେ ୨୯ ଜଣ ବର୍ତ୍ତିଯାଇଛନ୍ତି। ଆହତମାନଙ୍କୁ ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା କାଜାଖସ୍ତାନ ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଟେଲିଗ୍ରାମରେ ସୂଚନା ଦିଆଯାଇଛି।

ଆଜରବୈଜାନ ଏୟାରଲାଇନ୍ସ ପରିଚାଳିତ ଜେ୨-୮୨୪୩ ନମ୍ବର ବିଶିଷ୍ଟ ଏମ୍ବ୍ରାଏର ୧୯୦ ଏୟାରକ୍ରାଫ୍ଟ ବୁଧବାର ସକାଳେ ରାଜଧାନୀ ବାକୁରୁ ୬୨ ଯାତ୍ରୀ ଓ ୫ କ୍ରିଉ ମେମ୍ବରଙ୍କୁ ନେଇ ରୁଷିଆର ଚେଚନ୍ୟାସ୍ଥିତ ଗ୍ରୋଜ୍ନି ଅଭିମୁଖେ ଯାତ୍ରା କରୁଥିଲା। ଗ୍ରୋଜ୍ନି ଆକାଶରେ ଘନ କୁହୁଡ଼ି ଆଚ୍ଛାଦିତ ☞ପୃଷ୍ଠା-୪

# ନବୀନଙ୍କୁ ଭାରତରତ୍ନ ଦିଅ କହିଲେ କେନ୍ଦ୍ରମନ୍ତ୍ରୀ ଗିରିରାଜ

**ନୂଆଦିଲ୍ଲୀ/ ଭୁବନେଶ୍ୱର(ସୁନୀତ୍ ମିଶ୍ର),୨୫।୧୨**

ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କୁ ଭାରତରତ୍ନ ଦେବା ପାଇଁ ବୁଧବାର ବିହାରର ଏମ୍‌ପି ତଥା କେନ୍ଦ୍ର ବୟନଶିଳ୍ପ ମନ୍ତ୍ରୀ ଗିରିରାଜ ସିଂ ଦାବି କରିଛନ୍ତି। ଏହି ମନ୍ତବ୍ୟ ପରେ ଓଡ଼ିଶାରେ ବିଜେଡିକୁ ତଳିତଳାନ୍ତ କରି ଭାଜପାକୁ ଶକ୍ତିଶାଳୀ କରିବା ପାଇଁ ହେଉଥିବା ଉଦ୍ୟମ ସମ୍ପର୍କରେ ସୋସିଆଲ ମିଡିଆରେ ପୁଣିଥରେ ଚର୍ଚ୍ଚା ହେଉଛି। ବିଜେଡି ରାଜ୍ୟ ଶାସନରୁ ଗାଦିଚ୍ୟୁତ ହେବା ପଛରେ ଯୋଜନାବଦ୍ଧ ଷଡ଼ଯନ୍ତ୍ର ହୋଇଥିବା ନେଇ ଅନେକ ଚର୍ଚ୍ଚା ହୋଇଆସୁଥିବାବେଳେ ଗିରିରାଜଙ୍କ ମନ୍ତବ୍ୟ ଏହାକୁ ଅଧିକ ସରଗରମ କରିଛି।


ଗିରିରାଜ ସିଂ

ଭାଜପାରେ ବିଜେଡିକୁ ଲୀନ କରିଦେବା ପାଇଁ ଉଭୟ ଦଳର କେତେଜଣ ନେତା ଭିତିରିଆ ପ୍ରୟାସ କରୁଛନ୍ତି ବୋଲି ଅନେକେ ବିଗତ ଦିନର କେତେକ ଘଟଣାରେ ସୋସିଆଲ ମିଡିଆରେ ମତ ଦେଇଥିବାବେଳେ, ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**
**ହିନ୍ଦୁଙ୍କ ସାଦା ଖାଦ୍ୟ**

No. T-

## ଓଡ଼ିଶା ସରକାର
## ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ମାନ୍ୟବର ମୁଖ୍ୟମନ୍ତ୍ରୀ ଆସନ୍ତା ତା୩୦।୧୨।୨୦୨୪ରିଖ (ସୋମବାର) ଦିନ ୟୁନିଟ୍-୫, ଭୁବନେଶ୍ୱରସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠଠାରେ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିବେ । ଏହି ଅଭିଯୋଗ ଶୁଣାଣି ପାଇଁ ଅନ୍‌ଲାଇନ ପଞ୍ଜୀକରଣ ତା୨୫।୧୨।୨୦୨୪ରିଖ ଦିବା ୧୧ ଘଟିକାଠାରୁ ଆରମ୍ଭ ହେବ ଏବଂ ସର୍ବାଧିକ ୧୦୦୦ ଜଣ ପଞ୍ଜୀକରଣ କରିପାରିବେ । ଏଥିନିମନ୍ତେ, ଆଗ୍ରହୀ ଜନସାଧାରଣ **ଜନଶୁଣାଣି ପୋର୍ଟାଲ** (https://janasunani.odisha.gov.in/) ଅଥବା **ଜନଶୁଣାଣି ମୋବାଇଲ ଆପ୍ଲିକେଶନ** ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବା ପାଇଁ ପଞ୍ଜୀକରଣ କରିପାରିବେ । ଜନସାଧାରଣ ପଞ୍ଜୀକୃତ ପ୍ରାପ୍ତିସ୍ୱୀକାର ପତ୍ର ଏବଂ ବ୍ୟକ୍ତିଗତ ପରିଚୟ ପତ୍ର ତଥା ନିଜର ଅଭିଯୋଗ ପତ୍ର ସହ ଦର୍ଶାଯାଇଥିବା ସ୍ଥାନରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ନିଜର ଅଭିଯୋଗ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇପାରିବେ ।

**ଅତିରିକ୍ତ ମୁଖ୍ୟ ଶାସନ ସଚିବ**
**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**

OIPR-09014/11/0040/2425

# ବିଲରେ ଭାସୁଛି ପାଚିଲା ଧାନ

**ଫସଲ ହାନି ପାଇଁ କ୍ଷତିପୂରଣ ମିଳିବ: ସମବାୟ ମନ୍ତ୍ରୀ**

**ଭୁବନେଶ୍ୱର,୨୫।୧୨(ଅନିଲ ଦାସ)**

ବିଲରେ ଭାସୁଛି ପାଚିଲା ଧାନ, ମଣ୍ଡିରେ ଭିଜୁଛି ଅମଳ ଧାନ। ଅଦିନିଆ ବର୍ଷା ଚାଷୀଙ୍କୁ ସମ୍ପୂର୍ଣ୍ଣଭୂତ କରି ଦେଇଛି। ଧାନଗଣ୍ଡାକର ମୂଲ କେମିତି ମିଳିବ ସେ ନେଇ ସାରା ରାଜ୍ୟରେ ଚାଷୀ ଚିନ୍ତାରେ ପଡ଼ିଛନ୍ତି। ଗତ ୪ ଦିନ ଧରି ରାଜ୍ୟରେ ଲାଗିରହିଥିବା ଲଘୁଚାପ ଜନିତ ଲଗାଣ ବର୍ଷା ଚାଷୀଙ୍କ ଝାଳବୁହା ଧନକୁ ଏକପ୍ରକାର ବରବାଦ କରିଦେଇଛି। ବର୍ଷା କମିବାର ନାଁ ଧରୁନି। ବିଲରୁ ଅମଳ ହୋଇ ପାରୁନି ପାଚିଲା ଧାନ। ପାଣିରେ ଭିଜି ନଷ୍ଟ ହେବା ସହ ଗଜା ହେବା ଆଶଙ୍କା ବହୁଗୁଣା ବଢ଼ିଗଲାଣି। ଋଣକରି ଚାଷ କରିଥିବା ଚାଷୀ ମୁଣ୍ଡରେ ହାତ ଦେଇ ବସିଛନ୍ତି।

ଭାରତୀୟ ପାଣିପାଗ ବିଭାଗ ସୂଚନା ଅନୁଯାୟୀ, ଆହୁରି ୨୪ ଘଣ୍ଟା ବର୍ଷାର ପ୍ରକୋପ ରହିବ। ଦକ୍ଷିଣ ଆନ୍ଧ୍ରପ୍ରଦେଶ ଓ ତାମିଲନାଡୁ ଉପକୂଳ ଦକ୍ଷିଣ ପଶ୍ଚିମ ଓ କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଉତ୍ତର ପଶ୍ଚିମ ଦିଗକୁ ଗତି କରୁଛି। ଧୀରେ ଧୀରେ ଏହା ଦୁର୍ବଳ ହୋଇଯିବାର ସମ୍ଭାବନା ରହିଛି। ତେବେ ଏହାର ପ୍ରଭାବରେ ଗୁରୁବାର ଦକ୍ଷିଣ ଓଡ଼ିଶାରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବ। ☞ପୃଷ୍ଠା-୪






## ସଂକ୍ଷେପରେ

### ଆଫଗାନିସ୍ତାନରେ ପାକିସ୍ତାନର ବୋମାମାଡ଼: ୪୬ ମୃତ

କାବୁଲ, ୨୫।୧୨

ଆଫଗାନିସ୍ତାନର ପୂର୍ବ ପକ୍ତିକା ରାଜ୍ୟର ବରମଲ ଜିଲାରେ ବୁଧବାର ପାକିସ୍ତାନୀ ସେନା ଦ୍ୱାରା ଏୟାରଷ୍ଟ୍ରାଇକ କରାଯାଇ ୪୬ ଜଣଙ୍କର ମୃତ୍ୟୁ ଘଟିଛି। ସେହିପରି ୬ ଜଣ ଆହତ ହୋଇଥିବାନେଇ ତାଲିବାନ୍ ସରକାରଙ୍କ ଉପ ମୁଖପାତ୍ର ହମଦୁଲ୍ଲା ଫିତରତ କହିଛନ୍ତି। ମୃତକଙ୍କ ମଧ୍ୟରେ ଅଧିକାଂଶ ଶିଶୁ ଓ ମହିଳା ରହିଛନ୍ତି। ବରମଲ ଜିଲାରେ ୪ଟି ସ୍ଥାନରେ ବୋମା ମାଡ଼ କରାଯାଇଥିବା ନେଇ ଫିତରତ କହିଛନ୍ତି। ଆଫଗାନିସ୍ତାନ ପ୍ରତିରକ୍ଷା ମନ୍ତ୍ରଣାଳୟର ମୁଖପାତ୍ର ଇନାୟତୁଲ୍ଲାହ ଖୌରାଜମି କହିଛନ୍ତି, ପାକିସ୍ତାନର ଏହି ନିଷ୍ଠୁର କାର୍ଯ୍ୟ ସମସ୍ତ ଅନ୍ତର୍ଜାତୀୟ ନୀତିକୁ ଖୋଲାଖୋଲି ଭାବେ ଉଲ୍ଲଂଘନ କରିଛି। ପଡ଼ୋଶୀ ପାକିସ୍ତାନକୁ ଏହି ଏୟାର ଷ୍ଟ୍ରାଇକ୍‌ର ଜବାବ ଦିଆଯିବ। ତେବେ ତାଲିବାନ୍‌ର ଅଭିଯୋଗ ଉପରେ ପାକିସ୍ତାନୀ ସେନା ପକ୍ଷରୁ କୌଣସି ପ୍ରତିକ୍ରିୟା ଦିଆଯାଇ ନାହିଁ।

### ଖାଇରେ ଖସିଲା ବସ୍: ୪ ମୃତ, ୨୪ ଆହତ

ଡେରାଡୁନ୍, ୨୫।୧୨

ଉତ୍ତରାଖଣ୍ଡର ଆଲମୋରାରୁ ହଲଦ୍ୱାନୀ ଅଭିମୁଖେ ଯାଉଥିବା ଏକ ଯାତ୍ରୀବାହୀ ବସ୍ ବୁଧବାର ଭାରସାମ୍ୟ ହରାଇ ଭୀମତଲ ସହରର ୧୫୦୦ ଫୁଟ ଗଭୀର ଏକ ଖାଇରେ ଖସିଯିବାରୁ ୪ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୨୪ ଜଣ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୨ ମହିଳା, ଜଣେ ପୁରୁଷ ଏବଂ ଜଣେ ଶିଶୁ ରହିଛନ୍ତି। ବସ୍ ମଧ୍ୟରୁ ୨୧ ଜଣଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଛି। ଦୁର୍ଘଟଣା ଘଟିବା ମାତ୍ରେ ଘଟଣାସ୍ଥଳରେ ପୋଲିସ, ଅଗ୍ନିଶମ ବାହିନୀ, ରାଜ୍ୟ ବିପର୍ଯ୍ୟୟ ମୁକାବିଲା ବଳ(ଏସ୍‌ଡିଆର୍‌ଏଫ୍) ଟିମ୍, ସ୍ଥାନୀୟ ଲୋକଙ୍କ ପକ୍ଷରୁ ଉଦ୍ଧାର କାର୍ଯ୍ୟ କରାଯାଇଥିଲା। ସେହିପରି ଘଟଣାସ୍ଥଳରେ ୧୫ଟି ଆମ୍ବୁଲାନ୍ସ ନିୟୋଜିତ କରାଯାଇଥିଲା। ଆହତମାନଙ୍କୁ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଉତ୍ତରାଖଣ୍ଡ ସରକାର ମୃତକଙ୍କ ପରିବାର ପାଇଁ ୧୦ ଲକ୍ଷ ଟଙ୍କାର କ୍ଷତିପୂରଣ ରାଶି ଘୋଷଣା କରିଛନ୍ତି।

# କ୍ରିସ୍‌ମସ୍‌ରେ ବି ଛାଡ଼ିଲାନି ରୁଷିଆ



ୟୁକ୍ରେନ୍‌ର ଖାର୍କିଭ୍‌ରେ ବିଧ୍ୱସ୍ତ ଏକ ଶକ୍ତିପ୍ରକଳ୍ପର ନିଆଁ ଲିଭାଉଛନ୍ତି ଅଗ୍ନିଶମବାହିନୀ।

କିଭ୍, ୨୫।୧୨

### ୟୁକ୍ରେନ୍‌ର ଶକ୍ତି ଭିତ୍ତିଭୂମିକୁ ମିଶାଇଲ, ଡ୍ରୋନ୍ ଆକ୍ରମଣ

ଧରାପୃଷ୍ଠରେ ଯୀଶୁଙ୍କ ଅବତରଣକୁ ନେଇ ବୁଧବାର ବିଶ୍ୱବାସୀ କ୍ରିସ୍‌ମସ ପାଳନରେ ମସ୍‌ଗୁଲ ଥିବାବେଳେ ୟୁକ୍ରେନ୍ ଉପରେ ଘନ ଘନ ଆକ୍ରମଣ କରିଛି ରୁଷିଆ। ୟୁକ୍ରେନ୍‌ର ଶକ୍ତି ଭିତ୍ତିଭୂମି ଉପରେ ରୁଷୀୟ ସୈନ୍ୟ ତୁହାକୁ ତୁହା ମିଶାଇଲ ଓ ଡ୍ରୋନ୍ ମାଡ଼ କରିଛନ୍ତି। ଏଥିରେ ଏକ ତାପଜ ବିଦ୍ୟୁତ୍ ଶକ୍ତି ପ୍ରକଳ୍ପ ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଛି। ଫଳରେ ଅନେକ ୟୁକ୍ରେନୀୟ ଏକ ମେଟ୍ରୋ ଷ୍ଟେଶନରେ ଆଶୟ ନେବାକୁ ବାଧ ହୋଇଛନ୍ତି। ୟୁକ୍ରେନୀୟ ତୈଳ ଓ ଶକ୍ତି ଉତ୍ସଗୁଡ଼ିକ ଉପରେ ରୁଷିଆ ଜଳ, ସ୍ଥଳ ଓ ଆକାଶମାର୍ଗରୁ ୭୮ ମିଶାଇଲ୍ ଛାଡ଼ିଛି। ଏତିକି ନୁହେଁ, ୧୦୬ ଡ୍ରୋନ୍ ଆକ୍ରମଣ ମଧ୍ୟ କରିଥିବା ୟୁକ୍ରେନୀୟ ବାୟୁସେନା ପକ୍ଷରୁ ସୂଚନା ଦିଆଯାଇଛି। ତେବେ ସେଥିରୁ ୫୯ ମିଶାଇଲ ଓ ୫୪ ଡ୍ରୋନ୍‌କୁ ୟୁକ୍ରେନ୍ ଖସାଇ ଦେଇଥିବା କିଭ୍ ପକ୍ଷରୁ ସୂଚନା ଦିଆଯାଇଛି। ଇତିମଧ୍ୟରେ ଖସିପଡ଼ିଥିବା ଏକ ଡ୍ରୋନ୍ ଯୋଗୁ ରୁଷିଆର ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୩ ଜଣ ଆହତ ହୋଇଛନ୍ତି। ୟୁକ୍ରେନ୍ ବହିର୍ବ୍ୟାପାର ମନ୍ତ୍ରୀ ଆଣ୍ଡ୍ରି ସିବିହା କହିଛନ୍ତି, ରୁଷିଆର ଏକ ମିଶାଇଲ୍ ମୋଲଡୋଭାନ୍ ଓ ରୋମାନୀୟ ବାୟୁସୀମା ଦେଇ ଗତି କରିଛି। ୟୁକ୍ରେନ୍ ରାଷ୍ଟ୍ରପତି ଭ୍ଲାଡିମିର ଜେଲେନ୍‌ସ୍କି କହିଛନ୍ତି, ପୁଟିନ୍ ଜାଣିଶୁଣି ଆକ୍ରମଣ ପାଇଁ କ୍ରିସ୍‌ମାସକୁ ବାଛିଛନ୍ତି। ଏହାଠୁ ବଳି ଅମାନବୀୟ କାର୍ଯ୍ୟ କ'ଣ ହୋଇପାରେ ବୋଲି ଜେଲେନ୍‌ସ୍କି ପ୍ରଶ୍ନ କରିଛନ୍ତି।

ପ୍ରକାଶଯେ, ୨୦୨୨ ଫେବୃଆରୀ ୨୪ରେ ଯୁଦ୍ଧ ଆରମ୍ଭ ହେବା ପରଠୁ ରୁଷିଆର ମୋଟ ୬ ଲକ୍ଷରୁ ଊର୍ଦ୍ଧ୍ୱ ମୃତାହତ ହୋଇଥିବାବେଳେ ୟୁକ୍ରେନ୍‌ର ୮୦ ହଜାର ସୈନ୍ୟ ନିହତ ଓ ୪ ଲକ୍ଷ ଆହତ ହୋଇଛନ୍ତି। ଆଉ କେତେଜଣ ପର୍ଯ୍ୟବେକ୍ଷକଙ୍କ ମତରେ ଉଭୟ ରୁଷିଆ ଓ ୟୁକ୍ରେନ୍‌ର ମୃତାହତଙ୍କ ସଂଖ୍ୟା ଅଧିକ ହୋଇପାରେ। ଗତ ୨୧ରେ ୟୁକ୍ରେନ୍ ରୁଷିଆର କାଜାନ ସହରରେ ୯/୧୧ ଶୈଳରେ ୨ଟି ସୁଉଚ୍ଚ ଅଟ୍ଟାଳିକାକୁ ଡ୍ରୋନ୍ ଆକ୍ରମଣ କରିଥିଲା। ଏହାର ପ୍ରତିଶୋଧ ନେବାକୁ ଯାଇ ରୁଷିଆ ସୈନ୍ୟ ଏଭଳି ଆକମ୍ରଣ କରିଥିବା କୁହାଯାଇଛି।

### କ୍ରିସ୍‌ମସ୍‌ରେ ପୋପ୍‌ଙ୍କ ଶାନ୍ତି ଆହ୍ୱାନ

କ୍ୟାଥୋଲିକ୍ ଧର୍ମଗୁରୁ ପୋପ୍ ଫ୍ରାନ୍ସିସ୍ ବୁଧବାର ଭାଟିକାନ୍ ସିଟିରେ କ୍ରିସ୍‌ମସ ପାଳନ ଅବସରରେ ଶାନ୍ତି ପ୍ରତିଷ୍ଠାର ଆହ୍ୱାନ ଦେଇଛନ୍ତି। ଅସ୍ତ୍ରଶସ୍ତ୍ର ବ୍ୟବହାର ବନ୍ଦକରି ବିଭାଜନ ଏଡ଼ାଇବାକୁ ସେ ପରାମର୍ଶ ଦେଇଛନ୍ତି। ବିଶ୍ୱରେ ଶାନ୍ତି ଓ ଏକତା ପ୍ରତିଷ୍ଠା ନିମନ୍ତେ ସାମୁହିକ ଉଦ୍ୟମ ଲୋଡ଼ା ବୋଲି ପୋପ୍ କହିଛନ୍ତି।



### ସଂସଦ ଭବନ ନିକଟରେ ନିଜକୁ ନିଆଁ ଲଗାଇଦେଲେ



ନୂଆଦିଲ୍ଲୀ, ୨୫।୧୨

ସଂସଦ ଭବନ ନିକଟରେ ଜଣେ ବ୍ୟକ୍ତି ନିଜକୁ ନିଆଁ ଲଗାଇ ଦେଇଛନ୍ତି। ସ୍ଥାନୀୟ ଲୋକଙ୍କ ସହାୟତାରେ ପୋଲିସ ତାଙ୍କୁ ଉଦ୍ଧାରକରି ସ୍ଥାନୀୟ ରାମ ମନୋହର ଲୋହିଆ ହସ୍ପିଟାଲରେ ଭର୍ତ୍ତି କରିଛି। ଘଟଣାସ୍ଥଳରେ ଫୋରେନ୍ସିକ୍ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପ୍ରାଥମିକ ଯାଞ୍ଚରୁ ବ୍ୟକ୍ତି ଜଣକ ଉତ୍ତରପ୍ରଦେଶର ବାଗ୍‌ପତ ନିବାସୀ ଜିତେନ୍ଦ୍ର ହୋଇଥିବା ଜଣାପଡ଼ିଛି। ଜିତେନ୍ଦ୍ର ରେଳ ଭବନ ନିକଟସ୍ଥ ଏକ ପାର୍କରେ ନିଜ ଶରୀରରେ ନିଆଁ ଲଗାଇ ସଂସଦ ଭବନ ଆଡ଼କୁ ଦୌଡ଼ି ଆସୁଥିଲେ। ଜିତେନ୍ଦ୍ରଙ୍କ ଶରୀରର ୯୫% ପୋଡ଼ିଯାଇଥିବା ନେଇ ଡାକ୍ତର କହିଛନ୍ତି। ତେବେ ସେ ନିଜକୁ କ'ଣ ପାଇଁ ନିଆଁ ଲଗାଇଥିଲେ ତାହା ସ୍ପଷ୍ଟ ହୋଇନାହିଁ। ଘଟଣାସ୍ଥଳରେ ଅଧା ପୋଡ଼ିଯାଇଥିବା ଏକ ୨ ପୃଷ୍ଠାର ନୋଟ୍ ପୋଲିସକୁ ହସ୍ତଗତ ହୋଇଛି। ବାଗ୍‌ପତର କୌଣସି ବ୍ୟକ୍ତିଗତ ଶତ୍ରୁତାକୁ ନେଇ ଜିତେନ୍ଦ୍ର ଏପରି ଘଟାଇଥାଇ ପାରନ୍ତି ବୋଲି ପୋଲିସ ସନ୍ଦେହ କରୁଛି।

## 'ଦିଲ୍ଲୀ ନିର୍ବାଚନ ପୂର୍ବରୁ ଆତିଶୀ ଗିରଫ ହେବେ'

ନୂଆଦିଲ୍ଲୀ, ୨୫।୧୨

### ଭାଜପା ଷଡ଼ଯନ୍ତ୍ର ରଚୁଥିବା ନେଇ ଅଭିଯୋଗ ଆଣିଲେ କେଜ୍‌ରିୱାଲ

ଦିଲ୍ଲୀ ବିଧାନସଭା ନିର୍ବାଚନ ପୂର୍ବରୁ ଆମ୍ ଆଦ୍‌ମୀ ପାର୍ଟି(ଆପ୍) ଉପଦେଷ୍ଟା ଅରବିନ୍ଦ କେଜରିୱାଲ ଭାଜପା ଉପରେ ନୂଆ ଅଭିଯୋଗ ଆଣିଛନ୍ତି। ବୁଧବାର ଏକ ଖବରଦାତା ସମ୍ମିଳନୀ କରି ସେ କହିଛନ୍ତି, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଆତିଶୀଙ୍କୁ ଗିରଫ କରିବା ପାଇଁ ଯୋଜନା ପ୍ରସ୍ତୁତ ହେଉଛି। ଆତିଶୀଙ୍କୁ ଗିରଫ କରିବା ପାଇଁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି), କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ(ସିବିଆଇ) ଏବଂ ଇନ୍‌କମ ଟାକ୍ସକୁ କୁହାଯାଇଛି। ଭାଜପା ପ୍ରରୋଚନାରେ ପରିବହନ ବିଭାଗରେ ଏକ ନକଲି ମାମଲା ରୁଜୁ କରାଯାଇ ଆତିଶୀଙ୍କୁ ଗିରଫ କରିବା ପାଇଁ ପ୍ରସ୍ତୁତି ଚାଲିଛି ବୋଲି ସେ ତାଙ୍କ ନିଜସ୍ୱ ସୂତ୍ରରୁ ଖବର ପାଇଥିବା କେଜ୍‌ରିୱାଲ କହିଛନ୍ତି। ସେହିପରି ଆତିଶୀଙ୍କୁ ଗିରଫ କରିବା ପୂର୍ବରୁ ତାଙ୍କ ସମେତ ଆପ୍‌ର ଅନେକ ବରିଷ୍ଠ ନେତାଙ୍କ ଘରେ ବିଭିନ୍ନ କେନ୍ଦ୍ରୀୟ ଏଜେନ୍ସି ଦ୍ୱାରା ରେଡ୍ କରାଯିବ। ଦିଲ୍ଲୀ ନିର୍ବାଚନ ପୂର୍ବରୁ ଆପ୍‌ର ବଢୁଥିବା ଲୋକପ୍ରିୟତାରେ ଭୟଭୀତ ହୋଇ ଦଳର ନିର୍ବାଚନ ପ୍ରସ୍ତୁତିକୁ ବ୍ୟାହତ କରିବା ନିମନ୍ତେ ଭାଜପା ଏବଂ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏହି ପ୍ରୟାସ କରାଯିବ ବୋଲି କେଜ୍‌ରିୱାଲ ଅଭିଯୋଗ ଆଣିଛନ୍ତି।

## ଦଳାଚକଟାରେ ମୃତ ମହିଳାଙ୍କ ପରିବାରକୁ ୨ କୋଟି ସହାୟତା

ହାଇଦ୍ରାବାଦ, ୨୫।୧୨

ଗତ ୪ ତାରିଖରେ 'ପୁଷ୍ପା ୨'ର ସ୍କ୍ରିନିଂ ବେଳେ ହାଇଦ୍ରାବାଦର ସନ୍ଧ୍ୟା ଥିଏଟରରେ ଦଳଚକଟା ଘଟି ଜଣେ ମହିଳାଙ୍କର ମୃତ୍ୟୁ ଘଟିଥିବାବେଳେ ତାଙ୍କ ୮ ବର୍ଷର ପୁଅ ଗୁରୁତର ଆହତ ହୋଇଥିଲେ। ବୁଧବାର ଏହି ଦଳାଚକଟା ପୀଡ଼ିତଙ୍କ ପରିବାରକୁ ଅଭିନେତା ଅଲ୍ଲୁ ଅର୍ଜୁନ ଓ 'ପୁଷ୍ପା ୨' ଫିଲ୍ମ ନିର୍ମାତାଙ୍କ ପକ୍ଷରୁ ୨ କୋଟି ଟଙ୍କାର ଆର୍ଥିକ ସହାୟତା ଦିଆଯିବା ନେଇ ଘୋଷଣା କରାଯାଇଛି। ଏନେଇ ଅଲ୍ଲୁ ଅର୍ଜୁନଙ୍କ ବାପା ତଥା ଫିଲ୍ମ ନିର୍ମାତା ଅଲ୍ଲୁ ଅରବିନ୍ଦ ସୂଚନା ଦେଇଛନ୍ତି। ଅଲ୍ଲୁ ଅର୍ଜୁନଙ୍କ ପକ୍ଷରୁ ୧ କୋଟି, 'ପୁଷ୍ପା ୨' ପ୍ରଡକ୍ସନ କମ୍ପାନୀ ମାଇତ୍ରୀ ମୁଭି ମେକର୍ସ ପକ୍ଷରୁ ୫୦ ଲକ୍ଷ ଏବଂ



ଅଲ୍ଲୁ ଅର୍ଜୁନ

ନିର୍ଦ୍ଦେଶକ ସୁକୁମାରଙ୍କ ପକ୍ଷରୁ ପୀଡ଼ିତ ପରିବାରକୁ ୫୦ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଦିଆଯିବ ବୋଲି ସେ କହିଛନ୍ତି। ବୁଧବାର ଅଲ୍ଲୁ ଅରବିନ୍ଦ ହାଇଦ୍ରାବାଦର ଏକ ଘରୋଇ ହସ୍ପିଟାଲକୁ ଯାଇ ଗୁରୁତର ଆହତ ଥିବା ପୀଡ଼ିତ ବାଳକଙ୍କୁ ଭେଟିଛନ୍ତି। ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଆସିଛି ବୋଲି ଅଲ୍ଲୁ ଅରବିନ୍ଦ କହିଛନ୍ତି।

### ବିଭ୍ରାନ୍ତିକର ଭିଡିଓ ଶେୟାର ନ କରିବାକୁ ହାଇଦ୍ରାବାଦ ପୋଲିସର ଚେତାବନୀ

ସନ୍ଧ୍ୟା ଥିଏଟର ଦଳାଚକଟା ଘଟଣାରେ ଭୁଲ୍ ସୂଚନା କିମ୍ବା ବିଭ୍ରାନ୍ତିକର ଭିଡିଓଗୁଡ଼ିକୁ ସୋସିଆଲ ମିଡିଆରେ ପ୍ରଚାରପ୍ରସାର କରାଗଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବୁଧବାର ହାଇଦ୍ରାବାଦ ପୋଲିସ ଚେତାବନୀ ଦେଇଛି। ଏକ୍ସ'ରେ ଏକ ପୋଷ୍ଟ କରି ହାଇଦ୍ରାବାଦ ପୋଲିସ ପକ୍ଷରୁ କୁହାଯାଇଛି, ଅଲ୍ଲୁ ଅର୍ଜୁନ ସନ୍ଧ୍ୟା ଥିଏଟରରେ ପହଞ୍ଚିବା ପୂର୍ବରୁ ଦଳଚକଟା ଘଟିଥିବା ନେଇ ଏକ ମିଥ୍ୟା ଭିଡିଓକୁ କେତେଜଣ ବ୍ୟକ୍ତି ଉଦ୍ଦେଶ୍ୟମୂଳକ ଭାବେ ଭାଇରାଲ କରୁଥିବା ନେଇ ଜଣାପଡ଼ିଛି। ମାମଲାର ଏବେ ତଦନ୍ତ ଚାଲିଛି। ତେଣୁ ମିଥ୍ୟା ଭିଡିଓ ଭାଇରାଲ କରିଥିବା ବ୍ୟକ୍ତିଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ହାଇଦ୍ରାବାଦ ପୋଲିସ କହିଛି।

## ଫୁରସତ୍



ସନି ଦେଓଲ

### 'ବର୍ଡର ୨' ଶୁଟିଂ ଆରମ୍ଭ

ମୁମ୍ବାଇ

ବହୁ ପ୍ରତୀକ୍ଷିତ 'ବର୍ଡର ୨' ଫିଲ୍ମର ଶୁଟିଂ ଆରମ୍ଭ ହୋଇଛି। ଟିସିରିଜ୍‌ପ୍ରଡକ୍ସନ ହାଉସ୍ ପକ୍ଷରୁ 'ବର୍ଡର ୨' ଶୁଟିଂ ସେଟ୍‌ର ଏକ ଝଲକକୁ ଶେୟାର କରାଯାଇଛି, ଯାହା ଫିଲ୍ମକୁ ନେଇ ପ୍ରଶଂସକଙ୍କ ମଧ୍ୟରେ ଉତ୍ସାହ ବୃଦ୍ଧି କରିଛି। 'ବର୍ଡର' ଫିଲ୍ମର ନାୟକ ଅଭିନେତା ସନି ଦେଓଲ 'ବର୍ଡର ୨'ରେ ମଧ ମୁଖ୍ୟ ଭୂମିକାରେ ଅଭିନୟ କରିବେ। ଏହାସହ 'ବର୍ଡର ୨'ରେ ଅଭିନେତା ବରୁଣ ଧାୱନ, ଦିଲ୍‌ଜିତ ଦୋସାଞ୍ଜ ଏବଂ ଅହାନ ସେଟ୍ଟିଙ୍କୁ ମଧ ଦେଖିବାକୁ ମିଳିବ। ତେବେ ଫିଲ୍ମରେ କେଉଁ ଅଭିନେତ୍ରୀ ମୁଖ୍ୟ ଭୂମିକାରେ ନଜରକୁ ଆସିବେ ସେନେଇ ଫିଲ୍ମ ନିର୍ମାତାଙ୍କ ପକ୍ଷରୁ ଏଯାଏ ସ୍ପଷ୍ଟ ହୋଇନାହିଁ। 'ବର୍ଡର ୨' ରେ ଅନେକ ଆକ୍ସନ ଦୃଶ୍ୟ ରହିବ ବୋଲି ଫିଲ୍ମ ନିର୍ମାତାଙ୍କ ସୂତ୍ରରୁ ଜଣା ପଡ଼ିଛି। ରିପୋର୍ଟ ଅନୁଯାୟୀ, ଜଣାଶୁଣା ହଲିଉଡ୍ ଆକ୍ସନ୍ କୋରିଓଗ୍ରାଫର୍ ନିକ୍ ପାୱେଲ 'ବର୍ଡର ୨'ର ସମସ୍ତ ଆକ୍ସନ ଦୃଶ୍ୟଗୁଡ଼ିକୁ ଡିଜାଇନ କରିବେ। ୧୯୯୭ରେ ମୁକ୍ତିଲାଭ କରିଥିବା 'ବର୍ଡର' ଚଳଚ୍ଚିତ୍ର ସୁପରହିଟ୍ ସାବ୍ୟସ୍ତ ହୋଇଥିଲା। ତେବେ ୨୯ ବର୍ଷ ପରେ ଅର୍ଥାତ୍ ୨୦୨୬ ଜାନୁଆରୀ ୨୩ରେ ଏହାର ସିକ୍ୱେଲ 'ବର୍ଡର ୨' ମୁକ୍ତିଲାଭ କରିବ ବୋଲି ଫିଲ୍ମ ନିର୍ମାତାଙ୍କ ସୂତ୍ରରୁ ଜଣାପଡ଼ିଛି।

### ବାମ ହାତରେ ହ୍ୟାଣ୍ଡକଫ, ଡାହାଣ ହାତରେ ପରୀକ୍ଷା ଦେଲେ

ଭୋପାଳ

ମଧ୍ୟପ୍ରଦେଶର ବୁର୍‌ହାନ୍‌ପୁର ଜିଲା ଶିକରପୁରା ଥାନା ଅଞ୍ଚଳରେ ୨ ଜଣ ଅଭିଯୁକ୍ତ ହାତକଡ଼ି ଲଗାଇ ପରୀକ୍ଷା ଦେବା ପାଇଁ ପହଞ୍ଚିଥିବାର କେତେକ ଫଟୋ ଓ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି, ଯାହା ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି। ଉଭୟ ଅଭିଯୁକ୍ତ ୨ ଭାଇ ହୋଇଥିବା ଜଣାପଡ଼ିଛି। ପରୀକ୍ଷା କେନ୍ଦ୍ରରେ ଅନ୍ୟ ଛାତ୍ରୀଛାତ୍ରମାନେ ୨ ଅଭିଯୁକ୍ତଙ୍କୁ ହାତକଡ଼ି ଲଗାଇ ପୋଲିସ ସହ ଠିଆ ହୋଇଥିବାର ଦେଖି ସେମାନଙ୍କୁ ଆଶ୍ଚର୍ଯ୍ୟର ସହ ଚାହିଁ ରହିଥିବାର ଦେଖିବାକୁ ମିଳିଛି। ତେବେ ଏହି ୨ ଭାଇଙ୍କୁ ଏକ ହତ୍ୟା ମାମଲାରେ ଗିରଫ କରାଯାଇଛି। ଗତ ୩ ମାସ ହେବ ଉଭୟେ ଜେଲରେ ରହୁଛନ୍ତି। ପୂର୍ବରୁ ଦ୍ୱାଦଶ ପରୀକ୍ଷା ପାଇଁ ଏହି ୨ ଭାଇ ଫର୍ମ ପୂରଣ କରିଥିବାରୁ ସେମାନଙ୍କୁ ପରୀକ୍ଷା ଦେବା ଲାଗି କୋର୍ଟ ଅନୁମତି ପ୍ରଦାନ କରିଛନ୍ତି। ଶନିବାର ଉଭୟେ ହାତକଡ଼ି ପିନ୍ଧି ୨ ଜଣ ପୋଲିସ କର୍ମୀଙ୍କ ସହ ପରୀକ୍ଷା ଦେବାକୁ ଆସି ପହଞ୍ଚିଥିଲେ। ଉଭୟ ଅଭିଯୁକ୍ତଙ୍କ ମା' କହିଛନ୍ତି, ଗଣେଶ ପୂଜା ସମୟରେ ସ୍ଥାନୀୟ ଅଞ୍ଚଳରେ ଜଣେ ଯୁବକଙ୍କ ହତ୍ୟା ହୋଇଥିଲା। ଉକ୍ତ ହତ୍ୟାକାଣ୍ଡରେ ତାଙ୍କ ୨ ପୁଅଙ୍କ ନାଁ ସାମ୍ନାକୁ ଆସିଥିଲା। ସେବେଠାରୁ ଉଭୟେ ଜେଲରେ ଅଛନ୍ତି। ତେବେ ତାଙ୍କ ୨ ପୁଅଙ୍କୁ ଦ୍ୱାଦଶ ବୋର୍ଡ ପରୀକ୍ଷା ଦେବା ପାଇଁ ଅନୁମତି ଦିଆଯାଉ ବୋଲି ସେ କୋର୍ଟଙ୍କୁ ନିବେଦନ କରିଥିଲେ। ମହିଳାଙ୍କର ଏହି ନିବେଦନକୁ କୋର୍ଟ ଗ୍ରହଣ କରିଥିଲେ।



### କ୍ରିସ୍‌ମସ୍ ଟ୍ରି ହେୟାରଷ୍ଟାଇଲ

ନୂଆଦିଲ୍ଲୀ

ସୋସିଆଲ ମିଡିଆରେ ଚର୍ଚ୍ଚିତ ରହୁଥିବା ବିୟୁଟି ଇନ୍‌ଫ୍ଲୁଏନ୍ସର ତାନିଆ ସିଂ ବୁଧବାର ନିଜର କେଶକୁ କ୍ରିସ୍‌ମସ୍ ଟ୍ରି ରୂପେ ସଜାଇ ଇନ୍‌ଷ୍ଟାଗ୍ରାମରେ ପୋଷ୍ଟ କରିଛନ୍ତି। ଭିଡିଓରେ ପ୍ରଥମେ ତାନିଆ ତାଙ୍କ ମୁଣ୍ଡରେ ଏକ ଖାଲି ଥଣ୍ଡା ପାନୀୟ ବୋତଲ ରଖି ଏହାକୁ ଯତ୍ନର ସହ ନିଜ କେଶ ଦ୍ୱାରା ଘୋଡ଼ାଇ ଦେଉଛନ୍ତି। ଏହାପରେ ସେ କେଶକୁ ବିଭିନ୍ନ ଲାଇଟିଂ, ଷ୍ଟାର ଏବଂ ଅନ୍ୟାନ୍ୟ କ୍ରିସ୍‌ମସ୍ ଉପକରଣ ଦ୍ୱାରା ସଜ୍ଜିତ କରୁଛନ୍ତି। ଏହାପରେ ତାନିଆଙ୍କ କେଶ ଏକଦମ ଅବିକଳ କ୍ରିସ୍‌ମସ୍ ଟ୍ରି ପରି ଦେଖାଯାଉଛି। କ୍ୟାପ୍‌ଶନ୍‌ରେ ତାନିଆ ଲେଖିଛନ୍ତି, ସମସ୍ତଙ୍କୁ ମେରି କ୍ରିସ୍‌ମସ୍। ମୋର କ୍ରିସ୍‌ମସ୍ ଟ୍ରି ହେୟାରଷ୍ଟାଇଲ କିପରି ଲାଗୁଛି। ଏହି ଭିଡିଓ ବେଶ୍ ଭାଇରାଲ ହେବାରେ ଲାଗିଛି। ତାନିଆଙ୍କ ଏହି ନୂତନ ହେୟାରଷ୍ଟାଇଲକୁ ଇନ୍‌ଷ୍ଟାଗ୍ରାମ ୟୁଜର୍ସ ଖୁବ୍ ପସନ୍ଦ କରିଛନ୍ତି।

DRiEMS UNIVERSITY
ODISHA, TANGI, CUTTACK
ପ୍ରଥମ ସମାବର୍ତ୍ତନ ଉତ୍ସବ
୨୭ ଡିସେମ୍ବର ୨୦୨୪ | ଦିବା ୧୧ ଘଟିକା



ମୁଖ୍ୟଅତିଥି
ଶ୍ରୀଯୁକ୍ତ ଧର୍ମେନ୍ଦ୍ର ପ୍ରଧାନ
ମାନ୍ୟବର କେନ୍ଦ୍ର ଶିକ୍ଷା ମନ୍ତ୍ରୀ




# ଜାନୁଆରୀରୁ ଚାଷୀ ପଞ୍ଜୀକରଣ, ଚିହ୍ନଟ ହେବେ ଅଣଚାଷୀ

ଭୁବନେଶ୍ୱର, ୨୫।୧୨ (ସୁନିତ୍ ମିଶ୍ର)

ରାଜ୍ୟର ଯେଉଁ ଅଣଚାଷୀମାନେ ସରକାରଙ୍କ ବିଭିନ୍ନ ଯୋଜନାରୁ ଲାଭ ଉଠାଉଛନ୍ତି ସେମାନଙ୍କୁ ବାଦ୍ ଦିଆଯିବ। ରାଜ୍ୟ ସରକାର ଏବେ ଉପଯୁକ୍ତ ଚାଷୀଙ୍କୁ ଚିହ୍ନଟକରିବା ପ୍ରକ୍ରିୟା ଆରମ୍ଭ କରିବେ। ଜାନୁଆରୀରୁ ଚାଷୀ ପଞ୍ଜୀକରଣ ଆରମ୍ଭ ହୋଇଯିବ। ଚାଷୀମାନଙ୍କୁ ୧୪ ଟିକିଆ ନମ୍ବର ବିଶିଷ୍ଟ ସ୍ୱତନ୍ତ୍ର ଆଇଡି ମିଳିବ। ଡିଜିଟାଲ କୃଷକ କାର୍ଡ ମଧ୍ୟ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯିବ। ଏଥିପାଇଁ ଚାଷୀଙ୍କ ଡାଟାବେସ୍ ପ୍ରସ୍ତୁତ କରିବାକୁ ସବୁ ଜିଲାପାଳଙ୍କୁ କୃଷି ବିଭାଗ ପକ୍ଷରୁ ଆକ୍ସନ ପ୍ଲାନ୍ ଏବଂ ଏସ୍ଓପି ପଠାଯାଇଛି। ପ୍ରଥମ ପର୍ଯ୍ୟାୟରେ ଜାନୁଆରୀ ୧ରୁ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ପଞ୍ଜୀକରଣ ଚାଲିବ। ସବୁ ପଞ୍ଚାୟତରେ ସ୍ୱତନ୍ତ୍ର ଶିବିର ଖୋଲାଯିବ। ଏହି ଶିବିରରେ ୨ ଜଣ ଲେଖାଏ ଗ୍ରାମ୍ୟ କୃଷି ସେବକ ଓ ଜଣେ ରାଜସ୍ୱ ନିରୀକ୍ଷକ ଉପସ୍ଥିତ ରହିବେ। ଚାଷୀଙ୍କୁ ଶିବିର ପର୍ଯ୍ୟନ୍ତ ଆଣିବା ପାଇଁ ସ୍ଥାନୀୟ କୃଷକ ସାଥୀଙ୍କୁ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ପ୍ରତ୍ୟେକ ଶିବିରର ତଦାରଖ ଦାୟିତ୍ୱରେ କୃଷି ଓଭରସିୟର, ବ୍ଲକ୍ କୃଷି ଅଧିକାରୀ, ଅତିରିକ୍ତ ତହସିଲଦାର କିମ୍ବା ତହସିଲଦାରଙ୍କ ମଧ୍ୟରୁ ଜଣେ ରହିବେ। ଚାଷୀମାନେ ନିଜର ଆଧାର କାର୍ଡ, ଆଧାର ଲିଙ୍କ୍ ଥିବା ମୋବାଇଲ ଫୋନ୍, ଜମିପଟ୍ଟା ଦାଖଲକରି ପଞ୍ଜୀକରଣ କରିପାରିବେ। ପ୍ରଥମ ପର୍ଯ୍ୟାୟରେ ଆୟୋଜିତ ଏହି ଶିବିରରେ ପିଏମ୍ କିଷାନ, ପ୍ରଧାନମନ୍ତ୍ରୀ ଫସଲବୀମା, କୃଷକ ଓଡ଼ିଶାର ହିତାଧିକାରୀଙ୍କ ପଞ୍ଜୀକରଣ ଶେଷ କରିବାକୁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# ସାର୍ଥା ଫାଣ୍ଡି ଅଧିକାରୀ ନିଲମ୍ବିତ

**ଚୋରି ସନ୍ଦେହରେ ଯୁବକଙ୍କୁ ପିଟି ହତ୍ୟା ମାମଲା**

ବାଲେଶ୍ୱର, ୨୫।୧୨ (ବାଞ୍ଛାନିଧି ଦେ)


ଫାଣ୍ଡି ଅଧିକାରୀ ଚନ୍ଦ୍ର ଶେଖର ମହାନ୍ତି।

ବାଲେଶ୍ୱର ଜିଲା ସିଂଲା ଥାନା ଅଧୀନ ସାର୍ଥା ଗ୍ରାମରେ ଚୋରି ସନ୍ଦେହରେ ଜଣେ ଯୁବକଙ୍କୁ ପିଟି ହତ୍ୟା ଘଟଣାରେ ଏସ୍‌ପି ରାଜପ୍ରସାଦ କାର୍ଯ୍ୟରେ ଅବହେଳା ଅଭିଯୋଗରେ ଫାଣ୍ଡି ଅଧିକାରୀ ଏସ୍ଆଇ ଚନ୍ଦ୍ରଶେଖର ମହାନ୍ତିଙ୍କୁ ନିଲମ୍ବନ କରିଛନ୍ତି। ନିଲମ୍ବନ ପରେ ତାଙ୍କୁ ବସ୍ତା ଏସ୍‌ଡିପିଓଙ୍କ କାର୍ଯ୍ୟାଳୟରେ ଅବସ୍ଥାପିତ କରାଯାଇଛି।

ସୂଚନା ମୁତାବକ, କିଛିଦିନ ପୂର୍ବରୁ ସିଂଲା ଥାନା ସାର୍ଥା ଫାଣ୍ଡି ଅଧୀନ ଓଡ଼ିଶାଳ ବଜାର ଛକରେ ଥିବା ଅଜୟ ଦାସଙ୍କ ଲୁଗା ଦୋକାନରୁ ଚୋରି ହୋଇଥିଲା। ଚୋରିରେ ସମ୍ପୃକ୍ତି ଥିବା ସନ୍ଦେହରେ ଗତ ୨୨ ତାରିଖରେ ୪ଜଣ ଯୁବକଙ୍କୁ କାବୁ କରି ଦୋକାନୀ ଓ ତାଙ୍କର ଦୁଇ ପୁଅ ଏବଂ ଅନ୍ୟ ସହଯୋଗୀ ଏକ ବିଦ୍ୟୁତ୍ ଖୁଣ୍ଟିରେ ବାନ୍ଧି ଠେଙ୍ଗା ଓ ରଡ୍‌ରେ ନିର୍ଦ୍ଦୁମ ମାଡ଼ ମାରିଥିଲେ। ଘଟଣାସ୍ଥଳରେ ସାର୍ଥା ଅଞ୍ଚଳର ଯୁବକ ତ୍ରିଲୋଚନ ପ୍ରଧାନଙ୍କର ମୃତ୍ୟୁ ଘଟିଥିଲା। ଅନ୍ୟ ୩ଜଣ ଯୁବକଙ୍କୁ ଗୁରୁତର ଆହତ ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଘଟଣାକୁ ନେଇ ପ୍ରବଳ ଉତ୍ତେଜନା ଦେଖାଦେଇଥିଲା। ସାର୍ଥା ଫାଣ୍ଡିଠାରୁ ମାତ୍ର ୨ରୁ ୩ଶହ ମିଟର ଦୂରରେ ଏହି ଜଘନ୍ୟ ଘଟଣା ଘଟିଥିଲେ ହେଁ ସେଠାରେ ଫାଣ୍ଡି ଅଧିକାରୀ ପହଞ୍ଚି ନ ଥିଲେ। ପରେ ସିଂଲା ଥାନା ଓଆଇସି ଭୁବନମୋହନ ସେଠୀ ସଦଳବଳେ ସେଠାରେ ପହଞ୍ଚି ବୁଝାଶୁଝା କରିଥିଲେ। ଗତ ୨୩ ତାରିଖରେ ଏସ୍‌ପି ରାଜପ୍ରସାଦ ସାଇଣ୍ଟିଫିକ୍ ଟିମ୍ ସହ ସେଠାରେ ପହଞ୍ଚି ତଦନ୍ତ କରିଥିଲେ। ଫାଣ୍ଡି ଅଧିକାରୀଙ୍କ କାର୍ଯ୍ୟରେ ଅବହେଳା ଯୋଗୁ ଏସ୍‌ପି ତାଙ୍କୁ ନିଲମ୍ବନ କରିଛନ୍ତି।

# ଭୁବନେଶ୍ୱର ସହରାଞ୍ଚଳ ସମବାୟ ବ୍ୟାଙ୍କ ଜମାକାରୀ ଜମା ରାଶି ଫେରସ୍ତ ପାଇବେ: ମୁଖ୍ୟମନ୍ତ୍ରୀ

**୧୫୪୨ ବହୁମୁଖୀ ପ୍ରାଥମିକ କୃଷି ସମବାୟ ସମିତି ଶୁଭାରମ୍ଭ**

- ପ୍ରଥମ ପର୍ଯ୍ୟାୟରେ ୭୭ ଆଦର୍ଶ ପାକ୍ସ ପ୍ରତିଷ୍ଠା ହେବ
- ସମବାୟ ସମିତି ଖାତାପତ୍ର ଅଡିଟ୍ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ



ଭୁବନେଶ୍ୱର, ୨୫।୧୨ (ଅନିଲ ଦାସ)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟରେ ୧୫୪୨ଟି ବହୁମୁଖୀ ପ୍ରାଥମିକ କୃଷି ସମବାୟ ସମିତିର ଶୁଭାରମ୍ଭ କରିଛନ୍ତି। ଲୋକସେବା ଭବନ କନଭେନ୍‌ଶନ ସେଣ୍ଟରଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଏହି ସମବାୟ ସମିତିଗୁଡ଼ିକର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି, ୨୦୧୫ରୁ ବନ୍ଦ ହୋଇପଡ଼ିଥିବା ଭୁବନେଶ୍ୱର ସହରାଞ୍ଚଳ ସମବାୟ ବ୍ୟାଙ୍କର ସମସ୍ତ ଜମାକାରୀଙ୍କୁ ଜମାରାଶି ଫେରସ୍ତ କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏହାଦ୍ୱାରା ସମବାୟ ବ୍ୟାଙ୍କ ଉପରେ ଲୋକଙ୍କ ଆସ୍ଥା ପୁନଃପ୍ରତିଷ୍ଠାରେ ସହାୟକ ହେବ ବୋଲି ସେ କହିଛନ୍ତି।

ରାଜ୍ୟରେ ସମୁଦାୟ ୨୭୧୧ଟି ପାକ୍ସ ଥିବାବେଳେ ରାଜ୍ୟ ସରକାର ଆଉ ୧୫୪୨ଟି ନୂଆ ବହୁମୁଖୀ ପାକ୍ସ ଗଠନ କରିଛନ୍ତି। ଏହାଦ୍ୱାରା ରାଜ୍ୟର ସମୁଦାୟ ପାକ୍ସ ସଂଖ୍ୟା ୪୨୫୩କୁ ବୃଦ୍ଧି ପାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ସମବାୟ ଆନ୍ଦୋଳନକୁ ଲୋକାଭିମୁଖୀ କରିବା ପାଇଁ କେନ୍ଦ୍ର ସରକାରଙ୍କ ସମବାୟ ବିଭାଗ ଆନୁକୂଲ୍ୟରେ ବିଭିନ୍ନ ନୂତନ କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟ ସରକାର ପ୍ରାଧାନ୍ୟ ଦେଉଛନ୍ତି। ଏଥିରେ ସମୁଦାୟ ୫୪ଟି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାର ପ୍ରଥମ ପର୍ଯ୍ୟାୟରେ ୭୭ଟି ପାକ୍ସକୁ ମଡେଲ୍ ପାକ୍ସ ଭାବରେ ବିକଶିତ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଏହି ମଡେଲ ପାକ୍ସଗୁଡ଼ିକ ଗୋଟିଏ ଗୋଟିଏ ୱାନ୍ ଷ୍ଟପ୍ ଶପ୍ ଭଳି କାର୍ଯ୍ୟ କରିବ, ଅର୍ଥାତ ଗୋଟିଏ ଛାତ ତଳେ କୃଷି ସମ୍ବନ୍ଧୀୟ ସବୁ ପ୍ରକାର ସୁବିଧା ମିଳିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମଡେଲ ପାକ୍ସ ଓ ଲାମ୍ପସଗୁଡ଼ିକ ସମବାୟ ସମିତିଗୁଡ଼ିକୁ ସଶକ୍ତ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି। କୃଷକମାନଙ୍କୁ ଠିକ୍ ସମୟରେ ଋଣ ଦେବାକୁ ପରାମର୍ଶ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଗତ କିଛି ବର୍ଷ ହେବ ଋଣ ନାଁରେ ଏଭର ଗ୍ରୀନ୍ ରୀତି ଚାଲିଥିଲା। ବର୍ତ୍ତମାନ ଏହା ଆଉ ହେଉନାହିଁ। ଚାଷୀମାନେ ଋଣ ପାଉଛନ୍ତି। ରାଜ୍ୟର ଶତକଡ଼ା ନବେ ଭାଗରୁ ଅଧିକ କୃଷି ପରିବାରର ସଭ୍ୟମାନଙ୍କୁ ପ୍ରାଥମିକ କୃଷି ଋଣ ସମବାୟ ସମିତିଗୁଡ଼ିକ ମାଧ୍ୟମରେ କୃଷି କାର୍ଯ୍ୟ ନିମନ୍ତେ ବିଭିନ୍ନ ପ୍ରକାର ସେବା ଯୋଗାଇ ଦିଆଯାଉଛି। ଓଡ଼ିଶାର ଚାଷୀମାନେ ଏକ ଲକ୍ଷ ଟଙ୍କା ବିନା ସୁଧରେ ଫସଲ ଋଣ ପାଉଛନ୍ତି। ଦୁଗ୍ଧ ଚାଷୀମାନଙ୍କୁ ସଶକ୍ତ କରିବା ପାଇଁ ରାଜ୍ୟ କ୍ୟାବିନେଟ୍‌ରେ କାମଧେନୁ ସହିତ ଗୋମାତା ଯୋଜନା କାର୍ଯ୍ୟକାରୀ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ଗୋପାଳପୁର ସମବାୟ ତାଲିମ କେନ୍ଦ୍ରର ବିକାଶ ପାଇଁ ଏକ ଚୁକ୍ତିନାମା ସ୍ୱାକ୍ଷରିତ କରାଯାଇଛି। ମୁଖ୍ୟମନ୍ତ୍ରୀ କେତେକ ସମବାୟ ସଂସ୍ଥାର ସଦସ୍ୟଙ୍କୁ ମାଇକ୍ରୋ ଏଟିଏମ୍ ଓ ରୂପେ କାର୍ଡ ପ୍ରଦାନ କରିଥିଲେ।

କାର୍ଯ୍ୟକ୍ରମରେ ଯୋଗଦେଇ ସମବାୟ, ବୟନ, ହସ୍ତତନ୍ତ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ସମବାୟ କ୍ଷେତ୍ରର ଉନ୍ନତି ପାଇଁ ବିଭାଗ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ନାବାର୍ଡ ଉପ ପରିଚାଳନା ନିର୍ଦ୍ଦେଶକ ଡ. ଅଜୟ କୁମାର ସୁଦ୍ କହିଥିଲେ ଯେ, ୧୮୯୮ରେ ଦେଶର ପ୍ରଥମ ସମବାୟ ସଂସ୍ଥା ଓଡ଼ିଶାରେ ଗଠିତ ହୋଇଥିଲା। ସମବାୟର ବିକାଶ ପାଇଁ ଉତ୍ତମ ପ୍ରଶାସନିକ ଦକ୍ଷତା, ଆର୍ଥିକ ସମ୍ବଳ ଓ ଟେକ୍ନୋଲୋଜିର ଆବଶ୍ୟକତା ଅଛି ବୋଲି ସେ କହିଛନ୍ତି। ସମବାୟ ବିଭାଗ କମିଶନର ତଥା ଶାସନ ସଚିବ ରାଜେଶ ପ୍ରଭାକର ପାଟିଲ ସ୍ୱାଗତ ଭାଷଣ ଦେଇଥିଲେ। ସମବାୟ ନିବନ୍ଧକ ସନ୍ତୋଷ କୁମାର ଦାଶ ଧନ୍ୟବାଦ ଦେଇଥିଲେ। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପ୍ରମୁଖ ଶାସନ ସଚିବ ଅରବିନ୍ଦ କୁମାର ପାଢ଼ୀ, ବୟନ, ହସ୍ତତନ୍ତ ଓ ହସ୍ତଶିଳ୍ପ ବିଭାଗ ସଚିବ ଗୁହା ପୁନମ୍ ତାପସ କୁମାର ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

# ମିସ୍ ୟୁନିଭର୍ସରେ ଦାମନଯୋଡ଼ିର ଅନୁଶ୍ରୀ

କୋରାପୁଟ, ୨୫।୧୨ (ଅମିତାଭ ବେହେରା)

ରାଜସ୍ଥାନ ଜୟପୁରରେ ଅନୁଷ୍ଠିତ ହୋଇଥିବା ମିସ୍ ୟୁନିଭର୍ସ ବିୟୁଟି ପ୍ରତିଯୋଗିତାରେ ଦାମନଯୋଡ଼ିର ଅନୁଶ୍ରୀ ପାତ୍ର ଅନ୍ତର୍ଜାତୀୟସ୍ତରକୁ ମନୋନୀତ ହୋଇ ଭାରତର ପ୍ରତିନିଧିତ୍ୱ କରିବେ। ଦାମନଯୋଡିର ଅର୍ଦ୍ଧେନ୍ଦୁ କୁମାର ପାତ୍ର ଓ ଶ୍ରୀଦେବୀଙ୍କ କନ୍ୟା ଅନୁଶ୍ରୀ ଛୋଟ ବେଳୁ ପାଠପଢ଼ା ସହ ମଡେଲିଂରେ ରୁଚି ରଖିଥିଲେ। ରାଜସ୍ଥାନ ଜୟପୁରର ଜି ଷ୍ଟୁଡିଓରେ ଜାତୀୟସ୍ତରୀୟ ମିସ୍ ୟୁନିଭର୍ସ ଅନୁଷ୍ଠିତ ହୋଇଥିଲା। ଏଥିରେ ୨୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଯୋଗ ଦେଇଥିଲେ। ସେମାନଙ୍କ ମଧ୍ୟରୁ ଅନ୍ତର୍ଜାତୀୟସ୍ତରକୁ ୪ଜଣ ମନୋନୀତ ହୋଇଛନ୍ତି। ସେଥିମଧ୍ୟରୁ ଓଡ଼ିଶାରୁ ଅନୁଶ୍ରୀ ରହିଛନ୍ତି। ଆଗକୁ ଅନ୍ତର୍ଜାତୀୟସ୍ତରରେ ହେବାକୁ ଥିବା ମିଷ୍ଟି ୟୁନିଭର୍ସରେ ସେ ଭାରତର ପ୍ରତିନିଧିତ୍ୱ କରିବେ। କୋରାପୁଟ ଭଳି ଏକ ଆଦିବାସୀ ବହୁଳ ପଛୁଆ ଜିଲାରୁ ଯାଇ ଭାରତ ପାଇଁ ପ୍ରତିନିଧିତ୍ୱ କରୁଥିବାରୁ ପରିବାର ଓ ସାଙ୍ଗମାନେ ତାଙ୍କୁ ଫୁଲତୋଡ଼ା ଓ ମିଠା ଖୁଆଇ ସ୍ୱାଗତ କରିଥିଲେ। ଇଚ୍ଛା ଶକ୍ତି ଥିଲେ ଜଣେ ଆଗକୁ ଯାଇପାରିବ, ପଛୁଆ ଜିଲା ହେଲେ ମଧ୍ୟ ନିଜର ଆତ୍ମବିଶ୍ୱାସ ଉପରେ ସର୍ବଦା ବିଶ୍ୱାସ ରଖି ଆଗକୁ ଗଲେ ସଫଳତା ମିଳିବ ବୋଲି ଅନୁଶ୍ରୀ କହିଛନ୍ତି।


ଅନୁଶ୍ରୀ ପାତ୍ର

# ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସଞ୍ଜୟ ଶତପଥୀଙ୍କ ପରଲୋକ

ଭବାନୀପାଟଣା, ୨୫।୧୨ (ଉତ୍ତମ କୁମାର ଦାଶ)


ପ୍ରଫେସର ସଞ୍ଜୟ ଶତପଥୀ।

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସଞ୍ଜୟ ଶତପଥୀଙ୍କ ବୁଧବାର ସକାଳ ୮ଟାରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ୬୩ ବର୍ଷ ବୟସରେ ପରଲୋକ ହୋଇଯାଇଛି। ଗତ କିଛି ଦିନ ତଳେ ଗୁରୁତର ଅବସ୍ଥାରେ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେ କର୍କଟ ରୋଗରେ ଆକ୍ରାନ୍ତ ଥିବାବେଳେ ତାଙ୍କୁ ବ୍ରେନ୍ ଷ୍ଟ୍ରୋକ୍ ମଧ୍ୟ ହୋଇଥିବା ଜଣାପଡିଥିଲା। ଦେହ ଅସୁସ୍ଥ ଥିବାରୁ ଗତ ଅକ୍ଟୋବର ୧ରୁ ସେ ବିଶ୍ୱବିଦ୍ୟାଳୟରୁ ଛୁଟି ନେଇଥିଲେ।

ଗତ ୨୦୨୧ ଏପ୍ରିଲ ୧୬ରେ ସେ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ଯୋଗଦାନ କରିଥିଲେ। ୧୯୮୪ରେ ସେ ପ୍ରଥମେ ଅଧ୍ୟାପକ ଭାବେ କଟକ କଲେଜରେ ଯୋଗଦାନ କରିଥିଲେ। ଏହାସହ ରାଜ୍ୟର ବିଭିନ୍ନ ବଡ଼ ବଡ଼ କଲେଜରେ ଅଧ୍ୟାପକ ସମେତ ପ୍ରାଧ୍ୟାପକ ଭାବେ ଦାୟିତ୍ୱ ମଧ୍ୟ ତୁଲାଇଥିଲେ। ସେ ଏକାଧାରାରେ ଜଣେ ଶିକ୍ଷାବିତ୍, ପ୍ରବଚକ, ସାହିତ୍ୟିକ ସର୍ବୋପରି ଜଣେ ବିଶିଷ୍ଟ ପ୍ରାବନ୍ଧିକ ଭାବରେ ବେଶ୍ ଜଣାଶୁଣା। କୁଳପତି ଦାୟିତ୍ୱ ସମୟରେ ସେ ମା' ମାଣିକେଶରୀ ବିଶ୍ୱବିଦ୍ୟାଳୟର ବିଭିନ୍ନ ସ୍ଥାନରେ ବୃକ୍ଷ ରୋପଣ ଓ ସଫେଇ ଅଭିଯାନ କରିଥିଲେ। ଏଥିରେ ତାଙ୍କର ପ୍ରକୃତିପ୍ରେମୀ ମନୋଭାବ ପ୍ରତିଫଳିତ ହୋଇଥିଲା। ସେ ଜଣେ ଛାତ୍ରବତ୍ସଳ ଓ ପରୋପକାରୀ ବ୍ୟକ୍ତି ଥିଲେ। ରାଜ୍ୟର ବିଭିନ୍ନ ଧର୍ମାନୁଷ୍ଠାନ ସହ ସେ ଦୀର୍ଘବର୍ଷ ହେଲା ଜଡ଼ିତ ରହିଥିଲେ। ସେ ୨୬ରୁ ଊର୍ଦ୍ଧ୍ୱ ପୁସ୍ତକ ଲେଖିଛନ୍ତି। ବିଭିନ୍ନ ସ୍ଥାନରେ ସମ୍ମାନିତ ଓ ପୁରସ୍କୃତ ହୋଇଛନ୍ତି।

ଜଗତସିଂହପୁର ଜିଲା ବୋରିକିନାର ମୂଳ ବାସିନ୍ଦା ଶତପଥୀ ପରିବାର ସହିତ ଭୁବନେଶ୍ୱର ସିଆର୍‌ପି ଛକ ଅଞ୍ଚଳରେ ରହୁଥିଲେ। ପରିବାର କହିଲେ ତାଙ୍କର ସ୍ତ୍ରୀ, ଜଣେ ପୁଅ ଓ ଝିଅ ଅଛନ୍ତି। ପୁଅ ଆୟୁର୍ବେଦିକ ପଢୁଥିବାବେଳେ ଝିଅର ବିବାହ ସରିଛି।

ତାଙ୍କ ବିୟୋଗରେ ସମଗ୍ର କଳାହାଣ୍ଡି ଜିଲାରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ପରଲୋକ ଖବର ଶୁଣି ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସମେତ କର୍ତ୍ତୃପକ୍ଷ, ଭାରପ୍ରାପ୍ତ କୁଳପତି ଡ. ନିବେଦିତା ନାଥ ଶୋକ ପ୍ରକାଶ କରିଛନ୍ତି। ନିଜ ଫେସ୍‌ବୁକ୍ ପେଜ୍ ଜରିଆରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ପୂର୍ବତନ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ, ଜୁନାଗଡ଼ ବିଧାୟକ କ୍ୟାପ୍‌ଟେନ୍ ଦିବ୍ୟଶଙ୍କର ମିଶ୍ର, ପୂର୍ବତନ ଛାତ୍ର ସଂସଦ ସଭାପତି ଅବିନାଶ ଠାକୁର ପ୍ରମୁଖ ଶୋକ ପ୍ରକାଶ କରିବା ସହ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରିଛନ୍ତି।

# ବିଲରେ ଉଜୁଡ଼ା ଫସଲ ଦେଖି ଆଖି ବୁଜିଲେ ଚାଷୀ

ଡେରାବିଶ, ୨୫।୧୨ (ବେବର୍ତ୍ତା ଅଜୟ ଦାସ)

ପୁରୀ ଜିଲା ସତ୍ୟବାଦୀ ବ୍ଲକ୍ ବୀରରାମଚନ୍ଦ୍ରପୁର ପଞ୍ଚାୟତ ଅଧୀନ ଡୁଙ୍ଗର ଗ୍ରାମର ଜଣେ ଚାଷୀ ଉଜୁଡ଼ା ଫସଲ ଦେଖି ବିଲରେ ଟଳି ପଡିଥିଲେ । ଏହି ଘଟଣା ମନରୁ ନ ଲିଭୁଣୁ କେନ୍ଦ୍ରାପଡ଼ା ଜିଲା ନିକିରାଇ ଥାନା ଅନ୍ତର୍ଗତ ନହଙ୍ଗ ପଞ୍ଚାୟତ ସନ୍ଥପୁରା ଗ୍ରାମର ଚାଷୀ ଗୌରହରି ମଲିକ(୫୨)ଙ୍କ ହୃଦ୍‌ଘାତରେ ବୁଧବାର ପରଲୋକ ହୋଇଯାଇଛି। ବିଲରୁ ଫେରିବା ପରେ ସେ ସେ ହଠାତ୍ ଅସୁସ୍ଥ ହୋଇପଡିଥିଲେ। ପରିବାର ଲେକେ ତାଙ୍କୁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଡାକ୍ତରଖାନାକୁ ନେଇଥିଲେ। ହେଲେ ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ନହଙ୍ଗ ପ୍ରାଥମିକ କୃଷି ସମବାୟ ସମିତି ସଭାପତି ତଥା ଉକ୍ତ ଗ୍ରାମର ଭାଗୀରଥୀ ସାହୁଙ୍କ କହିବା ଅନୁଯାୟୀ, ଗରିବ ଚାଷୀ ଗୌରହରିଙ୍କ ଅଳ୍ପ ପରିମାଣର ନିଜସ୍ୱ ଚାଷ ଜମି ଥିବାରୁ ସେ ଗ୍ରାମର କେତେଜଣଙ୍କ ଜମିରେ ଭାଗ ଚାଷ କରି ନିଜର ପରିବାର ପ୍ରତିପୋଷଣ କରିଆସୁଥିଲେ। ବହୁ ଧାର କରଜ କରି ସେ ଏଥର ଧାନ ଫସଲ କରିଥିଲେ । ଗତ ସପ୍ତାହରେ ହୋଇଥିବା ଲଗାଣ ବର୍ଷାରେ ତାଙ୍କ ପାଚିଲା ଧାନ ଜମିରେ ଭିଜି ଯାଇଥିଲା। ଏହାକୁ ଉଦ୍ଧାର ପାଇଁ ଗୌରହରି ୨ ଦିନ ହେଲା ବହୁ ଚେଷ୍ଟା କରୁଥିଲେ ମଧ୍ୟ ପୁନର୍ବାର ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ଲଗାଣ ବର୍ଷାରେ ସେହି ଧାନ ଫସଲ ବିଲରେ ଭାସୁଥିଲା । ବୁଧବାର ସକାଳୁ ଏହା ଦେଖି ସେ ସମ୍ପୂର୍ଣ୍ଣ ଭାଙ୍ଗିପଡିଥିଲେ। ଧାର କରଜ କିପରି ଶୁଝିବେ ସେହି ଚିନ୍ତାରେ ସେ ହୃଦ୍‌ଘାତର ଶିକାର ହୋଇଥିଲେ ବୋଲି ଭାଗୀରଥୀ କହିଛନ୍ତି।

# ଲୋକ ଅଭିବ୍ୟକ୍ତିର ପ୍ରତୀକ ଥିଲେ ବାଜପେୟୀ: ଧର୍ମେନ୍ଦ୍ର

ସମ୍ବଲପୁର, ୨୫।୧୨ (ବି.ଶଙ୍କର)

ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ଲୋକ ଅଭିବ୍ୟକ୍ତିର ବଡ ପ୍ରତୀକ ଥିଲେ। ତାଙ୍କ ନେତୃତ୍ୱ ଭାରତକୁ ଏକ ଶକ୍ତିଶାଳୀ ରାଷ୍ଟ୍ରଭାବେ ପ୍ରତିଷ୍ଠିତ କରିଥିଲା। ଓଡ଼ିଶାରେ ଭାଜପା ସରକାରକୁ ଆସିବାର ବଡ ଭୂମିକା ତାଙ୍କର ରହିଥିଲା। ଓଡ଼ିଶାର ପଶ୍ଚିମାଞ୍ଚଳରେ ମରୁଡ଼ି ପଡିଥିବା ବେଳେ ସେ କଳାହାଣ୍ଡି ଓ ବଲାଙ୍ଗୀର ଜିଲାକୁ ଟ୍ରେନ୍‌ରେ ଆସି ସ୍ଥିତି ଅନୁଧ୍ୟାନ କରିଥିଲେ। ବୁଧବାର ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ବୁର୍ଲାଠାରେ ଅଟଳ ବିହାରୀ ବାଜପେୟୀଙ୍କ ୧୦୦ତମ ଜୟନ୍ତୀ ଏବଂ ସୁଶାସନ ଦିବସ ଅବସରରେ ତାଙ୍କର ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଅନାବରଣ କରି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହା କହିଛନ୍ତି। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଅଟଳ ଉଦ୍ୟାନର ଉଦ୍‌ଘାଟନ ସହ ଗୋଲଗୁଣ୍ଡା ଛକକୁ ଅଟଳ ଛକ ନାମକରଣର ଶୁଭାରମ୍ଭ କରିଥିଲେ। ଜିଲା ପ୍ରଶାସନ ଓ ଅଟଳ ବିହାରୀ ବାଜପେୟୀ ସ୍ମୃତି ସମିତି ଆୟୋଜିତ କାର୍ଯ୍ୟକମରେ ପଞ୍ଚାୟତିରାଜ ଓ ଗ୍ରାମୀଣ ବିକାଶ ମନ୍ତ୍ରୀ ରବିନାରାୟଣ ନାଏକ ମୁଖ୍ୟ ଅତିଥି, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ପ୍ରମୁଖ ଯୋଗଦେଇଥିଲେ।

**ବୁର୍ଲାରେ ଅଟଳ ବିହାରୀ ବାଜପେୟୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ**


ବୁଧବାର ବୁର୍ଲାଠାରେ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଅନାବରଣ କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ଅନ୍ୟ ଅତିଥି ବୃନ୍ଦ।

# ମାର୍ଚ୍ଚ ୮ରେ 'ସୁଭଦ୍ରା' ଦ୍ୱିତୀୟ କିସ୍ତି

ଭୁବନେଶ୍ୱର, ୨୫।୧୨ (ଅନିଲ ଦାସ)

ଆସନ୍ତା ମାର୍ଚ୍ଚ ୮ ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ସୁଭଦ୍ରା ଯୋଜନାର ହିତାଧିକାରୀଙ୍କୁ ଦ୍ୱିତୀୟ କିସ୍ତି ବାବଦ ୫ ହଜାର ଟଙ୍କା ପ୍ରଦାନ କରାଯିବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ଏହା ଘୋଷଣା କରିଛନ୍ତି। ରାଜ୍ୟର ପ୍ରାୟ ଏକ କୋଟି ମହିଳା ଏହି ଅର୍ଥରାଶି ପାଇବେ। ସୁଭଦ୍ରା କିସ୍ତି ରାଶି ଡାଇରେକ୍ଟ ବେନିଫିଟ୍ ଟ୍ରାନ୍ସଫର (ଡିବିଟି) ମାଧ୍ୟମରେ ହିତାଧିକାରୀଙ୍କୁ ଦିଆଯାଉଥିବାବେଳେ ଏହା ମହିଳା ସଶକ୍ତୀକରଣ ପାଇଁ ସହାୟକ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଡିସେମ୍ବର ୧ ସୁଦ୍ଧା ୧, ୦୫, ୩୬, ୬୧୨ ମହିଳା ସୁଭଦ୍ରା ଟଙ୍କା ପାଇବାକୁ ଆବେଦନ କରିଛନ୍ତି। ଅଦ୍ୟାବଧି ପ୍ରଥମ କିସ୍ତିର ଅର୍ଥରାଶିକୁ ୩ଟି ପର୍ଯ୍ୟାୟରେ ପ୍ରାୟ ୮୦ ଲକ୍ଷ ହିତାଧିକାରୀଙ୍କୁ ଦିଆଯାଇଛି। ୪ର୍ଥ ପର୍ଯ୍ୟାୟରେ ବାକି ଯୋଗ୍ୟ ହିତାଧିକାରୀଙ୍କୁ ଆସନ୍ତା ଜାନୁଆରୀରେ ସୁଭଦ୍ରା ଟଙ୍କା ଦିଆଯିବ ବୋଲି ପୂର୍ବରୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି।



**ଆଜିର ମନ୍ତବ୍ୟ**

" ମହମ୍ମଦ ୟୁନୁସ୍‌ଙ୍କ ନେତୃତ୍ୱାଧୀନ ବାଂଲାଦେଶର ଅନ୍ତରୀଣ ସରକାର ରାଜନୈତିକ ଲାଭ ପାଇଁ ନ୍ୟାୟପାଳିକାକୁ ଅସ୍ତ୍ର ରୂପେ ବ୍ୟବହାର କରୁଛନ୍ତି।
–ସଜୀବ ୱାଜେଦ୍, ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କ ପୁଅ



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ସିପିଆଇର ୧୦୦ତମ ପ୍ରତିଷ୍ଠା ବାର୍ଷିକୀରେ ପତାକା ଉତ୍ତୋଳନ ଦିବସ, ସ୍ଥାନ: ଭଗବତୀ ଭବନ, ଅଶୋକନଗର, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱ ଓଡ଼ିଶୀ ଉତ୍ସବ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ନିଖିଳ ଓଡ଼ିଶା ରାସ୍ତାପାର୍ଶ୍ୱ ଉଠାଦୋକାନୀ ମହାସଂଘ ପକ୍ଷରୁ ଉଠାଦୋକାନ ଉଚ୍ଛେଦ ପ୍ରତିବାଦ, ସ୍ଥାନ: ଉତ୍ତର ବିଏମ୍‌ସି ଜୋନାଲ କାର୍ଯ୍ୟାଳୟ, କଳିଙ୍ଗ ହସ୍ପିଟାଲ ଛକ ପାଖ, ସମୟ: ପୂର୍ବାହ୍ନ ୧୦ଟା।
- ବିଜୁ ଜନତା ଦଳର ପ୍ରତିଷ୍ଠା ଦିବସ ପାଳନ, ସ୍ଥାନ: ଶଙ୍ଖ ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଅଲ୍ ଓଡ଼ିଶା ଆଡେଡ୍ କଲେଜ ଟିଚର୍ସ ଆଣ୍ଡ ଏମ୍ପ୍ଲଇଜ୍ ଆସୋସିଏଶନ ପକ୍ଷରୁ ବିକ୍ଷୋଭ, ସ୍ଥାନ: ଲୋୟର ପିଏମ୍‌ଜି, ସମୟ: ପୂର୍ବାହ୍ନ ୧୧ଟା।

## କଟକ
- ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ୪୯ତମ ରାଜ୍ୟ ଅଧିବେଶନ, ସ୍ଥାନ: ଇନ୍‌ଡୋର ଷ୍ଟାଡିୟମ ପରିସର, କଟକ, ସମୟ:ପୂର୍ବାହ୍ନ ୧୦ଟା ୩୦।

## ପୁରୀ
- ସତ୍ୟବାଦୀ ସେବା ଟ୍ରଷ୍ଟ ଓ ମୂଳ ଅଳସା ଯୁବ ସଂଘ ପକ୍ଷରୁ ମେଗା ରକ୍ତଦାନ ଶିବିର, ସ୍ଥାନ: ମୂଳ ଅଳଶା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସର, ସାକ୍ଷୀଗୋପାଳ, ସମୟ: ସକାଳ ୯ଟା।

## ଖୋର୍ଦ୍ଧା
- ଜଟଣୀ ନିର୍ବାଚନମଣ୍ଡଳୀର ବିଜେଡି ପ୍ରତିଷ୍ଠା ଦିବସ ପାଳନ, ସ୍ଥାନ: ମା'ଉତ୍ତରାୟଣୀ କ୍ଲବ ପ୍ରେକ୍ଷାଳୟ, ଜଟଣୀ, ସମୟ: ପୂର୍ବାହ୍ନ ୧୦ଟା।
- ଖୋର୍ଦ୍ଧା ଜିଲ୍ଲା ଯୁବ କଂଗ୍ରେସ ପକ୍ଷରୁ ଶୋଭାଯାତ୍ରା, ସ୍ଥାନ: ହରିଭାଇନା ଛକ, ଜଟଣୀ, ସମୟ: ପୂର୍ବାହ୍ନ ୧୧ଟା।

## ବାଲେଶ୍ୱର
- ବିଶାଳ ରକ୍ତଦାନ ଶିବିର, ସ୍ଥାନ: ଦେୱାନୀ ଅଦାଲତ ପରିସର, ବାଲେଶ୍ୱର, ସମୟ: ସକାଳ ୯ଟା।
- ମୁନି ସମାଜର ଜିଲ୍ଲାସ୍ତରୀୟ ବାର୍ଷିକ ଅଧିବେଶନ ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ସଦ୍‌ଗୁରୁ ଶିବମୁନି ଯୋଗ ସେବାଶ୍ରମ, ହଳଦୀପଦା, ବାଲେଶ୍ୱର, ସମୟ: ସକାଳ ୯ଟା।
- ଓଡ଼ିଶା ଗବେଷଣା ସମ୍ମିଳନୀ–୨୦୨୪ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ କ୍ୟାମ୍ପସ, ରେମୁଣା, ସମୟ: ସକାଳ ୯ଟା ୩୦।
- ସୁବର୍ଣ୍ଣ ଜୟନ୍ତୀ ସମାରୋହ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ଭୀମେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟ, ନଈଗୋପାଳପୁର, ରେମୁଣା, ସମୟ: ପୂର୍ବାହ୍ନ ୧୦ଟା।
- ମତ୍ସ୍ୟ ଚାଷ ପ୍ରଶିକ୍ଷଣ ଶିବିରର ତୃତୀୟ ଦିବସ, ସ୍ଥାନ: ଅସ୍ତପୁରା କୈଳାଶ ଫିସାରୀ ଫାର୍ମ, ରୂପସା, ସମୟ: ପୂର୍ବାହ୍ନ ୧୦ଟା।
- ବିଜେଡିର ୨୮ତମ ପ୍ରତିଷ୍ଠା ଦିବସ, ସ୍ଥାନ: ସିଦ୍ଧି କଲ୍ୟାଣ ମଣ୍ଡପ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବିଜୁ ଜନତା ଦଳ ପ୍ରତିଷ୍ଠା ଦିବସ, ସ୍ଥାନ: ଦୁର୍ଗା ମଣ୍ଡପ, ଖଇରା, ସମୟ: ପୂର୍ବାହ୍ନ ୧୧ଟା।
- ବିଜେଡିର ପ୍ରତିଷ୍ଠା ଦିବସ, ସ୍ଥାନ: ଚନ୍ଦନେଶ୍ୱର ବସ୍‌ଷ୍ଟାଣ୍ଡ, ଭୋଗରାଇ, ସମୟ: ଅପରାହ୍ନ ୩ଟା।

## କେନ୍ଦୁଝର
- ଲକ୍ଷ୍ମୀ ନାରାୟଣ ମନ୍ଦିରରେ ପୂଜାର୍ଚ୍ଚନା ଓ ଭଜନ କୀର୍ତ୍ତନ, ସ୍ଥାନ: ଓରାଳୀ, ଛେନାପଦି, ସମୟ: ସକାଳ ୭ ଓ ସନ୍ଧ୍ୟା ୬ ଟା।
- ଟିବି ମୁକ୍ତ ଭାରତ ଅଭିଯାନ, ସ୍ଥାନ: କେନ୍ଦୁଝର ସ୍ଥିତ ଅଡିଟୋରିୟମ, ସମୟ: ପୂର୍ବାହ୍ନ ୧୧ ଟା।

## ଭଦ୍ରକ
- ଭାଜପା ପକ୍ଷରୁ ବୀର ବାଳ ଦିବସ ପାଳନ, ସ୍ଥାନ: ଚାନ୍ଦବାଲି କାଇର୍ଭ ହୋଟେଲ, ଚାନ୍ଦବାଲି, ସମୟ: ମଧ୍ୟାହ୍ନ୧୨ଟା।
- ବିଜେଡ଼ିର ପ୍ରତିଷ୍ଠା ଦିବସ ସମାରୋହ, ସ୍ଥାନ: ନୀଳମଣି ଟାଉନ ହଲ, ବାସୁଦେବପୁର, ସମୟ: ଅପରାହ୍ନ ୩ଟା।

## ମୟୂରଭଞ୍ଜ
- ରାଜ୍ୟସ୍ତରୀୟ କଳାପ୍ରଦର୍ଶନୀ,ସ୍ଥାନ:ଶ୍ରୀରାମଚନ୍ଦ୍ର ଉପ୍ରା ବିଦ୍ୟାଳୟ, ଦେଉଳସାହି, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ଉଚ୍ଚ ଶିକ୍ଷା ମନ୍ତ୍ରୀଙ୍କ ଗସ୍ତ, ସ୍ଥାନ: କପ୍ତିପଦା ଓ ଉଦଳା କଲେଜ, ସମୟ:ପୂର୍ବାହ୍ନ ୧୧ଟା।
- ମୟୂରଭଞ୍ଜ ପୁସ୍ତକ ମେଳା ଆନୁକୂଲ୍ୟରେ ପାରମ୍ପରିକ ଲୋକନୃତ୍ୟ ପ୍ରତିଯୋଗିତା,ସ୍ଥାନ: ଛଉ ପଡ଼ିଆ, ବାରିପଦା, ସମୟ: ଅପରାହ୍ନ ୪ଟା।
- କପ୍ତିପଦା ଉପଖଣ୍ଡସ୍ତରୀୟ ଧୁମୁସା ମହୋତ୍ସବ ଉଦ୍‌ଘାଟନ,ସ୍ଥାନ:ଉଦଳା ହାଇସ୍କୁଲ ପଡ଼ିଆ,ସମୟ: ଅପରାହ୍ନ ୫ଟା।
- ମୟୂରଭଞ୍ଜ ପୁସ୍ତକ ମେଳା,ସ୍ଥାନ: ଛଉ ପଡ଼ିଆ, ବାରିପଦା, ସମୟ: ଅପରାହ୍ନ ୫ଟାରୁ ରାତି ୧୦ଟା।

## ବ୍ରହ୍ମପୁର
- ସିପିଆଇର ଶତବାର୍ଷିକ ପାଳନ, ସ୍ଥାନ: ପାର୍କ ସାହିସ୍ଥିତ ଜିଲ୍ଲା କାର୍ଯ୍ୟାଳୟ, ସମୟ: ସକାଳ ୯ଟା।

## ଗଞ୍ଜାମ
- ବିଜୁ ଜନତା ଦଳର ପ୍ରତିଷ୍ଠା ଦିବସ, ସ୍ଥାନ: ଆସିକା ବ୍ଲକ ଦେବଭୂମି, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଭାଜପାର ମିଶ୍ରଣ ପର୍ବ, ସ୍ଥାନ: ବୁଗୁଡା ପିପୁଲ୍ଲି ହାଇସ୍କୁଲ ପଡ଼ିଆ,ସମୟ: ଅପରାହ୍ନ ୫ଟା।

## କନ୍ଧମାଳ
- ବିଜେଡ଼ିର ପ୍ରତିଷ୍ଠା ଦିବସ, ସ୍ଥାନ: ଦାରିଙ୍ଗବାଡି ମିଶ୍ର କଲ୍ୟାଣ ମଣ୍ଡପ, ସମୟ: ସକାଳ ୧୧ଟା।

## ଢେଙ୍କାନାଳ
- ବିଜେଡି ପ୍ରତିଷ୍ଠା ଦିବସ, ସ୍ଥାନ: ଅଡିଟୋରିୟମ, ଆରଟିଓ ଅଫିସ ପାଖ, ସମୟ: ପୂର୍ବାହ୍ନ ୧୧ଟା।

## ଜଗତ୍‌ସିଂହପୁର
- ବିଜୁ ଜନତା ଦଳର ପ୍ରତିଷ୍ଠା ଦିବସ ପାଳନ କାର୍ଯ୍ୟକ୍ରମ, ସ୍ଥାନ: ଅଠରବାଙ୍କି ବିଜୁ ପଟ୍ଟନାୟକ ପ୍ରତିମୂର୍ତ୍ତି ସ୍ଥଳ ପାରାଦୀପ, ସମୟ: ପୂର୍ବାହ୍ନ ୧୦ ଟା।
- ତିର୍ତ୍ତୋଲ ନିର୍ବାଚନମଣ୍ଡଳୀସ୍ତରୀୟ ବିଜେଡିର ପ୍ରତିଷ୍ଠା ଉତ୍ସବ ସ୍ଥାନ: ତିର୍ତ୍ତୋଲସ୍ଥିତ ଆନନ୍ଦ ମଣ୍ଡପ ପରିସର, ସମୟ: ଅପରାହ୍ନ ୨ଟା ୩୦।

## କେନ୍ଦ୍ରାପଡ଼ା
- ମା'ତାରିଣୀଙ୍କ ମେଳା ଓ ମହୋତ୍ସବ, ସ୍ଥାନ: ବଣିଆମାଳ, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୬ଟା।
- କେନ୍ଦ୍ରାପଡ଼ା କ୍ରିକେଟ୍ ସୁପରଲିଗ୍ ମ୍ୟାଚ୍‌ରେ କେନ୍ଦ୍ରାପଡ଼ା ଟାଇଗର୍ସ ବନାମ ଇଲେଭେନ ଷ୍ଟାର କ୍ରିକେଟ୍ କ୍ଲବ୍ ମଧ୍ୟରେ ମୁକାବିଲା, ସ୍ଥାନ: ବିଜୁ ପଟ୍ଟନାୟକ ଷ୍ଟାଡିୟମ, ସାରଙ୍ଗ, କେନ୍ଦ୍ରାପଡ଼ା ସହର, ସମୟ:ସକାଳ ୯ଟା।
- ନିର୍ବାଚନ ମଣ୍ଡଳୀସ୍ତରୀୟ ବିଜେଡି ପ୍ରତିଷ୍ଠା ଦିବସ ପାଳନ, ସ୍ଥାନ:ମ୍ୟୁନିସିପାଲିଟି ହଲ, କେନ୍ଦ୍ରାପଡ଼ା ସହର, ବିଜେଡି କାର୍ଯ୍ୟାଳୟ, ମହାକାଳପଡା, ସମୟ: ପୂର୍ବାହ୍ନ ୧୦ଟା।
- ଡେରାବିଶ ମହୋତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ମିନି ଷ୍ଟାଡିୟମ, ଡେରାବିଶ, ସମୟ:ସନ୍ଧ୍ୟା ୬ଟା।

## ଯାଜପୁର
- ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା–୨୦୨୪,ସ୍ଥାନ : ଯାଜପୁର କୁସୁମା ସମ୍ମୁଖ ପଡ଼ିଆ। ସମୟ : ଅପରାହ୍ନ ୩ଟା।
- ଧର୍ମଶାଳା ମହୋତ୍ସବ, ସ୍ଥାନ : ଧର୍ମଶାଳା ମହୋତ୍ସବ ପଡ଼ିଆ। ସମୟ : ଅପରାହ୍ନ ୫ଟା।
- ଓଡ଼ିଶା ମେଡିକାଲ କର୍ମଚାରୀ ସଂଘ, ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଏବଂ ଲାୟନ୍ସ କ୍ଲବର ମିଳିତ ସହଯୋଗରେ ରକ୍ତଦାନ ଶିବିର, ସ୍ଥାନ : ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସର, ସମୟ : ପୂର୍ବାହ୍ନ ୧୦ଟା।
- ଯାଜପୁର ନେହୁରୁ ଯୁବକେନ୍ଦ୍ର ପକ୍ଷରୁ ଯୁବ ଉତ୍ସବ, ସ୍ଥାନ : ଯାଜପୁର ଏନ୍‌ସି କଲେଜ, ସମୟ : ପୂର୍ବାହ୍ନ ୧୦ଟା।
- କୁଆଖିଆ ମହୋତ୍ସବ ସାଂସ୍କୃତିକ ମଞ୍ଚର ତୃତୀୟ ସନ୍ଧ୍ୟାରେ ଓଡ଼ିଶୀ ଡ୍ୟାନ୍ସ, ସ୍ଥାନ: କୁଆଖିଆ ସାରଙ୍ଗପୁର ମେଲଣ ପଡ଼ିଆ, ସନ୍ଧ୍ୟା: ୭ଟା।

## ନୟାଗଡ଼
- ନୟାଗଡ଼ ଜିଲ୍ଲା ମହୋତ୍ସବରେ ପଲ୍ଲିଶ୍ରୀ ମେଳା, ପୁସ୍ତକ ମେଳା ଓ କୃଷି ମେଳାର ତୃତୀୟ ଦିବସ, ସ୍ଥାନ: ନୟାଗଡ଼ ଷ୍ଟାଡିୟମ, ସମୟ: ଅପରାହ୍ନ ୫ଟା।
- ବିଜେଡି ପ୍ରତିଷ୍ଠା ଦିବସ, ସ୍ଥାନ:ବିଜେଡି କାର୍ଯ୍ୟାଳୟ ନୟାଗଡ଼, ସମୟ:ପୂର୍ବାହ୍ନ ୧୦ଟା।
- ବିଜେଡି ପ୍ରତିଷ୍ଠା ଦିବସ, ସ୍ଥାନ:ରଣପୁରର ମା'ମଣିନାଗ ପୀଠସ୍ଥ କଲ୍ୟାଣ ମଣ୍ଡପ, ସମୟ:ଅପରାହ୍ନ ୨ଟା।
- ବିଜେଡି ପ୍ରତିଷ୍ଠା ଦିବସ ଅବସରରେ ଶୋଭାଯାତ୍ରା, ସ୍ଥାନ:ଦଶପଲ୍ଲା ଦୁର୍ଗାବଜାର ନିକଟସ୍ଥ ଶ୍ରୀକ୍ରିଷ୍ଣା ମଣ୍ଡପ, ସମୟ:ପୂର୍ବାହ୍ନ ୯ଟା।
- ବିଜେଡି ପ୍ରତିଷ୍ଠା ଦିବସ, ସ୍ଥାନ:ଭାପୁର ବିଜେଡି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ସାଢ଼େ୧୦ଟା ।
- ଭାପୁର ବିଜେଡି କାର୍ଯ୍ୟାଳୟ ଉଦ୍‌ଘାଟନ, ସ୍ଥାନ:ଭାପୁର, ସମୟ: ପୂର୍ବାହ୍ନ ୧୦ଟା ।

## ରାୟଗଡ଼ା
- ରାୟଗଡ଼ା ଲୋକ ମହୋତ୍ସବ ଚଇତି ଶୋଭାଯାତ୍ରା, ସ୍ଥାନ: ମଝିଘରିଆଣି ମନ୍ଦିରରୁ ଜିସିଡ଼ି ଖେଳ ପଡିଆ, ସମୟ: ସକାଳ ୯ ଟା ।
- ଜିଲ୍ଲାସ୍ତରୀୟ ଚଇତି ଉତ୍ସବ ଉଦଘାଟନ, ସ୍ଥାନ: ଜିସିଡ଼ି ଖେଳ ପଡିଆ, ସମୟ: ଅପରାହ୍ନ ୫ ଟା ।

## ସମ୍ବଲପୁର
- ବିଜୁ ଜନତା ଦଳ ପକ୍ଷରୁ ବିଜୁ ପଟ୍ଟନାୟକ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ: ରେମେଡ ଛକ, ସମୟ : ସକାଳ ୮ଟା।
- ବିଜୁ ଜନତା ଦଳର ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମ, ସ୍ଥାନ: ଓଡ଼ିଶା ସାଂସ୍କୃତିକ ସମାଜ ଭବନ, ସମୟ : ପୂର୍ବାହ୍ନ ୧୦ଟା।
- ସମ୍ବଲପୁର ଲୋକ ମହୋତ୍ସବ ପାଇଁ ସମଲେଇ ମନ୍ଦିରରୁ ଆଜ୍ଞାମାଳ, ସ୍ଥାନ: ସମଲେଇ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ସମ୍ବଲପୁର ଲୋକ ମହୋତ୍ସବ ପାଇଁ ଭୂମିପୂଜନ, ସ୍ଥାନ: ପିଏଚ୍‌ଡି ପଡିଆ, ସମୟ: ପୂର୍ବାହ୍ନ ୧୧ଟା।
- ବରଗଡ ସମର୍ପଣ ପକ୍ଷରୁ ଥିଲା–ଅଛେ–ହେବା, ସ୍ଥାନ:ଝାଡୁଆପଡା ଆରଣ୍ୟକ ମଞ୍ଚ, ସମୟ: ସନ୍ଧ୍ୟା: ୬ଟା୧୫।
- ମଞ୍ଜନାୟକ ପକ୍ଷରୁ ହେପ୍ପି ଏନିଭରସରୀ ନାଟକ, ସ୍ଥାନ: ଝାଡୁଆପଡା ଆରଣ୍ୟକ ମଞ୍ଚ, ସମୟ: ସନ୍ଧ୍ୟା ୭ଟା୩୦।
- ବରଗଡ ଢୋଲବନ୍ଦର ସଚେତନତା ପକ୍ଷରୁ ଏ ରୋବୋ ନାଟକ, ସ୍ଥାନ: ଝାଡୁଆପଡା ଆରଣ୍ୟକ ମଞ୍ଚ, ସମୟ: ରାତି: ୮ଟା୪୫।

## ସୁବର୍ଣ୍ଣପୁର
- ବିଜୁ ଜନତା ଦଳର ପ୍ରତିଷ୍ଠା ଦିବସ ପାଳନ, ସ୍ଥାନ: ସୁବର୍ଣ୍ଣପୁର ଟାଉନ ହଲ, ସମୟ: ପୂର୍ବାହ୍ନ ୧୦ଟା୩୦।
- ୨୮ତମ ସର୍ବଭାରତୀୟ ଜୟ ଜଗନ୍ନାଥ ଲୁତୁରପଙ୍କ କ୍ରିକେଟ କପ୍‌ରେ ସୋନପୁର ବନାମ କୋଲକତା ମ୍ୟାଚ, ସ୍ଥାନ: ଲୁତୁରପଙ୍କ ହାଇସ୍କୁଲ ଖେଳ ପଡିଆ, ସମୟ:ପୂର୍ବାହ୍ନ ୧୦ଟା ।
- ଭାଗବତ ପାରାୟଣ, ସ୍ଥାନ: ଅମର ପାଲି,ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।
- ଧନୁଯାତ୍ରା ମହୋତ୍ସବର ଦଶମ ସନ୍ଧ୍ୟା, ସ୍ଥାନ: ଉଲୁଣ୍ଡା ସମୟ: ସନ୍ଧ୍ୟା ୭ଟା।

## ବରଗଡ଼
- ଶ୍ରୀମଦ୍ ଭାଗବତ ସପ୍ତାହ ପାରାୟଣ, ସ୍ଥାନ: ତଳିପଡ଼ା(କୁମ୍ଭାରପଡ଼ା), ନିଳିବନ୍ଧ ଛକ, ବରଗଡ଼, ସମୟ: ସକାଳ ୮ଟା।
- କନକ ଦୁର୍ଗା ଦେବୀ ବିଗ୍ରହ ପ୍ରତିଷ୍ଠା, ସ୍ଥାନ: ମର୍ହାଟିକ୍ରା, ଜହ୍ନାପଡ଼ା, ଅତାବିରା, ସମୟ: ପୂର୍ବାହ୍ନ ୯ଟା ୫୯।
- ରକ୍ତଦାନ ଶିବିର, ସ୍ଥାନ: ମହିମା ନଗର, ସୋହେଲା, ସମୟ: ସକାଳ ୯ଟା।
- ମହିଷାସୁର ରାଜ ଦରବାର କାର୍ଯ୍ୟକ୍ରମ, ସ୍ଥାନ: ମର୍ହାଟିକ୍ରା, ଜହ୍ନାପଡ଼ା, ଅତାବିରା, ସମୟ: ସନ୍ଧ୍ୟା ୬ଟା।
- ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବ, ସ୍ଥାନ: ସାଉଥଖଣ୍ଡି, ଗାଇସିଲେଟ୍, ସମୟ: ସନ୍ଧ୍ୟା ୬ଟା।

## ରାଉରକେଲା
- ରାଉରକେଲା ବିଜେଡ଼ି ପକ୍ଷରୁ ବିଜୁବାବୁଙ୍କୁ ମାଲ୍ୟାର୍ପଣ, ସ୍ଥାନ: ଛେଣ୍ଡ କଲୋନୀ, ସମୟ: ସକାଳ ୯ଟା।
- ଫଳବଣ୍ଟନ, ସ୍ଥାନ: ରାଉରକେଲା ସରକାରୀ ଡାକ୍ତରଖାନା, ସମୟ: ସକାଳ ୯ଟା ୩୦।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ଧାମରା ସଂଘ, ସମୟ: ପୂର୍ବାହ୍ନ ୧୦ଟା ।
- ବିଜେଡ଼ି କର୍ମୀ ସମାବେଶ, ସ୍ଥାନ: ଧାମରା ସଂଘ, ସମୟ: ପୂର୍ବାହ୍ନ ୧୧ଟା।
- ସିପିଆଇ ପକ୍ଷରୁ ଶତବାର୍ଷିକୀ ପ୍ରତିଷ୍ଠା ଦିବସ, ସ୍ଥାନ: ବିଶ୍ରା ରୋଡ୍, ସମୟ: ପୂର୍ବାହ୍ନ ୧୧ଟା।

## ଦେବଗଡ଼
- ସର୍ବଭାରତୀୟ ବାମଣ୍ଡା କ୍ରିକେଟ ଟୁର୍ନାମେଣ୍ଟ ଦ୍ୱିତୀୟ ପୁଲର ପ୍ରଥମ ଦିନ, ସ୍ଥାନ: ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ ଦେବଗଡ, ସମୟ: ମଧ୍ୟାହ୍ନ ୧୨ଟା।

## ନୂଆପଡ଼ା
- କୋଶଲୀ ଆଞ୍ଚଳିକ ବିରାଟ ଧନୁଯାତ୍ରା ମହୋତ୍ସବ ଦ୍ୱିତୀୟ ରଜନୀ, ସ୍ଥାନ: ନୂଆପଡା ସଦର ବ୍ଲକ ସାରାବଙ୍ଗ ମିନି ଷ୍ଟାଡିୟମ, ସମୟ: ସନ୍ଧ୍ୟା ୭ଟା ।
- କେସିଏସଏ କପ କ୍ରିକେଟ ଟୁର୍ନାମେଣ୍ଟ କ୍ୱାର୍ଟର ଫାଇନାଲ, ସ୍ଥାନ: ରାଜାଆର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟ ଖଡିଆଳ, ସମୟ: ସକାଳ ୯ ଟା ।
- ଯୋଗ ବେଦାନ୍ତ ସେବା ସମିତି ଜାମିଳି ନୂଆପଡା ପକ୍ଷରୁ ତୁଳସୀ ପୂଜନ କାର୍ଯ୍ୟକ୍ରମ, ସ୍ଥାନ: ନୂଆପଡା ଏକତା ଛକ, ସମୟ: ପୂର୍ବାହ୍ନ ୧୧ ଟା ।

## ବୌଦ୍ଧ
- ବୌଦ୍ଧ ନିର୍ବାଚନ ମଣ୍ଡଳୀସ୍ତରୀୟ ବିଜେଡିର ପ୍ରତିଷ୍ଠା ଦିବସ, ସ୍ଥାନ: ଟାଉନହଲ ବୌଦ୍ଧ, ସମୟ: ପୂର୍ବାହ୍ନ ୧୦ଟା ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ମୁଖଭାବାଧିପତି ମଙ୍ଗଳ ଦୃଷ୍ଟ ଯୋଗୁ ଭାଇ, ବନ୍ଧୁ, ପଡ଼ୋଶୀଙ୍କ ସହ ଯୁକ୍ତିତର୍କରୁ ଅନର୍ଥ ଘଟିବାର ସମ୍ଭାବନା ରହିଛି। ତଥାପି ସାମ୍ବାଦିକତା, ଏଜେନ୍‌ସିପ୍, ପରିବହନ, ବାଣିଜ୍ୟରେ ସଫଳତା ପାଇବେ। ପାରିବାରିକ ଜୀବନରେ ଉତ୍‌ଥାନ ପତନ ଲାଗିରହିବ। ବ୍ୟବସାୟିକ ସ୍ଥିତି ଭଲ ରହିଲେ ମଧ୍ୟ ଆର୍ଥିକ ପରିସ୍ଥିତି ବଦଳି ନ ପାରେ।

**ବୃଷ** ଅଷ୍ଟମସ୍ଥ ରବି ଯୋଗୁ ପରିବାରରେ ସ୍ୱାସ୍ଥ୍ୟହାନିର ଆଶଙ୍କା ଦେଖାଦେବ। ଜମିଜମା ବିଷୟରେ କିମ୍ବା ଯାନ୍ତ୍ରିକ ଜିନିଷ କ୍ଷେତ୍ରରେ ଅର୍ଥ ବ୍ୟୟ କରିପାରନ୍ତି। ଆନୁଷ୍ଠାନିକ କାମରେ ବାଦାନୁବାଦ ହେତୁ ସମସ୍ୟା ସୃଷ୍ଟି ହୋଇପାରେ। କୌଣସି ମୂଲ୍ୟବାନ ଜିନିଷ କିଣିବା ସକାଶେ ମୋଟା ଅଙ୍କର ଅର୍ଥ ବନ୍ଧୁଙ୍କଠାରୁ କରଜ କରିପାରନ୍ତି।

**ମିଥୁନ** ଆପଣଙ୍କ ଚିନ୍ତାଧାରା ବିକ୍ଷିପ୍ତ ହୋଇପାରେ। ଆଜି ବନ୍ଧୁଗହଣରେ କିଛି କଡ଼ା ଭାଷା ପ୍ରୟୋଗ କରି ସମ୍ପର୍କ ନଷ୍ଟ କରିପାରନ୍ତି। ଯେଉଁ କ୍ଷେତ୍ରରେ ଯାହାକି ନିଷ୍ପତ୍ତିନେବେ ତାହା ଶେଷ ସମୟରେ ଓଲଟ ପାଲଟ ହୋଇଯିବ। କିନ୍ତୁ କଳା, ସାହିତ୍ୟ ଓ ଗୁରୁତ୍ୱପୂର୍ଣ୍ଣ କାମରେ ଉପଯୁକ୍ତ ଭାବେ ଫଳ ପାଇବାର ଆଶା କରାଯାଇପାରେ।

**କର୍କଟ** ସପ୍ତମ କେନ୍ଦ୍ରସ୍ଥ ଶୁକ୍ରଙ୍କ ଶୁଭଦୃଷ୍ଟିରୁ ବିଳାସବ୍ୟସନରେ ସମୟ କଟିବ। କିନ୍ତୁ କର୍ମକ୍ଷେତ୍ରରେ ସତର୍କରେ କାମ କରିବା ଭଲ ନତୁବା ପରେ ଅନୁତାପ କରିବାକୁ ପଡିବ। ଅଷ୍ଟମସ୍ଥ ଶନିଙ୍କ ଯୋଗୁ ପାରିବାରିକ ଜୀବନରେ ଶାନ୍ତି ଓ ସ୍ଥିରତା ଅବ୍ୟାହତ ରହି ନ ପାରେ। ବନ୍ଧୁ ଗହଣରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି।

**ସିଂହ** ମଙ୍ଗଳ ଭାଗ୍ୟସ୍ଥାନରେ ଥିବାରୁ ଫ୍ଲଟିଂ କାରବାରରେ ଉନ୍ନତି ଓ ଅଗ୍ନି ସମ୍ବନ୍ଧିତ ଯନ୍ତ୍ରପାତି ବ୍ୟବସାୟରୁ ସୁଫଳ ପାଇବେ। ଯେଉଁ ଅର୍ଥ ବହୁ ପୂର୍ବରୁ ପାଇବାର ଥିଲା ତାହା ଆଜି ପ୍ରାପ୍ତ ହେବ। ବ୍ୟବସାୟକୁ ଆଗକୁ ବଢ଼ାଇବାପାଇଁ କୌଣସି ନୂତନ ପଦକ୍ଷେପ ଗ୍ରହଣ କରିବେ। ପରିବାରରେ ପିଲାମାନଙ୍କ କାର୍ଯ୍ୟକଳାପକୁ ନାପସନ୍ଦ କରିପାରନ୍ତି।

**କନ୍ୟା** ନିକଟ ସମ୍ପର୍କୀୟମାନେ ସ୍ୱାର୍ଥ ସାଧନ ପରିପ୍ରେକ୍ଷୀରେ ଆପଣଙ୍କ ପାରିବାରିକ କ୍ଷେତ୍ରକୁ ସମସ୍ୟାବହୁଳ କରି ପାରନ୍ତି। ସହକର୍ମୀଙ୍କ ସହ ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡି ହୋଇଯିବାର ସମ୍ଭାବନା ରହିଛି। କେତେକ କ୍ଷେତ୍ରରେ ଉପସ୍ଥିତ ବୁଦ୍ଧି ଖଟାଇ ପରିସ୍ଥିତିକୁ ସୁଧାରି ନେଇପାରନ୍ତି। ସ୍ୱାସ୍ଥ୍ୟ ସମସ୍ୟା କେତେକାଂଶରେ ନିୟନ୍ତ୍ରଣ ଭିତରେ ରହିବ।

**ତୁଳା** କଠୋର ବାକ୍ୟାଳାପ ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ସୃଷ୍ଟିର କାରଣ ହେବ। ଭଲ ସମ୍ପର୍କ ନ ଥିବା ବନ୍ଧୁମାନଙ୍କ ଦ୍ୱାରା କର୍ମକ୍ଷେତ୍ରରେ ମିଥ୍ୟା ଗୁଜବ ସୃଷ୍ଟି ହୋଇପାରେ। ଅର୍ଥ ସମ୍ପର୍କକୁ କେନ୍ଦ୍ରକରି ତର୍କର ସମ୍ମୁଖୀନ ହେବାକୁ ପଡ଼ିବ। ହଠାତ୍ ବନ୍ଧୁଙ୍କ ଅନୁରୋଧ କ୍ରମେ ଦେବାର୍ଚ୍ଚନା ପାଇଁ ଦୂର ସ୍ଥାନକୁ ଯାତ୍ରା କରିବାକୁ ମନ ବଳାଇପାରନ୍ତି।

**ବିଛା** ଆଜି ଦିନଟିରେ ଆରୋଗ୍ୟଲାଭ, ଚେଷ୍ଟା ସଫଳ, ଋଣସୂତ୍ରରେ ଅର୍ଥଲାଭ ପ୍ରଭୃତି ଶୁଭଫଳ ପାଇବେ। ଗତକାଲିଠାରୁ ଯେଉଁ କାମରେ ହାତ ଦେଇଛନ୍ତି ସେଥିରେ କୃତକାର୍ଯ୍ୟ ହେବେ। ଲେଖାପଢା, କଳା, ସାହିତ୍ୟ, ସାମ୍ବାଦିକତା ଓ ଅଭିନୟ କ୍ଷେତ୍ରରୁ ପ୍ରଶଂସା ପାଇପାରନ୍ତି। ଗୃହସୀମାକୁ କେନ୍ଦ୍ରକରି ବିତର୍କର ସମ୍ମୁଖୀନ ହେବେ।

**ଧନୁ** ସ୍ୱାସ୍ଥ୍ୟହାନି, କଳହ, ଧନକ୍ଷୟ ଓ ସମ୍ପର୍କ ନଷ୍ଟର ଆଶଙ୍କା ଦେଖାଦେବ। କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ଉପରେ ବିରକ୍ତ ହେବା ଠିକ୍ ହେବନାହିଁ। କେତେକ ନୂତନ କାମର ପରିକଳ୍ପନା କରିବେ କିନ୍ତୁ ଖର୍ଚ୍ଚଭାର ଯୋଗୁ ଚିନ୍ତାପ୍ରକଟ କରିପାରନ୍ତି। ବନ୍ଧୁଙ୍କ ପରାମର୍ଶରେ ପାରିବାରିକ ସମସ୍ୟାକୁ ସୁଧାରି ନେବେ।

**ମକର** ଶୁକ୍ର ରାଶିରେ ଅବସ୍ଥାନ କରିଥିବାରୁ ମଉଜ ମଜଲିସ୍ ମଧ୍ୟରେ ଦିନଟିକୁ ଅତିବାହିତ କରିବେ। କିନ୍ତୁ ଅଫିସରେ ସହକର୍ମୀଙ୍କ ଦୌରାତ୍ମ୍ୟ ଅସହ୍ୟ ହୋଇପାରେ। ପରିବାରରେ ଛୋଟ କଥାଟିକୁ ଗୁରୁତ୍ୱ ନ ଦେବା କାରଣରୁ ଟେନ୍‌ସନ କିଛି ମାତ୍ରାରେ କମିଯିବ। ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ରକରି ଝଗଡ଼ା ଲାଗିପାରେ।

**କୁମ୍ଭ** ଭୁଲ୍ ବୁଝାମଣା କାରଣରୁ ପାରିବାରିକ ଶାନ୍ତି ଓ ସୁସ୍ଥତା ବ୍ୟାହତ ହୋଇପାରେ। ପିଲାଙ୍କ ଶିକ୍ଷା କିମ୍ବା ସ୍ୱାସ୍ଥ୍ୟସକଶେ ଚିନ୍ତିତ ରହିବେ। ଜମିଜମା ସମସ୍ୟା, ବ୍ୟବସାୟ କିମ୍ବା ପରିବହନରେ ଝଗଡ଼ା କ୍ରମଶଃ ଜଟିଳ ହେବ। ଖଳଲୋକମାନଙ୍କ ଶତ୍ରୁତା ହେତୁ ନିଜ ପରିସରରେ ସମାଲୋଚିତ ହୋଇପାରନ୍ତି।

**ମୀନ** କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ପଡ଼ୋଶୀରେ ଛୋଟ କଥାକୁ କେନ୍ଦ୍ର କରି କଳହ ସୃଷ୍ଟି ହେବାର ଆଶଙ୍କା ରହିଛି। ନିଜ ସ୍ୱାର୍ଥକୁ ଆଖିଆଗରେ ରଖି ହଠାତ୍ ବିରୋଧୀ ପକ୍ଷ ସକ୍ରିୟ ହୋଇଉଠିବେ। ଗୃହ କାମରେ ବ୍ୟସ୍ତ ରହି କୌଣସି ଗୁରୁତ୍ୱପୂର୍ଣ୍ଣ କାମକୁ ଭୁଲିଯାଇ ପାରନ୍ତି।

ଆଜି ଡିସେମ୍ବର ୨୬ ତାରିଖ, ପୌଷ କୃଷ୍ଣପକ୍ଷର ସର୍ବସମ୍ମତ ସଫଳା ଏକାଦଶୀ, ଗୁରୁବାର । ରାଶି ନକ୍ଷତ୍ର–ସ୍ୱାତୀ/ତୁଳା, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୨୨ ଗତେ ଘ. ୦୭।୪୯ ମଧ୍ୟେ ଶୁଦ୍ଧଶୁଭ ବେଳା। ଅପରାହ୍ନ ଘ.୦୧।୦୮ ଗତେ ଘ.୦୨।୨୯ ମଧ୍ୟେ ରାହୁ କାଳ ।

# ପ୍ରଧାନମନ୍ତ୍ରୀ ଆବାସ ଯୋଜନା: ଆବେଦନ ପ୍ରକ୍ରିୟା ଆରମ୍ଭ ପାଇଁ ପୌରସଂସ୍ଥାକୁ ନିର୍ଦ୍ଦେଶ

**ଭୁବନେଶ୍ୱର,୨୫।୧୨(ଅନିଲ ଦାସ)**

ଗୃହ ଓ ନଗର ଉନ୍ନୟନ ବିଭାଗ ଅଧୀନରେ ଥିବା ଓଡ଼ିଶା ସହରୀ ଗୃହ ନିର୍ମାଣ ମିଶନ (ଓୟୁଏଚଏମ) ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରୀ) ୨.୦ ଅଧୀନରେ ଆବେଦନ ଗ୍ରହଣ ପ୍ରକ୍ରିୟା ଆରମ୍ଭ କରିବାକୁ ରାଜ୍ୟର ସମସ୍ତ ପୌରସଂସ୍ଥାକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରଧାନମନ୍ତ୍ରୀ ଆବାସର ପୂର୍ବ ପର୍ଯ୍ୟାୟ ଭଳି ଏହି ପର୍ଯ୍ୟାୟ ପାଇଁ ଆବେଦନଗୁଡିକ ଭାରତ ସରକାରଙ୍କ ଗୃହ ଓ ନଗର ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ବିକଶିତ ଏକ ୱେବ୍ ପୋର୍ଟାଲ୍ ମାଧ୍ୟମରେ ଅନ୍‌ଲାଇନରେ ଗ୍ରହଣ କରାଯିବ। ପୌରସଂସ୍ଥାଗୁଡିକ ସେମାନଙ୍କ କାର୍ଯ୍ୟାଳୟରେ ହେଲ୍‌ପଡେସ୍କ ପ୍ରତିଷ୍ଠା କରିବେ। ୱାର୍ଡ ଗୁଡିକରେ ଶିବିର ଆୟୋଜନ କରିବା ସହ ଆବେଦନକାରୀଙ୍କୁ ସାହାଯ୍ୟ କରିବା ପାଇଁ ସାଧାରଣ ସେବା କେନ୍ଦ୍ର (ସିଏସ୍‌ସି) ସହିତ ସହଯୋଗ କରିବାକୁ ପରାମର୍ଶ ଦିଆଯାଇଛି। ଯୋଗ୍ୟ ହିତାଧିକାରୀଙ୍କ ପାଇଁ ଏକ ସୁଗମ ଆବେଦନ ପ୍ରକ୍ରିୟା ନିଶ୍ଚିତ କରିବାକୁ, ଓଡ଼ିଶା ସହରୀ ଗୃହ ନିର୍ମାଣ ମିଶନ ପରାମର୍ଶ ଦେଇଛି। ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ପକ୍ଷରୁ ମଙ୍ଗଳବାର ଗାଡକଣରେ ଏକ ଶିବିର ଆୟୋଜନ କରି ଏହି ପ୍ରକ୍ରିୟା ଆରମ୍ଭ କରିଛି। ଗାଡକଣଠାରେ ଏହି ଶିବିର ଆୟୋଜନ କରିବାର ମହତ୍ତ୍ୱ ରହିଛି। କାରଣ ପ୍ରଧାନମନ୍ତ୍ରୀ ତାଙ୍କର ୭୪ ତମ ଜନ୍ମଦିନ (୧୭ ସେପ୍ଟେମ୍ବର ୨୦୨୪)ରେ ପରିଦର୍ଶନ କରିବା ସମୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀମାନଙ୍କ ସହିତ କଥା ହୋଇଥିଲେ। ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ରଙ୍କ ପରାମର୍ଶ ଅନୁଯାୟୀ ପ୍ରମୁଖ ଶାସନ ସଚିବଙ୍କ ମାର୍ଗଦର୍ଶନରେ ଗାଡକଣକୁ ଏକ ମଡେଲ ଗ୍ରାମ ଭାବରେ ବିକାଶ ପାଇଁ ମନୋନୀତ ହୋଇଛି। ଓୟୁଏଚ୍‌ଏମ୍‌ର ସହଯୋଗରେ ଅନୁଷ୍ଠିତ ଏହି ଉଦଘାଟନୀ ଶିବିରରେ ଉକ୍ତ ଯୋଜନାରୁ ଲାଭ ପାଇବାକୁ ଇଚ୍ଛା କରୁଥିବା ପରିବାରଗୁଡିକ ଆବେଦନପତ୍ର ଦାଖଲ କରିବାକୁ ଆମନ୍ତ୍ରଣ କରାଯାଇ ପ୍ରକ୍ରିୟାକରଣ ପାଇଁ ଆବଶ୍ୟକ କାଗଜପତ୍ର ଆଣିବାକୁ ହିତାଧିକାରୀମାନଙ୍କୁ କୁହାଯାଇଛି।

## ପ୍ରଥମ ପୃଷ୍ଠାରୁ...

### ନବୀନଙ୍କୁ ଭାରତରତ୍ନ ...

ତାହା ଏବେ ଜୋର ଧରିଛି। ସୂଚନାଥାଉ କି, କେନ୍ଦ୍ରରେ କ୍ଷମତାସୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ)ର ଗୁରୁତ୍ୱପୂର୍ଣ୍ଣ ସହଯୋଗୀ ସଂଯୁକ୍ତ ଜନତା ଦଳ (ଜେଡିୟୁ) ଏହାର ସୁପ୍ରିମୋ ତଥା ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କୁ ଦେଶର ସର୍ବୋଚ୍ଚ ବେସାମରିକ ସମ୍ମାନ 'ଭାରତରତ୍ନ' ଦେବା ପାଇଁ ୨ ସପ୍ତାହ ପୂର୍ବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିକଟରେ ଦାବି କରିଥିଲା। ଏବେ କେନ୍ଦ୍ରମନ୍ତ୍ରୀ ଗିରିରାଜ ସିଂ ନୀତୀଶଙ୍କ ସହ ବିଜୁ ଜନତା ଦଳ (ବିଜେଡି) ସଭାପତି ନବୀନ ପଟ୍ଟନାୟକଙ୍କୁ ମଧ୍ୟ ଭାରତରତ୍ନ ଦିଆଯିବା ଉଚିତ୍ ବୋଲି ଦାବି କରିଛନ୍ତି। ବିରୋଧୀ ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) କେନ୍ଦ୍ରମନ୍ତ୍ରୀଙ୍କ ଦାବିକୁ ନେଇ ଉପହାସ କରିଛି। ନୀତୀଶଙ୍କୁ ଏହି ସମ୍ମାନ ଦେବାରେ ସେମାନଙ୍କୁ କିଏ ଅଟକାଇଛି ବୋଲି ଆର୍‌ଜେଡି ପ୍ରଶ୍ନ କରିଛି।

ଏକଦା ନୀତୀଶଙ୍କ ସମାଲୋଚକ ଭାବେ ପରିଚିତ ବରିଷ୍ଠ ଭାଜପା ନେତା ଗିରିରାଜଙ୍କ ଦାବିକୁ ଭିନ୍ନ ଭିନ୍ନ ଦୃଷ୍ଟିରେ ଦେଖାଯାଉଛି। ଅନ୍ୟପକ୍ଷେ ୨ ଦିନ ତଳେ ଅନୁଷ୍ଠିତ ବିହାର ଭାଜପାର କୋର୍ କମିଟି ବୈଠକରେ ନୀତୀଶଙ୍କୁ ବିହାର ବିଧାନସଭା ନିର୍ବାଚନ ବେଳେ ଏନ୍‌ଡିଏ ମୁଖ୍ୟମନ୍ତ୍ରୀ ଚେହେରା ଭାବେ ଉପସ୍ଥାପନ କରାଯିବା ନେଇ ନିଷ୍ପତ୍ତି ହୋଇଥିଲା। ବୈଠକ ପରେ ଗିରିରାଜ କହିଥିଲେ, ନୀତୀଶ କୁମାର ହେଉଛନ୍ତି ଆମ ନେତା। ସେ ଆମ ନେତା ହୋଇ ରହିବେ। ସେହିପରି ନିଜ ସଂସଦୀୟ ନିର୍ବାଚନମଣ୍ଡଳୀ ବେଗୁସରାଇରେ କେନ୍ଦ୍ରମନ୍ତ୍ରୀ ଗିରିରାଜ ଅନୁରୂପ ଭାବାବେଗ ପ୍ରକାଶ କରି ନୀତୀଶ ଓ ପୂର୍ବତନ ସହଯୋଗୀ ନବୀନଙ୍କୁ ପ୍ରଶଂସାରେ ପୋତିଦେଇଛନ୍ତି। ସେ କହିଛନ୍ତି, ପୂର୍ବରୁ ବିହାର ଖରାପ ରାସ୍ତା, ସ୍କୁଲ ଓ ବିଲ୍ଡିଂକୁ ନେଇ ପରିଚିତ ଥିଲା। କିନ୍ତୁ ନୀତୀଶ କ୍ଷମତାକୁ ଆସିବା ପରେ ରାଜ୍ୟକୁ ବିକାଶର ନୂଆ ସୋପାନକୁ ନେଇଯାଇଛନ୍ତି। ସେହିପରି ନବୀନ ପଟ୍ଟନାୟକ ଅନେକ ବର୍ଷ ଧରି ଓଡ଼ିଶାର ସେବା କରିଛନ୍ତି। ଏମାନଙ୍କ ଭଳି ନେତାଙ୍କୁ ସର୍ବୋଚ୍ଚ ସମ୍ମାନ ଭାରତରତ୍ନ ଦିଆଯିବା ଉଚିତ ବୋଲି ଗିରିରାଜ ଦାବି କରିଛନ୍ତି।

### ବିଲରେ ଭାସୁଛି ...

ଗଞ୍ଜାମ, ଗଜପତି, କଳାହାଣ୍ଡି, କୋରାପୁଟ, ନବରଙ୍ଗପୁର, ରାୟଗଡ଼ା ଆଦି ଜିଲାରେ ବର୍ଷା ହେବାର ସମ୍ଭାବନା ରହିଛି। ୨୭ ତାରିଖରୁ ବର୍ଷା ସମ୍ପୂର୍ଣ୍ଣ ଛାଡ଼ିଯିବ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି। ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଥିବା ବେଳେ କେତେକ ସ୍ଥାନରେ ପ୍ରବଳ ବର୍ଷା ହୋଇଛି। ଖୋର୍ଦ୍ଧାରେ ସର୍ବାଧିକ ୭୪ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ କଳାହାଣ୍ଡି ୬୫, ନବରଙ୍ଗପୁର ୬୨, କୋଷାଗୁମୁଡ଼ା ୫୮, ଜୁନାଗଡ଼ ୫୧, ଭବାନୀପାଟଣା ୪୬.୧, ଝରିଗାଁ ୪୬, ଗଞ୍ଜାମ ୪୧, କନ୍ଧମାଳ ୩୬, କଟକ ୨୭, କେନ୍ଦ୍ରାପଡ଼ା ୫୫, ଗଜପତି ଜିଲାରେ ୨୪.୪ ମିଲିମିଟର ବର୍ଷା ରେକର୍ଡ ହୋଇଛି।

ଯାଜପୁର ବ୍ଲକର ଇନ୍ଦାରୋଇ ଗ୍ରାମର ଚାଷୀ ଦୀନବନ୍ଧୁ ସାହୁ କହିଛନ୍ତି, ଲଗାଣ ବର୍ଷା ଯୋଗୁ ବିଲରେ ପାଚିଲା ଧାନ ପାଣିରେ ଭାସୁଛି। ବର୍ଷା ନ ଛାଡ଼ିବା ଯାଏ ଖଳାକୁ ଆଣି ପାରୁନୁ। ୪/୫ ଦିନ ରହିଲାଣି, ଆଉ ଅମଳ ହେବା ଭଳି ଲାଗୁନି। ଧାନ ବିକି ଦି'ପଇସା ପାଇବି ବୋଲି ଆଶାଥିଲା। କ'ଣ କରିବୁ ବୁଦ୍ଧିବାଟ ଦିଶୁନି। ସରକାର ଯାହା ଦେବେ ସେଥିରେ କ'ଣ ଆମର ପେଟ ପୂରିବ।

ଖୋର୍ଦ୍ଧା ଜିଲା ଜଟଣୀ ଅଞ୍ଚଳର ଚାଷୀ ଲମ୍ବୋଦର ହୋତା କହିଛନ୍ତି, ଏତେ ବର୍ଷା ହେବ ବୋଲି ଜାଣି ନ ଥିଲୁ। ସବୁତ ଗଲା। ଏବେ କରିବୁ କ'ଣ। ପାଣି ଛାଡ଼ିବାକୁ ଆହୁରି ୩/୪ ଦିନ ଲାଗିଯିବ। କାଦୁଅ ସରସର ଧାନ କେଉଁଠିକୁ ନେବୁ। ଧାର କରଜ କରି ଚାଷରେ ଲାଗାଇଥିବା ଟଙ୍କା ଶୁଝିବୁ କେମିତି ବୋଲି ସେ କହିଛନ୍ତି।

ଫସଲ ଅମଳ ସମୟରେ ବର୍ଷା ଜାରି ରହିଥିବାରୁ ଚାଷୀମାନେ ହନ୍ତସନ୍ତ ହେଉଛନ୍ତି। ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ କହିଛନ୍ତି, ବର୍ଷାରେ ଫସଲହାନି ହୋଇଥିଲେ ଚାଷୀମାନଙ୍କୁ କ୍ଷତିପୂରଣ ମିଳିବ। ଫସଲହାନିର ତଦାରଖ କରିବା ପାଇଁ ଏକ କମିଟି ଗଠନ କରାଯିବ। ଏହି କମିଟି ସ୍ପଟକୁ ଯାଇ ତଦନ୍ତ କରିବ। ଫସଲହାନି ହୋଇଥିଲେ କ୍ଷତିପୂରଣ ମିଳିବ। ସବୁ ଚାଷୀଙ୍କୁ ବୀମାଭୁକ୍ତ କରାଯାଇଛି। ବୀମା କମ୍ପାନୀଙ୍କ ଉପରେ ନଜର ରଖାଯାଇଛି। କୌଣସି କମ୍ପାନୀ ଠକି ପାରିବେ ନାହିଁ ବୋଲି ମନ୍ତ୍ରୀ କହିଛନ୍ତି।

ଚାଷୀମାନଙ୍କର ଅବସ୍ଥାକୁ ଦେଖି ମଙ୍ଗଳବାର ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଥିଲେ, ଧାନର ମାନ ଖରାପ ଥିଲେ ମଧ୍ୟ ରାଜ୍ୟ ସରକାର କିଣିବେ। ଏଥିପାଇଁ ସମସ୍ତ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଟୋକନ ଅବଧି ଶେଷ ହୋଇ ଯାଇଥିଲେ ମଧ୍ୟ ଆହୁରି ୧୫ ଦିନ ମହଲତ ଦିଆଯିବ। ଓଦା ଧାନ ଶୁଖାଇ ମଣ୍ଡିରେ ବିକ୍ରି ପାଇଁ ଅଧିକ ସମୟ ଦିଆଯିବ। ପାଗ ଖରାପ ଯୋଗୁ କିଛି ମଣ୍ଡି ଖୋଲିବାରେ ବିଳମ୍ବ ହେଉଛି। ବର୍ଷାରେ ଯେଉଁ ଚାଷୀଙ୍କର ଧାନ କ୍ଷତି ହୋଇଛି ଆକଳନ କରି ଉଚିତ ମୂଲ୍ୟ ଦିଆଯିବ। ଅନ୍ୟପକ୍ଷରେ ଚାଷୀଙ୍କୁ କ୍ଷତିପୂରଣ ଦେବାକୁ ରାଜ୍ୟ ସରକାର ପ୍ରସ୍ତୁତ ଥିବା ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ମନ୍ତ୍ରୀ କହିଛନ୍ତି, ଅଦିନିଆ ବୃଷ୍ଟିପାତଜନିତ କ୍ଷୟକ୍ଷତି ପୂରଣ ପାଇଁ ସରକାର ପ୍ରସ୍ତୁତ ଅଛନ୍ତି। ଯାହା ନିୟମ ଅଛି ସେହି ଅନୁସାରେ କ୍ଷତିପୂରଣ ଦିଆଯିବ। ସରକାର ଲୋକଙ୍କ ସାଙ୍ଗରେ ଅଛନ୍ତି ବୋଲି ସେ ଆଶ୍ୱାସନା ଦେଇଛନ୍ତି। ଇତିମଧ୍ୟରେ ଲଘୁଚାପ ଜନିତ ଅଦିନିଆ ବର୍ଷା ଯୋଗୁ ହୋଇଥିବା ଫସଲ କ୍ଷୟକ୍ଷତିର ଆକଳନ ମଧ୍ୟ ଆରମ୍ଭ ହୋଇଛି ।

### ବିମାନ ଦୁର୍ଘଟଣା...

ହୋଇଥିବାରୁ ବିମାନଟି କଜାଖାସ୍ତାନର ଅକାଟଉକୁ ଉଡ଼ାଣ କରିଥିଲା। ଉଡ଼ାଣ ବେଳେ ବିମାନ ସହ କେତୋଟି ପକ୍ଷୀ ଧକ୍କାହେବା ପରେ ଏହାର ପାଇଲଟ ଭାରସାମ୍ୟ ହରାଇଥିଲେ। ଅକାଟଉରେ ପହଞ୍ଚିବାର ୩ କି.ମି. ପୂର୍ବରୁ ବିମାନ ଡାହାଣ ପଟକୁ ଢଳିଯାଇ ଜରୁରୀ ଅବତରଣ ପାଇଁ ଉଦ୍ୟମ କରିଥିଲା। ଏୟାରପୋର୍ଟ ନିକଟରେ ଅନେକ ଥର ଚକ୍କର କାଟିବା ପରେ ଶେଷରେ ଏହା ଏକ ଖୋଲା ପଡ଼ିଆରେ ଦୁର୍ଘଟଣାଗ୍ରସ୍ତ ହେବାରୁ ସେଥିରେ ନିଆଁ ଲାଗିଯାଇଥିଲା। ଯାତ୍ରୀଙ୍କ ମଧ୍ୟରେ ଆଜରବୈଜାନର ୩୭, କାଜାଖାସ୍ତାନର ୬, କିର୍ଗିଜସ୍ତାନର ୩ ଓ ରୁଷିଆର ୧୬ ଯାତ୍ରୀ ରହିଥିବା କାଜାଖସ୍ତାନ ପରିବହନ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଦୁର୍ଘଟଣାରେ ୨ ପାଇଲଟଙ୍କ ମୃତ୍ୟୁ ଘଟିଥିବା ରୁଷୀୟ ନ୍ୟୁଜ୍ ଏଜେନ୍ସି ଇଣ୍ଟ୍ରାଫାକ୍ସ ସ୍ପଷ୍ଟ କରିଛି।

ଦୁର୍ଘଟଣାସ୍ଥଳରେ ଯାତ୍ରୀମାନେ ଜୀବନ ବଞ୍ଚାଇବା ପାଇଁ ଜଳନ୍ତା ବିମାନର ଏକ୍‌ଜିଟ୍ ଗେଟ୍ ଦେଇ ବାହାରୁଥିବା ବେଳର ଦୃଶ୍ୟ କେତେକ ଟିଭି ଚ୍ୟାନେଲରେ ପ୍ରସାରିତ ହୋଇଛି। ସେଠାରୁ କେତେଜଣ ଯାତ୍ରୀଙ୍କ ମୃତଦେହ ଠାବ ହୋଇଥିବାବେଳେ ଆହତମାନଙ୍କୁ ଆମ୍ବୁଲାନ୍ସରେ ହସ୍ପିଟାଲକୁ ନିଆଯାଇଛି। ଫ୍ଲାଇଟ୍‌ରାଡାର୨୪ ପକ୍ଷରୁ ଉପଲବ୍ଧ ତଥ୍ୟ ଅନୁସାରେ ବିମାନ କାସ୍ପିଆନ୍ ସାଗର ଉପରେ ଉଡ଼ାଣ କରି ନିଜ ଗନ୍ତବ୍ୟସ୍ଥଳ ଆଡ଼କୁ ଅଗ୍ରସର ହେଉଥିବାବେଳେ ଉପକୂଳବର୍ତ୍ତୀ ଅଞ୍ଚଳରେ ଦୁର୍ଘଟଣାର ଶିକାର ହୋଇଥିବା ଜଣାପଡ଼ିଛି। ଏହାର ଗ୍ଲୋବାଲ ପୋଜିଶନିଂ ସିଷ୍ଟମ୍ (ଜିପିଏସ୍) ଭଲ ଭାବେ କାମ କରୁ ନ ଥିବାରୁ ଅଟୋମେଟିକ୍ ଡିପେଣ୍ଡାଣ୍ଟ ସର୍ଭିଲାନ୍ସ–ବ୍ରଡ୍‌କାଷ୍ଟ (ଏଡିଏସ୍–ବି) ଉପଯୁକ୍ତ ଡେଟା ଟ୍ରାନ୍ସମିଟ୍ କରିପାରି ନ ଥିଲା ବୋଲି ଫ୍ଲାଇଟ୍‌ରାଡାର୨୪ ପକ୍ଷରୁ କୁହାଯାଇଛି। ତେବେ ବିମାନ କାସ୍ପିଆନ୍ ସାଗରକୁ କାହିଁକି ଅତିକ୍ରମ କରିଥିଲା, ସେନେଇ ଅଧିକାରୀମାନେ ସ୍ପଷ୍ଟ କରିପାରି ନାହାନ୍ତି। ଅନ୍ୟପକ୍ଷେ ଚେଚନ୍ୟା ଓ ଇନ୍‌ଗୁଶେଟିଆର ଅଧିକାରୀମାନେ ସମ୍ପୃକ୍ତ ଅଞ୍ଚଳରେ ବୁଧବାର ସକାଳେ ଡ୍ରୋନ୍ ଷ୍ଟ୍ରାଇକ୍ କରାଯାଇଥିବା କହିଛନ୍ତି। କାସ୍ପିଆନ୍ ସାଗର ପୂର୍ବ ଉପକୂଳ ନିକଟ ରୁଷିଆର ମଖାଚକାଲା ଏୟାରପୋର୍ଟର ଜଣେ ଅଧିକାରୀ କହିଛନ୍ତି, ବିମାନଟି ଯେଉଁଠାରୁ ରାଡାର ବାହାରକୁ ଚାଲିଯାଇଥିଲା, ସେହି ଅଞ୍ଚଳର ଆକାଶରେ ବୁଧବାର ସକାଳେ ଅନେକ ଘଣ୍ଟା ଧରି ଇନ୍‌କମିଂ ଟ୍ରାଫିକ୍ ବନ୍ଦ ରହିଥିଲା। କାଜାଖସ୍ତାନ ସରକାର ଏହାର ତଦନ୍ତ ପାଇଁ ଏକ କମିଶନ ଗଠନ କରିଛନ୍ତି। ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଏନେଇ ଶୋକବ୍ୟକ୍ତ କରି ମୃତକଙ୍କ ପରିବାରକୁ ସମବେଦନା ଜଣାଇବା ସହ ଆହତଙ୍କୁ ସବୁ ପ୍ରକାର ସହାୟତା ଦିଆଯିବ ବୋଲି କହିଛନ୍ତି।

## ଭଜାଖିଆ ଗାଁରୁ ହରିଣ ଉଦ୍ଧାର

ଏରସମା, (ଦୀପ୍ତି ଖଣ୍ଡୁଆଲ): ଏରସମା ବ୍ଲକ୍ ଅନ୍ତର୍ଗତ ଗୋଡ଼ା ପଞ୍ଚାୟତସ୍ଥିତ ଭଜାଖିଆ ଗାଁରୁ ବୁଧବାର ଅପରାହ୍ଣରେ ଏକ ଆହତ ହରିଣକୁ ବନ ବିଭାଗ ଉଦ୍ଧାରକରି ବୋରୁହାଁ ଜଙ୍ଗଲରେ ଛାଡ଼ିଛି। ସୂଚନା ଯୋଗ୍ୟ, ବୋରୁହାଁ ଜଙ୍ଗଲରୁ ପଳାଇ ଆସିଥିବା ହରିଣକୁ ଭଜାଖିଆ ଗାଁରେ କୁକୁର ଗୋଡ଼ାଉଥିବା ବେଳେ ଗାଁ ଲୋକେ ଉଦ୍ଧାରକରି ବନ ବିଭାଗକୁ ଖବର ଦେଇଥିଲେ। ଖବର ପାଇଁ ହାୱାଖାନା ବନପାଳ ମଙ୍ଗଳ ହେମ୍ବ୍ରମ କର୍ମଚାରୀଙ୍କୁ ପଠାଇ ହରିଣକୁ ଚିକିତ୍ସାକରି ବୋରୁହାଁ ଜଙ୍ଗଲରେ ଛାଡ଼ିଦେଇଛନ୍ତି।

# ବାଜପେୟୀଙ୍କ ରାଜନୈତିକ ଶତ୍ରୁ ନ ଥିଲେ: ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର, ୨୫।୧୨ (ସୁନିତ୍ ମିଶ୍ର)**

ବାଜପେୟୀଜୀ ଜଣେ ଦେବୋପମ ବ୍ୟକ୍ତି ଥିଲେ। ତାଙ୍କ ଜୀବନର ଗଭୀରତା, ସଦ୍‌ଗୁଣ ଓ ଆଦର୍ଶ ତାଙ୍କୁ ଦେବତାଙ୍କ ସହ ତୁଳନୀୟ କରିଥିଲା। ଦଳମତ ନିର୍ବିଶେଷରେ ସେ ସମସ୍ତଙ୍କ ପ୍ରିୟ ଥିଲେ। ତାଙ୍କର ରାଜନୈତିକ ବିରୋଧୀ ଥିଲେ, କିନ୍ତୁ କେହି ଶତ୍ରୁ ନ ଥିଲେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ବୁଧବାର ସ୍ଥାନୀୟ ଓୟୁଏଟି କୃଷି ସେବା ସଦନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଜଣେ ଉଦାର ହୃଦୟ ଜନନାୟକ, ସଫଳ ପ୍ରଧାନମନ୍ତ୍ରୀ, ଓଜସ୍ୱିନୀ ବକ୍ତା ଓ ଜଣେ ପ୍ରସିଦ୍ଧ କବି ଭାବେ ଭାରତବର୍ଷର ରାଜନୈତିକ ଇତିହାସରେ ବାଜପେୟୀଙ୍କ ନାମ ଚିରଦିନ ପାଇଁ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ। ତାଙ୍କ ଶାସନରେ ଦେଶର ବିକାଶର ଗତି ଏକ ନୂତନ ଶିଖର ଛୁଇଁଥିଲା। ସ୍ୱର୍ଣ୍ଣ ଚତୁର୍ଭୁଜ ଯୋଜନାରେ ଭାରତର ଚାରି ମହାନଗରୀକୁ ଯୋଡ଼ି ସେ ବିକାଶକୁ ଏକ ନୂଆ ଗତି ଦେଇଥିଲେ। ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ସେ ଦେଶର ଗାଁଗୁଡ଼ିକରେ ସିମେଣ୍ଟ କଂକ୍ରିଟ ରାସ୍ତାକରି ଗ୍ରାମ୍ୟ ଭିତ୍ତିଭୂମି ସୁଦୃଢ଼ କରିଥିଲେ। ନରସିଂହ ରାଓ ପ୍ରଧାନମନ୍ତ୍ରୀ ଥିବା ସମୟରେ ସେ କିପରି ଜାତିସଂଘରେ ପାକିସ୍ତାନର ଚାଲ୍‌କୁ ପ୍ରତିହତ କରିବାରେ ସଫଳ ହୋଇଥିଲେ, ୧୯୯୯ ରେ ସରକାର ବଞ୍ଚାଇବା ପାଇଁ ସେ କିପରି ରାଜନୈତିକ ମୂଲ୍ୟବୋଧ ସହ ସାଲିସ କରି ନ ଥିଲେ ଆଦି ବିଭିନ୍ନ ବିଷୟରେ ମୁଖ୍ୟମନ୍ତ୍ରୀ ତାଙ୍କ ବକ୍ତବ୍ୟରେ ବର୍ଣ୍ଣନା କରିଛନ୍ତି।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ବାଜପେୟୀ କହିଥିଲେ ଓଡ଼ିଶାର ବିକାଶ ପାଇଁ ଅର୍ଥର କୌଣସି ଅଭାବ ରହିବ ନାହିଁ। ତାଙ୍କର ଏହି ଆଶ୍ୱାସନା ଲୋକଙ୍କ ଭିତରେ ଭରସା ସୃଷ୍ଟି କରିଥିଲା। ପାରାଦୀପରେ ଇଣ୍ଡିଆନ ଅଏଲ କର୍ପୋରେଶନ ଦ୍ୱାରା ଏକ ରିଫାଇନେରି ସ୍ଥାପନ ଓ ଭୁବନେଶ୍ୱରରେ ଏମ୍ସ ପ୍ରତିଷ୍ଠା ପାଇଁ ମଧ୍ୟ ସେ ଭିତ୍ତିପ୍ରସ୍ତର ରଖିଥିଲେ। ଓଡ଼ିଶାରେ ଭାଜପା ସରକାରକୁ ମାତ୍ର ୬ ମାସ ପୂରଣ ହୋଇଛି। କିନ୍ତୁ ଲୋକଙ୍କୁ ସୁଶାସନ ଦେବାରେ ଆମେ ଗୋଟିଏ ମିନିଟ୍ ମଧ୍ୟ ନଷ୍ଟ କରିନାହୁଁ। ସୁଶାସନର ଏକ ବଡ଼ ଆବଶ୍ୟକତା ହେଉଛି ଲୋକଙ୍କ ଭରସା। ନିର୍ବାଚନ ସମୟରେ ଆମେ ଲୋକଙ୍କୁ ଯେଉଁ ପ୍ରତିଶ୍ରୁତି ଦେଇଥିଲୁ, ସବୁ ପ୍ରତିଶ୍ରୁତିକୁ ଗୋଟି ଗୋଟି କରି ପୂରଣକରି ଚାଲିଛୁ। ସରକାର ଗଠନର ପ୍ରଥମ ଦିନରୁ ହିଁ ସେ ନିଜେ ଲୋକଙ୍କୁ ନିୟମିତ ଭାବେ ଭେଟୁଛନ୍ତି ଓ ସେମାନଙ୍କ ସମସ୍ୟା ସମାଧାନ ପାଇଁ ପଦକ୍ଷେପ ନେଉଛନ୍ତି। ପ୍ରତି ସୋମବାର ସଦସ୍ୟମାନେ ଅଭିଯୋଗ ପ୍ରକୋଷ୍ଠରେ ଲୋକଙ୍କୁ ଶୁଣି ତାଙ୍କ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନେଉଛୁ। ବାଜପେୟୀଙ୍କ ପୁଣ୍ୟ ଜୟନ୍ତୀ ଅବସରରେ ସୁଶାସନ ପାଇଁ ଆମର ଏହି ସଂକଳ୍ପ ଓ କାର୍ଯ୍ୟାବଳୀ ହେବ ତାଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ବିଧାୟକ ବାବୁ ସିଂହ କହିଛନ୍ତି, ବାଜପେୟୀ ଥିଲେ ଦେଶର ଶ୍ରେଷ୍ଠ ପୁରୁଷ। ତାଙ୍କର ସୁଶାସନ ପାଇଁ ଦେଶ ପୁନର୍ଜନ୍ମକୁ ଚାହିଁ ରହିଛି। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଛନ୍ତି, ବାଜପେୟୀଙ୍କ ଜୀବନୀ ଓ ଆଦର୍ଶରୁ ଆମକୁ ବହୁ କିଛି ଶିଖିବାର ଅଛି। ବିକାଶ ଓ ପ୍ରଗତିର ଏକମାତ୍ର ମାଧ୍ୟମ ହେଉଛି ସୁଶାସନ ବୋଲି ସେ କହିଛନ୍ତି। ସ୍ୱାଗତ ଭାଷଣ ଦେଇ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ କହିଛନ୍ତି, ସେବା ଭାବ, ସମ୍ବେଦନଶୀଳତା ଓ ଉତ୍ତରଦାୟିତା ମାଧ୍ୟମରେ ବାଜପେୟୀ ସୁଶାସନ ପ୍ରତିଷ୍ଠା କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ବାଜପେୟୀଙ୍କ ଜୀବନୀ ଉପରେ ଆଧାରିତ ଏକ ଫଟୋ ଚିତ୍ର ପ୍ରଦର୍ଶନୀ ବୁଲି ଦେଖିଥିଲେ। ଭାରତ ରତ୍ନ ଅଟଳ ବିହାରୀ ଓ ସାମାଜିକ ସମଦର୍ଶିତା ନାମକ ଦୁଇଟି ପୁସ୍ତକ ଉନ୍ମୋଚନ କରାଯାଇଛି।

# ଓଡ଼ିଶାକୁ ମିଳିଲା ୪୫୫ କୋଟିର କେନ୍ଦ୍ରୀୟ ଅନୁଦାନ

**ଭୁବନେଶ୍ୱର, ୨୫।୧୨ (ଅନିଲ ଦାସ)**

କେନ୍ଦ୍ର ସରକାର ଓଡ଼ିଶାର ରୁରାଲ ଲୋକାଲ ବଡି (ସ୍ୱାୟତ୍ତ ସଂସ୍ଥା) ଗୁଡ଼ିକ ପାଇଁ ୪୫୫ କୋଟି ଟଙ୍କା ପ୍ରଦାନ କରିଛନ୍ତି। ୨୦୨୪-୨୫ ଆର୍ଥିକ ବର୍ଷର ଦ୍ୱିତୀୟ କିସ୍ତି ଅର୍ଥାତ୍ ୩୭୦.୨୦ କୋଟି ଟଙ୍କା ଏବଂ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଅଣବନ୍ଧିତ ଅନୁଦାନର ପ୍ରଥମ କିସ୍ତିର ବକେୟା ରାଶି ବାବଦରେ ୮୪.୫୮୬ କୋଟି ଟଙ୍କା ପ୍ରଦାନ କରିଛନ୍ତି। ଏହି ପାଣ୍ଠି ରାଜ୍ୟର ସମସ୍ତ ଯୋଗ୍ୟ ୬,୭୯୪ ଗ୍ରାମପଞ୍ଚାୟତ ପାଇଁ ରହିଛି।

ବେତନ ଏବଂ ଅନ୍ୟାନ୍ୟ ପ୍ରତିଷ୍ଠା ଖର୍ଚ୍ଚ ବ୍ୟତୀତ ସମ୍ବିଧାନର ଏକାଦଶ ଅନୁସୂଚୀରେ ଥିବା ଅଣତିରିଶ (୨୯) ବିଷୟ ଅଧୀନରେ ପଞ୍ଚାୟତିରାଜ ଅନୁଷ୍ଠାନ (ପିଆର୍‌ଆଇ)/ ଆର୍‌ଏଲ୍‌ବି) ଦ୍ୱାରା ସ୍ଥାନ-ନିର୍ଦ୍ଦିଷ୍ଟ ଆବଶ୍ୟକତା ପାଇଁ ଅଣବନ୍ଧିତ ଅନୁଦାନ ବ୍ୟବହାର କରାଯିବ। ପରିମଳ ଏବଂ ରକ୍ଷଣାବେକ୍ଷଣର ମୌଳିକ ସେବା ପାଇଁ ଅନୁଦାନ ବ୍ୟବହାର କରାଯାଇପାରିବ। ଏଥିରେ ଘରୋଇ ବର୍ଜ୍ୟବସ୍ତୁର ପରିଚାଳନା ଏବଂ ବିଶୋଧନ, ବିଶେଷକରି ମାନବ ମଳ ଏବଂ ବର୍ଜ୍ୟ ପରିଚାଳନା ଓ ପାନୀୟ ଜଳ ଯୋଗାଣ, ବର୍ଷା ଜଳ ସଂରକ୍ଷଣ ଏବଂ ଜଳ ପୁନଃ ବ୍ୟବହାର ଅନ୍ତର୍ଭୁକ୍ତ ହେବ।

ଭାରତ ସରକାର ପଞ୍ଚାୟତିରାଜ ମନ୍ତ୍ରଣାଳୟ ଏବଂ ଜଳଶକ୍ତି ମନ୍ତ୍ରଣାଳୟ (ପାନୀୟ ଜଳ ଓ ପରିମଳ ବିଭାଗ) ମାଧ୍ୟମରେ ଗ୍ରାମୀଣ ସ୍ୱାୟତ୍ତ ସଂସ୍ଥା ପାଇଁ ରାଜ୍ୟଗୁଡ଼ିକୁ ପଞ୍ଚଦଶ ଅର୍ଥ ଆୟୋଗ (ଏକ୍ସଭି ଏଫ୍‌ସି) ଅନୁଦାନ ପ୍ରଦାନ କରିବାକୁ ସୁପାରିସ କରିଛନ୍ତି। ପରେ ଅର୍ଥ ମନ୍ତ୍ରଣାଳୟ ଦ୍ୱାରା ଏହା ପ୍ରଦାନ କରାଯାଇଥାଏ। ଆବଣ୍ଟିତ ଅନୁଦାନଗୁଡ଼ିକ ଏକ ଆର୍ଥିକ ବର୍ଷରେ ୨ଟି କିସ୍ତିରେ ସୁପାରିସ ଏବଂ ପ୍ରଦାନ କରାଯାଏ।

ପଞ୍ଚାୟତିରାଜ ଅନୁଷ୍ଠାନ (ପିଆର୍‌ଆଇ)/ଆର୍‌ଏଲ୍‌ବିକୁ ପ୍ରଦାନ କରାଯାଉଥିବା ପଞ୍ଚଦଶ ଅର୍ଥ ଆୟୋଗ ଅନୁଦାନ ତୃଣମୂଳ ସ୍ତରର ଗଣତନ୍ତ୍ରକୁ ସୁଦୃଢ଼ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଏହି ଆର୍ଥିକ ସହାୟତା ଗ୍ରାମୀଣ ସ୍ଥାନୀୟ ଶାସନରେ ଉନ୍ନତି ଆଣିବା, ଉତ୍ତରଦାୟିତ୍ୱ ବୃଦ୍ଧି କରିବା ଏବଂ ଗ୍ରାମରେ ଆତ୍ମ ନିର୍ଭରଶୀଳତାକୁ ପ୍ରୋତ୍ସାହିତ କରୁଛି।

# ଟ୍ରଲର ମାଲିକ, ଡ୍ରାଇଭରଙ୍କ ଘରୁ ୯ ଭିଏଚ୍‌ଏଫ୍ ଜବତ

**ରାଜନଗର, ୨୫।୧୨ (ଭାସ୍କର ରାଉତରାୟ)**



ଜବତ ହୋଇଥିବା ଭିଏଚ୍‌ଏଫ୍।

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ତନ୍ତିଆପାଳ ସାମୁଦ୍ରିକ ଥାନା ଅଞ୍ଚଳରୁ ଗୋଟିଏ ଭିଏଚ୍‌ଏଫ୍ ଜବତ ହେବାର ୫ଦିନ ପରେ ତାଳଚୁଆ ସାମୁଦ୍ରିକ ଥାନା ଅଞ୍ଚଳରୁ ୯ ଭିଏଚ୍‌ଏଫ୍ ଜବତ କରାଯାଇଛି। ମଙ୍ଗଳବାର ତାଳଚୁଆ ସାମୁଦ୍ରିକ ଥାନା ଆଇଆଇସି ସସ୍ମିତା ସାହୁଙ୍କ ନେତୃତ୍ୱରେ ସବ୍‌ଇନ୍ସପେକ୍ଟର ଅନିଲ ମହାପାତ୍ର, ହାବିଲଦାର ପରିକ୍ଷିତ ସେଠୀ ଓ କନ୍‌ଷ୍ଟେବଲ ଭଗବାନ ସାହୁ ପ୍ରମୁଖ ତାଳଚୁଆ ସାମୁଦ୍ରିକ ଥାନାର ୫ ଗାଁରୁ ୯ ବେଆଇନ ଭିଏଚ୍‌ଏଫ୍ ଜବତ କରିଛନ୍ତି। ତାଳଚୁଆ ବଜାର ଟ୍ରଲର ମାଲିକ ମଦନ ଦେବନାଥଙ୍କ ଘରୁ ୨, ସ୍ୱଦେଶ ମଣ୍ଡଳଙ୍କ ଘରୁ ଗୋଟିଏ, ସନାତନ ପରିଡ଼ାଙ୍କ ଘରୁ ଗୋଟିଏ ଭିଏଚ୍‌ଏଫ୍ ଜବତ ହୋଇଥିଲା। ଅମରାବତୀ ଗାଁରୁ ବୋଟ୍ ଡ୍ରାଇଭର ଗୁରୁପଦ ଦାସଙ୍କ ଘରୁ ଗୋଟିଏ, ଭଞ୍ଜପ୍ରସାଦର ପୂର୍ଣ୍ଣଚନ୍ଦ୍ର ଜେନାଙ୍କ ଘରୁ ୨ଟି, ଶୈଳେନ୍ଦ୍ରନଗରର ନାସିର ଅଲ୍ଲୀ ଖାଁଙ୍କ ଘରୁ ଗୋଟିଏ ଓ ଗିରିଆପାହିର ଜୟଦେବ ମଣ୍ଡଳଙ୍କ ଘରୁ ଗୋଟିଏ ଭିଏଚ୍‌ଏଫ୍ ଜବତ କରାଯାଇଥିବା ତାଳଚୁଆ ସାମୁଦ୍ରିକ ଥାନା ଆଇଆଇସି ସାହୁ ସୂଚନା ଦେଇଛନ୍ତି। ତାଳଚୁଆ ବଙ୍ଗୀୟ ଭାଷାଭାଷୀ ଅଞ୍ଚଳ ହୋଇଥିବାରୁ ସେଠାରେ ଭିଏଚ୍‌ଏଫ୍ ବ୍ୟବହାର କରାଯିବା ଉପକୂଳ ସୁରକ୍ଷା ପ୍ରତି ବିପଦ ସୃଷ୍ଟି ହୋଇଛି। ବିନା ଲାଇସେନ୍ସରେ କିପରି ଭିଏଚ୍‌ଏଫ୍‌ଗୁଡ଼ିକ ଦୀର୍ଘଦିନ ହେଲା ଚାଲୁଥିଲା ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଜାତୀୟ/ଅନ୍ତର୍ଜାତୀୟ

# ମହାକାଶରେ କ୍ରିସ୍‌ମସ୍ ପାଳିଲେ ସୁନୀତା

**ୱାଶିଂଟନ, ୨୫।୧୨**

ଭାରତୀୟ ବଂଶୋଦ୍ଭବ ନାସା ମହାକାଶଚାରୀ ସୁନୀତା ୱିଲିୟମ୍ସ ନିଜର ସାଥୀ ମହାକାଶଚାରୀ ବୁଚ୍ ୱିଲମୋର ଗତ ପ୍ରାୟ ୭ ମାସ ଧରି ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର(ଆଇଏସ୍‌ଏସ୍) ଫସି ରହିଛନ୍ତି। ବୁଧବାର ସୁନୀତା ଆଇଏସ୍‌ଏସ୍‌ରେ କ୍ରିସ୍‌ମସ୍ ପାଳନ କରୁଥିବା ନେଇ ଏକ ଭିଡିଓ ଶେୟାର କରିଛନ୍ତି। ଉକ୍ତ ଭିଡିଓରେ ସୁନୀତା ଓ ବୁଚ୍‌ଙ୍କ ସହ ଅନ୍ୟ ୨ ଜଣ ମହାକାଶଚାରୀ ରହି କ୍ରିସ୍‌ମସ୍ ସେଲିବ୍ରେଶନ କରୁଥିବା ନଜରକୁ ଆସୁଛନ୍ତି। ଭିଡିଓରେ ସୁନୀତାଙ୍କ ସହ ଅନ୍ୟ ମହାକାଶଚାରୀମାନେ ସାଣ୍ଟାକ୍ଲଜ୍ କ୍ୟାପ୍ ପିନ୍ଧିଥିବା ସହ ବିଭିନ୍ନ ପ୍ରକାର ଡେକୋରେଶନ ସହ କ୍ରିସ୍‌ମସ୍ ପାଳନ କରୁଛନ୍ତି। ତେବେ ଉକ୍ତ ଭିଡିଓକୁ ନେଇ ବହୁ ୟୁଜର୍ସ ପ୍ରଶ୍ନ ଉଠାଇଛନ୍ତି। ସୁନୀତାଙ୍କ ଆଇଏସ୍‌ଏସ୍ ମିଶନ ମାତ୍ର ୮ ଦିନ ପାଇଁ ଥିଲା। ଏହାସତ୍ତ୍ୱେ ମଧ୍ୟ ସେ କାହିଁକି ନିଜ ସହ କ୍ରିସ୍‌ମସ୍ ଡେକୋରେଶନ ଉପକରଣ ନେଇ ମହାକାଶ ଯାଇଥିଲେ ବୋଲି କେତେଜଣ ୟୁଜର୍ସ ପ୍ରଶ୍ନ କରିଛନ୍ତି। ସେହିପରି କ୍ରିସ୍‌ମସ୍ ଟୋପି ଏବଂ ଡେକୋରେଶନ ଉପକରଣ କିଏ ସୁନୀତାଙ୍କ ନିକଟରେ ପହଞ୍ଚାଇଲା ବୋଲି ଅନ୍ୟ କେତେଜଣ ୟୁଜର୍ସ ପ୍ରଶ୍ନ କରିଛନ୍ତି।

### ବିବାଦକୁ ନେଇ ସଫେଇଦେଲା ନାସା



ଆଇଏସ୍‌ଏସ୍‌ରେ ଅନ୍ୟ ମହାକାଶଚାରୀଙ୍କ ସହ ସୁନୀତା ୱିଲିୟମ୍ସ କ୍ରିସ୍‌ମସ୍ ପାଳନ କରୁଛନ୍ତି।

ସୁନୀତାଙ୍କ କ୍ରିସ୍‌ମସ୍ ଭିଡିଓକୁ ନେଇ ବିବାଦ ବଢ଼ିବା ପରେ ନାସା ସ୍ପଷ୍ଟୀକରଣ ରଖିଛି। ଗତ ନଭେମ୍ବରରେ ସ୍ପେସ୍ ଏକ୍ସ' ପକ୍ଷରୁ କ୍ରିସ୍‌ମସ୍ ଟ୍ରି, ସାଣ୍ଟା କ୍ୟାପ୍ ଏବଂ ବିଭିନ୍ନ ଡେକୋରେଶନ ସାମଗ୍ରୀ ସହ ସୁନୀତା ଏବଂ ବୁଚ୍‌ଙ୍କ ପାଇଁ ଭୋଜନ ମଧ୍ୟ ଆଇଏସ୍‌ଏସ୍‌କୁ ପଠାଯାଇଥିବା ନାସା କହିଛି। ଏହା ଏକ ନିୟମିତ ପ୍ରକ୍ରିୟା, ଯେଉଁଥିରେ ମହାକାଶ ଯାତ୍ରୀମାନଙ୍କ ପାଇଁ ଆବଶ୍ୟକ ସାମଗ୍ରୀ ଏବଂ ବୈଜ୍ଞାନିକ ଉପକରଣ ପଠାଯାଇଥାଏ। ଏଥିରେ କିଛି ନୂତନତ୍ୱ ନଥାଏ ବୋଲି ନାସା କହିଛି। ନଭେମ୍ବରରେ ସ୍ପେସ୍ ଏକ୍ସ' ପକ୍ଷରୁ ହୋଇଥିବା ଏହି ଡେଲିଭରିରେ ବିଭିନ୍ନ ପନିପରିବା ସହ ବହୁ ଖାଦ୍ୟ ସାମଗ୍ରୀ ଏବଂ କୁକିଜ୍ ପରି ମିଠା ବ୍ୟଞ୍ଜନ ପଠାଯାଇଥିଲା। ମହାକାଶଚାରୀମାନଙ୍କ ପାଇଁ ପ୍ରତିବର୍ଷ ଅନେକ ଥର ଆଇଏସ୍‌ଏସ୍‌କୁ ଅତ୍ୟାବଶ୍ୟକ ସାମଗ୍ରୀ ପଠାଯାଇଥାଏ ବୋଲି ନାସା କହିଛି। ପ୍ରକାଶ ଯେ, ସୁନୀତା ଓ ବୁଚ୍ ଗତ ଜୁନ୍ ୫ରେ ଏକ ସାପ୍ତାହିକ ମିଶନରେ ବୋଇଂର ଷ୍ଟାରଲାଇନର କ୍ୟାପ୍‌ସୁଲ ଜରିଆରେ ଆଇଏସ୍‌ଏସ୍ ଯାଇଥିଲେ। ତେବେ ଷ୍ଟାର୍‌ଲାଇନରରେ ବୈଷୟିକ ତ୍ରୁଟି ଦେଖାଯିବା ଯୋଗୁ ଉଭୟଙ୍କୁ ଠିକ୍ ସମୟରେ ଫେରାଇ ଆଣିବାରେ ନାସା ବିଫଳ ହୋଇଥିଲା। ତେବେ ନାସାର କ୍ରିଉ-୯ ମିଶନ ଲଞ୍ଚିଂରେ ବିଳମ୍ବ ଘଟିଥିବାରୁ ଆସନ୍ତା ମାର୍ଚ୍ଚ ଶେଷ ସୁଦ୍ଧା ଉଭୟ ସୁନୀତା ଏବଂ ବୁଚ୍‌ଙ୍କୁ ପୃଥିବୀ ଫେରାଇ ଆଣିବା ସମ୍ଭବ ନୁହେଁ ବୋଲି ଗତ ସପ୍ତାହରେ ନାସା ପକ୍ଷରୁ ସୂଚନା ଦିଆଯାଇଥିଲା।

# ରକ୍ତଦେଇ ଜୀବନ ବଞ୍ଚାଇଲେ ୧୦୮ ଆମ୍ବୁଲାନ୍ସ କର୍ମଚାରୀ

**ଭୁବନେଶ୍ୱର, ୨୫।୧୨ (ସୁଚିସ୍ମିତା ସାହୁ)**

କନ୍ଧମାଳ ଜିଲାରେ ରକ୍ତ ଦେଇ ଜଣେ ଗୁରୁତର ରୋଗୀର ଜୀବନ ବଞ୍ଚାଇଛନ୍ତି ୧୦୮ ଆମ୍ବୁଲାନ୍ସ କର୍ମଚାରୀ ସୁବଳ ବେହେରା। ସୁବଳ ସୋମବାର ଫିରିଙ୍ଗିଆ ହସ୍ପିଟାଲରୁ ଫୁଲବାଣୀସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ରୋଗୀ ନେଇଆସିଥିଲେ। ସେହି ହସ୍ପିଟାଲରେ ପୂର୍ବରୁ କାଳୁଚରଣ ପାତ୍ର ନାମକ ଜଣେ ରୋଗୀ ଚିକିତ୍ସିତ ହେଉଥିଲେ। କନ୍ଧମାଳର ରାଇକିଆ ବ୍ଲକ ଅନ୍ତର୍ଗତ ବେରେଟାକିଆ ଗ୍ରାମର କାଳୁଚରଣ ପାତ୍ର ରକ୍ତହୀନତା ରୋଗରେ ପୀଡ଼ିତ ଥିଲେ ଓ ତୁରନ୍ତ ରକ୍ତ ଦରକାର ଥିବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ହେଲେ ହସ୍ପିଟାଲ ରକ୍ତଭଣ୍ଡାରରେ ଏ+ ଗ୍ରୁପ୍‌ର ରକ୍ତ ନ ଥିଲା। ତେଣୁ ରୋଗୀଙ୍କ ସମ୍ପର୍କୀୟମାନେ ୧୦୮ ଆମ୍ବୁଲାନ୍ସ କର୍ମଚାରୀଙ୍କ ସାହାଯ୍ୟ ମାଗିଥିଲେ। ସୁବଳଙ୍କ ରକ୍ତ ମଧ୍ୟ ଏ+ ହୋଇଥିବାରୁ ସେ ବିଳମ୍ବ ନ କରି ତୁରନ୍ତ ରକ୍ତଦାନ କରିଥିଲେ। ଘଟଣା ସମ୍ପର୍କରେ ହସ୍ପିଟାଲ କର୍ତ୍ତୃପକ୍ଷ ଜାଣିବା ପରେ ତାଙ୍କୁ ପ୍ରଶଂସା କରିଥିଲେ।



ସୁବଳ ବେହେରା

# ଭୁଲ ଇଞ୍ଜେକଶନ ଯୋଗୁ ନାବାଳକଙ୍କ ମୃତ୍ୟୁ ଅଭିଯୋଗ

**କେନ୍ଦ୍ରାପଡ଼ା, ୨୫।୧୨ (ଜଗନ୍ନାଥ ଧଳ)**

ଭୁଲ ଇଞ୍ଜେକଶନ ଯୋଗୁ ଜଣେ ନାବାଳକଙ୍କ ବୁଧବାର ମୃତ୍ୟୁ ହୋଇଥିବା କେନ୍ଦ୍ରାପଡ଼ା ଟାଉନ ଥାନାରେ ଅଭିଯୋଗ ହୋଇଛି। ମୃତ ନାବାଳକ ହେଉଛନ୍ତି ରାଜନଗର ଥାନା ଶୈଳେନ୍ଦ୍ରନଗର ଗ୍ରାମର ରାଜୁ ଜେନାଙ୍କ ୧୧ବର୍ଷର ପୁଅ। ପୁଅକୁ ଜ୍ୱର ହୋଇଥିବାରୁ ରାଜୁ ତାଙ୍କୁ ପ୍ରଥମେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ପୁଅର ସ୍ୱାସ୍ଥ୍ୟାବସ୍ଥାରେ କୌଣସି ଉନ୍ନତି ପରିଲକ୍ଷିତ ନ ହେବାରୁ ରାଜୁ ତାଙ୍କୁ କେନ୍ଦ୍ରାପଡ଼ା ସହରର ଏକ ଘରୋଇ ଡାକ୍ତରଙ୍କ ପାଖକୁ ନେଇଥିଲେ। ସମ୍ପୃକ୍ତ ଡାକ୍ତର ପୁଅଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପରେ ଏକ ଇଞ୍ଜେକଶନ ଲେଖି ନିକଟସ୍ଥ ଔଷଧ ଦୋକାନରୁ ଆଣିବାକୁ କହିଥିଲେ। ସେହି ଇଞ୍ଜେକଶନ ଦିଆଯିବାର କିଛି ସମୟ ପରେ ସମ୍ପୃକ୍ତ ନାବାଳକ ଯନ୍ତ୍ରଣାରେ ଛଟପଟ ହୋଇଥିଲେ। ଏହାର କିଛି ସମୟ ପରେ ତାଙ୍କର ମୃତ୍ୟୁ ଘଟିଥିଲା। ଏକଥା ଜାଣି ପାରି ସମ୍ପୃକ୍ତ ଡାକ୍ତର ପୁଅଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଯିବା ପାଇଁ ରାଜୁଙ୍କୁ ପରାମର୍ଶ ଦେଇଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତର ନାବାଳକଙ୍କ ମୃତ୍ୟୁ ହୋଇଥିବା ଘୋଷଣା କରିଥିଲେ। ଏ ସଂକ୍ରାନ୍ତରେ ଥାନା ଅଧିକାରୀ ଦିଲୀପ କୁମାର ସାହୁଙ୍କୁ ପଚାରିବାରେ ସେ କହିଛନ୍ତ, ଅଭିଯୋଗ ପରେ ଘଟଣାର ତଦନ୍ତ ଚାଲିଛି। ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅପରପକ୍ଷେ ସମ୍ପୃକ୍ତ ଡାକ୍ତରଙ୍କୁ ପଚାରିବାରେ ସେ କହିଛନ୍ତି, ନାବାଳକଙ୍କ ନିମୋନିଆ ହୋଇଥିଲା। ଭୁଲ ଇଞ୍ଜେକଶନ ଦିଆଯାଇଥିବା ଅଭିଯୋଗକୁ ସେ ଖଣ୍ଡନ କରିଛନ୍ତି।

# ଅରୁଣିଶ ଚାୱଲା କେନ୍ଦ୍ର ରାଜସ୍ୱ ସଚିବ

**ନୂଆଦିଲ୍ଲୀ, ୨୫।୧୨**

କେନ୍ଦ୍ର ସରକାରଙ୍କ ପକ୍ଷରୁ ବୁଧବାର ପ୍ରଶାସନିକ ସ୍ତରରେ ଅଦଳବଦଳ କରାଯାଇଛି। ୧୯୯୨ ବ୍ୟାଚ୍ ବିହାର କ୍ୟାଡରର ବରିଷ୍ଠ ଆଇଏଏସ୍ ଅଧିକାରୀ ଅରୁଣିଶ ଚାୱଲାଙ୍କୁ ଅର୍ଥ ମନ୍ତ୍ରଣାଳୟର ରାଜସ୍ୱ ସଚିବ ଭାବେ ନିଯୁକ୍ତ କରାଯାଇଛି। ଚଳିତ ମାସ ପ୍ରାରମ୍ଭରେ ସଞ୍ଜୟ ମାଲହୋତ୍ରାଙ୍କୁ ଆର୍‌ବିଆଇ ଗଭର୍ଣ୍ଣର ଭାବେ ନିଯୁକ୍ତ କରାଯିବା ପରେ ରାଜସ୍ୱ ସଚିବ ପଦ ଖାଲି ପଡ଼ିଥିଲା। ସେହିପରି ମଣିପୁରର ମୁଖ୍ୟ ଶାସନ ସଚିବ ବିନୀତ ଯୋଶୀଙ୍କୁ ଉଚ୍ଚଶିକ୍ଷା ସଚିବ ଭାବେ ନିଯୁକ୍ତ କରାଯାଇଛି।

# ମଣିପୁରରେ ତୁରନ୍ତ ଶାନ୍ତି ପ୍ରତିଷ୍ଠା ଜରୁରୀ: ମୁଖ୍ୟମନ୍ତ୍ରୀ

**ଇମ୍ଫାଲ, ୨୫।୧୨**

ମଣିପୁରରେ ତୁରନ୍ତ ଶାନ୍ତି ପ୍ରତିଷ୍ଠା ଜରୁରୀ। ଏଥିପାଇଁ ଦୁଇ ସମୁଦାୟ ମଧ୍ୟରେ ପାରସ୍ପରିକ ବୁଝାମଣା ଆବଶ୍ୟକ ବୋଲି ବୁଧବାର ମଣିପୁର ମୁଖ୍ୟମନ୍ତ୍ରୀ ଏନ୍. ବୀରେନ୍ ସିଂ କହିଛନ୍ତି। ଗତବର୍ଷ ମେ'ରୁ ମେଇତି ଓ କୁକି ସମ୍ପ୍ରଦାୟ ମଧ୍ୟରେ ଲାଗିରହିଥିବା ଜାତିଆଣ ହିଂସାକୁ ନେଇ ବୀରେନ୍ ଚିନ୍ତାବ୍ୟକ୍ତ କରିବା ସହ ଏହାର ସମାଧାନ ଉପରେ ଗୁରୁତ୍ୱାରୋପ କରିଛନ୍ତି।

ରାଜ୍ୟ ଭାଜପା ମୁଖ୍ୟାଳୟରେ ସୁଶାସନ ଦିବସକୁ ସମ୍ବୋଧିତ କରି ବୀରେନ୍ ସିଂ କହିଛନ୍ତି, ସବୁ ସମୁଦାୟର ସହାବସ୍ଥାନ ପାଇଁ ତାଙ୍କ ଦଳ ପ୍ରତିଶ୍ରୁତିବଦ୍ଧ। ରାଜ୍ୟକୁ ସ୍ଥିରତା ଫେରାଇ ଆଣିବା ପାଇଁ ଭାଜପା ସକ୍ଷମ। ମଣିପୁରରେ ଆଜି ଯାହା ଘଟୁଛି, ତା'ର ଅନେକ କାରଣ ରହିଛି। ମଣିପୁରକୁ ବିଭାଜିତ କରିବାକୁ ଉଦ୍ୟମ ଚଳାଇଥିବା ଲୋକେ ଏବେ ସରକାରଙ୍କ କାର୍ଯ୍ୟାନୁଷ୍ଠାନକୁ ନେଇ ପ୍ରଶ୍ନ ଉଠାଉଛନ୍ତି। ସେମାନେ କ୍ଷମତା ଲୋଭରେ ପଡ଼ି ଏପରି କରୁଛନ୍ତି ବୋଲି ବୀରେନ୍ ସମାଲୋଚନା କରିଛନ୍ତି। ଇତିମଧ୍ୟରେ ଇମ୍ଫାଲ ପୂର୍ବ ଜିଲାରେ ବୁଧବାର ସକାଳେ ଦୁଇ ସଶସ୍ତ୍ର ଗୋଷ୍ଠୀ ମୁହାଁମୁହିଁ ହୋଇଛନ୍ତି। ଏଥିରେ କେହି ମୃତାହତ ହୋଇନାହାନ୍ତି। ତେବେ ଏହାକୁ ଦୃଷ୍ଟିରେ ରଖି ସମ୍ପୃକ୍ତ ଅଞ୍ଚଳରେ ଅତିରିକ୍ତ ସୁରକ୍ଷା ବଳକୁ ମୁତୟନ କରାଯାଇଛି।



ମୁଖ୍ୟମନ୍ତ୍ରୀ ଏନ୍. ବୀରେନ୍ ସିଂ

# ଦଶମ ପଢ଼ି ଡାକ୍ତର: ୨ ଗିରଫ



**ସୁରଟ, ୨୫।୧୨**

ଗୁଜରାଟର ସୁରଟରେ ନକଲି ଡାକ୍ତରଙ୍କ ବିରୋଧରେ ଅଭିଯାନ ଚଳାଇ ପୋଲିସ ବୁଧବାର ଜଣେ ମହିଳା ଓ ଜଣେ ପୁରୁଷ ନକଲି ଡାକ୍ତରଙ୍କୁ ଗିରଫ କରିଛି। ଉଭୟେ ନିଜକୁ ଡାକ୍ତର ଭାବେ ଦର୍ଶାଇ ରୋଗୀ ଚିକିତ୍ସା କରୁଥିଲେ। ନକଲି ମହିଳା ଡାକ୍ତର ଲଳିତା କୃପା ଶଙ୍କର ସିଂ ଦ୍ୱାଦଶ ଶ୍ରେଣୀ ଯାଏ ପଢ଼ିଥିବାବେଳେ ନକଲି ପୁରୁଷ ଡାକ୍ତର ପ୍ରୟାଗ ରାମଚନ୍ଦ୍ର ପ୍ରସାଦ ୧୦ମ ଶ୍ରେଣୀ ଯାଏ ପଢ଼ିଥିବା ତଦନ୍ତରୁ ଜଣାପଡ଼ିଛି।

# ବାଂଲାଦେଶରେ କ୍ରିସ୍‌ମସ୍ ବେଳେ ୧୭ ଖ୍ରୀଷ୍ଟିଆନ୍‌ଙ୍କ ଘର ଜାଳିଦେଲେ

**ଢାକା, ୨୫।୧୨**

ବାଂଲାଦେଶର ମହମ୍ମଦ ୟୁନୁସଙ୍କ ନେତୃତ୍ୱାଧୀନ ଅନ୍ତରୀଣ ସରକାର ଅମଳରେ ସଂଖ୍ୟାଲଘୁଙ୍କ ଉପରେ ଆକ୍ରମଣ ଥମିବାର ନାଁ ନେଉନାହିଁ। ବୁଧବାର କ୍ରିସ୍‌ମସ୍ ପାଳନ ଅବସରରେ ସଂଖ୍ୟାବହୁଳ ମୁସଲମାନମାନେ ବନ୍ଦରବନର ଲାମା ଉପଜିଲାରେ ତ୍ରିପୁରା ଖ୍ରୀଷ୍ଟିଆନ୍ ସମ୍ପ୍ରଦାୟର ୧୭ ଘର ଜାଳିଦେଇଛନ୍ତି। ଭୋର ସମୟରେ ଖ୍ରୀଷ୍ଟିଆନ୍ ଶ୍ରଦ୍ଧାଳୁ ନିକଟସ୍ଥ ଏକ ଗ୍ରାମର ଚର୍ଚ୍ଚକୁ ପ୍ରାର୍ଥନା ପାଇଁ ଯାଇଥିଲେ। ସେତେବେଳେ ବନ୍ଦରବନର ବେଟାଛରାପଡ଼ା ଗ୍ରାମରେ ଜଣେ ହେଲେ ଖ୍ରୀଷ୍ଟିଆନ୍ ନ ଥିଲେ। ସେମାନଙ୍କ ଅନୁପସ୍ଥିତିର ଫାଇଦା ଉଠାଇ ମୁସଲମାନମାନେ ଗାଁର ମୋଟ ୧୯ ଘର ମଧ୍ୟରୁ ୧୭ଟି ଜାଳିଦେଇଥିବା ଅଭିଯୋଗ ହୋଇଛି। ପ୍ରକାଶ ଯେ, ପୀଡ଼ିତ ପରିବାରମାନେ ଟୋଙ୍ଗଝିରି ତ୍ରିପୁରା ପଡ଼ାରେ ରହୁଥିବାବେଳେ କିଛିବର୍ଷ ପୂର୍ବେ ସେମାନଙ୍କୁ ନିଜ ଘରୁ ଜୋରଜବରଦସ୍ତ ତଡ଼ି ଦିଆଯାଇଥିଲା।

# ବାଘୁଣୀ ଭୟରେ ବନ୍ଧାହେଲା ଜାଲ

**ବାରିପଦା, ୨୫।୧୨ (ନୀଳାଦ୍ରି ବିହାରୀ ଦଣ୍ଡପାଟ)**



ବାଘୁଣୀ ଜିନ୍ନତ ପାଇଁ ବନ୍ଧାହୋଇଥିବା ଜାଲ।

ପଶ୍ଚିମବଙ୍ଗର ପୁରୁଲିଆ ଜିଲା ବାନ୍ଦୱାନ ବ୍ଲକ୍ ରାଇକିଆ ଓ ଭଣ୍ଡାରିଆ ପାହାଡ଼ ସଂଲଗ୍ନ ଅଞ୍ଚଳରେ ଘୂରି ବୁଲୁଛି ଶିମିଳିପାଳରୁ ଖସି ପଳାଇଥିବା ମହାବଳ ବାଘୁଣୀ ଜିନ୍ନତ। ତାକୁ ନେଇ ୩ ଦିନ ହେଲା ସେଠାକାର ଲୋକେ ଆତଙ୍କିତ ଅବସ୍ଥାରେ ଅଛନ୍ତି। ଦୁଇ ପାହାଡ଼ ମଧ୍ୟଭାଗରେ ଥିବା ରାହାମଦା ଗ୍ରାମରେ ଜିନ୍ନତ ପଶିବା ଆଶଙ୍କା ଥିବାରୁ ଲୋକଙ୍କ ସୁରକ୍ଷା ପାଇଁ ବନ ବିଭାଗ ଜାଲ ଘେରାଇଥିବା ଦେଖିବାକୁ ମିଳିଛି। ଛେଳି ଖାଇବା ଲୋଭରେ ବାଘୁଣୀ ଗାଁକୁ ପ୍ରବେଶକରିବା ଭୟରେ ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି। ଗାଁର ୩ଟି ଦିଗରେ ଜାଲ ବନ୍ଧାଯାଇଥିବା ବେଳେ ଗୋଟିଏ ପଟ ଖୋଲା ରଖାଯାଇଛି। ଗାଁରେ ପ୍ରବେଶ କରିବା ମାତ୍ରେ ବାଘୁଣୀକୁ ବନ ବିଭାଗ କାବୁକରିବାକୁ ଯୋଜନା କରିଛି। ତେବେ ଯେଉଁ ବାଟ ଦେଇ ଜିନ୍ନତ ପଶ୍ଚିମବଙ୍ଗ ଆସିଥିଲା ସେହି ବାଟରେ ସେ ଫେରୁଥିବା ନେଇ ପୁରୁଲିଆ ବନଖଣ୍ଡ ଅଧିକାରୀ ଅଞ୍ଜନ ଗୁହା କହିଛନ୍ତି। ଶିମିଳିପାଳ ଫେରିବାକୁ ନେଇ କୌଣସି ସ୍ଥିତି ଜଣାପଡ଼ିନାହିଁ। ରେଡିଓ କଲାର ମାଧ୍ୟମରେ ଟ୍ରାକିଂ କରାଯାଇ ସେ ଗୋଟିଏ ସ୍ଥାନରେ ଅଟକି ରହିଥିବା ଜଣାପଡ଼ିଛି। ସେ ଆଉ ୨୦ରୁ ୩୦କି.ମି. ଆସିଲେ ଶିମିଳିପାଳ ଫେରିବା ଆଶା ରଖାଯିବ ବୋଲି ଆଞ୍ଚଳିକ ବନ୍ୟପ୍ରାଣୀ ସଂରକ୍ଷକ ତଥା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଡ.ପ୍ରକାଶ ଚାନ୍ଦ ଗୋଗିନେନୀ କହିଛନ୍ତି। ଜିନ୍ନତକୁ କାବୁକରିବା ପାଇଁ ୩ ରାଜ୍ୟର ବନ ବିଭାଗ ପଛରେ ପଡ଼ିଛନ୍ତି। ତାକୁ ଧରିବା ପାଇଁ ବନ ବିଭାଗର ସମସ୍ତ ଯୋଜନା ଫେଲ୍ ମାରୁଛି। ସୁନ୍ଦରବନର ଏକ ଟିମ୍ ଜାଲ ସାହାଯ୍ୟରେ ତାକୁ ଧରିବା ପାଇଁ ଯୋଜନା ଆରମ୍ଭ କରିଛି।

ସମସ୍ତ ପ୍ରକାର କାର୍ଯ୍ୟକୁ ଭଲ ଭାବେ ସଂପନ୍ନ କରିବାକୁ ଇଚ୍ଛା କର। ଉନ୍ନତି କରିବାକୁ ପ୍ରୟାସ କର। ଜୀବନରେ ସାଧାରଣ ମଣିଷଠାରୁ କିଛିଟା ଅଧିକ ଭଲ ହେବାକୁ ଆକାଂକ୍ଷା କର। -ଶ୍ରୀମା

-ସଫଳା ଏକାଦଶୀ
ଓ ହଳ ନିଷେଧ



# ହିନ୍ଦୁଙ୍କ ସାଦା ଖାଦ୍ୟ



ଦେବଦତ୍ତ ପଟ୍ଟନାୟକ

ଓଡ଼ିଶାରେ ଯଦି ଆପଣ ଶାକାହାର ଖାଦ୍ୟ ଖାଇବାକୁ ଚାହାନ୍ତି, ତେବେ 'ସାଦା' ଖାଦ୍ୟ ମାଗିବାକୁ ପଡ଼େ। ଯେତେବେଳେ ବୌଦ୍ଧଧର୍ମ ଏବଂ ଜୈନଧର୍ମ ଓଡ଼ିଶାର ପ୍ରମୁଖ ଧର୍ମ ଥିଲା, ସେତେବେଳେ ଏହା ଆରମ୍ଭ ହୋଇଥିଲା। ଅତିଗରିଷ୍ଠ, ମସଲାଯୁକ୍ତ, ଆମିଷ କିମ୍ବା ରାଜସିକ ଖାଦ୍ୟରୁ ଦୂରେଇ ରହି ସାତ୍ତ୍ୱିକ ଖାଦ୍ୟ ଗ୍ରହଣ କରି ଜଣେ ସନ୍ନ୍ୟାସ ଜୀବନ ପ୍ରଦର୍ଶନ କରୁଥିଲେ। ସାତ୍ତ୍ୱିକ ଖାଦ୍ୟ ସାଧାରଣତଃ ଉଦ୍ଭିଦଜାତ ଖାଦ୍ୟକୁ ବୁଝାଉଥିଲେ ମଧ୍ୟ ଘିଅ, କ୍ଷୀର ଓ ଦହି ଖାଇବା ପାଇଁ ଅନୁମତି ଦିଆଯାଉଥିଲା। ମଦ୍ୟପାନ ଏବଂ ମାଦକ ଦ୍ରବ୍ୟ ବ୍ୟବହାର ତାମସିକ ଖାଦ୍ୟ ଭାବରେ ବିବେଚନା କରାଯାଉଥିଲା। କିନ୍ତୁ ଅବସର ବିନୋଦନ ସମୟରେ ଏବଂ ରୀତିନୀତି ପରମ୍ପରା ବିଶେଷକରି ତାନ୍ତ୍ରିକ କାର୍ଯ୍ୟ ଓ ଅନେକ ଗ୍ରାମୀଣ ରୀତିନୀତିରେ ଏସବୁ ଲୋକପ୍ରିୟ ଥିଲା। କିନ୍ତୁ ବୈଷ୍ଣବଧର୍ମ ଉତ୍ଥାନ ପରେ ଶାକାହାର ଖାଦ୍ୟକୁ ବ୍ରାହ୍ମଣମାନେ ମନ୍ଦିର ଖାଦ୍ୟ ବା ପ୍ରସାଦ ଭାବେ ଘୋଷଣା କଲେ, ଯାହା ଶୁଦ୍ଧ ଓ ଅଶୁଦ୍ଧ ମଧ୍ୟରେ ପ୍ରଭେଦ ସୃଷ୍ଟି କରିଥିଲା।

ଭାରତରେ ଯେଉଁ ସଂସ୍ଥାଗୁଡ଼ିକ ହିନ୍ଦୁମାନଙ୍କୁ ଭୋଟ୍‌ବ୍ୟାଙ୍କ ଭାବରେ ଏକାଠି କରିବାକୁ ଚାହାନ୍ତି, ସେମାନଙ୍କର କେବଳ ଶାକାହାର ଖାଦ୍ୟ ପରିବେଷଣ କରୁଥିବା କ୍ୟାଣ୍ଟିନ୍ ଅଛି। ହେଲେ ସେମାନେ ୮୦ ପ୍ରତିଶତ ହିନ୍ଦୁଙ୍କୁ ବାଦ୍ ଦିଅନ୍ତି ଏବଂ ଆଶ୍ଚର୍ଯ୍ୟ ବିଷୟ ଯେ, ସେମାନେ କାହିଁକି ଖାଦ୍ୟ ମାଧ୍ୟମରେ ସମସ୍ତ ଗୋଷ୍ଠୀକୁ ଏକାଠି କରିବାରେ ସକ୍ଷମ ହେଉନାହାନ୍ତି। ଉତ୍ତର ଭାରତରେ ମୁସଲମାନ ଏବଂ ନିମ୍ନ ଜାତିର ଲୋକମାନେ ମାଂସ ଖାଉଥିଲେ। ମୋଗଲ ଶାସନ ପତନ ସମୟରେ ଯେତେବେଳେ ରାଜପୁତ ରାଜାମାନେ ସ୍ୱାଧୀନତା ହାସଲ କରିବାକୁ ଲାଗିଲେ, ସେତେବେଳେ ସେମାନଙ୍କର ହିନ୍ଦୁ ପରିଚୟ ଘୋଷଣା କରିବା ସହ ପୂର୍ବ ଶାସକଙ୍କଠାରୁ ନିଜକୁ ଭିନ୍ନ ଦର୍ଶାଇବା ପାଇଁ ସେମାନେ ଶାକାହାରୀବାଦକୁ ଏକ ସଙ୍କେତ ଭାବରେ ପ୍ରୋତ୍ସାହିତ କରୁଥିଲେ।

ନୀଚ ଜାତିର କୃଷକମାନେ ଉଚ୍ଚ ଜାତି ଭାବରେ ନିଜକୁ ଦର୍ଶାଇବା ପାଇଁ ଖାଦ୍ୟପେୟର ଧାରା ବଦଳାଇଲେ, ଯାହାକି ସଂସ୍କୃତୀକରଣ ଭାବେ ଜଣାଶୁଣା। ତେଣୁ ଖାଦ୍ୟ କେବଳ ଧର୍ମ ନୁହେଁ, ଜାତିକୁ ମଧ୍ୟ ପ୍ରତିପାଦନ କରେ। ତେଣୁ ଏହାକୁ ଶାକାହାରୀବାଦର ପୁରାତନ ବ୍ରାହ୍ମଣୀୟ ଧାରାକୁ ପ୍ରତ୍ୟାବର୍ତ୍ତନ ବୋଲି ବିବେଚନା କରାଯାଏ, ଯାହା ଭୋଟ୍‌ବ୍ୟାଙ୍କ ରାଜନୀତିରେ ସାହାଯ୍ୟ କରେ ନାହିଁ।

ଶାକାହାର ଖାଦ୍ୟ ଅହିଂସକ ଓ ଏହା ପରିବେଶ ଅନୁକୂଳ ଭଳି ଅନେକ ଯୁକ୍ତିଯୁକ୍ତ କାରଣ ଥାଇପାରେ। କିନ୍ତୁ ଭାରତରେ



ଶାକାହାର ଖାଦ୍ୟ ଜାତି ସହିତ ଜଡ଼ିତ। ସେଥିପାଇଁ ଶାକାହାର ରେସ୍ତୋରାଁଗୁଡ଼ିକ ନିଜକୁ 'ଶୁଦ୍ଧ' ଶାକାହାରୀ ବୋଲି କହିଥା'ନ୍ତି, ଯଦିଓ ସେଗୁଡ଼ିକ ପ୍ରାଣୀ ପ୍ରୋଟିନ୍ ଯଥା କ୍ଷୀର, କଦଳୀ, ଦହି , ଲହୁଣି ଓ ଘିଅ ପରଷି ଥାଆନ୍ତି। ଯେତେବେଳେ ଏହି ବିଷୟକୁ ଜଣେ ସୂଚିତ କରନ୍ତି, ସେତେବେଳେ ଦୁଗ୍ଧ ଅହିଂସା ଉପାୟରେ ଉତ୍ପାଦନ ହୁଏ ବୋଲି ତାଙ୍କୁ କୁହାଯାଇଥାଏ। ସେହି ତର୍କ ଅନୁଯାୟୀ, ଏହି ରେସ୍ତୋରାଁଗୁଡ଼ିକରେ ଅଣ୍ଡା ମଧ୍ୟ ପରଷାଯିବା ଯିବା ଉଚିତ। କିନ୍ତୁ ଭାରତରେ ମଧ୍ୟାହ୍ନଭୋଜନ ଦେଉଥିବା ପ୍ରସିଦ୍ଧ ବୈଷ୍ଣବ ସଙ୍ଗଠନଗୁଡ଼ିକ ଗରିବ ଓ ଅଭାବୀ ଲୋକଙ୍କୁ ଅଣ୍ଡା ଦେବାକୁ ମନା କରିଦେଇଅନ୍ତି।

ଭିଟାମିନ୍ ବି-୧୨ କେବଳ ପ୍ରାଣୀଙ୍କଠାରୁ ମିଳେ। ଏହା କୌଣସି ଉଦ୍ଭିଦରୁ ମିଳି ନ ଥାଏ ବୋଲି କେହି ସ୍ୱୀକାର କରିବାକୁ ଚାହାନ୍ତି ନାହିଁ। 'ଶୁଦ୍ଧ' ଶାକାହାର ଖାଦ୍ୟରେ ମୁଖ୍ୟତଃ ରସୁଣ, ପିଆଜ, ଛତୁ ଏପରିକି କେତେକ ନିର୍ଦ୍ଦିଷ୍ଟ ଡାଲି ଓ ବାଇଗଣ ଭଳି 'ଅଶୁଦ୍ଧ' ଶାକାହାର ଖାଦ୍ୟର ସ୍ଥାନ ନାହିଁ। ପ୍ରତ୍ୟେକଟି ଖାଦ୍ୟ ପଛରେ ଥିବା ଯୁକ୍ତି ଅତ୍ୟନ୍ତ ଜଟିଳ ଏବଂ ଏହା କେବଳ ବିଶ୍ୱାସ ଓ ପରମ୍ପରା ପରିସରଭୁକ୍ତ। ଏହା ପଛରେ ବୈଜ୍ଞାନିକ ସିଦ୍ଧାନ୍ତ ଅଛି ବୋଲି ଯାହା କୁହାଯାଉଛି ତାହା ଭୁଲ୍ ଧାରଣା। କେହି ସ୍ୱୀକାର କରିବାକୁ ଚାହାନ୍ତି ନାହିଁ ଯେ, ଭାରତରେ ଖାଦ୍ୟ ଏକ ଜାତିର ସଙ୍କେତ। ଶୁଦ୍ଧତା ହିଁ ଉଚ୍ଚ-ନୀଚ ପଦାନୁକ୍ରମ ବା ବର୍ଗୀକରଣ ପ୍ରତିଷ୍ଠା କରେ। ମନୁସ୍ମୃତି ଓ ଧର୍ମଶାସ୍ତ୍ର ଶାକାହାରବାଦକୁ ପ୍ରୋତ୍ସାହିତ କରନ୍ତି ଏବଂ ସେସବୁ ସ୍ୱୀକାର କରନ୍ତି ଯେ, ମାଂସାହାର ଓ ସୁରାପାନ ସାଧାରଣ ଜୀବନର ଏକ ଅଂଶ। ଏହିସବୁ ଶାସ୍ତ୍ର ଅଣ୍ଡା ଉପରେ କୌଣସି ମତ ରଖିନାହାନ୍ତି। କିନ୍ତୁ ବ୍ରିଟିଶ୍ ଶାସନ ସମୟରେ ଇସ୍‌ଲାମର ଶରିୟା ଆଇନରେ ଲୋକଙ୍କୁ ଈଶ୍ୱର କିମ୍ବା ମହମ୍ମଦଙ୍କ ଅନୁମତି ନେବାକୁ ପଡ଼ିଲା। ଏଭଳି ବିଶ୍ୱାସ ହିନ୍ଦୁଧର୍ମରେ ନାହିଁ, ତଥାପି ହିନ୍ଦୁଧର୍ମର ଗୁରୁମାନେ ଦାବି କରନ୍ତି ଯେ, ଶାରୀରିକ ଶୁଦ୍ଧତା ଓ ଆତ୍ମାନୁଭବ ସକାଶେ ଏକ ନିର୍ଦ୍ଦିଷ୍ଟ ପ୍ରକାର ଖାଦ୍ୟ ଆବଶ୍ୟକ, ଯାହା ଖାଇବାକୁ ବେଦ ପରାମର୍ଶ ଦିଏ। ଏହି ପ୍ରକାର ବିଚାର ଜୈନଧର୍ମରେ ରହିଛି, ଯାହା ଜୀବନର କର୍ମ ବୋଝକୁ ହିଂସାତ୍ମକ କାର୍ଯ୍ୟର ଏକ ଅଂଶ ଭାବେ ବିଚାର କରେ। ଏଭଳି କାର୍ଯ୍ୟ ସହିତ ଆତ୍ମା ସହ ସମ୍ବନ୍ଧ ରହିଛି ଏବଂ ଏହା ଆତ୍ମାକୁ ନିମ୍ନମୁଖୀ କରାଇ ମୋକ୍ଷ ପଥରେ ବାଧା ଉପୁଜାଏ।

ଇସ୍‌ଲାମ ଶାସ୍ତ୍ରରେ ସୂଚିତ ବୈଧ ଖାଦ୍ୟ (ହଲାଲ)କୁ ହାରାମ ଖାଦ୍ୟ (ଯାହା ଇସ୍‌ଲାମ ଶାସ୍ତ୍ରରେ ସୂଚିତ ଖାଦ୍ୟକୁ ପାଳନ ନ କରେ)ର ଭିନ୍ନତା ଜଣେ ମୁସଲମାନର ପରିଚୟ ନିର୍ଦ୍ଦିଷ୍ଟ କରେ। ସେହିଭଳି ହିନ୍ଦୁ ପ୍ଲାଟ୍‌ଫର୍ମରେ ଥିବା ରାଜନେତାମାନେ ହିନ୍ଦୁମାନଙ୍କୁ ଚିହ୍ନଟ କରିବା ପାଇଁ ସମାନ ପ୍ରକାର କୋଡ୍ ବା ସଂକେତ ଚାହୁଁଛନ୍ତି। ଶାକାହାର ଖାଦ୍ୟକୁ ସାତ୍ତ୍ୱିକ କୁହାଯାଏ, କିନ୍ତୁ ଏହା ମୁଖ୍ୟତଃ ବ୍ରାହ୍ମଣ ଏବଂ ବୈଶ୍ୟ (ବଣିକ)ଙ୍କ ଖାଦ୍ୟ । ଏହି ବଣିକ ବର୍ଗ ପୂର୍ବରୁ ବୌଦ୍ଧ ଏବଂ ଜୈନଧର୍ମାବଲମ୍ବୀ ଥିଲେ। ତେଣୁ ସେମାନେ ପୁରାତନ ଖାଦ୍ୟାଭ୍ୟାସ ଜାରି ରଖିଛନ୍ତି। ବୈଦିକ କାଳରେ ପଶୁ ବଳିଦାନ ରୀତିନୀତିର ଏକ ଅଂଶ ଥିଲା । ପବିତ୍ର ରୀତିନୀତିରେ ମାଂସ ନୈବେଦ୍ୟ ନ ହେଲେ ଅନେକ ବ୍ରାହ୍ମଣ ତାହାକୁ ଛୁଅନ୍ତି ନାହିଁ । ଆଜିର ସମୟରେ ଅନେକ ଉତ୍ତର ଭାରତୀୟ ବ୍ରାହ୍ମଣମାନେ ସେହି ମାଂସକୁ ଗ୍ରହଣ କରନ୍ତି ନାହିଁ । ତେବେ ପାହାଡ଼ିଆ ଏବଂ ଉପକୂଳ ଅଞ୍ଚଳରେ ବାସ କରୁଥିବା ଅନେକ ବ୍ରାହ୍ମଣ ଉପ-ଗୋଷ୍ଠୀ ମାଛ ଖାଆନ୍ତି। ମାଂସ, ମାଛ ଏବଂ ମଦ୍ୟପାନ ଭୈରବ ଏବଂ ଭବାନୀ ପରି ଦେବୀଙ୍କର ପ୍ରିୟ ହୋଇ ରହିଛି।

ବ୍ରାହ୍ମଣ ଏବଂ ବୈଶ୍ୟଙ୍କ ଖାଦ୍ୟକୁ ଶାକାହାର ଏବଂ ସାତ୍ତ୍ୱିକ କୁହାଯାଉଥିବାବେଳେ ରାଜକୀୟ ଖାଦ୍ୟକୁ ରାଜସିକ କୁହାଯାଏ। ଏହିପରି ଭାବରେ ପୁରୋହିତମାନଙ୍କର ରାଜ ପୃଷ୍ଠପୋଷକମାନେ ବାର୍‌ହା ଶିକାର କରି ଖାଉଥିଲେ। ଅଧିକାଂଶ ରାଜ ପରିବାର ଦେବୀ ଦୁର୍ଗାଙ୍କୁ ପୂଜା କରୁଥିଲେ ଏବଂ ନବରାତ୍ରରେ ମଇଁଷି ଓ ଛେଳି ମା'ଙ୍କ ନିକଟରେ ବଳି ଦିଆଯାଉଥିଲା। ବର୍ତ୍ତମାନ ମନ୍ଦିରଗୁଡ଼ିକ ବ୍ରାହ୍ମଣ ଏବଂ ବୈଶ୍ୟଙ୍କ ନିୟନ୍ତ୍ରଣରେ ଥିବାରୁ ସେଠାରେ ମା'ଙ୍କୁ ମଇଁଷି ଓ ଛେଳି ବଦଳରେ କଖାରୁ ବଳି ଦିଆଯାଉଛି। ସାତ୍ତ୍ୱିକ ଓ ରାଜସିକ ତାମସିକ ଖାଦ୍ୟ ଉପରେ ବିଚାର କରିବା। ଯଦି ଏହା ରାଜପୁତ ଖାଦ୍ୟ ନୁହେଁ, ଯଦି ବ୍ରାହ୍ମଣ ଖାଦ୍ୟ ନୁହେଁ, ଯଦି ବୈଶ୍ୟ ଖାଦ୍ୟ ନୁହେଁ, ତେବେ ଏହା ଶୂଦ୍ର ଖାଦ୍ୟ କି? କାହାଠାରୁ ଏହି ପ୍ରଶ୍ନର ଉତ୍ତର ମିଳେ ନାହିଁ । କେହି ସ୍ୱୀକାର ମଧ୍ୟ କରନ୍ତି ନାହିଁ ଯେ ବହୁ ପୂର୍ବରୁ 'ଅସ୍ପୃଶ୍ୟ' ଲୋକଙ୍କୁ ବଳକା, ବାସି ଏପରିକି ନଷ୍ଟ ଖାଦ୍ୟ ଦିଆଯାଇଥିଲା, ଯାହାର ବାସ୍ତବତା ଉପରେ ଏବେ ଦଳିତ ଲେଖକମାନେ ଗୁରୁତ୍ୱ ଦେଇଛନ୍ତି। ଏହିପରି ସରଳ ବା ସାଦା ଖାଦ୍ୟ ଭାରତର ସନ୍ନ୍ୟାସ ପରମ୍ପରାରୁ ସୃଷ୍ଟି ହୋଇଥିଲାବେଳେ ଶୁଦ୍ଧ ଖାଦ୍ୟ ଜାତି ବ୍ୟବସ୍ଥାରୁ ଉତ୍ପନ୍ନ ହୋଇଥିଲା। ତେବେ ହିନ୍ଦୁ ପରିଚୟର ସଙ୍କେତ ଭାବେ ଶୁଦ୍ଧ ଖାଦ୍ୟକୁ ବ୍ୟବହାର କଲେ ହିନ୍ଦୁମାନଙ୍କୁ ଏକତ୍ର କରିବା କଷ୍ଟକର ହୋଇଯିବ।

-devduttofficial@gmail.com

# ପ୍ରାଣବର୍ଷା



ଡା. ଉମେଶ ଚନ୍ଦ୍ର ପାତ୍ର

ଗୀତାରେ ଭଗବାନ କୃଷ୍ଣ କହନ୍ତି, 'ଯଜ୍ଞାଦ ଭବତି ପର୍ଜନ୍ୟଃ' ଅର୍ଥାତ୍ ଯଜ୍ଞ ଦ୍ୱାରା ପର୍ଜନ୍ୟ ବର୍ଷା ହୁଏ। ଲୋକେ ବର୍ଷାର ଅର୍ଥ ପାଣିବର୍ଷାକୁ ବୁଝନ୍ତି, ଏହା ଯଦି ସତ ହୋଇଥାନ୍ତା ତେବେ ପାଣିବର୍ଷା ମନୁଷ୍ୟ ହାତରେ ଥାନ୍ତା, କଦାପି ପାଣିର ଅଭାବ ପଡ଼ନ୍ତା ନାହିଁ। ଯେତେବେଳେ ଯେତିକି ବର୍ଷାର ଆବଶ୍ୟକତା ହୁଅନ୍ତା ସେତେବେଳେ ସେତିକି ବର୍ଷା କରାଯାଇ ପାରନ୍ତା। ବନ୍ୟା ହେବାର ସଙ୍କଟ ରହନ୍ତା ନାହିଁ ଏବଂ ବର୍ଷା ଅଭାବରେ ଦୁର୍ଭିକ୍ଷ ପଡ଼ିବାର ଦେଖାଯାନ୍ତା ନାହିଁ। ମନ ହେବାମାତ୍ରେ ବର୍ଷା କରାଯାଇ ପାରନ୍ତା। ତା'ର ମାତ୍ରା ନିୟନ୍ତ୍ରଣ ମଧ୍ୟ ମନୁଷ୍ୟ ହାତରେ ଥାନ୍ତା। ପର୍ଜନ୍ୟ ବର୍ଷା କଥା ସତ, କିନ୍ତୁ ପାଣି ବର୍ଷା ନୁହେଁ। ତେବେ ପାଣି ବ୍ୟତୀତ ଆଉ କୌଣସି ବସ୍ତୁ ମଧ୍ୟ ବର୍ଷା ହୁଏ କି? ଏହାର ଉତ୍ତର 'ହଁ'ରେ ଦିଆଯାଇପାରେ ଏବଂ ଉକ୍ତ ବର୍ଷା ହେବା ବସ୍ତୁକୁ ହିଁ ପର୍ଜନ୍ୟ କୁହାଯାଏ। ଏହା ପାଣି ନୁହେଁ, 'ପ୍ରାଣ'। ପ୍ରାଣ କହନ୍ତି ଜୀବନୀ ଶକ୍ତିକୁ। ଯେଉଁ ବସ୍ତୁ ବଳ, ସାମର୍ଥ୍ୟ ପ୍ରଦାନ କରେ, ତାହା ହିଁ ଜୀବନୀଶକ୍ତି ଅଟେ। ଯାହାଙ୍କ ଶରୀରରେ ଜୀବନୀ ଶକ୍ତି ଥାଏ ସେମାନେ କ୍ଷୀଣକାୟ ହେଲେ ସୁଦ୍ଧା ବଳବାନ ଥାନ୍ତି। ଗାନ୍ଧୀଙ୍କୁ ମୃତ୍ୟୁ ବେଳକୁ ଅଶୀବର୍ଷ ବୟସ ହୋଇଥିଲା। ସେ କହୁଥିଲେ ମୁଁ ୧୨୦ ବର୍ଷ ବଞ୍ଚିବାକୁ ଚାହେଁ। ଯଦି ଦୁର୍ଘଟଣା ହୋଇ ନ ଥାନ୍ତା ତେବେ ସମ୍ଭବତଃ ତାଙ୍କୁ ଇଚ୍ଛାମୃତ୍ୟୁ ମିଳିଥାନ୍ତା। ଜୀବନୀ ଶକ୍ତି ଶରୀରକୁ ବଳବାନ, ନୀରୋଗ ଏବଂ ଦୀର୍ଘଜୀବୀ କରିବା ସହିତ ମନୋବଳ ବୃଦ୍ଧି କରେ। ଏହାଦ୍ୱାରା ଓଜସ୍ ଏବଂ ବର୍ଚ୍ଚସର ବିଭୂତି ପ୍ରାପ୍ତ ହୁଏ। ଏହାକୁ ପ୍ରତିଭା ମଧ୍ୟ କୁହାଯାଏ।

ପ୍ରତିଭାର ସ୍ରୋତ ଅନ୍ତରୀକ୍ଷ ଅଟେ। ଅନ୍ତରୀକ୍ଷରୁ କିରଣ ମଧ୍ୟ ବର୍ଷା ହୁଏ। ସୂର୍ଯ୍ୟ କିରଣକୁ ଜୀବନଦାତ୍ରୀ ବୋଲି କୁହାଯାଏ। ତଦ୍ୱାରା ବର୍ଷା ମଧ୍ୟ ହୁଏ। ବୈଜ୍ଞାନିକମାନେ ଜାଣିଛନ୍ତି ଯେ ତଦ୍ୱାରା ବର୍ଷା ଅତିରିକ୍ତ ଆଉ ବହୁତ କିଛି ବର୍ଷା ହୁଏ। ବର୍ଷା ପାଣିରେ ଉତ୍ପାଦକ ଶକ୍ତି ଥାଏ। ସମୟ ସମୟରେ ତାର ନ୍ୟୂନତା ମଧ୍ୟ ଦେଖାଦେଇଥାଏ। ଏପରି ପରିସ୍ଥିତିରେ ଯେଉଁ ବନସ୍ପତି ଉତ୍ପନ୍ନ ହୁଅନ୍ତି ସେମାନେ ନିର୍ଜୀବ ହୁଅନ୍ତି। ବିଶ୍ଳେଷଣ କାଙ୍କ ଅନୁସାରେ ସେମାନଙ୍କଠାରେ ରାସାୟନିକ ପଦାର୍ଥ ସ୍ୱଳ୍ପ ମାତ୍ରାରେ ଥାଏ। ଫଳରେ ସେମାନଙ୍କର ପତ୍ର ଫୁଲ ଫଳ ସ୍ୱଳ୍ପମାତ୍ରାରେ ହୁଏ। ସେମାନଙ୍କୁ ଖାଉଥିବା ପଶୁପକ୍ଷୀ ମଧ୍ୟ ଦୁର୍ବଳ ହୁଅନ୍ତି, ଦୁଧ ଅଳ୍ପ ଦିଅନ୍ତି, ଶିଶୁମାନେ ଦୁର୍ବଳ ହୁଅନ୍ତି। ପର୍ଜନ୍ୟ ଅର୍ଥ ଅନ୍ୟପ୍ରକାରେ ଜୀବନୀଶକ୍ତି ଅଟେ। ତାହା ବର୍ଷା ସହିତ ବରଷିପାରେ ଏବଂ ପ୍ରାଣବାୟୁରେ ମଧ୍ୟ ଦ୍ରବିତ ହୋଇ ରହିପାରେ। ବାୟୁରେ ପ୍ରାଣବାୟୁ ଯଦି କମ୍ ଥାଏ ତେବେ ଶ୍ୱାସ ଗ୍ରହଣ ତ କରାଯାଇପାରେ, କିନ୍ତୁ ଯେଉଁ ବିଶିଷ୍ଟତା ପାଇଁ ଲୋକେ ଜଳବାୟୁ ପରିବର୍ତ୍ତନ କରନ୍ତି ଏବଂ ସ୍ୱାସ୍ଥ୍ୟୋନ୍ନତି ପାଇଁ ଅନ୍ୟ ସ୍ଥାନକୁ ଯାଆନ୍ତି, ସେ ବିଶିଷ୍ଟତା ତହିଁରେ ନ ଥାଏ। ବନସ୍ପତିର ପ୍ରଖରତା ପ୍ରାଣବାନ ଜଳ ଉପରେ ନିର୍ଭରକରେ। ପ୍ରାଣୀର ଜୀବନ ପ୍ରାଣ ଉପରେ ନିର୍ଭର କରେ। ପ୍ରାଣ ଉପରେ ପରମାୟୁ ନିର୍ଭର କରେ।

ଏ ସମ୍ବନ୍ଧରେ ଶୀର୍ଷ ସ୍ଥାନୀୟ ବୈଜ୍ଞାନିକମାନେ ଅନୁସନ୍ଧାନ କରିଛନ୍ତି ଯେ ସାଧାରଣତଃ ଲୋକେ ଆହାର ବିହାରକୁ ହିଁ ଦୀର୍ଘ ଜୀବନର କାରଣ ମନେକରନ୍ତି। କିନ୍ତୁ ସେଥିରେ ଏହି ପ୍ରକାର ବିଶିଷ୍ଟତା ନ ଥାଏ। ଅନ୍ୱେଷଣରୁ ଜଣାପଡ଼ିଛି ଯେ ଯେଉଁଠି ବନସ୍ପତିରେ ପ୍ରାଣଶକ୍ତିର ବାହୁଲ୍ୟ ଥାଏ, ସେ ସ୍ଥାନର ପ୍ରାଣବାୟୁର ଆଧିକ୍ୟ ଯୋଗୁ ଏହି ପ୍ରାଣ ମିଳେ। ଖାଦ୍ୟ ପଦାର୍ଥ ଦେଖିବାକୁ ଅନ୍ୟ ସ୍ଥାନର ଖାଦ୍ୟ ପଦାର୍ଥ ସଦୃଶ ହେଲେ ମଧ୍ୟ ତହିଁରେ ପୁଷ୍ଟିକର ତତ୍ତ୍ୱର ମାତ୍ରା ଅଧିକ ଥାଏ ଏବଂ ଏହି ଶକ୍ତି ଜଳ ସହିତ ଆକାଶରୁ ବୃଷ୍ଟି ହୁଏ। ଯେଉଁ ସ୍ଥାନରେ ଅନ୍ନଜଳ ପ୍ରାଣବାୟୁ ଦୃଷ୍ଟିରୁ ଦୁର୍ବଳ ଥାଏ, ସେଠାକାର ନିବାସୀ ଅନାୟାସ ଦୁର୍ବଳ ଥାନ୍ତି। ସନ୍ତସନ୍ତିଆ ସ୍ଥାନର ଲୋକେ ଯୌବନ ଆସୁ ଆସୁ ବୃଦ୍ଧ ହୋଇଯାଆନ୍ତି। ମ୍ୟାଲେରିଆ, ଫାଇଲେରିଆ, ରୋଗଗ୍ରସ୍ତ ହୁଅନ୍ତି ଏବଂ ଅକାଳ ମୃତ୍ୟୁବରଣ କରନ୍ତି। ବାସ୍ତବରେ ପ୍ରାଣ ରୂପରେ ଜୀବନୀଶକ୍ତି ସେ ସ୍ଥାନରେ କମ୍ ବର୍ଷା ହୁଏ। ଏହି ଅଭାବ ଯଜ୍ଞ ବ୍ୟତୀତ ଅନ୍ୟ କୌଣସି ପ୍ରକାରେ ପୂରଣ ହେବା ସମ୍ଭବ ନୁହେଁ। ଯଜ୍ଞ ଅନ୍ତରୀକ୍ଷର ଉର୍ବରତା ବଢ଼ାଇବାର ଏକ ସାଧନ ଅଟେ। ଭୂମିରେ ଖତ ପକାଇଲେ ଫସଲ ଉତ୍ପାଦନ ଅଧିକ ହୁଏ। ଯଜ୍ଞର ବିଶିଷ୍ଟତା ହେଉଛି ଯେ ଏହାର ଶକ୍ତି ଅନ୍ତରୀକ୍ଷରେ ପ୍ରଚୁର ମାତ୍ରାରେ ପୋଷକ ତତ୍ତ୍ୱ ପରିପୂର୍ଣ୍ଣ କରିଦିଏ ଏବଂ ତାହା ହିଁ ପ୍ରାଣୀ, ମନୁଷ୍ୟ ବନସ୍ପତି ସମସ୍ତଙ୍କୁ ଏହି ପୋଷକ ତତ୍ତ୍ୱ ପ୍ରଦାନ କରେ। ଏହି ପୋଷଣ ହିଁ ପର୍ଜନ୍ୟ। ବର୍ଷାର ଯେଉଁ ଉଲ୍ଲେଖ ଅଛି ତାହାର ତାତ୍ପର୍ଯ୍ୟ ହେଉଛି ଯେ ଅଗ୍ନିହୋତ୍ର ଦ୍ୱାରା ଅନ୍ତରୀକ୍ଷରେ ବିଶେଷ କ୍ରିୟାଶୀଳତା ଉତ୍ପନ୍ନ ହୁଏ ଏବଂ ତାହା ସମସ୍ତ ପ୍ରାଣୀଙ୍କୁ ପୋଷଣ ପ୍ରଦାନ କରେ।

ମୋ : ୯୪୩୭୦୫୧୯୫୭

## ଏଇ ଭାରତରେ

ପ୍ରାଣୀଙ୍କ ସେବାରେ ଯେଉଁ କେତେଜଣ ଉତ୍ସର୍ଗୀକୃତ ବ୍ୟକ୍ତି କାର୍ଯ୍ୟ କରୁଛନ୍ତି, ସେମାନଙ୍କ ମଧ୍ୟରେ ଉତ୍ତରପ୍ରଦେଶ ଲକ୍ଷ୍ନୌର ଚାରୁ ଖାରେ ଅନ୍ୟତମ। ଚାରୁ ଚାକିରି କରୁଛନ୍ତି, ତଥାପି ସେଥିରୁ ସମୟ ବାହାର କରି ଅସହାୟ ପ୍ରାଣୀଙ୍କ ସୁରକ୍ଷା କାର୍ଯ୍ୟରେ ଲାଗିଛନ୍ତି। ମୁଖ୍ୟତଃ ମା'ଠାରୁ ଅଲଗା ହୋଇଯାଇଥିବା ମାଙ୍କଡ଼ ଛୁଆଙ୍କ ଯତ୍ନ ନେବା ସହ ଅନ୍ୟ ପ୍ରାଣୀଙ୍କ ଉଦ୍ଧାର ମଧ୍ୟ କରୁଛନ୍ତି। ଏହି କାର୍ଯ୍ୟ କରିବା ଲାଗି ସେ ଏକ ଏନ୍‌ଜିଓ ଗଠନ କରିଛନ୍ତି । ଚାରୁଙ୍କ ନେତୃତ୍ୱରେ ଏହାର ଏକ ଟିମ୍ ଉଦ୍ଧାର କାର୍ଯ୍ୟ ପରିଚାଳନା କରୁଛନ୍ତି। ମୋଟରେ ଏଯାବତ ଚାରୁ ଓ ତାଙ୍କ ଟିମ୍ ୫ ,୦୦୦ ପ୍ରାଣୀଙ୍କୁ ଉଦ୍ଧାର କରିସାରିଲେଣି। ସେମାନେ ପ୍ରାଣୀଙ୍କୁ ଉଦ୍ଧାର କରିବା ପରେ ସେମାନଙ୍କ ଚିକିତ୍ସା କରୁଛନ୍ତି, ଖାଇବାକୁ ଦେଉଛନ୍ତି ଓ ସୁସ୍ଥ ହେଲା ପରେ ଛାଡ଼ି ଦେଉଛନ୍ତି। ଏହା ବ୍ୟତୀତ ପଙ୍ଗୁ ହୋଇଯାଉଥିବା ପ୍ରାଣୀଙ୍କ ପାଇଁ ରହିବା ଲାଗି ଆଶ୍ରୟସ୍ଥଳୀ ନିର୍ମାଣ କରିଛନ୍ତି। ୭୦ କୁକୁର, ୨୫ ବିଲେଇ ଓ ୫ଟି ପକ୍ଷୀ ଏବେ ଆଶ୍ରୟସ୍ଥଳୀରେ ରହିଛନ୍ତି। ଏହା ବ୍ୟତୀତ ପକ୍ଷାଘାତରେ ପୀଡ଼ିତ ପ୍ରାଣୀଙ୍କ ପାଇଁ ଥେରାପି ବ୍ୟବସ୍ଥା ରହିଛି। ବିଭିନ୍ନ ସଂସ୍ଥା ଓ ବ୍ୟକ୍ତିଙ୍କଠାରୁ ଅର୍ଥ ଦାନ ଆକାରରେ ଗ୍ରହଣକରି ସବୁ କାର୍ଯ୍ୟ ସଞ୍ଚାଳନ କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

**୨୬ ଡିସେମ୍ବର ୧୯୭୫**

- ବର୍ମା ସେଲର ସମସ୍ତ ତୈଳ ବିଶୋଧନାଗାର ଏବଂ ବଜାରକୁ ସରକାର ନିଜ ହାତକୁ ନେବା ପାଇଁ ଉକ୍ତ କମ୍ପାନୀ ଓ କେନ୍ଦ୍ର ସରକାରଙ୍କ ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷରିତ।
- ଭୂଦାନ ନେତା ଆଚାର୍ଯ୍ୟ ବିନୋବା ବାଭେଙ୍କ ଏକ ବର୍ଷ ବ୍ୟାପୀ ମୌନବ୍ରତ ଭଙ୍ଗ।
- ସୋଭିଏତ ରୁଷିଆ ମହାକାଶକୁ ଏକ ଯୋଗାଯୋଗ ଉପଗ୍ରହ ଉତ୍‌କ୍ଷେପଣ କରିଛି।

# ସାଧୁ ସାବଧାନ



ଡ. ନିରଞ୍ଜନ ସାହୁ

ନିର୍ବାଚନ ପୂର୍ବରୁ ଓ ନିର୍ବାଚନ ପରେ ନେତାମାନଙ୍କର ଲୋକଙ୍କ ପ୍ରତି ବ୍ୟବହାର ଭିତରେ ଏତେ ଫରକ ହେବ ବୋଲି ଆଗରୁ ସାଧାରଣ ଲୋକେ ଭାବିପାରୁ ନ ଥିଲେ। ସ୍ୱାଧୀନତାର ଠିକ୍ ପରେ ଯେଉଁମାନେ ନେତୃସ୍ଥାନୀୟ ବ୍ୟକ୍ତି ଥିଲେ ସେମାନେ ଥିଲେ ପ୍ରାୟତଃ ନୀତିବାନ୍ ଏବଂ ଲୋକଙ୍କୁ ମିଛ ପ୍ରତିଶ୍ରୁତି ଦେବାରେ ବିଶ୍ୱାସ କରୁ ନ ଥିଲେ। କ୍ରମଶଃ ରାଜନୀତି ଏପରି ଅଧଃପତନର ସ୍ତରକୁ ଆସିଲା ଯେ କୁହାଗଲା 'ଚନ୍ଦ୍ରମଣ୍ଡଳରୁ ମାଟି ଆଣିଦେବେ କି' ବୋଲି ପ୍ରଶ୍ନ କଲେ ତା'ର ଉତ୍ତର ବି ହେଉଥିଲା ହଁ ସୂଚକ। ଅର୍ଥାତ୍ ନିର୍ବାଚନ ପୂର୍ବରୁ ଯାହା କହୁଥିଲେ ଭୋଟରମାନେ ସେଥିରେ ଭୋଟ୍ ଆଶାୟୀଙ୍କର ଅସମ୍ମତିର ପ୍ରଶ୍ନ ହିଁ ଉଠୁ ନ ଥିଲା। ଯାହାକୁ ଲକ୍ଷ୍ୟ କରି ଲୋକମୁଖରେ ଭାସି ଉଠେ- 'ହାତୀ ଦେବି ଘୋଡ଼ା ଦେବି ତୋ ପେଁକାଳି ବଜେଇଦେବି।'

ପ୍ରାଥମିକ ଅବସ୍ଥାରେ ରାଜନେତାମାନେ ଥିଲେ ସମ୍ବେଦନଶୀଳ। ସେମାନେ ଲୋକଙ୍କ ସୁଖଦୁଃଖରେ ସମଭାଗୀ ହେଉଥିଲେ। ତାଙ୍କ ସମସ୍ୟାର ସମାଧାନ କରୁଥିଲେ ଏବଂ ଲୋକଙ୍କୁ ସମାନ ଭାବରେ ଦେଖୁଥିଲେ। ଏବେ ଯଦିଓ ଲୋକଙ୍କର ସମସ୍ୟା ସମାଧାନ କରିବା ଏବଂ ସେମାନଙ୍କ ସୁଖଦୁଃଖରେ ସାଥୀ ଦେବାରେ ନେତାମାନେ ହେଳା କରୁନାହାନ୍ତି, କେବଳ ପାର୍ଥକ୍ୟ ହେଉଛି ଯେ ଲୋକମାନଙ୍କୁ ସେମାନେ ଦି' ଭାଗରେ ବିଭକ୍ତ କରିଦେଇଛନ୍ତି। ମାନେ ଗୋଟିଏ ହେଲେ ନିଜ ଦଳ ସମର୍ଥିତ ଓ ଆରେକ ହେଲେ ପ୍ରତିପକ୍ଷଙ୍କ ସମର୍ଥନରେ ଥିବା ଲୋକେ।

ପ୍ରାଥମିକ ସ୍ତରରେ ନେତୃମଣ୍ଡଳୀ ଭାବୁଥିଲେ ସାମୂହିକ କାମ କରିବା ସେମାନଙ୍କର ମୌଳିକ ଦାୟିତ୍ୱ। କ୍ରମେ କ୍ରମେ ଅନୁଭୂତ ହେଲା ଯେ, କେବଳ ସାମୂହିକ ଉନ୍ନତିରେ ଲୋକଙ୍କର ଏତେ ରୁଚିନାହିଁ। ବ୍ୟକ୍ତିଗତ ଲାଭ ତାଙ୍କୁ ହାତଠାରି ଡାକୁଥିଲା। ସର୍ବସାଧାରଣ ଉନ୍ନତିର ସଂକଳ୍ପ କ୍ରମେ ମଳିନ ଦିଶିଲା। ଏବେ ବ୍ୟକ୍ତିଗତ ସୁଖ ସୁବିଧା କିଏ ଅଧିକ ନେଇପାରିବ, ତାହା ପାଲଟିଲା ରାଜନୈତିକ ପ୍ରେକ୍ଷାପଟ।

୧୯୮୦ ଦଶକର ପ୍ରାରମ୍ଭରେ ଅବିଭକ୍ତ କୋରାପୁଟ ଜିଲାରେ ଭୋଟ୍‌ବେଳେ ଘଟୁଥିବା ଏକ ସାଧାରଣ ଦୃଶ୍ୟ ବଖାଣୁଥିଲେ ସେତେବେଳେ ରାଜ୍ୟ ପ୍ରଶାସନରେ କାର୍ଯ୍ୟ କରିଥିବା ଜଣେ ଅଧିକାରୀ। କୌଣସି ଭୋଟକେନ୍ଦ୍ରରେ ପହଞ୍ଚିବା ପୂର୍ବରୁ ଭୋଟରମାନେ କିଛି ଦୂରରୁ ଅଟକି ଯାଉଥିଲେ। ସେମାନେ ସେଇଠି ବସି ରହୁଥିଲେ ବେଶ୍ ସମୟ। ସେ ଖବର ପହଞ୍ଚି ଯାଉଥିଲା ତତ୍କାଳୀନ ଶାସନରେ ଥିବା ଦଳର ନେତୃମଣ୍ଡଳୀଙ୍କ ପାଖରେ। ସେମାନଙ୍କ ତରଫରୁ କିଛି ପ୍ରତିନିଧି ଯାଇ ସେଠାରେ ପହଞ୍ଚି ଯାଉଥିଲେ। ସେଇଠି ଅଟକି ଯାଇଥିବା ଭୋଟର ଏବଂ ସେମାନଙ୍କୁ ମନେଇବା ପାଇଁ ଯାଇଥିବା ରାଜନୈତିକ ଦଳର ପ୍ରତିନିଧିଙ୍କ ଭିତରେ ବେଶ୍ କିଛି ଆଲୋଚନା ହେଉଥିଲା। ଆଉ ଶେଷରେ କଥା ଛିଡୁଥିଲା କେତେଗୋଟି ଛେଳି ବା ମେଣ୍ଢା ସେମାନେ ଭୋଜି ପାଇଁ ଦେବାକୁ ଯାଉଛନ୍ତି। ତା'ପରେ ସେହି ଲୋକମାନେ ଭୋଟ୍‌କେନ୍ଦ୍ରକୁ ଯାଉଥିଲେ। ସେତେବେଳେ ଲୋକଙ୍କୁ ପ୍ରଭାବିତ କରିବାକୁ ଯାହାକିଛି ଦିଆଯାଉଥିଲା ତାହା ନିର୍ଦ୍ଦିଷ୍ଟ ପାର୍ଟି ତରଫରୁ କିମ୍ବା ପ୍ରାର୍ଥୀଙ୍କ ତରଫରୁ ବ୍ୟବସ୍ଥାପିତ ହେଉଥିଲା। ପ୍ରଥମେ ଲୋକଙ୍କୁ ପ୍ରଭାବିତ କରିବାକୁ ଶାଢ଼ି, ଲୁଗା, ସାବୁନ, ଛତା ଆଦି ଦିଆଯାଉଥିଲା ; ମାତ୍ର ଅର୍ଥନୈତିକ ପ୍ରଗତିର କ୍ରମରେ ସେଇ ଜିନିଷ ପ୍ରତି ଆଉ କାହାରି ନଜର ପଡ଼ିଲା ନାହିଁ। କାଳକ୍ରମେ ସେହିପରି ଛୋଟ ଛୋଟ ଚିଜ ନିଜ ପତିଆରା ହରାଇଲେ, କ୍ରମେ ପାଲଟିଗଲେ ନିଷ୍ପ୍ରଭ ଓ ଅଦରକାରୀ।

ମନେପଡୁଛି ଆଉ ଗୋଟିଏ କଥା- କିଛି ବର୍ଷ ତଳେ ଅନୁସୂଚିତ ଜାତି ଓ ଜନଜାତି



ଉନ୍ନୟନ ବିଭାଗ ତରଫରୁ ଯେଉଁ ଅଞ୍ଚଳଭିତ୍ତିକ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେଉଥିଲା, ତା' ଭିତରେ ରହୁଥିଲା ମୁଖ୍ୟତଃ ଦୁଇ ପ୍ରକାରର କାର୍ଯ୍ୟକ୍ରମ- ଗୋଟିଏ ସି.ବି.ଓ.ଏସ୍. ଅର୍ଥାତ୍ ଗୋଷ୍ଠୀଭିତ୍ତିକ କାର୍ଯ୍ୟକ୍ରମ ଆଉ ଅନ୍ୟଟି ହେଉଛି ଆଇ.ବି.ଓ.ଏସ୍। ଗୋଷ୍ଠୀଭିତ୍ତିକ କାର୍ଯ୍ୟରେ ୭୫% ବ୍ୟୟବରାଦ ଥିଲା ବେଳେ ବ୍ୟକ୍ତିଗତ ଉନ୍ନୟନ ପାଇଁ ତା'ର ପରିମାଣ ଥିଲା ଅବଶିଷ୍ଟ ୨୫%। ତାହା ପୁଣି ବ୍ୟକ୍ତିକୁ ସିଧାସଳଖ ପଇସା ଦିଆନଯାଇ କେତେବେଳେ ଗଛ ଚାରା, ଔଷଧ, ସାର ଇତ୍ୟାଦି ଦିଆଯାଉନଥିଲା! ବ୍ୟୟବରାଦ ଅତ୍ୟନ୍ତ ନଗଣ୍ୟ ଥିବାରୁ ଏହା ଫଳ କେବେ ବି ଆଖିରେ ପଡୁ ନ ଥିଲା। ସଂକ୍ଷେପରେ ଫଳ ଥିଲା ନଗଣ୍ୟ ଓ ନୈରାଶ୍ୟଜନକ। ଅର୍ଥନୀତିର ମୂଳ ପିଢ଼ିର ଦାର୍ଶନିକ ଆଡାମ୍ ସ୍ମିଥ୍‌ଙ୍କ କଥା ମାନୁଥିଲେ ସେବେକର ସରକାରମାନେ। ଅର୍ଥାତ୍ ବିନା କାମରେ କିଛି ମିଳୁ ନ ଥିଲା।

'ଗଡ଼ିଆରେ ଜଳ ଥିଲେ କୂଳକୁ ଶୀତଳ'- ଏଇ ପ୍ରବାଦ କ୍ରମଶଃ ପ୍ରଭାବଶୂନ୍ୟ ହେଉଥିଲା ବ୍ୟକ୍ତିବାଦର ଅଭ୍ୟୁଦୟ ହେଲାରୁ। ଅର୍ଥାତ୍ ସମସ୍ତେ ଚାହୁଁଥିଲେ ସରକାରଙ୍କଠାରୁ କିଛି ସୁବିଧା ଆଉ ତାହା ତାଙ୍କ ହାତରେ ଗୁଞ୍ଜିଦେବା ଚାହି। ବିଜ୍ଞାନର ଅଗ୍ରଗତି ଯୋଡ଼ିଦେଲା ଏଇ ଅଭାବର ନିଦାନ ଆସିବା ପରେ ସିଧାସଳଖ ସଂପୃକ୍ତ ବ୍ୟକ୍ତିଙ୍କ ଜମାଖାତାକୁ ଚାଲିଗଲା ଟଙ୍କା। ଦାତା ଓ ଗ୍ରହୀତା ଉଭୟେ ଏଥିରେ ଆମୋଦିତ ହେଲେ। ମାତ୍ର ରାଜନୈତିକ ଦଳଗୁଡ଼ିକ ଭିତରେ ପ୍ରତିଦ୍ୱନ୍ଦ୍ୱିତା ଲାଗି ରହିଲା। କିଏ କେତେ ଅଧିକ ଦେଇପାରିବ ନାଗରିକମାନଙ୍କୁ। ପ୍ରତ୍ୟେକ ଦଳ ତରଫରୁ ଆରମ୍ଭ ହେଲା ଲୋଭନୀୟ ଉପହାର ଦେବାର ପ୍ରତିଯୋଗିତା। ସ୍କିମ୍‌ମାନେ କେବଳ ଲୋକଦେଖାଣିଆ ମାତ୍ର। ବାସ୍ତବ କଥା ହେଲା କେତେଟଙ୍କା କିଏ ଦେଇପାରୁଛି ଲୋକଙ୍କ ବ୍ୟାଙ୍କରେ ଥିବା ଜମାଖାତାକୁ। କ୍ଷମତାସୀନ ଦଳର ଲୋକଙ୍କ ପାଇଁ ଏହାଠାରୁ ଅଧିକ ସୁଯୋଗ ମିଳି ନ ଥା'ନ୍ତା ବୋଧହୁଏ। ନିର୍ବାଚନର କିଛିଦିନ ଆଗରୁ ଗୋଟିଏ କ୍ଷମତାସୀନ ଦଳ ତରଫରୁ ବାହାରିଥିବା ଏକ କାର୍ଯ୍ୟକ୍ରମ ଥିଲା ଏଇଭଳି, 'ଆଜ୍ଞା ଆପଣ କେବେ ଅତୀତରେ ଇନ୍ଦିରା ଆବାସ କିମ୍ବା ଅନ୍ୟ କୌଣସି ନାଁରେ କିଛି ଘର ପାଇଥିଲେ କି? - ଆପଣଙ୍କର ଉତ୍ତର ଯଦି ହଁ, ତା'ହେଲେ ଆପଣ ଏଇ ଯୋଜନାର ହିତାଧିକାରୀ। ଘର ମରାମତି କରିବାକୁ/ରଙ୍ଗ କରିବାକୁ ଆପଣଙ୍କୁ ମିଳିବ ପାଞ୍ଚ ହଜାର ଟଙ୍କାର ସହାୟତା।' ୨୭ ଲକ୍ଷ ହିତାଧିକାରୀଙ୍କ ଜମାଖାତାକୁ ହସ୍ତାନ୍ତର ହୋଇଗଲା ଅମାପ ଟଙ୍କା ମୁହୂର୍ତ୍ତକ ଭିତରେ। ହିତାଧିକାରୀଙ୍କଠାରୁ ଦରଖାସ୍ତ ଗୋଟେଇବା, ଉପଯୁକ୍ତ ହିତାଧିକାରୀ ଚୟନ କରିବାର ଆବଶ୍ୟକତା ନ ଥିଲା ବୋଧହୁଏ। ନିର୍ବାଚନ ଠିକ୍ ଆଗରୁ ଏଇଭଳି ଟଙ୍କା ବାଣ୍ଟିବାକୁ କେହି ନିର୍ବାଚନ କମିଶନ ବା କୋର୍ଟ ଏପର୍ଯ୍ୟନ୍ତ ବେଆଇନ ବୋଲି କହିନାହାନ୍ତି। ଏହିଭଳି ଅନେକ ଟଙ୍କାବଣ୍ଟା ସ୍କିମ୍ କାଲି ଥିଲା ଓ ଆଜି ଅଛି। ରାଜ୍ୟର ବିରୋଧୀ ଦଳ ଏହିପରି ବଣ୍ଟାବଣ୍ଟି ପରମ୍ପରା ଅର୍ଥନୀତିର ପରିପନ୍ଥୀ କହୁଥିବାବେଳେ ଯେଉଁ ରାଜ୍ୟରେ ଶାସନ ଭାର ଚଳାଉଛନ୍ତି, ସେଠାରେ ତାକୁ ହିଁ ଅନୁସରଣ କରୁଛନ୍ତି, ତାହାହିଁ ସବୁଠୁ ବଡ଼ ସମସ୍ୟା ଓ ଆହ୍ୱାନ।

ଭିତ୍ତିଭୂମିର ବିକାଶ ନିହାତି ଜରୁରୀ; ମାତ୍ର ବ୍ୟକ୍ତିଗତ ଉନ୍ନୟନ ପାଇଁ ଯଦି ଅର୍ଥରାଶି ଦେବାର ପ୍ରାବଧାନ ରହିବ, ତାହେଲେ ବଜେଟରେ ତା'ର ସର୍ବୋଚ୍ଚ ସୀମା ନିର୍ଦ୍ଧାରଣ ଅତ୍ୟନ୍ତ ଆବଶ୍ୟକ। ପାର୍ଲାମେଣ୍ଟ ପକ୍ଷରୁ ଏ ସଂକ୍ରାନ୍ତରେ ଆଲୋଚନା କରାଯାଇ ନୀତି ନିର୍ଦ୍ଧାରିତ ହେଲେ ଦେଶ ପାଇଁ ମଙ୍ଗଳକର ହେବ। ନ ହେଲେ ସମଗ୍ର ଦେଶ ଭୀଷଣ ବିଭୀଷିକା ଆଡ଼କୁ ଦ୍ରୁତ ପଦକ୍ଷେପରେ ଗତି କରୁଛି ବୋଲି ଧରିବାକୁ ହେବ। ଯଦି ପାର୍ଲାମେଣ୍ଟ ଏପରି ଆଇନ କରିବା ପାଇଁ ଅସମ୍ମତ କିମ୍ବା ଅକ୍ଷମ, ତା'ହେଲେ ସୁପ୍ରିମକୋର୍ଟ ସମ୍ବିଧାନ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି କିଛି ନିୟମ ଜାରି କରନ୍ତୁ। ତାହା ହୁଏତ ଦେଶକୁ ଭବିଷ୍ୟତରେ ବଡ଼ ଆର୍ଥିକ ଦୁରବସ୍ଥାରୁ ବଞ୍ଚେଇପାରିବ। ନ ହେଲେ ଏବେଠୁ ସାଧୁ ସାବଧାନ!

ମୋ: ୯୪୩୮୪୮୨୯୧୧

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 2 | | 1 | | | | 8 | |
| | | | | | 7 | | 4 | |
| | | | | 3 | | | | 6 |
| | 5 | 8 | 2 | | 4 | | | 9 |
| | 9 | 2 | | | | | | 7 |
| | 3 | | 8 | | | | | |
| 5 | | | 6 | | | | | |
| | | | | | | 9 | 7 | 5 |
| 1 | | | | | | | | 2 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 3 | 6 | 7 | 2 | 9 | 4 | 5 | 1 |
| 4 | 2 | 9 | 5 | 6 | 1 | 8 | 7 | 3 |
| 5 | 7 | 1 | 8 | 4 | 3 | 9 | 2 | 6 |
| 9 | 8 | 2 | 6 | 5 | 4 | 1 | 3 | 7 |
| 7 | 4 | 5 | 1 | 3 | 2 | 6 | 8 | 9 |
| 6 | 1 | 3 | 9 | 7 | 8 | 2 | 4 | 5 |
| 1 | 5 | 7 | 2 | 8 | 6 | 3 | 9 | 4 |
| 3 | 6 | 8 | 4 | 9 | 5 | 7 | 1 | 2 |
| 2 | 9 | 4 | 3 | 1 | 7 | 5 | 6 | 8 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ସାମ୍ବାଦିକଙ୍କୁ ପେନ୍‌ସନ ଦିଆଯାଉ

ମହାଶୟ,

ଦେଖାଯାଏ, ପ୍ରତିବର୍ଷ ପ୍ରେସ୍ ଦିବସ ଅବସରରେ ସାମ୍ବାଦିକଙ୍କୁ ପେନ୍‌ସନ, ସାମ୍ବାଦିକ ବୀମା ଭଳି ବହୁ ବିଷୟ ଗଣମାଧ୍ୟମରେ ବ୍ରେକିଂ ନ୍ୟୁଜ୍ ହୁଏ। ଏହା ଚଳିତ ବର୍ଷ ମଧ୍ୟ ପ୍ରତିଫଳିତ ହୋଇଛି। ତେବେ ପ୍ରକୃତରେ ସାମ୍ବାଦିକ କିଏ? ଏହାର ନିର୍ଦ୍ଦିଷ୍ଟ ସଂଜ୍ଞା କ'ଣ, କେତେଜଣ ସାମ୍ବାଦିକ ରହିଛନ୍ତି? ଖବରକାଗଜ କିମ୍ବା ଗଣମାଧ୍ୟମରେ ଅନେକ ବୟସ୍କ ସାମ୍ବାଦିକ ଅଛନ୍ତି। ଏହା ଏକ ଗଣ ଅନୁଷ୍ଠାନ। ସାମ୍ବାଦିକ ଜନତାଙ୍କ ସ୍ୱାର୍ଥର ଜାଗ୍ରତ ପ୍ରହରୀ। ଜର୍ନାଲିଜମ୍ ପରିଭାଷାରେ କେବଳ ବ୍ଲକ୍, ଜିଲା, ରାଜ୍ୟ, ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରୀୟ ରିପୋର୍ଟର ହିଁ ସାମ୍ବାଦିକ ଭାବେ ଗଣ୍ୟ ହୁଅନ୍ତି। ଏଣେ ସମ୍ପାଦକ, ସହ ସମ୍ପାଦକ ମଧ୍ୟ ମୁଖ୍ୟାଳୟରେ କାର୍ଯ୍ୟରତ। ଏମାନଙ୍କୁ ତୁରନ୍ତ ପେନ୍‌ସନ ପ୍ରଦାନ କରାଯାଉ, ଯାହାଦ୍ୱାରା ଏମାନଙ୍କ ଅବସରକାଳୀନ ଜୀବନ ସୁଖମୟ ହୋଇପାରିବ।

-ଡି.ପି. ତ୍ରିପାଠୀ, ପୁରୀ

### ଚିରନ୍ତନୀ

ମୁଁ ଯେ ବସିଛି ସିନ୍ଧୁ ଏ ପାରେ
ଯାହା ପଥ ଚାହିଁ
ସେପାରେ ଭ୍ରମଇ ସେ କି
ଅଧୀର ମୋ ପାଇଁ ?
-(ବ୍ୟବଧାନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)




କ୍ରିସ୍‌ମସ ଓ ବଡ଼ଦିନ ଅବସରରେ ବୁଧବାର ଭୁବନେଶ୍ୱର ସତ୍ୟନଗରସ୍ଥିତ କ୍ୟାଥୋଲିକ୍ ଚର୍ଚ୍ଚରେ ଫାଦର ପ୍ରାର୍ଥନା କରୁଛନ୍ତି। ଶ୍ରଦ୍ଧାଳୁମାନେ ମହମବତି ଜାଳି, ଗୋଲାପ ଦେଇ ପ୍ରଭୁ ଯିଶୁଙ୍କୁ ଭକ୍ତି ନିବେଦନ କରୁଛନ୍ତି। (ଫଟୋ- ବିକାଶ ନାୟକ)

# ଉତ୍ସବମୁଖର ଚର୍ଚ୍ଚ

## କ୍ରିସ୍‌ମସ୍, ବଡ଼ଦିନ: ବାଧକ ସାଜିଲା ବର୍ଷା

ଭୁବନେଶ୍ୱର,୨୫।୧୨(ସୌମ୍ୟରଞ୍ଜନ ରାଉତ)

ମଧ୍ୟରାତ୍ରିରେ ପ୍ରଭୁ ଯିଶୁଙ୍କ ଧରାବତରଣ ପରେ ବୁଧବାର ଧୁମ୍‌ଧାମ୍‌ରେ ଉତ୍ସବ ମନାଇଥିଲେ ଖ୍ରୀଷ୍ଟ ଧର୍ମାବଲମ୍ବୀ ଶ୍ରଦ୍ଧାଳୁ। ଶାନ୍ତି, ପ୍ରେମ, ମୈତ୍ରୀର ବାର୍ତ୍ତା ନେଇ କ୍ରିସ୍‌ମସ୍ ପର୍ବ ସହ ବଡ଼ଦିନ ପାଳନ କରିଥିଲେ। ଏଥିପାଇଁ ରାଜଧାନୀ ଭୁବନେଶ୍ୱର ୟୁନିଟ୍-୪ସ୍ଥିତ ବାପ୍‌ଟିଷ୍ଟ ଓ ସତ୍ୟନଗରସ୍ଥିତ କ୍ୟାଥୋଲିକ୍ ଚର୍ଚ୍ଚ ସହ ଏହାର ଶାଖା କଳିଙ୍ଗ ବିହାର, କଳିଙ୍ଗ ନଗର ଓ ଚନ୍ଦ୍ରଶେଖରପୁରରେ ଥିବା ଚର୍ଚ୍ଚଗୁଡିକ ଉତ୍ସବମୁଖର ହୋଇପଡିଥିଲା। ତେବେ ଏଥିରେ ବର୍ଷା ବାଧକ ସାଜିଥିଲେ ମଧ୍ୟ ଶ୍ରଦ୍ଧାଳୁଙ୍କୁ ଅଟକାଇପାରି ନ ଥିଲା। ବହୁ ଶ୍ରଦ୍ଧାଳୁ ଚର୍ଚ୍ଚରେ ପହଞ୍ଚି ପ୍ରାର୍ଥନା କରିଥିଲେ। ପୂର୍ବାହ୍ନରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଚର୍ଚ୍ଚ ଯାଇ ପ୍ରଭୁ ଯିଶୁଙ୍କୁ ଭକ୍ତି ନିବେଦନ ଜଣାଇବା ସହ ଫାଦରଙ୍କ ସହ ଭାବ ବିନିମୟ କରିଥିଲେ। ତେବେ ସନ୍ଧ୍ୟାରୁ ବର୍ଷା ଛାଡ଼ିଯିବା ପରେ ପ୍ରବଳ ଭିଡ଼ ହୋଇଥିଲା। କ୍ରିସ୍‌ମସ-ଟ୍ରି , ସାନ୍ତାକ୍ଲଜ, ଯିଶୁ ଜନ୍ମ ହୋଇଥିବା ଗୁହାଳ ଘର ସହ ଚର୍ଚ୍ଚକୁ ସୁସଜ୍ଜିତ କରାଯାଇଥିବାବେଳେ ରଙ୍ଗିନ ଆଲୋକମାଳାରେ ଝଲସି ଉଠିଥିଲା। ବିଭିନ୍ନ ପ୍ରକାର ସୁସ୍ୱାଦୁ ବ୍ୟଞ୍ଜନ ସହ କେକ୍ ପ୍ରସ୍ତୁତ କରାଯାଇ ଶ୍ରଦ୍ଧାଳୁଙ୍କୁ ବଣ୍ଟନ କରାଯାଇଥିଲା। ବାପ୍‌ଟିଷ୍ଟ ଚର୍ଚ୍ଚ ଏବଂ ଅନ୍ୟାନ୍ୟ ଚର୍ଚ୍ଚରେ ପରିବାର, ସାଙ୍ଗସାଥୀଙ୍କ ସହ ଶ୍ରଦ୍ଧାଳୁମାନେ ପ୍ରାର୍ଥନା କରିବା ସହ ଏହି ପବିତ୍ର ଦିନକୁ ଧୁମ୍‌ଧାମରେ ପାଳନ କରିଥିଲେ। ସମସ୍ତେ ଏକାଠି ହୋଇ କ୍ୟାରୋଲ ଗାନ କରିଥିଲେ। ପରେ ସମସ୍ତେ ହାତମିଳାଇ, ଗୋଲାପ ଦେଇ ପରସ୍ପରକୁ ବଡ଼ଦିନର ଶୁଭେଚ୍ଛା ଜଣାଇଥିଲେ। ଏଥିସହ ପରସ୍ପରକୁ କେକ୍ ଖୁଆଇ ଏହି ଦିନର ଶୁଭ କାମନା ଜଣାଇବା ସହ ଉପହାର ମଧ୍ୟ ଦେଇଥିଲେ। ଶାନ୍ତିପୂର୍ଣ୍ଣ ଭାବେ ବଡ଼ଦିନ ପାଳନ ପାଇଁ କମିଶନରେଟ୍ ପୋଲିସ ପକ୍ଷରୁ ସହରର ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଥିଲା। ବିଭିନ୍ନ ଚର୍ଚ୍ଚ ଓ ଆଖପାଖରେ ପୋଲିସ ମୁତୟନ କରାଯାଇଥିଲା। ଅନ୍ୟପକ୍ଷରେ ବଡ଼ଦିନରେ ଭୋଜି ସହ ବୁଲାବୁଲି କରିବାର ଯୋଜନା କରିଥିଲେ। ଏଥିପାଇଁ ବହୁ ପୂର୍ବରୁ ପିଣ୍ଡି ବୁକ୍ କରିଥିଲେ ମଧ୍ୟ ବର୍ଷା ଯୋଗୁ ତାହା ସମ୍ଭବ ହୋଇପାରି ନ ଥିଲା। ପିଣ୍ଡି ଟଙ୍କା ପାଣିରେ ପଡିବାରୁ ଅନେକେ ଘରେ ଭୋଜି କରି ଦିନ କାଟିଥିଲେ।





କ୍ୟାଥୋଲିକ୍ ଚର୍ଚ୍ଚରେ ଶ୍ରଦ୍ଧାଳୁମାନେ ପ୍ରାର୍ଥନା କରୁଛନ୍ତି।

## ବଡ଼ଦିନରେ ୪ କୋଟିର ଆମିଷ ବେପାର

ଭୁବନେଶ୍ୱର,୨୫।୧୨(ଅନୁରାଧା ମହାରଣା)

ବଡ଼ଦିନ ଓ ବୁଧବାର ପାଇଁ ରାଜଧାନୀରେ ଆମିଷ ବେପାର ଜମିଛି। ମଟନ, ଚିକେନ୍ ସହ ମାଛ ବ୍ୟବସାୟ ୪ କୋଟି ଟପିଛି। ନନ୍ ଭେଜ୍ ଟ୍ରେଡ୍ ଆସୋସିଏଶନ ପକ୍ଷରୁ ମିଳିଥିବା ସୂଚନାନୁସାରେ, ବୁଧବାର ମୋଟ ୪ କୋଟି ୩ଲକ୍ଷ ୫୦ହଜାର ଟଙ୍କାର ବେପାର ହୋଇଛି। ଏହା ମଧ୍ୟରେ ୧ କୋଟି ୩୬ ଲକ୍ଷ ୫୦ହଜାର ମୂଲ୍ୟର ପ୍ରାୟ ୧୨ ଗାଡ଼ି ମାଛ, ୧କୋଟି ୩୫ଲକ୍ଷ ଟଙ୍କା ମୂଲ୍ୟର ୧୩୫ ଟନ୍ ଚିକେନ ଓ ୧ କୋଟି ୩୨ ଲକ୍ଷ ଟଙ୍କାର ୩୩ଟନ୍ ମଟନ ରହିଛି। ରୋହି ଓ ଭାକୁର ଦର କେ.ଜି. ପ୍ରତି ୨୪୦ ଟଙ୍କା, ଜଳଙ୍ଗ ୧୫୦ରୁ ୧୬୦ ଟଙ୍କା, ମିରିକାଳୀ ୨୦୦ରୁ ୨୪୦ ଟଙ୍କା, ଚିଙ୍ଗୁଡ଼ି ଆକାର ଅନୁସାରେ ୨୪୦ରୁ ୧୦୦୦ଟଙ୍କାରେ ବିକ୍ରି ହୋଇଛି। ସେହିପରି କଙ୍କଡ଼ା ଆକାର ଅନୁସାରେ ୪୦୦ରୁ ୧୨୦୦ ଟଙ୍କା ମଧ୍ୟରେ ବିକ୍ରି ହୋଇଛି। ପୋହଳା ୨୦୦ରୁ ୨୫୦ ଟଙ୍କା, ମଉରାଡି ୨୦୦ରୁ ୨୬୦, ଖଇଙ୍ଗା ୩୦୦ରୁ ୫୦୦ ଟଙ୍କା, ଲୁଣି ଭେକ୍‌ଟି ୫୦୦ରୁ ୭୦୦ଟଙ୍କା, ଲୁଣି କଙ୍କଡ଼ା ୧୬୦ରୁ ୨୫୦ଟଙ୍କା, ଇଲିଶି ୬୦୦ରୁ ୨୦୦୦ଟଙ୍କା ବିକ୍ରି ହୋଇଛି। ଅନ୍ୟପଟେ ୯୦ ପିକଅପ୍ ଭ୍ୟାନ୍ ଚିକେନ୍ ମଧ୍ୟ ବିକ୍ରି ହୋଇଛି। ବ୍ରଏଲର ଦାମ୍ କିଲୋଗ୍ରାମ ପ୍ରତି ୨୪୦ ଟଙ୍କା, କଲର ବାର୍ଡ ୨୫୦ ଟଙ୍କା, ଦେଶୀ ୪୫୦ରୁ ୬୦୦ଟଙ୍କା, ସୋନାଲି ୪୫୦ଟଙ୍କା ଦରରେ ବିକ୍ରି ହୋଇଛି। ବିକ୍ରି ହୋଇଥିବା ୨୨ ପିକଅପ୍ ଭ୍ୟାନ ମଟନ ମଧ୍ୟରେ ଖାସି ୮୦୦ରୁ ୮୫୦ ଟଙ୍କା ମୂଲ୍ୟରେ ଓ ମାଇ ଛେଳି କେଜି ୬୫୦ରୁ ୭୦୦ଟଙ୍କା ରହିଥିଲା।



## ନନ୍ଦନକାନନ ବୁଲିଲେ ୧୫,୬୦୧ ପର୍ଯ୍ୟଟକ

ତ୍ରିଶୂଳିଆ,୨୫।୧୨(ତୁଷାରକାନ୍ତ ବେହେରା)

ବଡ଼ଦିନ ଅବସରରେ ନନ୍ଦନକାନନ ପ୍ରାଣୀ ଉଦ୍ୟାନ ଓ ରାଜ୍ୟ ଉଦ୍ଭିଦ ଉଦ୍ୟାନରେ ପର୍ଯ୍ୟଟକଙ୍କ ଭିଡ଼ ଆଶାନୁରୂପ ହୋଇନାହିଁ। ଲଘୁଚାପଜନିତ ବର୍ଷା ସହିତ ଶୀତୁଆ ପାଗ ସତ୍ତ୍ୱେ ନନ୍ଦନକାନନକୁ ଚଳିତ ବଡ଼ଦିନରେ ୧୫,୬୦୧ ଜଣ ପର୍ଯ୍ୟଟକ ବୁଲିବାକୁ ଆସିଥିଲେ। ସେହିପରି ବଟାନିକାଲ ଗାର୍ଡେନକୁ ୨୧୦ ଜଣ ପର୍ଯ୍ୟଟକ ଆସିଥିବା ନନ୍ଦନକାନନ ଉପନିର୍ଦ୍ଦେଶକ ସନଥ କୁମାର ନାରାୟଣ କହିଛନ୍ତି। ପର୍ଯ୍ୟଟକ ବିଭିନ୍ନ ପ୍ରଜାତିର ପ୍ରାଣୀଙ୍କୁ ବୁଲି ଦେଖିବା ସହ ବ୍ୟାଟେରିଚାଳିତ ଗାଡ଼ି, ସଫାରି, ରୋପ୍‌ୱେ ଆଦିରେ ବସିବାକୁ ଉତ୍ସାହିତ ଥିବା ଦେଖିବାକୁ ମିଳିଥିଲା। ମାଛ ଘର, ସରୀସୃପ ଉଦ୍ୟାନ ଆଦିରେ ଛୋଟ ପିଲାଙ୍କ ଭିଡ଼ ଜମିଥିଲା। ଏହାକୁ ଦୃଷ୍ଟିରେ ରଖି ପର୍ଯ୍ୟଟକଙ୍କ ସୁବିଧା ପାଇଁ ନନ୍ଦନକାନନ ଉପନିର୍ଦ୍ଦେଶକ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିଥିଲେ। ଭିତରକୁ ସମସ୍ତ ଯାନବାହନ ଚଳାଚଳ ବନ୍ଦ କରାଯାଇଥିଲା। ଯାନବାହନ ନିୟନ୍ତ୍ରଣ ପାଇଁ ନନ୍ଦନକାନନ ଥାନା ପୋଲିସ, ଟ୍ରାଫିକ ପୋଲିସ ଓ ନନ୍ଦନକାନନ ସୁରକ୍ଷା କର୍ମୀଙ୍କ ସମେତ ଓଡ୍ରାଫ ଟିମ, ଡାକ୍ତରୀ ଦଳ ଓ ପୋଲିସ ଫୋର୍ସ ମୁତୟନ ହୋଇଥିଲେ। ଉଦ୍ଭିଦ ଉଦ୍ୟାନ ବନାଞ୍ଚଳ ଖେଳପ୍ରିୟ ସାହୁ, ରାଜସ୍ୱ ବନାଞ୍ଚଳ ଅନିଲ କୁମାର ପୁରୋହିତ, ସ୍ୱତନ୍ତ୍ର ପ୍ରକଳ୍ପ ବନାଞ୍ଚଳ ରଞ୍ଜିତା ସାହୁଙ୍କ ସମେତ ଅନ୍ୟ ଅଧିକାରୀ ପରିଚାଳନା କରିଥିଲେ।

## ଜରିପାଲ ଟାଣି ଭୋଜି

ବାରଙ୍ଗ, ୨୫।୧୨(ଲିଙ୍ଗରାଜ ରାଉତ): ବର୍ତ୍ତମାନ ପର୍ଯ୍ୟଟନ ଋତୁ ଚାଲିଥିବା ବେଳେ ବିଭିନ୍ନ ପର୍ଯ୍ୟଟନସ୍ଥଳୀରେ ଭିଡ଼ ଲାଗି ରହିଛି। ବଡ଼ଦିନ ଅବସରରେ ନନ୍ଦନକାନନରେ ଅଧିକ ପର୍ଯ୍ୟଟକ ଆସିବାର ଆକଳନ କରାଯାଇଥିଲା। କିନ୍ତୁ ଲଘୁଚାପଜନିତ ବର୍ଷା ଯୋଗୁ ବଡ଼ଦିନ ଫିକା ପଡ଼ିଯାଇଛି। ବଡ଼ଦିନରେ ଚନ୍ଦକା ଅଭୟାରଣ୍ୟର ଡେରାସ, ଗୋଡ଼ିବାରିର ପ୍ରାକୃତିକ ଶୋଭାରାଜିକୁ ଉପଭୋଗ ଓ ବଣଭୋଜିର ମଜା ଉଠାଇବାକୁ ପର୍ଯ୍ୟଟକଙ୍କ ପ୍ରବଳ ଭିଡ଼ ହୋଇଥାଏ। କିନ୍ତୁ ବୁଧବାର ଦିନତମାମ ଝିପିଝିପି ବର୍ଷା ଲାଗି ରହିଥିବାରୁ ଏଠାରେ ପର୍ଯ୍ୟଟକଙ୍କ ସଂଖ୍ୟା ଆଶାତୀତ କମ ରହିଥିଲା। ଡେରାସ ଓ ଝୁମୁକାରେ କେତେଜଣ ପର୍ଯ୍ୟଟକ ଜରିପାଲ ଟାଣି ଭୋଜି କରିଥିବାବେଳେ ୧୦୫ ଜଣ ପର୍ଯ୍ୟଟକ ଟିକେଟ କରିଥିଲେ। ଏଥିରେ ମାତ୍ର ୨,୭୯୫ ଟଙ୍କା ରାଜସ୍ୱ ଆଦାୟ କରାଯାଇଛି। ସେହିପରି ଗୋଡ଼ିବାରି ମୁଖ୍ୟ ଫାଟକ ନିକଟରେ ୮ ଜଣ ପର୍ଯ୍ୟଟକ ଟିକେଟ କରି ଗୋଟିଏ ସଫାରି ଗାଡ଼ି ନେଇ ଚନ୍ଦକା ଅଭୟାରଣ୍ୟ ବୁଲିଥିଲେ। ସେ ବାବଦରେ ୧,୫୭୫ ଟଙ୍କା ରାଜସ୍ୱ ଆଦାୟ ହୋଇଥିବା ଜଣାପଡ଼ିଛି।

## ଛାତ୍ରୀଛାତ୍ରଙ୍କୁ ଠିକ୍ ମାର୍ଗଦର୍ଶନରେ ଦେଶର ଉନ୍ନତି ସମ୍ଭବ

ଭୁବନେଶ୍ୱର,୨୫।୧୨(ଅନୁରାଧା ମହାରଣା)



ଓଡିଏମ୍‌ର ବାର୍ଷିକ ଉତ୍ସବ 'ମାତୃତ୍ୱ-୨୦୨୪'

ପଟିଆସ୍ଥିତ ଓଡିଏମ୍ ପବ୍ଲିକ୍ ସ୍କୁଲ୍‌ର ୩୫ତମ ବାର୍ଷିକ ଉତ୍ସବ 'ମାତୃତ୍ୱ-୨୦୨୪' ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ଓଡିଏମ୍ ଶିକ୍ଷାନୁଷ୍ଠାନ ସମୂହର ପ୍ରତିଷ୍ଠାତା ଡ. ସତ୍ୟବ୍ରତ ମୀନକେତନଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଏମ୍‌ପି ଡ. ପ୍ରସନ୍ନ କୁମାର ପାଟ୍ଟଶାଣୀ ଯୋଗଦେଇ କହିଥିଲେ, ଛାତ୍ରୀଛାତ୍ର ହେଉଛନ୍ତି ଦେଶର ଭବିଷ୍ୟତ ଶକ୍ତି। ସେମାନଙ୍କୁ ଆରମ୍ଭରୁ ଠିକ୍ ମାର୍ଗ ଦର୍ଶନ ଦେଲେ ସେମାନେ ଦେଶ ଓ ଜାତିର ଉନ୍ନତିରେ ସହାୟକ ହୋଇପାରିବା ସହ ଭଲ ମଣିଷ ହୋଇ ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିପାରିବେ। ପ୍ରତିଷ୍ଠାତା ଡ. ମୀନକେତନ ୩୫ତମ ବାର୍ଷିକ ଉତ୍ସବର ପ୍ରଥମ ଦିବସକୁ 'ଜେଜେମା', ଜେଜେବାପା ଦିବସ ରୂପେ ଉତ୍ସର୍ଗ କରି ସେମାନଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ଏହି ଅବସରରେ ଡ. ମୀନକେତନ ସ୍ୱାଗତ ଭାଷଣ ସହ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ଡ. ମୀନକେତନ ବିଦ୍ୟାର୍ଥୀମାନଙ୍କ ଭିତରେ ଥିବା ଅନ୍ତର୍ନିହିତ ପ୍ରତିଭା ଚିହ୍ନଟ ସହ ସେମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ୍ କରି ଭଲ ମଣିଷ ଭାବେ ଗଢିତୋଳିବା ପାଇଁ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ବିତ୍ତ ଓ ପ୍ରଶାସନିକ ନିର୍ଦ୍ଦେଶିକା ଇନ୍ଦୁମତି ରାୟ ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱୟମ୍ ସତ୍ୟେନ୍ଦୁ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ ବିଚିତ୍ରା ପରିବେଷିତ ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପ୍ରଫେସର ଡ. ପି.କେ. ଦାସ, ଡ. ଜ୍ୟୋତ୍ସ୍ନା ମହାପାତ୍ର, ଶିକ୍ଷା ନିର୍ଦ୍ଦେଶକ ଡ. ଆର୍ତ୍ତତ୍ରାଣ ମିଶ୍ର, ଉପାଧ୍ୟକ୍ଷ ଡ. ରାଜେଶ୍ କୁମାର ପାଢୀ ପ୍ରମୁଖ ଉପସ୍ଥିତ ଥିଲେ । ବିଦ୍ୟାଳୟର ଉପାଧ୍ୟକ୍ଷା ଡ. ସନ୍ଧ୍ୟାରାଣୀ ସ୍ୱାଇଁ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ବୁଧବାର କାର୍ଯ୍ୟକ୍ରମ ଉଦଯାପନ ହେବ।

## ସିନ୍ଧି ଚୋରଙ୍କ ସମେତ ୨ ଗିରଫ

### ସୁନା ସାମଗ୍ରୀ, ଟଙ୍କା ଜବତ

ଭୁବନେଶ୍ୱର,୨୫।୧୨(ସୂର୍ଯ୍ୟକାନ୍ତ ବେହେରା): ଏୟାରପୋର୍ଟ ଥାନା ପୋଲିସ ଜଣେ ସିନ୍ଧି ଚୋରଙ୍କ ସମେତ ୨ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ଗଞ୍ଜାମ ବୁଗୁଡ଼ା ଥାନା ଅଞ୍ଚଳର ସିନ୍ଧି ଚୋର ଶଙ୍କର ମହାରଣା ଓ ଅନ୍ୟ ଜଣେ ହେଲେ ଭୁବନେଶ୍ୱର ଲିଙ୍ଗରାଜ ଥାନା ଅଞ୍ଚଳର ଚୋରି ସାମଗ୍ରୀ ରଖୁଥିବା ରଞ୍ଜନ କୁମାର ସେନାପତି। ଉଭୟଙ୍କଠାରୁ ଗୋଟିଏ ମୋବାଇଲ, ୩ଟି ସୁନା କାନଫୁଲ, ମେଲ୍‌ଟେଡ ସୁନା, ୬ହଜାର ଟଙ୍କା ଜବତ ହୋଇଛି। ଅଭିଯୁକ୍ତ ଶଙ୍କର ଜଣେ ସହଯୋଗୀଙ୍କ ଜରିଆରେ ପୋଖରିପୁଟ ଅଞ୍ଚଳରୁ ଜଣଙ୍କ ଘରୁ ଝରକା ତାଡ଼ି ସୁନା ଅଳଙ୍କାର, ଟଙ୍କାଚୋରି କରି ନେଇଥିଲେ। ଏହି ଚୋରି ଅଳଙ୍କାରଗୁଡ଼ିକ ଅଭିଯୁକ୍ତ ରଞ୍ଜନଙ୍କୁ ବିକ୍ରି କରିଦେଇଥିଲେ। ଏନେଇ ପୋଲିସ ଅଭିଯୁକ୍ତଦ୍ୱୟଙ୍କ ବିରୋଧରେ ମାମଲା ରୁଜୁ କରି କୋର୍ଟଚାଲାଣ କରିଥିଲା। ଜାମିନ ନ ମିଳିବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

## ମହାପ୍ରଭୁଙ୍କ ଦର୍ଶନ କଲେ ବିଦାୟୀ ରାଜ୍ୟପାଳ



ବିଦାୟୀ ରାଜ୍ୟପାଳ ରଘୁବର ଦାସଙ୍କ ସମେତ ପରିବାର ବର୍ଗ ମହାପ୍ରଭୁଙ୍କ ଦର୍ଶନସାରି ଫେରୁଛନ୍ତି।

ପୁରୀ,୨୫।୧୨(ଅଜିତ୍ କୁମାର ମହାନ୍ତି)

ଓଡ଼ିଶାର ରାଜ୍ୟପାଳ ରଘୁବର ଦାସ ନିଜ ପଦବୀରୁ ଇସ୍ତଫା ଦେବା ପରେ ନୂଆ ରାଜ୍ୟପାଳ ଭାବେ ଡ. ହରିବାବୁ କମ୍ଭମପତିଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି। ରାଜ୍ୟରୁ ବିଦାୟ ନେବା ପୂର୍ବରୁ ପୂର୍ବତନ ରାଜ୍ୟପାଳ ରଘୁବର ଦାସ ବୁଧବାର ପୁରୀ ଆସି ମହାପ୍ରଭୁଙ୍କ ଦର୍ଶନ କରି ଆଶୀର୍ବାଦ ନେଇଛନ୍ତି। ସେ ଶ୍ରୀମନ୍ଦିର ନିକଟରେ ପହଞ୍ଚିବା ପରେ ସେବାୟତଙ୍କ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇଥିଲା। ପରେ ଶ୍ରୀଜୀଉଙ୍କୁ ଦର୍ଶନ କରିବା ସହ ପାର୍ଶ୍ୱ ଦେବଦେବୀଙ୍କ ଦର୍ଶନ କରି କିଛି ସମୟ ଅତିବାହିତ କରି ଶ୍ରୀମନ୍ଦିରରୁ ପ୍ରସ୍ଥାନ କରିଥିଲେ। ମହାପ୍ରଭୁ ଜଗନ୍ନାଥଙ୍କ ଭୂମିରେ ଦୀର୍ଘ ୧୪ ମାସ କାର୍ଯ୍ୟ କରିବାର ସୁଯୋଗ ପାଇଲି। ଓଡ଼ିଶାର ଲୋକଙ୍କ ସହ ଏହାରି ଭିତରେ ଯେଉଁ ସମ୍ପର୍କ ସୃଷ୍ଟି ହୋଇଛି ତାହା ସାରା ଜୀବନ ସ୍ମୃତି ହୋଇ ରହିବ। ଓଡ଼ିଶା ଖାଲି କେବଳ ସାଂସ୍କୃତିକ କଳା, ପ୍ରାକୃତିକ ସୌନ୍ଦର୍ଯ୍ୟ, ବେଳାଭୂମି, ମନ୍ଦିର ପାଇଁ ପ୍ରସିଦ୍ଧ। ଏହାଛଡ଼ା ଓଡ଼ିଶାର କଳା, ସଂସ୍କୃତି, ପରମ୍ପରା ବେଶ୍ ସମୃଦ୍ଧ। ଓଡ଼ିଶା ଲୋକ ବହୁତ ସ୍ୱାଭିମାନୀ ବୋଲି ଦାସ କହିଛନ୍ତି ।

# କ୍ଷେତରେ ଭାସିଲା ପାଚିଲା ଧାନ

ବେଗୁନିଆ/ ଟାଙ୍ଗୀ/ ବାଣପୁର/ ନିରାକାରପୁର, ୨୫।୧୨ (ହର ପ୍ରସନ୍ନ ପଣ୍ଡା/ ସନ୍ଧ୍ୟାରାଣୀ ମିଶ୍ର/ ରଘୁନାଥ ସାହୁ/ ଦିଲୀପ ସ୍ୱାଇଁ/ମାନସ ଚନ୍ଦ୍ର ପଟ୍ଟନାୟକ)



ଦୁଇ ଦିନ ହେବ ଲଘୁଚାପଜନିତ ବର୍ଷା ଲାଗି ରହିଛି। ଫଳରେ ଚାଷୀଙ୍କ ପାଇଁ ଏବେ ବୋଝ ଉପରେ ନଳିତାବିଡ଼ା ସଦୃଶ ହୋଇଛି। ଧାନଚାଷ ପାଇଁ ଧାର କରଜ କରି ଚାଷ କାମ ସମ୍ପାଦନ କରିଥିଲେ। ଆଶା ଥିଲା ଧାନ ଅମଳ କରି ଆଣିଲେ କରଜ ଶୁଝିବା ସହ ବଳକା ନିଜର ପରିବାର ପ୍ରତିପୋଷଣ ହେବ। କିନ୍ତୁ ପାଚିଲା ଧାନ ଅମଳ କରି ଘରକୁ ଆଣିବା ସମୟରେ ଦାଉ ସାଧୁଛି ଅଦିନିଆ ବର୍ଷା। ଏହି ଅଦିନିଆ ବର୍ଷା ଯୋଗୁ ଖୋର୍ଦ୍ଧା ଜିଲା ଅନ୍ତର୍ଗତ ବିଭିନ୍ନ ବ୍ଲକର ସମସ୍ତ ଅଞ୍ଚଳ ଚାଷୀଙ୍କ ବ୍ୟାପକ ଧାନ ଫସଲ ନଷ୍ଟ ହୋଇଥିବା ଜଣାପଡିଛି। ବିଲରେ କଟା ହୋଇଥିବା ଧାନ ଗଜା ବାହାରିବା ଆରମ୍ଭ କଲାଣି। ଅଧିକାଂଶ ଚାଷୀଙ୍କ ଧାନ ବର୍ଷାପାଣିରେ ଭାସୁଥିବା ଦେଖିବାକୁ ମିଳିଛି। ବିଭିନ୍ନ ବ୍ୟାଙ୍କ ଓ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥାରୁ ଋଣ ଆଣି ଚାଷୀମାନେ ଧାନ ଫସଲ କରିଥିଲେ। ହେଲେ ଅଦିନିଆ ବର୍ଷାରେ ସବୁ ଉଜୁଡ଼ି ଯାଉଥିବା ଦେଖି ଋଣ କିପରି ଶୁଝିବେ ଓ ପରିବାରର ଖର୍ଚ୍ଚ କିପରି ତୁଲାଇବେ ଏହି ଚିନ୍ତାରେ ଚାଷୀମାନେ ଭାଙ୍ଗି ପଡ଼ିଛନ୍ତି। ଏଥିପ୍ରତି କୃଷି ବିଭାଗ ଦୃଷ୍ଟି ଦେବା ସହ ଅଦିନିଆ ବର୍ଷାରେ କ୍ଷୟକ୍ଷତି ହୋଇଥିବା ଅମଳ ଧାନର ଅନୁଧ୍ୟାନ କରି ସହାୟତା ଯୋଗାଇଦେବାକୁ ଚାଷୀମାନେ ଦାବି କରିଛନ୍ତି।

ବେଗୁନିଆ ବ୍ଲକ ଅଞ୍ଚଳରେ ୮୦% ଲୋକେ ଚାଷ ଉପରେ ନିର୍ଭରଶୀଳ। ପ୍ରତିବର୍ଷ ଭଳି ଚଳିତ ଖରିଫ ଋତୁରେ ଚାଷୀ ୧୪ ହଜାର ହେକ୍ଟର ଜମିରେ ଧାନଚାଷ କରିଥିଲେ। ଆଉ ଦିନ କେଇଟା ପରେ ଅମଳ କରି ଫସଲ ଘରକୁ ଆଣିଥାନ୍ତେ। ହେଲେ ଗତ ୧୯ ତାରିଖରେ ବେଗୁନିଆରେ ସର୍ବାଧିକ ୮୪ ମିଲିମିଟର ବର୍ଷା ହୋଇଥିଲା। ଏଥିଯୋଗୁ ଧାନ ଫସଲ ନଷ୍ଟ ହୋଇଥିଲା। କ୍ଷୟକ୍ଷତି ଆକଳନ କରାଯାଇ ଚାଷୀଙ୍କୁ ସହାୟତା କରିବେ ବୋଲି ସରକାରଙ୍କ ନିର୍ଦ୍ଦେଶରେ ଜିଲା ପ୍ରଶାସନ ପକ୍ଷରୁ ଅନୁଧ୍ୟାନ ଜାରି ରହିଛି। ରାଜସ୍ୱ ଓ କୃଷି ବିଭାଗୀୟ କର୍ମଚାରୀମାନେ ମିଳିତ ଭାବେ କ୍ଷୟକ୍ଷତି ରିପୋର୍ଟ ତାଲିକା ପ୍ରସ୍ତୁତ କରିବେ। ହେଲେ ପୁଣି ଗତ ୨୪ ତାରିଖରୁ ବର୍ଷା ଲାଗିରହିଛି। ଲଗାଣ ବର୍ଷା ଯୋଗୁ ଚାଷୀକୁଳ ଚିନ୍ତାରେ ପଡ଼ିଛନ୍ତି। ପୁଣି ବର୍ଷା ଯୋଗୁ ଜମିରେ ଯେତିକି ଫସଲ ଥିଲା ତାହା ସମ୍ପୂର୍ଣ୍ଣ ଉଜୁଡ଼ିଗଲା। ଆଉ ଥରେ ଉପଯୁକ୍ତ ଅନୁଧ୍ୟାନ କରାଯାଇ କ୍ଷତି ଆକଳନ ରିପୋର୍ଟ ପ୍ରସ୍ତୁତ କରିବାକୁ ବିଭିନ୍ନ ସଙ୍ଗଠନ ପକ୍ଷରୁ ନିବେଦନ କରାଯାଇଛି। ଏ ସମ୍ପର୍କରେ ବ୍ଲକ କୃଷି ଅଧିକାରୀ ଗଣେଶ୍ୱର ରଥ କହିଛନ୍ତି, କ୍ଷତିଗ୍ରସ୍ତ ଚାଷୀମାନେ କୃଷକ ରକ୍ଷକ ପୋର୍ଟାଲ ଜରିଆରେ ଏବଂ ଟୋଲ ଫ୍ରି ହେଲ୍ପଲାଇନ ନମ୍ବର ୧୪୪୭କୁ ଫୋନ କରି ଅଭିଯୋଗ କରିପାରିବେ। ଆଉ ଥରେ ବିଭାଗ ପକ୍ଷରୁ ଅନୁଧ୍ୟାନ କରାଯାଇ ଚାଷୀଙ୍କୁ ସହାୟତା ପ୍ରଦାନ କରାଯାଇପାରିବ। ସେହିପରି ଟାଙ୍ଗୀ ବ୍ଲକ ଅନ୍ତର୍ଗତ ସମସ୍ତ ପଞ୍ଚାୟତର ଧାନକ୍ଷେତରେ ପାଣି ଜମି ରହିଛି। ଚାଷୀ ପାଣିରୁ ଛାଣି ଧାନ ଫସଲ ଆଣିଥିବା ବେଳେ ଧାନ କେଣ୍ଡାଗୁଡ଼ିକରୁ ଗଜା ବାହାରିଲାଣି। ଧାନର ମାନ ଠିକ୍ ନ ରହିଲେ ମଣ୍ଡିରେ ଗ୍ରହଣ କରାଯିବ ନାହିଁ ବୋଲି ସରକାରୀସ୍ତରରେ ଘୋଷଣା କରାଯାଇଥିବାରୁ ଚାଷୀଙ୍କୁ ଚିନ୍ତା ଘାରିଛି। ବାଣପୁର ବ୍ଲକ ଅନ୍ତର୍ଗତ ଭୀମପୁର, ଗାଲୁଆ, ସନହନୁଆଡ଼, ସାହାସପୁର, କୁମାରଙ୍ଗ, ସୁନାକେରା, ବାଲିପଦର, ଅଚ୍ୟୁତରାଜପୁର, ଭେଟେଶ୍ୱର, ଦୋଳମୁଣ୍ଡି, ଭେଷରୀ, ବନ୍ଧମୁଣ୍ଡି, ଗମ୍ଭାରୀମୁଣ୍ଡା, ଆୟତପୁର, ପାତ୍ରପୁର, ଦେଓଗାଁ, ଓଡ଼ଗାଁ, ଘାସଡିହ, ଖଜୁରିଆ, ପଞ୍ଚୁଗାଁ, କୁଲେଇ ଏବଂ ବାଣପୁର ଏନ୍ଏସିର ବିଭିନ୍ନ ଅଞ୍ଚଳର ଚାଷଜମି ଜଳମଗ୍ନ ହୋଇରହିଛି। ବିଲରେ ଜମି ରହିଥିବା ବର୍ଷାପାଣିରେ ପାଚିଲା ଧାନର କେଣ୍ଡା ସବୁ ବୁଡ଼ି ରହିଛି। କେତେଜଣ ଚାଷୀ ଖଳାକୁ ପାଣିବୁଡ଼ା ଧାନ ଆଣୁଥିବା ଦେଖିବାକୁ ମିଳିଛି।



ରାଜସ୍ୱ ଏବଂ କୃଷି ବିଭାଗର ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ କରି କ୍ଷୟକ୍ଷତିର ଆକଳନ କରୁଛନ୍ତି। (**ଫଟୋ: ପ୍ରଭାତ ପାଣିଗ୍ରାହୀ**)

## ହାତୀ ଉପଦ୍ରବ, ଧାନଫସଲ ନଷ୍ଟ

ଟାଙ୍ଗୀ, ୨୫।୧୨ (ରଘୁନାଥ ସାହୁ)



ଟାଙ୍ଗୀ ବନାଞ୍ଚଳରେ ହାତୀଙ୍କ ଉପଦ୍ରବ ଲାଗି ରହିଛି। ସନ୍ଧ୍ୟା ହେଲେ ଖାଦ୍ୟ ଅନ୍ୱେଷଣରେ ଗାଁମୁହାଁ ହେଉଛନ୍ତି। ଲୋକଙ୍କ ବାରି ଏବଂ କ୍ଷେତରେ ପଶି ଫସଲ ଖାଇବା ସହ ଦଳିଚକଟି ନଷ୍ଟ କରୁଛନ୍ତି। ଏହିକ୍ରମରେ ରମ୍ଭାବିଲ ଗ୍ରାମ ନିକଟରେ ହାତୀପଲ ପଶି ଧାନଫସଲ ଖାଇବା ସହ ଦଳିଚକଟି ନଷ୍ଟ କରିଦେଇଛନ୍ତି। ଲଘୁଚାପଜନିତ ବର୍ଷା ଯୋଗୁ ଧାନଫସଲ ନଷ୍ଟ ହେଉଥିବା ବେଳେ ହାତୀଙ୍କ ଉପଦ୍ରବ ଚାଷୀଙ୍କ ଚିନ୍ତା ବଢ଼ାଇଛି। ରମ୍ଭାବିଲ ଗ୍ରାମର ଚାଷୀ ଅଖିଳ ପାଇକରାୟ, ଆକାଶ ପାଇକରାୟ, ଦୁଃଖୀଶ୍ୟାମ ସାମନ୍ତରାୟ, ସୋମନାଥ ସାମନ୍ତରାୟ, ତ୍ରିନାଥ ସାମନ୍ତରାୟ, ଶିବାଜୀ ମହାକୁଡ଼, ସନାତନ ମହାପାତ୍ରଙ୍କ ଧାନ ଫସଲ ନଷ୍ଟ ହୋଇଥିବା ଜଣାପଡିଛି। ଚାଷୀଙ୍କୁ ସରକାରୀ ସହାୟତା ଯୋଗାଇଦେବା ପାଇଁ ସାଧାରଣରେ ଦାବି ହେଉଛି।

## ଯୁବଗୋଷ୍ଠୀଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି ମନୋଜ



ବେଗୁନିଆ, ୨୫।୧୨ (ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ବଡ଼ବେରଣା ପଞ୍ଚାୟତ ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମର ମନୋଜ ପୃଷ୍ଟି। ବୟସ ୩୯। ସେ ଜୈବିକ ପଦ୍ଧତିରେ ଚାଷକାର୍ଯ୍ୟ କରି ଲାଭବାନ ହେବା ସହ ଯୁବଗୋଷ୍ଠୀଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି। ଉଚ୍ଚ ଶିକ୍ଷିତ ଯୁବକମାନେ ଚାଷ କାର୍ଯ୍ୟରୁ ମୁହଁ ଫେରାଉଥିବା ବେଳେ ମନୋଜ ଯୁକ୍ତ ୨ ପାସ ପରେ ବାପାଙ୍କ ପ୍ରେରଣାରେ ଧାନ, ମୁଗ ଆଦି ଫସଲ କରିଆସୁଛନ୍ତି। ତେବେ ଭଲ ଫସଲ ଅମଳ ଆଶାରେ ଚାଷୀ ଅଧିକ ପରିମାଣର ରାସାୟନିକ ସାର ଓ କୀଟନାଶକ ବ୍ୟବହାର କରିଥାନ୍ତି। ଏହାଦ୍ୱାରା ମଣିଷ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇଥାନ୍ତି। ତେଣୁ କୃଷି କାର୍ଯ୍ୟାଳୟର କ୍ଷେତ୍ରୀୟ କର୍ମଚାରୀ ବିଭୂତି ଭୂଷଣ ଦଳବେହେରାଙ୍କ ପରାମର୍ଶକ୍ରମେ ମନୋଜ ଜୈବିକ ଚାଷ ପଦ୍ଧତିରେ ଅଧିକ ଧାନ ଅମଳ କରିପାରିଛନ୍ତି। ସେ ପ୍ରଥମେ ୪ଏକର ଜମିରେ ଧନିଚା ଚାଷ କରିବା ପରେ ଧାନ ରୋଇ ଚାଷ କରିଥିଲେ। ଏଥିରୁ ଗତ ବର୍ଷ ଧାନ ଫସଲ ଅମଳ କମ୍ ହୋଇଥିବା ବେଳେ ଚଳିତ ବର୍ଷ ୧୧୦ ବସ୍ତା ଧାନ ଅମଳ କରିଥିବାରୁ ଖୁସି ଅନୁଭବ କରିବା ସହ ଜୈବିକ ପଦ୍ଧତିରେ ଚାଷକାର୍ଯ୍ୟ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି।

## ସଂକ୍ଷେପରେ

### ଶରଧାପୁର ଫୁଟ୍‌ବଲ କପ୍: ଘାଟିକିଆ ସେମିରେ

ଖୋର୍ଦ୍ଧା, ୨୫।୧୨ (ପ୍ରଭାତ ପାଣିଗ୍ରାହୀ)

ଶରଧାପୁର ସ୍ପୋର୍ଟ୍ସ ଆସୋସିଏଶନ ଆନୁକୂଲ୍ୟରେ ଅନୁଷ୍ଠିତ ଶରଧାପୁର ଫୁଟ୍‌ବଲ କପ୍ ଟୁର୍ନାମେଣ୍ଟର ଚତୁର୍ଥ ଦିବସରେ ଭୁବନେଶ୍ୱରର ଘାଟିକିଆ କ୍ଲବ ସେମିଫାଇନାଲରେ ପ୍ରବେଶ କରିଛି। ବୁଧବାର ସ୍ଥାନୀୟ ଖେଳପଡ଼ିଆରେ ଘାଟିକିଆ କ୍ଲବ ବନାମ ଢେଙ୍କାନାଳ ମଧ୍ୟରେ ମ୍ୟାଚ୍ ହୋଇଥିଲା। ପ୍ରଥମାର୍ଦ୍ଧରେ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ଦ୍ୱିତୀୟାର୍ଦ୍ଧରେ ୩-୧ ଗୋଲରେ ଘାଟିକିଆ କ୍ଲବ ବିଜୟୀ ହୋଇଥିଲା। ଅତିଥିଭାବେ କିଟ୍ ବିଶ୍ୱବିଦ୍ୟାଳୟର ଆସିଫ ମହମ୍ମଦ, ଦେବରାଜ ବାରିକ, ମୀନକେତନ ବଡ଼ଜେନା ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ରାଜୁ ମହାନ୍ତି ମ୍ୟାଚ୍ ପରିଚାଳନା କରିଥିବା ବେଳେ ପ୍ରଫୁଲ୍ଲ ବେହେରା, ବିଦେଶ ନାୟକ, ଏସ୍. ଅଲ୍ଲୀ ପ୍ରମୁଖ ସହଯୋଗ କରିଥିଲେ। ଗୁରୁବାର ପ୍ରଥମ ସେମିଫାଇନାଲ ମ୍ୟାଚ୍ ଗୋପାଳପୁର ଏବଂ ଇଟାମାଟି ଟିମ୍ ମଧ୍ୟରେ ହେବ ବୋଲି ଆୟୋଜକ କମିଟି ସମ୍ପାଦକ ଏସ୍.ଇ. ହୁଦା କହିଛନ୍ତି।

### ମନ୍ଦିର ପୂଜକଙ୍କ ପରଲୋକ

ଟାଙ୍ଗୀ, ୨୫।୧୨ (ରଘୁନାଥ ସାହୁ)

ଟାଙ୍ଗୀ ବ୍ଲକ ଅନ୍ତର୍ଗତ ବଡ଼ପାରୀ ଗ୍ରାମସ୍ଥିତ ନୀଳକଣ୍ଠେଶ୍ୱର ମନ୍ଦିର ପୂଜକ ରାଧାଶ୍ୟାମ ମହାପାତ୍ରଙ୍କ ଗୋଡ଼ ଖସି ପଡ଼ିଯିବାରୁ ମୃତ୍ୟୁ ଘଟିଛି। ତାଙ୍କୁ ୫୫ବର୍ଷ ବୟସ ହୋଇଥିଲା। ସୂଚନା ମୁତାବକ, ପ୍ରତିଦିନ ଭଳି ରାଧାଶ୍ୟାମ ବୁଧବାର ସକାଳେ ପୂଜା କରିବା ପାଇଁ ମନ୍ଦିରରେ ପହଞ୍ଚିଥିଲେ। ବର୍ଷା ଲାଗି ରହିଥିବାରୁ ତାଙ୍କ ଗୋଡ଼ ଖସିଯିବାରୁ ତଳେ ପଡ଼ିଯିବା ସହ ଅଚେତ ହୋଇଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ମାଙ୍କଡ଼ା ପଥର ଖଣିରେ ଚଢ଼ାଉ, ପାୱାରଟିଲର ଜବତ



ନିରାକାରପୁର, ୨୫।୧୨ (ମାନସ ଚନ୍ଦ୍ର ପଟ୍ଟନାୟକ)

ନିରାକାରପୁର ଥାନା ଅଧୀନ ନୂଆଗଡ଼ ପଞ୍ଚାୟତ ହରିପୁର ଦୋଳମେଳଣ ପଡିଆ ନିକଟରେ ଦୀର୍ଘଦିନ ଧରି ଚାଲିଥିବା ଏକ ବେଆଇନ ମାଙ୍କଡ଼ା ପଥର ଖଣିରେ ପୋଲିସ ଚଢ଼ାଉ କରିଥିଲା। ଘଟଣାସ୍ଥଳରୁ ପୋଲିସ ପାୱାରଟିଲର ଜବତ କରିଥିବା ବେଳେ ଚାଳକ ଜଣଙ୍କ କୌଶଳକ୍ରମେ ଖସି ପଳାଇଥିଲେ। ଏନେଇ ଥାନାରେ ଏକ ମାମଲା (ନଂ.୩୩୨/୨୪)ରୁଜୁ ହୋଇଛି। ଏହି ଚଢ଼ାଉରେ ଉକ୍ତ ଥାନାର ପୋଲିସ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ଆଜିଠୁ ବୋଲଗଡ଼ ମହୋତ୍ସବ

ବୋଲଗଡ଼, ୨୫।୧୨ (ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ସଦର ମହକୁମାସ୍ଥିତ ମିନି ଷ୍ଟାଡିୟମ ସମ୍ମୁଖ ପଡ଼ିଆରେ ଗୁରୁବାରଠାରୁ ଆରମ୍ଭ ହେବ ବୋଲଗଡ଼ ମହୋତ୍ସବ ଆଶା-୨୦୨୪ର ୨୧ତମ ସଂସ୍କରଣ। ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ପାଞ୍ଚଦିନ ମହୋତ୍ସବ ପାଳନ ହେବ। କମିଟି ସଭାପତି ସ୍ଥାନୀୟ ବିଧାୟକ ପ୍ରଦୀପ ସାହୁଙ୍କ ପରାମର୍ଶ ଅନୁଯାୟୀ ସମସ୍ତ କାର୍ଯ୍ୟ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ତେବେ ବର୍ଷା ଯୋଗୁ ମହୋତ୍ସବ ଫିକା ପଡ଼ିବା ଆଶଙ୍କା ଦେଖା ଦେଇଥିବା ବେଳେ କମିଟି ସମ୍ପାଦକ ବୀରକିଶୋର ଦାସ ମହୋତ୍ସବ ନିଶ୍ଚିତ ଉଦ୍‌ଘାଟନ ହେବା ସହ ମଞ୍ଚ ପୂଜା ପାଇବ ଏବଂ ବିଭିନ୍ନ ଦେବଦେବୀଙ୍କୁ ଆବାହନ କରାଯିବ ବୋଲି କହିଛନ୍ତି। ସୂଚନାଥାଉ କି, ଗତ ୨୦ବର୍ଷ ଧରି ବୋଲଗଡ଼ ମହୋତ୍ସବ ଏକ ନିର୍ଦ୍ଦିଷ୍ଟ ଦିବସ ଡିସେମ୍ବର ୨୬ରୁ ୩୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥାଏ।

## ନାବାଳିକାଙ୍କ ପାଟିରେ ଅଠା ଲଗାଇବା ନେଇ ଥାନାରେ ଅଭିଯୋଗ

ଟାଙ୍ଗୀ, ୨୫।୧୨ (ରଘୁନାଥ ସାହୁ)

ଟାଙ୍ଗୀ ଥାନା ଅଧୀନ ମଙ୍ଗଳାଯୋଡ଼ି ଗ୍ରାମର ଜଣେ ମହିଳା ପୂର୍ବ ଶତ୍ରୁତାକୁ ନେଇ ନାବାଳିକାଙ୍କ ପାଟିରେ ଜୋରଜବରଦସ୍ତ ଫେବିକୁଇକ ଅଠା ଲଗାଇଥିବା ଅଭିଯୋଗ ହୋଇଛି। ସୂଚନା ମୁତାବକ, ନାବାଳିକା ଜଣଙ୍କ ରେଳ ଲାଇନ ନିକଟକୁ ଶୌଚ ହେବାକୁ ଯାଇଥିଲେ। ଏହି ସମୟରେ ଗ୍ରାମର ସମ୍ପୃକ୍ତ ମହିଳା ସେଠାରେ ପହଞ୍ଚି ନାବାଳିକାଙ୍କ ପାଟିରେ ଅଠା ପୂରାଇ ଦେଇଥିଲେ। ଅଠାରେ ପାଟି ନ ଖୋଲିବାରୁ ତାଙ୍କୁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଏନେଇ ନାବାଳିକାଙ୍କ ମା' ଥାନାରେ ଅଭିଯୋଗ କରିଥିଲେ। ତଦନ୍ତ ପରେ ଘଟଣାର ସତ୍ୟାସତ୍ୟ ଜଣାପଡ଼ିବ। ଉଭୟ ପକ୍ଷଙ୍କ ଅଭିଯୋଗକ୍ରମେ ପୃଥକଭାବେ ଦୁଇଟି ମାମଲା ରୁଜୁ ହୋଇଛି ବୋଲି ଟାଙ୍ଗୀ ଥାନା ଆଇଆଇସି କହିଛନ୍ତି।

## ଆମ୍ବୁଲାନ୍ସ ଚାଳକ ନିବାସଙ୍କୁ 'ସେବା ସମ୍ମାନ'

ଖୋର୍ଦ୍ଧା, ୨୫।୧୨ (ପ୍ରଭାତ ପାଣିଗ୍ରାହୀ)

**କୋଭିଡ୍ ସମୟରେ ୨୫୦୦ ରୋଗୀଙ୍କୁ ଯୋଗାଇଛନ୍ତି ସେବା**



ଖୋର୍ଦ୍ଧା ଉପକଣ୍ଠ କୁମାରବସ୍ତ ଗ୍ରାମର ନିବାସ ମହାରଣା। ଜିଲା ମୁଖ୍ୟ ଚିକିତ୍ସାଳୟରେ ସରକାରୀ ଆମ୍ବୁଲାନ୍ସ ଚାଳକଭାବେ କାର୍ଯ୍ୟରତ ଅଛନ୍ତି। ଲୋକଙ୍କ ସେବାକୁ ନିଜ ଜୀବନର ବ୍ରତଭାବେ ଗ୍ରହଣ କରିଥିବା ନିବାସ ଇତିମଧ୍ୟରେ ୨୫ବର୍ଷରୁ ଊର୍ଦ୍ଧ୍ୱ ଚାକିରି ଜୀବନ ଅତିବାହିତ କରିସାରିଲେଣି। ସେ ୧୭ ମାର୍ଚ୍ଚ ୧୯୯୯ରେ ଟାଙ୍ଗୀ ସିଏଚ୍‌ସି ଅଧୀନ ରାମେଶ୍ୱର ପିଏଚ୍‌ସିରେ ଚାକିରି ଜୀବନ ଆରମ୍ଭ କରିଥିଲେ। ସେଠାରୁ ଦୁଇ ମାସ ବୋତଲମା ସିଏଚ୍‌ସି ପରେ ଖୋର୍ଦ୍ଧାରେ ଯୋଗଦେଇଥିଲେ। ମେଡିକାଲକୁ ଚିକିତ୍ସା ପାଇଁ ଆସୁଥିବା ଲୋକଙ୍କ ସେବାରେ ଆନନ୍ଦ ଅନୁଭବ କରନ୍ତି ନିବାସ। ବୁଧବାର ସାମ୍ବାଦିକ ଭବନରେ ସମ୍ମିଳିତ କର୍ମଚାରୀ ସାମ୍ବାଦିକ ସଂଘ(ଓୟୁଡବ୍ଲ୍ୟୁଜେ)ର ଖୋର୍ଦ୍ଧା ଜିଲା ଶାଖା ପକ୍ଷରୁ ଆୟୋଜିତ ୯ମ ପ୍ରତିଷ୍ଠା ଦିବସରେ ସ୍ୱାସ୍ଥ୍ୟ ସେବାକ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ନିବାସଙ୍କୁ 'ସେବା ସମ୍ମାନ' ପ୍ରଦାନ କରାଯାଇଛି। ରାଜ୍ୟ ସଭାପତି ଭାଗବତ ତ୍ରିପାଠୀ, ସାଧାରଣ ସମ୍ପାଦକ ତପନ ମାହାରଣ୍ୟ ଶର୍ମା, ସଙ୍ଗଠନ ସମ୍ପାଦକ ଅର୍ଜୁନ ମୁଦୁଲି, ଜିଲା ଶାଖା ସଭାପତି ପ୍ରକାଶ କୁମାର ହାତୀ, ସମ୍ପାଦକ ଦିଲୀପ ପଟ୍ଟନାୟକ, ଜିଲା ପ୍ରେସ କ୍ଲବ ସଭାପତି ଶୁଭ୍ରାଂଶୁ ସାମନ୍ତରାୟ, ଜିଲା ସୂଚନା ଲୋକ ସମ୍ପର୍କ ଅଧିକାରୀ ଜ୍ୟୋତ୍ସ୍ନାମୟୀ ଆଚାର୍ଯ୍ୟ, ଲଳିତ ମୋହନ ମହାପାତ୍ର ପ୍ରମୁଖ ତାଙ୍କୁ ସମ୍ମାନିତ କରିଥିଲେ।

ନିବାସ କୁହନ୍ତି, ୨୦୨୦ରେ ଖୋର୍ଦ୍ଧାରେ ପ୍ରଥମ କୋଭିଡ୍ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ଠାକୁରଙ୍କୁ ସ୍ମରଣ କରି ତାଙ୍କୁ ନେଇ ଭୁବନେଶ୍ୱରର କୋଭିଡ୍ ମେଡିକାଲକୁ ସ୍ଥାନାନ୍ତର କରିଥିଲି। ଏହା ପରଠାରୁ ଜିଲା ମୁଖ୍ୟ ଚିକିତ୍ସାଳୟ ସମେତ ଚିଲିକା, ବାଣପୁର, ଟାଙ୍ଗୀ, ହଲଦିଆ, ବେଗୁନିଆ, ବୋଲଗଡ଼, ମେଣ୍ଢାଶାଳ ଆଦି ସିଏଚ୍‌ସିରୁ ରୋଗୀ ନେଇ ଭୁବନେଶ୍ୱରକୁ ପ୍ରାୟ ୨୫୦୦ରୁ ଊର୍ଦ୍ଧ୍ୱ କୋଭିଡ୍ ଆକ୍ରାନ୍ତଙ୍କୁ ଆମ୍ବୁଲାନ୍ସରେ ସେବା ଯୋଗାଇଛି। ତେବେ ସେ ସ୍ଥାନାନ୍ତର କରିଥିବା ରୋଗୀ କେହି ମୃତ୍ୟୁବରଣ କରି ନ ଥିବା କହିଛନ୍ତି। ଏପରିକି କୋଭିଡ୍ ମୃତକଙ୍କ ପରିଚୟ ଜାଣିବାରେ ଅସୁବିଧା ହେଲେ ସେ ତାଙ୍କ ଠିକଣା ଖୋଜିବାରେ ପ୍ରଶାସନକୁ ସହଯୋଗ କରି ପ୍ରଶଂସିତ ହୋଇଛନ୍ତି। ଜିଲା ପ୍ରଶାସନ ପକ୍ଷରୁ ୨୦୨୧ରେ କୋଭିଡ୍ ଯୋଦ୍ଧା ଭାବେ ସମ୍ମାନିତ ହୋଇଛନ୍ତି। ୨୦୨୦ ଓ ୨୦୨୧ ଦୁଇ ବର୍ଷ ଘରକୁ ଯାଇନଥିଲି। ମେଡିକାଲ ପରିସରରେ ଆମ୍ବୁଲାନ୍ସ ଡ୍ରାଇଭରଙ୍କ ପାଇଁ ଉଦ୍ଦିଷ୍ଟ ଘରେ ରହୁଥିଲି। କୋଭିଡ୍ ଆକ୍ରାନ୍ତଙ୍କୁ ଆଶ୍ୱାସନା ଦେଇ ମେଡିକାଲକୁ ନେବା ଏକ ଚ୍ୟାଲେଞ୍ଜ ରହିଥିଲା। ଏହାକୁ ଜୀବନର ବ୍ରତଭାବେ ଗ୍ରହଣ କରିନେଇଥିଲି।

## ମାନସିଂହ ସାହିତ୍ୟ ସଂସଦର ବାର୍ଷିକୋତ୍ସବ

କୃଷ୍ଣପ୍ରସାଦ, ୨୫।୧୨ (କୈଳାସ ଚନ୍ଦ୍ର ପଟ୍ଟନାୟକ)

କୃଷ୍ଣପ୍ରସାଦ ବ୍ଲକ ନନ୍ଦଳାଠାରେ ମାନସିଂହ ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସୁସାହିତ୍ୟିକ ବିଜୟ ଚନ୍ଦ୍ର ମିଶ୍ର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନର ଉପଦେଷ୍ଟା କିଶୋର ଚନ୍ଦ୍ର ବିଶୋଇଙ୍କ ସଭାପତିତ୍ୱରେ କବିତା ପାଠୋତ୍ସବ ହୋଇଥିଲା। କବି ଶେଷଦେବ ବେହେରା, ନୀହାରିକା ପଣ୍ଡା, ସରପଞ୍ଚ ସବିତା ବିଶ୍ୱାଳ, ଉମାକାନ୍ତ ରାଉତ, ଭରତ ବେହେରା, ଲକ୍ଷ୍ମୀ ନାରାୟଣ ଦାସ, ଶ୍ରୀଧର ପରିଡା, ପ୍ରେମଚାନ୍ଦ ପାତ୍ର ପ୍ରମୁଖ କବିତା ପାଠ କରିଥିଲେ। ଏହି ଅବସରରେ ଏକ ସଭା ଅନୁଷ୍ଠାନର ସଭାପତି ବିଷ୍ଣୁ ପ୍ରସାଦ ଦଳେଇଙ୍କ ସଭାପତିତ୍ୱରେ ହୋଇଥିଲା। ମୁଖ୍ୟ ଅତିଥିଭାବେ ଉମାକାନ୍ତ ରାଉତ, ମୁଖ୍ୟ ବକ୍ତା ଡ. ଇନ୍ଦିରା ଦତ୍ତ, ମୁଖ୍ୟ ଉପଦେଷ୍ଟା ପ୍ରେମାନନ୍ଦ ବେହେରା, ବରିଷ୍ଠ ପ୍ରଶାସକ ଧନଞ୍ଜୟ ସ୍ୱାଇଁ, ପ୍ରଫେସର ସରୋଜିନୀ ବରାଇ ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଥିଲେ। ସଂଯୋଜକ ବିଦ୍ୟାଧର ଦଳବେହେରା ଧନ୍ୟବାଦ ଦେଇଥିବା ବେଳେ ସମ୍ପାଦକ ଲଳିତ କୁମାର ସ୍ୱାଇଁ ବାର୍ଷିକ ବିବରଣୀ ପାଠ ସହ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ପ୍ରଫେସର ସରୋଜିନୀ ବରାଇଙ୍କ 'ମଧୁକ୍ଷରା', ଅନୁଷ୍ଠାନର ସମ୍ପାଦକ ଲଳିତ କୁମାର ସ୍ୱାଇଁଙ୍କ 'ଗୋହରୀ', ନୀହାରିକା ପଣ୍ଡାଙ୍କ 'ଶବ୍ଦ ଶୃଙ୍ଗାରର ସଞ୍ଚିତ ସ୍ମୃତି' ସୁରେଶ ଚୌହାନଙ୍କ 'ଯଶସ୍ୱୀ', ରାଜଲକ୍ଷ୍ମୀ ଦଳାଇଙ୍କ 'ଶ୍ରଦ୍ଧା', ରାଜ କିଶୋର ନାୟକଙ୍କ 'ଇତି ତୁମରି ସାଥୀ' ଲୋକାର୍ପଣ ହୋଇଥିଲା। ସାରସ୍ୱତ ସାଧକଭାବେ ଖବରଦାତା କୈଳାସ ଚନ୍ଦ୍ର ପଟ୍ଟନାୟକ, ଶିକ୍ଷକ ସନାତନ ତରେଇ, ଗାୟକ କୃଷ୍ଣ ମୋହନ ଜେନା, ପାଲାକାର ଗୋପାଳ କୃଷ୍ଣ ଜେନାଙ୍କୁ ସମ୍ମାନିତ କରାଯାଇଥିବା ବେଳେ ମାନସିଂହ ସ୍ମୃତି ସମ୍ମାନ ଧନଞ୍ଜୟ ସ୍ୱାଇଁ, ଗଳ୍ପ ସମ୍ମାନ ଡ.ଲଲାଟେନ୍ଦୁ ସାହୁ, କବିତା ସମ୍ମାନ ଶ୍ୱେତା ରାଉତ, ନାଟକ ସମ୍ମାନ ଯାମିନୀ କାନ୍ତ ଦାଶ, ସାରସ୍ୱତ ସମ୍ମାନ ଅଭିନେତା ଅଭିଷେକ ଗିରି ଏବଂ ଶିବାନନ୍ଦ ବାରିକଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଉତ୍ସବରେ ଓଡ଼ିଶାର ବିଭିନ୍ନ ଜିଲାର ଶତାଧିକ କବି, ଲେଖକ, ଗାଳ୍ପିକ ଏବଂ ବୁଦ୍ଧିଜୀବୀ ଯୋଗଦେଇଥିଲେ।




ମାନସିଂହ ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ ଅବସରରେ ଅତିଥିମାନେ ଲଳିତ କୁମାର ସ୍ୱାଇଁଙ୍କ ପୁସ୍ତକ 'ଗୋହରୀ 'କୁ ଉନ୍ମୋଚନ କରୁଛନ୍ତି।

## ଆଲୁମିନିୟମ ତାର ଭର୍ତ୍ତି ଗାଡ଼ି ଜବତ, ଜଣେ ଗିରଫ

ଜଟଣୀ, ୨୫।୧୨ (ରବୀନ୍ଦ୍ରନାଥ ମହାକୁଡ଼)

ଆଲୁମିନିୟମ ତାର ଚୋରି ଘଟଣାରେ ଜଟଣୀ ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଅଧୀନ ତିରିମଲ ଗ୍ରାମ ତଳସାହିର ମଙ୍ଗୁଳି ମହାନ୍ତି ଓରଫ ମଙ୍ଗୁଳି(୪୭)। ତାଙ୍କ ନିକଟରୁ ଏକ ଟାଟା ଏସିଇ ଗାଡି, ୯ଟି ଆଲୁମିନିୟମ ବାର୍ ଏବଂ ଆଲୁମିନିୟମ ତାର ଭର୍ତ୍ତି ୧୧ବସ୍ତା ଜବତ ହୋଇଛି। ଏନେଇ ଥାନାରେ ଏକ ମାମଲା (ନଂ.୫୧୫/୨୪) ରୁଜୁ ହୋଇଛି। ସୂଚନା ମୁତାବକ, ଜଟଣୀ ଥାନା ଅଧୀନ ପୋଡ଼ପଡ଼ା ଖେଳପଡ଼ିଆରେ ଏକ ଟାଟା ଏସିଇରେ ଆଲୁମିନିୟମ ତାର ଲୋଡ଼ ହେଉଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ଥାନା ଅଧିକାରୀ ସୌମ୍ୟକାନ୍ତ ବଳିୟାରସିଂଙ୍କ ନିର୍ଦ୍ଦେଶକ୍ରମେ ଏସ୍ଆଇ ସସ୍ମିତା ସାହୁଙ୍କ ନେତୃତ୍ୱରେ ଏକ ଟିମ୍ ଉକ୍ତ ସ୍ଥାନରେ ପହଞ୍ଚି ଚଢ଼ାଉ କରିଥିଲେ। ଉପରୋକ୍ତ ଅଭିଯୁକ୍ତଙ୍କୁ କାବୁ କରିବା ସହିତ ସାମଗ୍ରୀ ଜବତ କରିଥିଲେ। ପଚରାଉଚରା ସମୟରେ ଅଭିଯୁକ୍ତ ଦୋଷ ସ୍ୱୀକାର କରିଥିଲେ। ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ଜଟଣୀ ଥାନାରେ ଏକ ଆପରାଧିକ ମାମଲା ରହିଥିବା ପୋଲିସ କହିଛି।



## ଉଜ୍ଜ୍ୱଳ ଭବିଷ୍ୟତ ଗଠନରେ ସହାୟକ ହୁଏ ମୂଲ୍ୟବୋଧ ଶିକ୍ଷା

ବେଗୁନିଆ, ୨୫।୧୨ (ହର ପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ସଦର ମହକୁମାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ(ଓଏଭି)ର ୪ର୍ଥ ବାର୍ଷିକୋତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ଭକ୍ତି ରଞ୍ଜନ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶୁଭାରମ୍ଭ କରିଥିଲେ। ପୁରୀ ଜିଲା କଣାସ ଡିଗ୍ରୀ କଲେଜର ଇଂଲିଶ ଅଧ୍ୟାପକ ଡ.ଗୁରୁପ୍ରସାଦ ମହାପାତ୍ର ବକ୍ତା ଏବଂ ସମ୍ମାନିତ ଅତିଥିଭାବେ ବିଡିଓ ଲକ୍ଷ୍ମୀଧର ସାହୁ, ଶିକ୍ଷାବିତ୍ ଯୋଗେଶ୍ୱର ସୁନ୍ଦରାୟ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ମିନତି ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ପିଲାମାନେ ଶିକ୍ଷାକୁ ପ୍ରାଧାନ୍ୟ ଦିଅ, ଉଜ୍ଜ୍ୱଳ ଭବିଷ୍ୟତ ଗଢ଼। ଅତ୍ୟାଧୁନିକ ଯୁଗରେ ଯଦି ଶିକ୍ଷା ନାହିଁ ତେବେ ଭବିଷ୍ୟତ ଅନ୍ଧାର ସୁନିଶ୍ଚିତ। ଶୃଙ୍ଖଳିତ ହୁଅ, ଗୁଣାତ୍ମକ ଓ ମୂଲ୍ୟବୋଧ ଶିକ୍ଷା ଗ୍ରହଣ କରି ଭବିଷ୍ୟତ ଉଜ୍ଜ୍ୱଳ କର ବୋଲି ଅତିଥି ସାହୁ ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ସଙ୍ଗୀତ ଓ କଳା ଶିକ୍ଷୟିତ୍ରୀ ମୀରା କୁମାରୀ ରାମ, ଶିକ୍ଷକ ଚନ୍ଦ୍ରକାନ୍ତ ଜଗଦେବ ଏବଂ ଅରୁଣ କୁମାର ବେଉରାଙ୍କ ସହିତ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲଭିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ରମେଶ ଚନ୍ଦ୍ର ସାହୁ, ନକୁଳ ମୁଦୁଲି, ମାଧବ ଚନ୍ଦ୍ର ସାହୁ, ଜଗବନ୍ଧୁ ପଣ୍ଡା, ଅକ୍ଷୟ ମଲ୍ଲିକ, ଅଜୟ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର ଏବଂ ଅନ୍ୟମାନେ।

## ସଂକ୍ଷେପରେ

### ଦୁର୍ଘଟଣାରେ ବାଇକ୍‌ଚାଳକ ଗୁରୁତର

**କଣାସ,୨୫।୧୨(ବିଭୂତି ଭୂଷଣ ତ୍ରିପାଠୀ)**

କଣାସ-ଡେଲାଙ୍ଗ ରାସ୍ତାର ଗାଣ୍ଡପଡ଼ା ଛକ ନିକଟରେ ଜଣେ ବାଇକ୍ ଚାଳକ ଯାଉଥିବାବେଳେ ଗାଡ଼ିରୁ ପଡ଼ି ଗୁରୁତର ଆହତ ହୋଇ ଭୁବନେଶ୍ୱରର ଏକ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ଖବର ନେବାରେ ଡେଲାଙ୍ଗ ଥାନା ରାତୁଓ ଗ୍ରାମର ପ୍ରଦୀପ ବଳିୟାରସିଂହ(୩୫) ବାଇକ୍ ଯୋଗେ କଣାସରୁ ନିଜ ଗ୍ରାମକୁ ଯାଉଥିଲେ। ରାସ୍ତା ଉପରେ ପଡ଼ିଥିବା ପାଳ ଉପରେ ବାଇକ୍ ସ୍ଲିପ କରିବାରୁ ସେ ଗୁରୁତର ଆହତ ହୋଇ ରାସ୍ତା ଉପରେ ପଡ଼ି ଯାଇଥିଲେ। ସ୍ଥାନୀୟ ଯୁବକମାନେ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିବାବେଳେ ଗାଡ଼ି ନ ଥିବା କହି ସେମାନେ ଫୋନ କାଟି ଦେଇଥିଲେ। କଣାସ ଥାନା ଆଇଆଇସି ପ୍ରଦୀପ କୁମାର ଝୁଝାରସିଂଙ୍କୁ ଯୁବକମାନେ ଏ ବାବଦରେ ଜଣାଇବାରୁ ସେ ସଙ୍ଗେ ସଙ୍ଗେ ଥାନା ଗାଡ଼ିରେ ଘଟଣାସ୍ଥଳରେ ପହଞ୍ଚି ଆହତ ଯୁବକଙ୍କୁ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଥିଲେ। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ସେଠାରୁ ତାଙ୍କୁ ଭୁବନେଶ୍ୱର ଡାକ୍ତରଖାନାକୁ ଚିକିତ୍ସା ପାଇଁ ପଠାଇ ଦିଆଯାଇଛି।

### ଜମି କିଣାଯିବାର ୪ ମାସ ପରେ ମଧ୍ୟ ମିଳିଲାନି ପଟ୍ଟା

**କଣାସ,୨୫।୧୨(ବିଭୂତି ଭୂଷଣ ତ୍ରିପାଠୀ)**

କୌଣସି ବ୍ୟକ୍ତି ଜମି କିଣାବିକା କଲେ, ତାହାର ୨୫ ଦିନ ମଧ୍ୟରେ ବ୍ୟକ୍ତି ଜଣଙ୍କ ପଟ୍ଟା ପାଇବାର ନିର୍ଦ୍ଦେଶ ରହିଛି। ହେଲେ କଣାସ ବ୍ଲକର ୨ ଜଣ ବ୍ୟକ୍ତି ଜମି କିଣିବାର ୧୩୫ ଦିନ ବିତି ଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ସେମାନଙ୍କୁ ପଟ୍ଟା ମିଳିପାରି ନାହିଁ। ଦୁହେଁ ବାରମ୍ବାର ତହସିଲଦାରଙ୍କ ପାଖକୁ ଯାଇ ହତାଶ ହୋଇ ଫେରୁଛନ୍ତି। ଖବର ନେବାରେ ଜଣାପଡ଼ିଛି, ବୀରକେଶରପୁର ଗ୍ରାମର ସତ୍ୟନାରାୟଣ ମିଶ୍ର ଓ ରମାକାନ୍ତ ମିଶ୍ର, ବାରିମଣ୍ଡଳ ମୌଜାର ଖାତା ନଂ. ୧୯୦ ଏବଂ ପ୍ଲଟ୍ ନଂ. ୪୫୪କୁ ତା.୨୩।୮।୨୪ରେ କଣାସ ସବ୍‌ରେଜିଷ୍ଟ୍ରି କାର୍ଯ୍ୟାଳୟରେ ରେଜିଷ୍ଟ୍ରି କରାଇଥିଲେ। ଉକ୍ତ ପଟ୍ଟା ପୋଷ୍ଟ ଅଫିସ୍ ଜରିଆରେ ସେମାନଙ୍କ ନିକଟକୁ ଯିବା କଥା। କିନ୍ତୁ ମାସେ ପରେ ମଧ୍ୟ ପଟ୍ଟା ନ ପହଞ୍ଚିବାରୁ ଦୁହେଁ ଯାଇ ତହସିଲ ଅଫିସ୍‌ରେ ପଚାରିବାରୁ ୨୧।୯।୨୪ରେ ଉକ୍ତ ପଟ୍ଟା ତ୍ରିଲୋଚନପୁର ପୋଷ୍ଟ ଅଫିସକୁ ପଠାଯାଇଥିବା ଜାଣିବାକୁ ପାଇଥିଲେ। ସତ୍ୟନାରାୟଣ ଓ ରମାକାନ୍ତ ତ୍ରିଲୋଚନପୁର ପୋଷ୍ଟ ଅଫିସକୁ ଯିବାରେ ସେଠାରେ ପଟ୍ଟା ନ ଥିବା ଜାଣିବାକୁ ପାଇଥିଲେ। ତ୍ରିଲୋଚନପୁର ପୋଷ୍ଟ ମାଷ୍ଟର ତହସିଲ କାର୍ଯ୍ୟାଳୟ ଚିଠିର ରେଜିଷ୍ଟ୍ରି ନମ୍ବର ଦେଖି ପଟ୍ଟା ଜଙ୍କିଆ ପୋଷ୍ଟ ଅଫିସ୍‌କୁ ଯାଇଥିବା କହିଥିଲେ। ୨ ଦିନ ତଳେ ଦୁହେଁ ପୁନଶ୍ଚ ଜଙ୍କିଆ ପୋଷ୍ଟ ଅଫିସ୍‌କୁ ଯାଇଥିଲେ ମଧ୍ୟ ସେଠାରେ ପଟ୍ଟା ପାଇ ନ ଥିଲେ। ସତ୍ୟନାରାୟଣ ଓ ରମାକାନ୍ତ କଣାସ ତହସିଲଦାର ହିମାଂଶୁ ଶେଖର ଗିରିଙ୍କୁ ଜଣାଇବାରେ, କିରାଣି ଓ ପଟ୍ଟା ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ୨-୩ ଥର ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ସାଇଟ୍ ଖୋଲୁ ନ ଥିବା କହି ସେ ଫେରାଇ ଦେଉଥିବା କହିଛନ୍ତି।

### ନାଟମଣ୍ଡପରେ ବ୍ୟାରିକେଡ୍ ବ୍ୟବସ୍ଥା ନ କରିବାକୁ ମୁଖ୍ୟ ପ୍ରଶାସକଙ୍କୁ ଦାବିପତ୍ର

**ପୁରୀ,୨୫।୧୨(ଅଜିତ୍ କୁମାର ମହାନ୍ତି)**

ଶ୍ରୀଜଗନ୍ନାଥ ମନ୍ଦିର ନାଟମଣ୍ଡପରେ ବ୍ୟାରିକେଡ୍ ବ୍ୟବସ୍ଥା ବନ୍ଦ କରାଯିବାକୁ ଦାବିକରି ଆଇନଜୀବୀ ଦିଲୀପ କୁମାର ବରାଳ ମୁଖ୍ୟ ପ୍ରଶାସକଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଉଲ୍ଲେଖ ରହିଛି, ବର୍ତ୍ତମାନ ଭକ୍ତମାନେ ସେମାନଙ୍କ ଇଚ୍ଛା ଅନୁସାରେ ଗରୁଡ଼ ସ୍ତମ୍ଭକୁ ଛୁଇଁପାରୁଛନ୍ତି ଏବଂ ଗରୁଡ଼ ସ୍ତମ୍ଭ ପଛପଟେ ଛିଡ଼ା ହୋଇ ମହାପ୍ରଭୁଙ୍କ ଦର୍ଶନ କରିପାରୁଛନ୍ତି। ଭକ୍ତମାନେ ମଙ୍ଗଳ ଆଳତି ପରଠାରୁ ଭିତର କାଠ ନିକଟକୁ ଯାଇ ଭଲ ଭାବରେ ଦର୍ଶନ କରିପାରୁଛନ୍ତି। ନାଟମଣ୍ଡପରେ ବ୍ୟାରିକେଡ୍ ବ୍ୟବସ୍ଥା କରାଗଲେ ଭକ୍ତମାନେ ଗରୁଡ଼ ସ୍ତମ୍ଭକୁ ଛୁଇଁପାରିବେ ନାହିଁ କି ଗରୁଡ଼ ପଛରେ ଠିଆ ହୋଇ ମହାପ୍ରଭୁଙ୍କ ଦର୍ଶନ କରିପାରିବେ ନାହିଁ। ଭିତର କାଠ ଦର୍ଶନରୁ ଭକ୍ତମାନେ ବଞ୍ଚିତ ହେବେ। ଧାଡ଼ି ଦର୍ଶନ ବ୍ୟବସ୍ଥା ଦ୍ୱାରା ଭିତର ବେଢ଼ାରେ ଗହଳି ସୃଷ୍ଟି ହେବ। ଭିଆଇପି, ଧନୀମାନେ ପ୍ରଶାସନ ସହାୟତାରେ ଭିତର କାଠ ନିକଟକୁ ଯାଇ ଦର୍ଶନ କରିବେ, ଯାହାକୁ ଦେଖି ସାଧାରଣ ଭକ୍ତଙ୍କ ମନରେ ଅସନ୍ତୋଷ ପ୍ରକାଶ ପାଇବ। ଏହାଦ୍ୱାରା ଶ୍ରୀମନ୍ଦିରରେ ଧନୀ ଗରିବ ଭେଦ ଭାବ ସୃଷ୍ଟି ହେବ। ତେଣୁ ନାଟମଣ୍ଡପ ପରିସରରେ ବ୍ୟାରିକେଡ୍ ବ୍ୟବସ୍ଥା କରା ନ ଯାଉ।

# ମନମୋହିଲା ଓଡ଼ିଶୀ ନୃତ୍ୟ, ପାଇକ ଆଖଡ଼ା, ଘୋଡ଼ାନାଚ

## ନିମାପଡ଼ା ମହୋତ୍ସବ ଉଦ୍‌ଘାଟିତ

**ନିମାପଡ଼ା,୨୫।୧୨ (ବିଚିତ୍ରାନନ୍ଦ ସାହୁ/ ରଞ୍ଜନ ପଟ୍ଟନାୟକ)**




ନିମାପଡ଼ା ନୃତ୍ୟାଳୟା ଡ୍ୟାନ୍ସ ଏକାଡେମୀ କଳାକାରମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରୁଛନ୍ତି।

ନିମାପଡ଼ା ମହୋତ୍ସବ କମିଟି ଓ ହେଲ୍ପଲାଇନ୍ ପକ୍ଷରୁ ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ ସହାୟତାରେ ମୁକ୍ତାକାଶ ମଞ୍ଚରେ ୩ଦିନିଆ ୨୪ତମ ନିମାପଡ଼ା ମହୋତ୍ସବ ବୁଧବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ମହୋତ୍ସବ କମିଟି ସଭାପତି ତଥା ନିମାପଡ଼ା ବିଧାୟିକା, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଓଡ଼ିଶା କଳା, ସଂସ୍କୃତି, ଐତିହ୍ୟ, ପରମ୍ପରାକୁ ବିଶ୍ୱ ଦରବାରରେ ପହଞ୍ଚାଇବା, ଉତ୍କଳର ଲୁକ୍କାୟିତ ଲୋକକଳାକୁ ଉଜ୍ଜୀବିତ କରି ରଖିବା ଏହି ମହୋତ୍ସବର ମୁଖ୍ୟ ଲକ୍ଷ୍ୟ ବୋଲି ଉପମୁଖ୍ୟମନ୍ତ୍ରୀ ପରିଡ଼ା କହିଥିଲେ। ସମ୍ମାନିତ ଅତିଥି ଭାବେ ଜଗତ୍‌ସିଂହପୁର ଏମ୍‌ପି ବିଭୁପ୍ରସାଦ ତରାଇ, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ପୂର୍ବତନ ଏମ୍‌ପି ଅନୁଭବ ମହାନ୍ତି, ପୁରୀ ଜିଲା ଆରକ୍ଷୀ ଅଧୀକ୍ଷକ ବିନିତ ଅଗ୍ରୱାଲ, ସୁଦୀପ୍ତ ରାୟ, ନିମାପଡ଼ା ନଗରପାଳ ସସ୍ମିତା ସାହୁ, କମିଟି ସମ୍ପାଦକ ନିଗମାନନ୍ଦ ସାହୁ, ହେଲ୍ପଲାଇନ୍ ସଭାପତି ଅକ୍ଷୟ କୁମାର ସାହୁ, ଏନ୍‌ଏମ୍ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଟ୍ ଅଧ୍ୟକ୍ଷା ରୀଚା ପରିଡ଼ା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ମହୋତ୍ସବର ମୁଖପତ୍ର 'ସମୃଦ୍ଧି ପଥେ ନିମାପଡ଼ା'କୁ ଅତିଥିମାନେ ଉନ୍ମୋଚିତ କରିଥିଲେ। କମିଟି ସମ୍ପାଦକ ସାହୁ ମହୋତ୍ସବର ବିବରଣୀ ପାଠ କରିଥିଲେ। ସାଂସ୍କୃତିକ ସମାରୋହରେ ନିମାପଡ଼ା ନୃତ୍ୟାଳୟା ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଗୁରୁ ବିଷ୍ଣୁଚରଣ ସାସ୍ମଲ ଓ ଗୁରୁ ସୁଦେଷ୍ଣା ପ୍ରଧାନଙ୍କ ନିର୍ଦ୍ଦେଶିତ, ସଂଯୋଜିତ ଓଡ଼ିଶୀ ନୃତ୍ୟ 'ବସନ୍ତ ରାସ' ରାଧାକୃଷ୍ଣଙ୍କ ପ୍ରେମ ଉପରେ ଆଧାରିତ ଶ୍ରୀରାଧାଙ୍କ ମାନଭଞ୍ଜନ ଦର୍ଶକଙ୍କୁ ବେଶ୍ ବିମୋହିତ କରିଥିଲା। ଦ୍ୱିତୀୟ ପର୍ଯ୍ୟାୟରେ କୋଲ୍‌କାତାର ନୃତ୍ୟବ୍ରିତି ଅନୁଷ୍ଠାନ ପକ୍ଷରୁ ଭାରତନାଟ୍ୟମ୍ 'ଦୁର୍ଗତିନାଶିନୀ ମା' ଦୁର୍ଗା' ପରିବେଷିତ ହୋଇଥିଲା। ଏହି ଅବସରରେ କୀର୍ତ୍ତନ, ପାଇକ ଆଖଡ଼ା, ଘୋଡ଼ାନାଚ ସମେତ ବିଭିନ୍ନ ଲୋକକଳା ପ୍ରଦର୍ଶନୀ ଜରିଆରେ ୬୦୦ରୁ ଊର୍ଦ୍ଧ୍ୱ କଳାକାର ଏକ ବିଶାଳ ଶୋଭାଯାତ୍ରାରେ ସହର ବଜାର ପରିକ୍ରମା କରିଥିଲେ। ଶିକ୍ଷକ ପ୍ରତାପ ରାଉତ, ସଙ୍ଗୀତଗୁରୁ ନିରଞ୍ଜନ ପଳତା, ସୁଶ୍ରୀ ସୋନାଲି ନାୟକ ଉତ୍ସବର ସଂଯୋଜନା ଓ ପରିଚାଳନା କରିଥିଲେ। ରମାକାନ୍ତ ବେହେରା, ପ୍ରତାପ ପାତ୍ର, ଭବାନୀ ଶଙ୍କର ନନ୍ଦ, ଚନ୍ଦ୍ରକାନ୍ତ ବରାଳ ଏବଂ ହେଲ୍ପଲାଇନ୍‌ର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଉଦ୍‌ଘାଟନ ସମୟରେ ବର୍ଷା ହୋଇଥିବାବେଳେ ପୁନଶ୍ଚ ବର୍ଷା ଫଳରେ କାର୍ଯ୍ୟକ୍ରମ କିଛି ସମୟ ପାଇଁ ଅଧାରୁ ବନ୍ଦ ରହିଥିଲା।

# ଭତ୍ତା ନ ପାଇ ଫେରିଲେ ଜାଲ ଭିନ୍ନକ୍ଷମ ହିତାଧିକାରୀ

**ଗୋପ,୨୫।୧୨ (ଭାରତୀ ଭୂଷଣ ଉପାଧ୍ୟାୟ)**

ଗୋପ ବ୍ଲକର ବିଭିନ୍ନ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ମଙ୍ଗଳବାର ଭତ୍ତା ବଣ୍ଟା ଯାଇଥିବାବେଳେ ଦୀର୍ଘ ବର୍ଷ ଧରି ଜାଲ ଭିନ୍ନକ୍ଷମ ପ୍ରମାଣପତ୍ର ଦେଇ ଭତ୍ତା ହାତଉଥିବା ହିତାଧିକାରୀମାନେ ସେଠାରୁ ଫେରିଥିବା ଜଣାପଡ଼ିଛି।

ପ୍ରକାଶ ଯେ, ଗୋପ ବ୍ଲକ ଅଞ୍ଚଳରେ ୫୦୦ରୁ ଅଧିକ ଯୁବତୀ, ଯୁବକ ଓ ମହିଳା ବିଭିନ୍ନ ସମୟରେ ଜାଲ ଭିନ୍ନକ୍ଷମ ପ୍ରମାଣପତ୍ର ମାଧ୍ୟମରେ ସରକାରଙ୍କ ଏହି ଯୋଜନାରେ ନିଜକୁ ସାମିଲ କରି ଭତ୍ତା ଟଙ୍କା ନେଉଥିଲେ। ଏପରି ଅଭିଯୋଗ ଉପରେ କେତେକ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ଏଥିନେଇ ଗତ ୧୩ ତାରିଖରେ ଜିଲା ପ୍ରଶାସନ ପକ୍ଷରୁ ଗୋପ ନିଗମାନନ୍ଦ ସ୍ମାର୍ଟ ସ୍କୁଲ ପରିସରରେ ଏକ ଭିନ୍ନକ୍ଷମ ଶିବିର ଆୟୋଜିତ ହୋଇଥିଲା। ଶିବିରରେ ଅଫ୍‌ଲାଇନ କାଗଜ ମାଧ୍ୟମରେ ଭତ୍ତା ଟଙ୍କା ହାତଉଥିବା ବ୍ୟକ୍ତି ବିଶେଷଙ୍କୁ ଅନ୍‌ଲାଇନ ମାଧ୍ୟମରେ ଆବେଦନ କରିବାକୁ କୁହାଯାଇଥିଲା। ମାତ୍ର ଜାଲ ଭିନ୍ନକ୍ଷମ ପ୍ରମାଣପତ୍ର ଦେଇ ଟଙ୍କା ନେଉଥିବା ଅଧିକାଂଶ ଯୁବତୀ, ଯୁବକ ଶିବିରକୁ ଆସି ନ ଥିବା ଜଣାପଡ଼ିଥିଲା। ସରକାରଙ୍କ ନିର୍ଦ୍ଦେଶ ମୁତାବକ, ପ୍ରତ୍ୟେକ ମାସରେ ଏହି ଭତ୍ତା ଟଙ୍କା ବଣ୍ଟନ ହେବାର ନିୟମ ଥିବାବେଳେ ମଙ୍ଗଳବାର ଗୋପ ବ୍ଲକର ବିଭିନ୍ନ ଗ୍ରାମପଞ୍ଚାୟତରେ ଭତ୍ତା ବଣ୍ଟନ ହୋଇଥିଲା। ଏଥିରେ ଅଧିକାଂଶ ହିତାଧିକାରୀଙ୍କୁ ଫେରାଇ ଦିଆଯାଇଥିବା ଜଣାପଡ଼ିଛି। ଏଠାରେ ସୂଚନାଯୋଗ୍ୟ, ଗୋପ ବ୍ଲକ ଅଞ୍ଚଳରେ ଅନେକ ସରକାରୀ ସ୍କୁଲରେ ଶିକ୍ଷୟିତ୍ରୀ ଶିକ୍ଷକ ଭିନ୍ନକ୍ଷମ ଜାଲ କାଗଜପତ୍ର ଦେଇ ଚାକିରି କରିଥିବାବେଳେ ଆଉ କେତେଜଣ ଶିକ୍ଷୟିତ୍ରୀ, ଶିକ୍ଷକ ମଧ୍ୟ ଜାଲ ସାର୍ଟିଫିକେଟ ଦେଇ ଚାକିରି କରିଥିବାବେଳେ ସେମାନଙ୍କ ସାର୍ଟିଫିକେଟ ଯାଞ୍ଚ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରାଯାଇଛି।

# ଛାତ୍ରୀଛାତ୍ର ଭଲ ମଣିଷ ହେବା ଶିକ୍ଷକ, ଅଭିଭାବକଙ୍କ ଦାୟିତ୍ୱ

## ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକୋତ୍ସବ

**ପିପିଲି,୨୫।୧୨ (ଦୁର୍ଗାମାଧବ ମିଶ୍ର)**

ଶ୍ରୀରାମ ନଗରସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ବିଂଶତମ ବାର୍ଷିକୋତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ତରୁଣପ୍ରଭା ପତିଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ଆଶ୍ରିତ ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ ଉତ୍କଳ ସାମ୍ବାଦିକ ସଂଘ କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକ, ସମ୍ମାନିତ ଅତିଥି ଭାବେ ଖବରଦାତା ତଥା ପିପିଲି ଆଇନଜୀବୀ ସଂଘ ସଭାପତି ରାଜକିଶୋର ସ୍ୱାଇଁ ଏବଂ ଶିକ୍ଷାବିତ୍ ସାରଦାନନ୍ଦ ପ୍ରଧାନ ଯୋଗଦେଇଥିଲେ। ଛାତ୍ରୀଛାତ୍ର ଭଲ ମଣିଷ ହେବାରେ ଉଭୟ ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ଅଭିଭାବକଙ୍କ ଗୁରୁ ଦାୟିତ୍ୱ ରହିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବିଦ୍ୟାଳୟରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପ୍ରମାଣପତ୍ର ଦେଇ ସମ୍ମାନିତ କରିଥିଲେ। ଚଳିତବର୍ଷ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଥିବା କ୍ରୀଡ଼ା ଶିକ୍ଷୟିତ୍ରୀ ସ୍ୱାଗତିକା ସାମନ୍ତରାୟଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ପ୍ରେମାନନ୍ଦ ପ୍ରଧାନ ଏବଂ ଶିକ୍ଷୟିତ୍ରୀ ସୁଦୀପ୍ତା ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମ୍ପାଦକ ସତ୍ୟବ୍ରତ ନନ୍ଦ ଧନ୍ୟବାଦ ଦେଇଥିଲେ। ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଏହାର ପରିଚାଳନା କରିଥିଲେ।



ମଞ୍ଚରେ ବିଧାୟକ ଆଶ୍ରିତ ପଟ୍ଟନାୟକ ଓ ଅନ୍ୟ ଅତିଥିଙ୍କ ସହ କୃତୀ ପ୍ରତିଯୋଗୀ।

# ଡକାୟତି ଯୋଜନା ପଣ୍ଡ, ୪ ଗିରଫ

**ପୁରୀ,୨୫।୧୨(ଅଜିତ୍ କୁମାର ମହାନ୍ତି)**

ଡକାୟତି ଯୋଜନା କରୁଥିବା ଅଭିଯୋଗରେ ବଳିଆପଣ୍ଡା ଥାନା ପୋଲିସ ୪ ଜଣଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ କୁମ୍ଭାରପଡ଼ା ଥାନା ଅଞ୍ଚଳର ଏମ୍.ଡି. ଆହ୍ଲାଉଦିନ୍, ସମୁଦ୍ରକୂଳ ଥାନା ଅଞ୍ଚଳର ପମା ଜାଲି, ଟାଉନ ଥାନା ଅଞ୍ଚଳର ବିବେକ ଭୋଇ ଏବଂ ବାସେଳୀ ସାହି ଥାନା ଅଞ୍ଚଳର ଉମ୍ବରୁଧର ଖଟେଇ। ପୋଲିସ ଅଭିଯୁକ୍ତଙ୍କ ନିକଟରୁ ଛୁରୀ, ଆଇରନ ରଡ଼, ଷ୍ଟିଲ ରଡ଼ ଆଦି ଜବତ କରିଛି। ଏନେଇ ପୋଲିସ ଏକ ମାମଲା (କେସ୍ ନଂ. ୨୭୯/୨୪) ରୁଜୁ କରି ତଦନ୍ତ ଚଳାଇଛି। ସୂଚନାନୁଯାୟୀ ଅଭିଯୁକ୍ତମାନେ ବିଭିନ୍ନ ମାରଣାସ୍ତ୍ର ସହ ମାତା ମଠ ନିକଟରେ ବସି ଡାକାୟତି ପାଇଁ ଯୋଜନା କରୁଥିଲେ। ବିଶେଷ ସୂତ୍ରରୁ ଖବରପାଇ ପୋଲିସ ଉକ୍ତ ଅଞ୍ଚଳରେ ଚଢ଼ାଉ କରି ସେମାନଙ୍କୁ ଗିରଫ କରିଥିଲା। ହେଲେ ଜଣେ ଅଭିଯୁକ୍ତ ଅନ୍ଧାର ସୁଯୋଗରେ ସେଠାରୁ ଖସି ଯିବାରେ ସଫଳ ହୋଇଥିବା ନେଇ ପୋଲିସ ସୂଚନା ଦେଇଛି। ଗିରଫ ୪ ଅଭିଯୁକ୍ତଙ୍କ ନାମରେ ବିଭିନ୍ନ ଥାନାରେ ପୂର୍ବରୁ ଅନେକ ମାମଲା ରହିଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି।

# ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

**ଚାରିଛକ,୨୫।୧୨(ଶିଶିର ସ୍ୱାଇଁ)**

ଚାରିଛକସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ କ୍ରୀଡ଼ା ଉତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ସମ୍ପାଦକ ବିଜୟ କୁମାର ବେହେରା ଏଥିରେ ନେତୃତ୍ୱ ନେଇଥିଲେ। ମୁଖ୍ୟ ଅତିଥି ଭାବେ ଚାରିଛକ ଥାନା ଅଧିକାରିଣୀ ମମତା ବିଶ୍ୱାଳ, ମୁଖ୍ୟବକ୍ତା ଭାବେ ଚାରିଛକ ଅନ୍ନପୂର୍ଣ୍ଣା ସରକାରୀ ବିଦ୍ୟାପୀଠ ପ୍ରଧାନ ଶିକ୍ଷୟିତ୍ରୀ ମନସ୍ୱିନୀ ଲେଙ୍କା ଓ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଚାରିଛକ ଶାଖା ପରିଚାଳକ ପିଙ୍କି ସେଠୀ, ଅନୁଷ୍ଠାନର ପ୍ରଧାନ ଆଚାର୍ଯ୍ୟ ପ୍ରକାଶ ଚନ୍ଦ୍ର ମିଶ୍ର ଯୋଗଦେଇଥିଲେ। ଭାରତ ମାତା ଓ ମା' ସରସ୍ୱତୀଙ୍କ ଫଟୋଚିତ୍ରରେ ପୁଷ୍ପ ଅର୍ପଣ ସହ ପ୍ରଦୀପ ପ୍ରଜ୍ୱଳନ କରାଯାଇ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। କାର୍ଯ୍ୟକ୍ରମରେ ଅନୁଷ୍ଠାନର ଖେଳ ଗୁରୁଜୀ ମାନସ କୁମାର ବାରିକ ମଞ୍ଚ ପରିଚାଳନା କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଲେଙ୍କା ପରିଚୟ ପ୍ରଦାନ କରିଥିଲେ। ବିଭିନ୍ନ ପ୍ରକାର କ୍ରୀଡ଼ାର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମସ୍ତ ଗୁରୁମା' ଗୁରୁଜୀଙ୍କ ସମେତ କର୍ମଚାରୀ ଉପସ୍ଥିତ ଥିଲେ। ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ଉପଯୁକ୍ତ କ୍ଷତିପୂରଣ ପାଇଁ ବିଜେଡି ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର

## ଅଦିନିଆ ବର୍ଷାରେ ଚାଷୀ କ୍ଷତିଗ୍ରସ୍ତ

**ପୁରୀ,୨୫।୧୨(ଅଜିତ୍ କୁମାର ମହାନ୍ତି)**

ଲଘୁଚାପଜନିତ ବର୍ଷାରେ ପୁରୀ ଜିଲାରେ ଚାଷୀମାନଙ୍କର ବ୍ୟାପକ କ୍ଷୟକ୍ଷତି ହୋଇଥିବାରୁ ଚାଷୀଙ୍କୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରିବାକୁ ଦାବିକରି ଜିଲା ବିଜୁ ଜନତା ଦଳ ପକ୍ଷରୁ ମଙ୍ଗଳବାର ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲା ବିଜେଡି ସଭାପତି ଦିବାକର ପାତ୍ରଙ୍କ ନେତୃତ୍ୱରେ ଜିଲାର ଶୀର୍ଷ ନେତୃମଣ୍ଡଳୀ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ଜିଲାପାଳ ସିଦ୍ଧାର୍ଥ ଶେଖର ସ୍ୱାଇଁଙ୍କୁ ଭେଟି ଚାଷୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିବା ସହ ଦାବିପତ୍ର ପ୍ରଦାନ କରିଛନ୍ତି।

ଦଳ ପକ୍ଷରୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି, ଗତ ୧୯, ୨୦, ୨୧ ତାରିଖରେ ଲଘୁଚାପ କାରଣରୁ ତିନିଦିନ ଧରି ଲଗାଣ ବର୍ଷା ଜିଲାରେ ଲାଗି ରହିଥିଲା। ଫଳରେ ଚାଷୀମାନଙ୍କର ମେରୁଦଣ୍ଡ ଭାଙ୍ଗିଦେଇଛି। ଅଦିନିଆ ବର୍ଷା କାରଣରୁ ଜିଲାର ହଜାର ହଜାର ଏକର ଚାଷଜମି ଜଳମଗ୍ନ ହୋଇଯାଇଛି। ଚାଷୀମାନଙ୍କର ଧାନ ଅମଳ ସମୟରେ ଏହିପରି ଅବସ୍ଥା ଚାଷୀଙ୍କୁ ସର୍ବସ୍ୱାନ୍ତ କରିଦେଇଛି। କେଉଁଠି ଖରିଫ୍ ଧାନ ବିଲରେ ଗଜା ହୋଇଛି ତ, ଆଉ କେଉଁଠି ରବି ଚାଷରେ ଗଜା ଧୋଇଯାଇଛି। ପନିପରିବା ଚାଷ ମଧ୍ୟ ଗଭୀର ଭାବେ ପ୍ରଭାବିତ ହୋଇଛି। ତେଣୁ ସମସ୍ତ ବ୍ଲକର କ୍ଷୟକ୍ଷତି ଆକଳନ କରି ଚାଷୀମାନଙ୍କୁ କ୍ଷୟକ୍ଷତି ପ୍ରଦାନ କରାଯାଉ ବୋଲି ଦଳ ପକ୍ଷରୁ ଜିଲାପାଳଙ୍କୁ ଅନୁରୋଧ କରାଯାଇଛି। ଏହି ଦାବିପତ୍ର ପ୍ରଦାନ ସମୟରେ ପୂର୍ବତନ ମନ୍ତ୍ରୀ ସଞ୍ଜୟ କୁମାର ଦାସବର୍ମା, ପୁରୀ ସଦର ବିଧାୟକ ବିଧାୟକ ସୁନୀଲ କୁମାର ମହାନ୍ତି, କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, ସତ୍ୟବାଦୀ ପୂର୍ବତନ ବିଧାୟକ ଉମାକାନ୍ତ ସାମନ୍ତରାୟ, ପିପିଲି ପୂର୍ବତନ ବିଧାୟକ ରୁଦ୍ର ପ୍ରତାପ ମହାରଥି, ଜିଲାପରିଷଦ ଅଧ୍ୟକ୍ଷାଙ୍କ ପ୍ରତିନିଧି ବିଦ୍ୟାଧର ସ୍ୱାଇଁ ଓ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ ଏବଂ ପୁରୀ, ବ୍ରହ୍ମଗିରି, ପିପିଲି, ସତ୍ୟବାଦୀ, କାକଟପୁର, ନିମାପଡ଼ା ବହୁ ଜନପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।



ବିଜେଡି ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ରୋଗୀ, ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀଙ୍କୁ ଅଗ୍ନିଶମ ବିଭାଗ ପକ୍ଷରୁ ସଚେତନତା

**ଗୋପ,୨୫।୧୨(ଭାରତୀ ଭୂଷଣ ଉପାଧ୍ୟାୟ)**

ଅଗ୍ନିକାଣ୍ଡ ସମୟରେ ନିଜେ କିପରି ବଞ୍ଚିବା ସହିତ ଅନ୍ୟମାନଙ୍କୁ ନିଶ୍ଚିତ ମୃତ୍ୟୁମୁଖରୁ ବଞ୍ଚାଇପାରିବା, ସେ ସମ୍ପର୍କରେ ଗୋପ ଅଗ୍ନିଶମ ବିଭାଗ ପକ୍ଷରୁ ସୋମବାର ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଏକ ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ରୋଗୀ ଓ ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀ ସଚେତନତା କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଗୋପ ଅଗ୍ନିଶମ ବିଭାଗ କେନ୍ଦ୍ର ଅଧିକାରୀ ମନୋଜ କୁମାର ପାତ୍ରଙ୍କ ସମେତ ଅଗ୍ନିଶମ କର୍ମଚାରୀ ଉପସ୍ଥିତ ରହି ଅଗ୍ନିକାଣ୍ଡକୁ କିପରି ଅଟକାଇବା ସହ ସେଥିରୁ ନିଜେ ବଞ୍ଚି ଅନ୍ୟକୁ ବଞ୍ଚାଇପାରିବା ସେ ନେଇ ଡେମୋ ମାଧ୍ୟମରେ ସଚେତନ କରାଯାଇଥିଲା।

# କୋଷ୍ଟାଲ ଟ୍ରେକିଂରେ ବେଳାଭୂମି ସଫେଇ



**ବ୍ରହ୍ମଗିରି,୨୫।୧୨ (ସ୍ୱାଧୀନ ଚମ୍ପତିରାୟ)**

କୋଷ୍ଟାଲ ଟ୍ରେକିଂରେ ସ୍ୱଚ୍ଛ ବେଳାଭୂମି, କଇଁଛ ସୁରକ୍ଷା ବାର୍ତ୍ତା ନେଇ ମିଶନ ଓଡ଼ିଶା ଏବଂ ମର୍ଶ ଓଡ଼ିଶାର ସଦସ୍ୟମାନେ ରବିବାରଠାରୁ ବେଳାଭୂମି ସଫେଇ କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି। ମିଶନ ଓଡ଼ିଶାର ସମ୍ପାଦକ ମଧୁସୂଦନ ମିଶ୍ରଙ୍କ ନେତୃତ୍ୱରେ ପୁରୀ ଲାଇଟ ହାଉସ ବେଳାଭୂମିରୁ ଚାଲି ଚାଲି କୋଷ୍ଟାଲ ଟ୍ରେକିଂରେ ଚିଲିକା ମୁହାଣ ପର୍ଯ୍ୟନ୍ତ ଯାତ୍ରା କରି ଅନେକ ସ୍ଥାନରେ ପଡ଼ିଥିବା ମଇଳା ଆବର୍ଜନାକୁ ଗୋଟାଇ ସଫା କରିଥିଲେ। ବାଲିରେ ପଡ଼ିଥିବା କଇଁଛ ଓ କୁକୁରର ମୃତଦେହ ପୋତିଥିଲେ। ବିଶେଷକରି ସମୁଦ୍ର ନିକଟବର୍ତ୍ତୀ ସହରର ଆବର୍ଜନା ଜଳ ସମୁଦ୍ରରେ ମିଶୁଛି। ଫଳରେ ସମୁଦ୍ର ଜଳ ପ୍ରଦୂଷିତ ହେବାରୁ ଜଳ ଜୀବ ବିପଦରେ ପଡୁଛନ୍ତି। ତେଣୁ ଆବର୍ଜନା ଜଳ କିପରି ସମୁଦ୍ରରେ ନ ମିଶିବ, ତା ଉପରେ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ବାଲିହରଚଣ୍ଡୀ ବେଳାଭୂମିରେ ବ୍ରହ୍ମଗିରିର ମର୍ଶ ଓଡ଼ିଶାର ସ୍ୱେଚ୍ଛାସେବୀମାନେ ସଚେତନତା ସୃଷ୍ଟି କରିଥିଲେ। ଚିଲିକା ଦିନକୁ ଦିନ ପୋତି ହୋଇଗଲାଣି, ତା'ର ପୁନରୁଦ୍ଧାର କିଭଳି କରାଯିବ, ଡଲ୍‌ଫିନ ଓ ଅଲିଭ ରିଡ୍‌ଲେଙ୍କ ଜୀବନ ବିପଦରେ ଥିବାବେଳେ ସେମାନଙ୍କ ସୁରକ୍ଷା ଉପରେ ଗୁରୁତ୍ୱ ଦେବା ଆବଶ୍ୟକ। ସରକାର କଡାକଡି ନିୟମ କରିଛନ୍ତି, କିନ୍ତୁ କେହି ନିୟମ ପାଳନ କରୁନାହାନ୍ତି। ଫଳରେ ସିଡ୍ୟୁଲ ୧ ପ୍ରାଣୀ ଅଲିଭ ରିଡ୍‌ଲେଙ୍କ ସୁରକ୍ଷା ପାଇଁ ବ୍ୟାପକ ସଚେତନତା ଆବଶ୍ୟକ ବୋଲି ମର୍ଶ ଓଡ଼ିଶାର ସମ୍ପାଦକ ଭାସ୍କର ପୂଜାରୀ, କାର୍ଯ୍ୟନିର୍ବାହୀ ଅଧିକାରୀ ଆଲୋକ ପୂଜାରୀ, ଗୌତମ ପଲାଇ, ରାଜୀବ ସେଠୀ, ଆଶ୍ରିତ କୁମାର ନାୟକ ପ୍ରମୁଖ ସୋମବାର ଏକ ସଚେତନତା କାର୍ଯ୍ୟକ୍ରମରେ ଆଲୋକପାତ କରିଥିଲେ।

# ୧ ଲକ୍ଷରୁ ଊର୍ଦ୍ଧ୍ୱ ମୂଲ୍ୟର ବ୍ରାଉନସୁଗାର ଜବତ, ଅଭିଯୁକ୍ତ ଗିରଫ

**ସାକ୍ଷୀଗୋପାଳ,୨୫।୧୨ (ପ୍ରଶାନ୍ତ ବାରିକ୍/କିଶୋର ମହାପାତ୍ର/ଭରତ ରାଉତ)**

ସତ୍ୟବାଦୀ ଥାନା ପୋଲିସ ବ୍ରାଉନସୁଗାର କାରବାର ଅଭିଯୋଗରେ ମଙ୍ଗଳବାର ସତ୍ୟବାଦୀ ବସ୍‌ଷ୍ଟାଣ୍ଡ ନିକଟ ଓଭରବ୍ରିଜ୍ ନିକଟରୁ ଜଣଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେ ହେଲେ ଉକ୍ତ ଥାନା ଅଞ୍ଚଳ ସାନକାଞ୍ଜିଆ ଗ୍ରାମର ଅଜୟ ପାଣି ଓରଫ ଯଦୁ (୩୬)। ତାଙ୍କ ପାଖରୁ ପୋଲିସ ୧୧ ଗ୍ରାମ ଓଜନର ବ୍ରାଉନସୁଗାର, ନଗଦ ୧,୦୨୦ ଟଙ୍କା ଜବତ କରିଛି। ଜବତ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ୧ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି ସତ୍ୟବାଦୀ ଥାନା ଅଧିକାରୀ ବିଜୟ କେତନ ବେହେରା ସୂଚନା ଦେଇଛନ୍ତି। ଏନେଇ ପୋଲିସ ଏକ ମାମଲା (କେସ୍ ନଂ. ୩୯୧/୨୪) ରୁଜୁ କରି ତଦନ୍ତ ଚଳାଇଛି।

ବିଶେଷ ସୂତ୍ରରୁ ସୂଚନା ପାଇ ପୁରୀ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶକ୍ରମେ ସତ୍ୟବାଦୀ ଥାନା ସବ୍‌ଇନ୍ସପେକ୍ଟର ସଂଗ୍ରାମ କେଶରୀ ସ୍ୱାଇଁଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଓଭରବ୍ରିଜ୍ ନିକଟରେ ଚଢ଼ାଉ କରିଥିଲା। ସେଠାରୁ ସନ୍ଦେହଜନକ ଅବସ୍ଥାରେ ପୋଲିସ ଯଦୁଙ୍କୁ ନିଜ ହେପାଜତକୁ ନେଇ ଜେରା କରିଥିଲା। ତଲାସି ସମୟରେ ତାଙ୍କଠାରୁ ବ୍ରାଉନସୁଗାର, ନଗଦ ଅର୍ଥ ସହ ବ୍ରାଉନସୁଗାର ପୁଡ଼ିଆ ତିଆରିରେ ବ୍ୟବହୃତ ସାମଗ୍ରୀ ମିଳିଥିଲା। ସାକ୍ଷୀଗୋପାଳ ମନ୍ଦିର ଅଞ୍ଚଳ, ପଞ୍ଚସଖା ସମାଧି ପୀଠ ନିକଟ ପରିତ୍ୟକ୍ତ ଗୃହ, ବାସୁକେରା ବାଇପାସ୍ ରାସ୍ତା, କାଦୁଆ ଛକ, ସାକ୍ଷୀଗୋପାଳ ବସ୍‌ଷ୍ଟାଣ୍ଡ, ବନପୁର ଆଦି ଛକ ଜାଗାରେ ବହୁଳ ମାତ୍ରାରେ ବ୍ରାଉନସୁଗାର କାରବାର ହେଉଥିବା ନେଇ ଅଭିଯୋଗ ହେବା ପରେ ପୋଲିସ ପକ୍ଷରୁ ଏପରି ଚଢ଼ାଉ କରାଯାଇଥିବା ଜଣାପଡ଼ିଛି।

# ୧୦,୬୪୯ ହେକ୍ଟର ଧାନଚାଷରୁ ୬୦% ପ୍ରଭାବିତ ଆଶଙ୍କା

**ସାକ୍ଷୀଗୋପାଳ,୨୫।୧୨(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର)**

ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ୨୪ ପଞ୍ଚାୟତର ଧାନଚାଷୀଙ୍କ ଭାଗ୍ୟ ନିର୍ଣ୍ଣୟ କରୁଛି ଲଘୁଚାପଜନିତ ବର୍ଷା। ଚଳିତବର୍ଷ ବର୍ଷା ଅଭାବରୁ ଏଠାରେ ଚାଷକାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ଅଧିକ ଶ୍ରମ ଓ ଅର୍ଥ ଖର୍ଚ୍ଚ କରି ମେଶିନ ସାହାଯ୍ୟରେ ପାଣି ମଡ଼ାଇ ଚାଷୀ ଚାଷକାର୍ଯ୍ୟ କରିଥିଲା। ଏବେ ଅମଳ ସମୟରେ ଲଘୁଚାପଜନିତ ବର୍ଷା ଯୋଗୁ ଖରିଫ ଫସଲ ନଷ୍ଟ ହେଉଥିବା ଦେଖାଯାଉଛି। ଚାଷୀର ଅର୍ଥନୈତିକ ମାନଦଣ୍ଡ ଓ ଚାଷୀ ଭଲ ଫସଲ ଉତ୍ପାଦନ କରିବା ଲକ୍ଷ୍ୟରେ ସରକାର ପୁଳା ପୁଳା ଯୋଜନା ପ୍ରଣୟନ କରିଛନ୍ତି। ମୂଳ ଭିତ୍ତିଭୂମି ନ ସଜାଡ଼ି ଓ କ୍ଷେତ୍ର ପରିଦର୍ଶନ ନ କରିବା ଦ୍ୱାରା ଏହି ଗୁରୁତର ସମସ୍ୟା ସୃଷ୍ଟି ହେଉଛି ବୋଲି ଚାଷୀ ଅଭିଯୋଗ କରୁଛନ୍ତି। ଏଠାରେ ଚାଷୀଙ୍କ ଅବସ୍ଥା କେତେ ଦୟନୀୟ ତାହା ସତ୍ୟବାଦୀ କୃଷି ବିଭାଗ ପକ୍ଷରୁ ମିଳିଥିବା ତଥ୍ୟ ଅନୁଯାୟୀ ସ୍ପଷ୍ଟ ହୋଇଛି। ଚଳିତବର୍ଷ ସତ୍ୟବାଦୀରେ ୧୦,୬୪୯ ହେକ୍ଟର ଜମିରେ ଚାଷୀ ଧାନଚାଷ କରିଥିଲେ। ସେଥିମଧ୍ୟରୁ କିଛି ଛୋଟ ଛୋଟ ଗହୀରରେ କରାଯାଇଥିବା ପ୍ରାୟ ୪୦% ଧାନ ପାଗ ଶୁଖିଲା ସମୟରେ ଚାଷୀ ଅମଳ କରିସାରିଛି। ଏବେ ପ୍ରାୟ ୬୦% ଧାନ ଲଘୁଚାପଜନିତ ବର୍ଷାରେ ସମ୍ପୂର୍ଣ୍ଣ ପ୍ରଭାବିତ ହୋଇଛି। ବର୍ଷାପାଣି ଯୋଗୁ କେଉଁଠି କ୍ଷେତରେ ଧାନ ପଚି ଗଲାଣି ତ କେଉଁଠି ଧାନରୁ ଗଜା ବାହାରି ପଡ଼ିଲାଣି। ଆଉ କେଉଁଠି କଟାଧାନ ବିଲରେ ଥିବା ପାଣି ଭିତରେ ପଡ଼ି ବତୁରି ରହିଛି। ଏସବୁ ସମସ୍ୟା ଭିତରେ ଚାଷୀ ଅବଶିଷ୍ଟ ଅମଳ ଲକ୍ଷ୍ୟ ରଖିଥିବାବେଳେ ପୁନର୍ବାର ଆଉ ଏକ ଲଘୁଚାପଜନିତ ବର୍ଷା ମଙ୍ଗଳବାରଠାରୁ ଆରମ୍ଭ ହୋଇଯାଇଛି। ଏହି ପରିସ୍ଥିତିରେ କ୍ଷେତରେ ଥିବା ଧାନର ଅମଳ ଆଶା କ୍ଷୀଣ ହୋଇଯାଇଛି ବୋଲି ଚାଷୀ ଲିଙ୍ଗରାଜ ବେହେରା ପ୍ରକାଶ କରିଛନ୍ତି। ଅନ୍ୟପଟେ ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ନିର୍ଦ୍ଦେଶ ଅନୁଯାୟୀ ଲଘୁଚାପଜନିତ କ୍ଷୟକ୍ଷତିକୁ ଶୀଘ୍ର ଆକଳନ କରି ରିପୋର୍ଟ ପ୍ରଦାନ କରିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ, ସତ୍ୟବାଦୀ କୃଷି ବିଭାଗ, ଉଦ୍ୟାନ କୃଷି ବିଭାଗ ଓ ରାଜସ୍ୱ ବିଭାଗ ପକ୍ଷରୁ କ୍ଷୟକ୍ଷତିର ଆକଳନ ନିମନ୍ତେ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ଏହି ଟିମ୍ ବ୍ଲକର ସମସ୍ତ ପଞ୍ଚାୟତରେ ହୋଇଥିବା ଚାଷକାର୍ଯ୍ୟର କ୍ଷୟକ୍ଷତିକୁ ଆକଳନ କରି ନିର୍ଦ୍ଧାରିତ ସମୟ ମଧ୍ୟରେ ରିପୋର୍ଟ ପ୍ରଦାନ କରାଯିବ ବୋଲି ସତ୍ୟବାଦୀ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ ସୂଚନା ଦେଇଛନ୍ତି। ବିଭିନ୍ନ ବ୍ୟାଙ୍କ, ସେବା ସମବାୟ ସଂସ୍ଥାରୁ ଋଣ ନେଇଥିବା ଚାଷୀଙ୍କ ସମେତ ଅଣପଞ୍ଜୀକୃତ ଚାଷୀ ସରକାରଙ୍କ ଫସଲ ବୀମା ପୋର୍ଟାଲ ଦ୍ୱାରା ଜମିରେ ଥିବା ଫସଲର ଜିଓ ଟ୍ୟାଗଫଟ ଲୋଡ୍ କରି ପଞ୍ଜୀକରଣ କରିବାକୁ ସତ୍ୟବାଦୀ କୃଷି ବିଭାଗ ଅଧିକାରିଣୀ ସୁଦେଷ୍ଣା ପରିଡ଼ା ପରାମର୍ଶ ଦେଇଛନ୍ତି।



ସତ୍ୟବାଦୀ ବ୍ଲକର ବନପୁର ଗହୀରରେ ବର୍ଷା ଦ୍ୱାରା ପ୍ରଭାବିତ ଶତାଧିକ ହେକ୍ଟର ଚାଷଜମି।

# ‘ସୁଶାସନ ବ୍ୟବସ୍ଥାର ମୂଳଦୁଆ ପକାଇଥିଲେ ବାଜପେୟୀ’

**କଟକ,୨୫।୧୨(କାର୍ତ୍ତିକ ସାହୁ)**



ଜିଲାସ୍ତରୀୟ ସୁଶାସନ ଦିବସ ପାଳନ କାର୍ଯ୍ୟକ୍ରମରେ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେଙ୍କ ସମେତ ଅନ୍ୟମାନେ।

ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ଅବସରରେ ଜିଲାସ୍ତରୀୟ ସୁଶାସନ ଦିବସ ଜିଲାପାଳଙ୍କ ନୂତନ ସମ୍ମିଳନୀ କକ୍ଷଠାରେ ବୁଧବାର ପାଳିତ ହୋଇଯାଇଛି। ଜିଲା ପ୍ରଶାସନ ପକ୍ଷରୁ ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ କହିଛନ୍ତି, ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଜୀବନୀ ଥିଲା ନିଆରା। ତାଙ୍କ କାର୍ଯ୍ୟକାଳ ସମୟରେ ଦେଶର ଶାସନ ବ୍ୟବସ୍ଥାରେ ନୂତନତ୍ୱ ଦେଖିବାକୁ ମିଳିଥିଲା। ବାଜପେୟୀ ସୁଶାସନ ବ୍ୟବସ୍ଥାର ମୂଳଦୁଆ ପକାଇଥିଲେ। ରାଜନୈତିକ କ୍ଷେତ୍ରରେ ସମସ୍ତଙ୍କ ସହ ସୁସମ୍ପର୍କ ତାଙ୍କୁ ଜଣେ ଆଦର୍ଶବାଦୀ ରାଷ୍ଟ୍ରନୀତିଜ୍ଞ ଭାବେ ପ୍ରତିଷ୍ଠିତ କରିପାରିଥିଲା। ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଆମେ ସମସ୍ତେ ସୁଶାସନ ବ୍ୟବସ୍ଥାରେ ସାମିଲ ହୋଇ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି ବୋଲି ଜିଲାପାଳ କହିଛନ୍ତି। ସେହିପରି ସମ୍ମାନିତ ଅତିଥି ଅତିରିକ୍ତ ଜିଲାପାଳ ଶିବ ଟପୋ କହିଛନ୍ତି, ବାଜପେୟୀ ଏକାଧାରରେ ଜଣେ ରାଜନୀତିଜ୍ଞ, କୁଟନୀତିଜ୍ଞ, ସାହିତ୍ୟିକ, କବି ଏବଂ ସାମ୍ବାଦିକ ଭାବରେ ବେଶ୍ ପରିଚିତ ଥିଲେ।

ଏହି ଅବସରରେ ଜିଲାପାଳ ଓ ଅତିରିକ୍ତ ଜିଲାପାଳ ବେଲଭ୍ୟୁ ଛକସ୍ଥିତ ବାଜପେୟୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ବାଜପେୟୀଙ୍କ ଜୀବନୀକୁ ଆଧାର କରି ସହରର ବିଶିଷ୍ଟ ସାହିତ୍ୟିକ ଓ କବିମାନେ କବିତା ପାଠ କରିଥିଲେ। ରାଜୀବ କୁମାର ଷଡ଼ଙ୍ଗୀ କବିତା ପାଠୋତ୍ସବକୁ ସଞ୍ଚାଳନ କରିଥିଲେ। ଏଥିସହ ଜିଲାର ଶିଶୁ ସୁରକ୍ଷା, ସାମାଜିକ ଓ ଭିନ୍ନକ୍ଷମ, ଶ୍ରମ, କୃଷି ଏବଂ ମତ୍ସ୍ୟ ଓ

## ଜିଲାସ୍ତରୀୟ ସୁଶାସନ ଦିବସ

ପ୍ରାଣୀ ସମ୍ପଦ ବିକାଶ କାର୍ଯ୍ୟାଳୟ ପକ୍ଷରୁ ରାଜ୍ୟ ସରକାରଙ୍କ ଯୋଜନା ଅନ୍ତର୍ଗତ ହିତାଧିକାରୀଙ୍କୁ ଜିଲାପାଳ ସହାୟତା ପ୍ରଦାନ କରିଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ ସଭା ପରିଚାଳନା କରିଥିଲେ। ଜିଲା ମୁଖ୍ୟ ପ୍ରାଣୀ ସମ୍ପଦ ବିକାଶ ଅଧିକାରୀ ଡ. ବିଭୁରଞ୍ଜନ ଦାସ, ଜିଲା ଶ୍ରମ ଅଧିକାରୀ ପ୍ରୀତିରଞ୍ଜନ ଘଡ଼େଇ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ମନୋଜ କୁମାର ରଥ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରଗତି ମହାନ୍ତିଙ୍କ ସମେତ କାର୍ଯ୍ୟାଳୟର ଅନ୍ୟ ଅଧିକାରୀ ଓ କର୍ମଚାରୀ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ଯୋଗଦେଇଥିଲେ।

# ଶାନ୍ତି ସ୍ଥାପନ ପାଇଁ ମାନବିକତା ଲୋଡ଼ା




**କଟକ,୨୫।୧୨(କାର୍ତ୍ତିକ ସାହୁ)**

କଟକ ମିଡ୍‌ଟାଉନ୍ ରୋଟାରି କ୍ଲବ୍ ପକ୍ଷରୁ ମାନବିକତା ଦିବସ ବିଡ଼ାନାସୀସ୍ଥିତ ମମତା ସ୍ୱଳ୍ପ ରହଣି ସୁଧାର ଗୃହଠାରେ ବୁଧବାର ପାଳିତ ହୋଇଯାଇଛି। କ୍ଲବ୍ ସଭାପତି ଡ. ଆଶୁତୋଷ ଦେବତା ଏଥିରେ ଅଧ୍ୟକ୍ଷତା କରି ଶାନ୍ତି, ସୌହାର୍ଦ୍ଦ୍ୟ ଓ ମୂଲ୍ୟବୋଧ ସ୍ଥାପନ କରିବା ପାଇଁ ମାନବିକତା ଲୋଡ଼ା ବୋଲି କହିଥିଲେ। ଏଥିରେ ରୋଟାରିଆନ ମେଜର ନନ୍ଦକିଶୋର ଶତପଥୀ, ଉପଦେଷ୍ଟା ଶୁଭ୍ରାଂଶୁ ସାମନ୍ତରାୟ, କାହ୍ନୁ ଚରଣ ଦାସ, ରମେଶ ଚନ୍ଦ୍ର ସିଂ, ଶୈଳେନ୍ଦ୍ର ନାରାୟଣ ଠାକୁର ପ୍ରମୁଖ ଯୋଗଦେଇଥିଲେ। ରୋଟାରିଆନ ବିଭୂତି ଭୂଷଣ ରାଉତ ଓ ତତ୍ତ୍ୱାବଧାରକ ଚଇତାଳି ସ୍ୱାଇଁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ କେକ୍ କଟା, ସଙ୍ଗୀତ ଗାନ ସହ ଶିଶୁ ଓ ଅନ୍ତେବାସୀଙ୍କୁ ଶୀତ ପୋଷାକ ବଣ୍ଟନ କରାଯାଇଥିଲା। ମିଡ୍‌ଟାଉନ ଇନରହୁଇଲ କ୍ଲବ୍‌ର ସଭାନେତ୍ରୀ ଡ. ମିତା ଦେବତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବଡ଼ଦିନରେ ନନ୍ଦନକାନନ ବୁଲିଲେ ୧୫,୬୦୧ ପର୍ଯ୍ୟଟକ

**ତ୍ରିଶୂଳିଆ,୨୫।୧୨(ତୁଷାରକାନ୍ତ ବେହେରା)**

ବଡ଼ଦିନ ଅବସରରେ ନନ୍ଦନକାନନ ପ୍ରାଣୀ ଉଦ୍ୟାନ ଓ ରାଜ୍ୟ ଉଦ୍ଭିଦ ଉଦ୍ୟାନରେ ପର୍ଯ୍ୟଟକଙ୍କ ଭିଡ଼ ଆଶାନୁରୂପ ହୋଇନାହିଁ। ଲଘୁଚାପଜନିତ ବର୍ଷା ସହିତ ଶୀତୁଆ ପାଗ ସତ୍ତ୍ୱେ ନନ୍ଦନକାନନକୁ ଚଳିତବର୍ଷ ବଡ଼ଦିନରେ ୧୫,୬୦୧ ଜଣ ପର୍ଯ୍ୟଟକ ବୁଲିବାକୁ ଆସିଥିଲେ। ସେହିପରି ବଟାନିକାଲ ଗାର୍ଡେନକୁ ୨୧୦ ଜଣ ପର୍ଯ୍ୟଟକ ଆସିଥିବା ନନ୍ଦନକାନନ ଉପନିର୍ଦ୍ଦେଶକ ସନଥ କୁମାର ନାରାୟଣ କହିଛନ୍ତି। ପର୍ଯ୍ୟଟକ ବିଭିନ୍ନ ପ୍ରଜାତିର ପ୍ରାଣୀଙ୍କୁ ବୁଲି ଦେଖିବା ସହ ବ୍ୟାଟେରିଚାଳିତ ଗାଡ଼ି, ସଫାରି, ରୋପ୍‌ୱେ ଆଦିରେ ବସିବାକୁ ଉତ୍ସାହିତ ଥିବା ଦେଖିବାକୁ ମିଳିଥିଲା। ମାଛ ଘର, ସରୀସୃପ ଉଦ୍ୟାନ ଆଦିରେ ଛୋଟ ପିଲାଙ୍କ ଭିଡ଼ ଜମିଥିଲା। ଏହାକୁ ଦୃଷ୍ଟିରେ ରଖି ପର୍ଯ୍ୟଟକଙ୍କ ସୁବିଧା ପାଇଁ ନନ୍ଦନକାନନ ଉପନିର୍ଦ୍ଦେଶକ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିଥିଲେ। ଭିତରକୁ ସମସ୍ତ ଯାନବାହନ ଚଳାଚଳ ବନ୍ଦ କରାଯାଇଥିଲା। ଯାନବାହନ ନିୟନ୍ତ୍ରଣ ପାଇଁ ନନ୍ଦନକାନନ ଥାନା ପୋଲିସ, ଟ୍ରାଫିକ ପୋଲିସ ଓ ନନ୍ଦନକାନନ ସୁରକ୍ଷା କର୍ମୀଙ୍କ ସମେତ ଓଡ୍ରାଫ ଟିମ୍, ଡାକ୍ତରୀ ଦଳ ଓ ପୋଲିସ ଫୋର୍ସ ମୁତୟନ ହୋଇଥିଲେ। ଉଦ୍ଭିଦ ଉଦ୍ୟାନ ବନାଞ୍ଚଳ ଖେଳପ୍ରିୟ ସାହୁ, ରାଜସ୍ୱ ବନାଞ୍ଚଳ ଅନିଲ କୁମାର ପୁରୋହିତ, ସ୍ୱତନ୍ତ୍ର ପ୍ରକଳ୍ପ ବନାଞ୍ଚଳ ରଞ୍ଜିତା ସାହୁଙ୍କ ସମେତ ଅନ୍ୟ ଅଧିକାରୀ ପରିଚାଳନା କରିଥିଲେ।


ବଡ଼ଦିନ ଅବସରରେ ବୁଧବାର କଟକ କ୍ୟାଣ୍ଟନମେଣ୍ଟ ରୋଡ୍‌ସ୍ଥିତ କ୍ୟାଥୋଲିକ୍ ଚର୍ଚ୍ଚରେ ପ୍ରଭୁ ଯିଶୁଙ୍କ ନିକଟରେ ପ୍ରାର୍ଥନା କରାଯାଉଛି।

# ବଡ଼ଦିନରେ ଚର୍ଚ୍ଚ ଉତ୍ସବମୁଖର

**କଟକ,୨୫।୧୨(ଶିଲ୍ପା ପ୍ରିୟଦର୍ଶିନୀ)**

ବଡ଼ଦିନ ଅବସରରେ କଟକ ସହରରେ ଥିବା ବିଭିନ୍ନ ଚର୍ଚ୍ଚ ଉତ୍ସବମୁଖର ହୋଇଛି। ଲଗାଣ ବର୍ଷା ବଡ଼ଦିନ ମଜାମସ୍ତିରେ ରୋକ୍ ଲଗାଇଥିଲା। ହେଲେ ବର୍ଷା ଛାଡିବା ପରେ ଚର୍ଚ୍ଚରେ ଭିଡ଼ ଦେଖିବାକୁ ମିଳିଥିଲା। ଏହି ଅବସରରେ ଚର୍ଚ୍ଚରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। କଟକରେ ଥିବା କ୍ୟାଥୋଲିକ୍ ଚର୍ଚ୍ଚରେ ଶ୍ରଦ୍ଧାଳୁଙ୍କ ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ସକାଳ ୮ଟାରେ ଓଡ଼ିଆ, ହିନ୍ଦୀ ଓ ଇଂଲିଶ ଭାଷାରେ ଚର୍ଚ୍ଚରେ ପ୍ରାର୍ଥନା କରାଯାଇଥିଲା। ଏଥିସହ ଉପସ୍ଥିତ ଶ୍ରଦ୍ଧାଳୁ ପରସ୍ପରକୁ ଶୁଭେଚ୍ଛା ଜଣାଇଥିବା ନେଇ ଚର୍ଚ୍ଚର ଫାଦର ପ୍ରବୋଦ କୁମାର ପ୍ରଧାନ କହିଛନ୍ତି। ସେହିପରି ଓଡ଼ିଆ ବାପ୍‌ଟିଷ୍ଟ ଚର୍ଚ୍ଚରେ ସକାଳ ୯ଟା, ପୂର୍ବାହ୍ନ ୧୧ଟା ଓ ଅପରାହ୍ନ ୩ଟାରେ ଘଣ୍ଟାଏ ଲେଖାଏ ପ୍ରାର୍ଥନା କରାଯାଇଥିଲା। ଅପରପକ୍ଷରେ ସନ୍ଧ୍ୟାରେ ହେବାକୁ ଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ବର୍ଷା ଯୋଗୁ ବନ୍ଦ କରାଯାଇଥିଲା। ବଡ଼ଦିନର ମହତ୍ତ୍ୱ ଓ ମାନବ ସମାଜ ପ୍ରତି ଯିଶୁଖ୍ରୀଷ୍ଟଙ୍କ ଅବଦାନ ସମ୍ପର୍କରେ କୁହାଯାଇଥିବା ନେଇ ଚର୍ଚ୍ଚର ଫାଦର ରେଭରେନ୍ ଆଚାର୍ଯ୍ୟ ନୀହାର କୁମାର ବର୍ଦ୍ଧନ ସୂଚନା ଦେଇଛନ୍ତି।

# ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ

**କଣ୍ଟାପଡ଼ା/କଟକ ସଦର, ୨୫।୧୨(ସୁର ନାରାୟଣ ସାହୁ/ସୁଶାନ୍ତ କୁମାର ଜେନା)**

କଣ୍ଟାପଡ଼ା ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ପଞ୍ଚାୟତର ଶକ୍ତିକେନ୍ଦ୍ର କାର୍ଯ୍ୟାଳୟ ପରିସରରେ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ବୁଧବାର ପାଳିତ ହୋଇଯାଇଛି। କଟକ ଜିଲା ଓବିସି ମୋର୍ଚ୍ଚା ସମ୍ପାଦକ ପ୍ରତାପ ଚନ୍ଦ୍ର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଭାଜପା ଜିଲା ସମ୍ପାଦକ ଲଲାଟେନ୍ଦୁ ପ୍ରସାଦ ଦାଶ, ରବିନାରାୟଣ ମହାପାତ୍ର, ବାବୁରାମ ଭୋଇ, ଭାଜପାର ବରିଷ୍ଠ ସଦସ୍ୟ ଗୋପାଳକୃଷ୍ଣ ସାହୁ, ନବକିଶୋର ପାତ୍ର, ମାଗୁଣି ପାତ୍ର, ବିଭୂତି ସ୍ୱାଇଁ, ପ୍ରମୋଦ ଦାସ, ରଞ୍ଜନ ଗିରି, ନିରଞ୍ଜନ ମୁଦୁଲି, ବାଇନ ନାଥଙ୍କ ସମେତ ବହୁ ଭାଜପା କର୍ମୀ ଯୋଗଦେଇ ବାଜପେୟୀଙ୍କ ନୀତି, ଆଦର୍ଶ ଓ ସାଙ୍ଗଠନିକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ।

କଟକ ସଦର ଭାଜପା ପକ୍ଷରୁ କନ୍ଦରପୁରଠାରେ ବାଜପେୟୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ମଣ୍ଡଳ ସଭାପତି ଅଭୟ ସ୍ୱାଇଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ନିରଞ୍ଜନ ରାଉଳ, ଯୋଗେନ୍ଦ୍ର ଭୋଇ, ଅକ୍ଷୟ ଜେନା, ପ୍ରଦୀପ୍ତ କୁମାର ମହାଳି, ସୁବ୍ରତ ରଞ୍ଜନ ମଲ୍ଲିକ, ସନାତନ ବେହେରା, ଅନନ୍ତ ସେଠୀ, ଦୀପକ ହାତୀ, ପ୍ରସନ୍ନ ହାତୀ, ସୁରେଶ ଚନ୍ଦ୍ର ଜେନା ପ୍ରମୁଖ ଯୋଗଦେଇଥିଲେ।

# ଓଲା ଇଲେକ୍‌ଟ୍ରିକ୍‌ର ନୂତନ ଏକ୍ସପେରିଏନ୍ସ ସେଣ୍ଟର ଉଦ୍‌ଘାଟିତ



**ମଙ୍ଗୁଳି-ଜଗତପୁର,୨୫।୧୨(ମାନସ ସାମଲ)**

ଓଲା ଇଲେକ୍‌ଟ୍ରିକ୍‌ର ନୂତନ ଏକ୍ସପେରିଏନ୍ସ ସେଣ୍ଟର ବୁଧବାର କଟକର ଜଗତପୁର ଗୋଲେଇ ଛକଠାରେ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। ଉଦ୍ୟୋଗୀ ମଳୟ ବିଶ୍ୱାଳ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉଭୟ ଓଲା ଇଲେକ୍‌ଟ୍ରିକ୍ ଓ ଏକ୍ସପେରିଏନ୍ସ ସେଣ୍ଟରର ବହୁ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ଓଲା ଇଲେକ୍‌ଟ୍ରିକ୍‌ର ରାଜ୍ୟ ସିନିୟର ମ୍ୟାନେଜର ସୌମ୍ୟରଞ୍ଜନ ବାରିକ କହିଥିଲେ, ଆମେ ଆମର ନୂତନ ଏକ୍ସପେରିଏନ୍ସ ସେଣ୍ଟରର ଶୁଭାରମ୍ଭ କରି ବେଶ୍ ଉତ୍ସାହିତ ଅଛୁ। ଏପରି କି ବର୍ତ୍ତମାନ ଆମର ଗ୍ରାହକ ଓଲାର ସେଲ୍ସ ଆଣ୍ଡ ସର୍ଭିସ୍ ସେଣ୍ଟର ଓଡ଼ିଶାର ପ୍ରତି ବ୍ଲକ୍‌ରେ ପାଇପାରିବେ ବୋଲି ବାରିକ କହିଥିଲେ।

ଏହି ପରିପ୍ରେକ୍ଷୀରେ ଗ୍ରାହକମାନଙ୍କୁ ଆକର୍ଷଣୀୟ ଅଫର ଦିଆଯାଉଥିବାବେଳେ ଅନେକ ପ୍ରକାର ସୁବିଧା ମଧ୍ୟ ପ୍ରଦାନ କରାଯାଉଛି। ସେହିଭଳି ଷ୍ଟୋର ମ୍ୟାନେଜର ଦୁର୍ଗାଚରଣ ସାମର୍ଥଙ୍କ ସମେତ କଟକ ସର୍ଭିସ୍ ମ୍ୟାନେଜର ପାର୍ବତୀ ଶଙ୍କର ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲାବେଳେ ଶିବ ଶଙ୍କର ସିଂ ଧନ୍ୟବାଦ ଦେଇଥିଲେ। ଉଲ୍ଲେଖଯୋଗ୍ୟ, ରାଜ୍ୟରେ ଓଲାର ୧୮୫ ନୂଆ ଷ୍ଟୋରକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରାଯାଇଛି।

# ଧାନ ବିଲରେ ପାଣି, ଚିନ୍ତାରେ ଚାଷୀ

**କଟକ ସଦର,୨୫।୧୨(ସୁଶାନ୍ତ କୁମାର ଜେନା)**


ଧାନ ବିଲରେ ପାଣି ଜମି ରହିଛି।

**ନଷ୍ଟ ହେବାକୁ ବସିଲାଣି କୋବି**

ଲଘୁଚାପଜନିତ ଅଦିନିଆ ବର୍ଷା ଯୋଗୁ କଟକ ସଦର ବ୍ଲକ ଅଞ୍ଚଳର ଚାଷଜମିରେ ପାଣି ଜମି ରହିଛି। ଫଳରେ ମେଶିନ ଦ୍ୱାରା ଧାନ କାଟିବା ସମ୍ଭବ ହୋଇପାରୁନାହିଁ। ସେହିପରି ପୋକ ଲାଗିବାରୁ କୋବି ଫସଲ ନଷ୍ଟ ହେବାକୁ ବସିଲାଣି। ଏହାକୁ ନେଇ ଚାଷୀମାନେ ଚିନ୍ତିତ ହୋଇ ପଡିଛନ୍ତି। ରବି ଫସଲ ପାଇଁ ସେମାନେ ବୀମା କରିନାହାନ୍ତି। ବ୍ଲକ କୃଷି କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଚଳିତ ଖରିଫ ଋତୁରେ ୨୪ଟି ୟୁନିଟ୍‌ରେ ୨୪୯୫ ଜଣ ଚାଷୀ ୭୫ ହଜାର ୮୭୭ ହେକ୍ଟର ଜମିରେ ଧାନଚାଷ କରିଛନ୍ତି। ସେଥିମଧ୍ୟରୁ ୮୦ ଭାଗ ଜମିରେ ଧାନ ଓଦା ହୋଇଛି। ଆଗକୁ ବର୍ଷା ହେବାର ସମ୍ଭାବନା ଥିବାରୁ ଧାନ ଆଉ ଖଳାକୁ ଆସିବ କି ନାହିଁ ତାହାକୁ ନେଇ ସନ୍ଦେହ ପ୍ରକାଶ ପାଇଛି। ପ୍ରଧାନମନ୍ତ୍ରୀ ଫସଲ ବୀମାରେ ସମବାୟ ସମିତିରୁ ଋଣ କରିଥିବା ଚାଷୀମାନେ ଅନ୍ତର୍ଭୁକ୍ତ ହୋଇଥିବାବେଳେ ଅନ୍ୟ ଚାଷୀମାନେ ୯୯୭୫ ପ୍ଲଟ୍ ଉପରେ ବୀମା କରିଛନ୍ତି। କ୍ଷତି ସମ୍ପର୍କରେ ବୀମା କମ୍ପାନୀ ତରଫରୁ ଜାରି କରାଯାଇଥିବା ହେଲ୍ପ ଲାଇନ୍ ନମ୍ବର ୧୪୪୪୭ରେ ଅଭିଯୋଗ ପଞ୍ଜୀକରଣ ଜାରି ରହିଛି।

# ଆଉଥରେ ଏତଲା ରୁଜୁ ପାଇଁ ହାଇକୋର୍ଟଙ୍କ ଅନୁମତି

**କଟକ,୨୫।୧୨(କାର୍ତ୍ତିକ ସାହୁ)**

## ପାଢ଼ୀ ଟ୍ୟୁଟୋରିଆଲ ମାଲିକଙ୍କ ଆତ୍ମହତ୍ୟା ମାମଲା

ପାଢ଼ୀ ଟ୍ୟୁଟୋରିଆଲର ମାଲିକ ଜାନକୀ ବଲ୍ଲଭ ପାଢ଼ୀ(୫୧)ଙ୍କ ଆତ୍ମହତ୍ୟା ମାମଲାରେ ଅଭିଯୁକ୍ତମାନଙ୍କ ନାମରେ ଆଉଥରେ ଏତଲା ରୁଜୁ କରିବାକୁ ହାଇକୋର୍ଟ ଅନୁମତି ଦେଇଛନ୍ତି। ଜାନକୀଙ୍କ ସ୍ତ୍ରୀ କବିତା ମହାପାତ୍ରଙ୍କ ପକ୍ଷରୁ ଆଗତ ଆବେଦନର ଶୁଣାଣି କରି ହାଇକୋର୍ଟ ତାଙ୍କୁ ଏତଲା ରୁଜୁ ପାଇଁ ଅନୁମତି ଦେଇଛନ୍ତି। ମାମଲାର ଶୁଣାଣିବେଳେ ଅଦାଲତଙ୍କୁ ଅବଗତ କରାଯାଇଥିଲା ଯେ, ଜାନକୀଙ୍କ ଆତ୍ମହତ୍ୟା ଘଟଣାର ୭ ବର୍ଷ ପରେ ମଧ୍ୟ ତଦନ୍ତ ସରିନାହିଁ। ଜାନକୀ ସୁଇସାଇଡ୍ ନୋଟ୍‌ରେ ଲେଖିଥିଲେ ଯେ, ୩୦ ଜଣ ତାଙ୍କ ଆତ୍ମହତ୍ୟା ପାଇଁ ଦାୟୀ। ହେଲେ ସେମାନଙ୍କ ସମ୍ପର୍କରେ ଠିକ୍ ତଦନ୍ତ କରାଯାଇନାହିଁ ବୋଲି ମାମଲାରେ ଦର୍ଶାଯାଇଛି। ତେଣୁ ସେମାନଙ୍କ ନାମରେ ଆଉଥରେ ଏତଲା ଦେବାକୁ ହାଇକୋର୍ଟ ଅନୁମତି ପ୍ରଦାନ କରିଛନ୍ତି। ଏହି ଆତ୍ମହତ୍ୟା ଘଟଣାର ତଦନ୍ତରେ ଅବହେଳା କରାଯାଇଥିବା ଦର୍ଶାଇ କବିତା ଗତବର୍ଷ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଏହି ମାମଲାର ଶୁଣାଣି କରି ବଡ଼ଗଡ଼ ଥାନା ୟୁଡି ଜିଆର କେସ୍ ନଂ. ୩୦୯/୨୦୧୭ର ତଦନ୍ତ ତିନିମାସ ମଧ୍ୟରେ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ପୋଲିସ କୌଣସି ପଦକ୍ଷେପ ନ ନେବାରୁ କବିତା ପୁଣିଥରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହି ମାମଲାର ଶୁଣାଣି ସମୟରେ ସରକାରୀ ଓକିଲ କୋର୍ଟଙ୍କୁ କହିଥିଲେ, ପୋଲିସ ଜବତ କରିଥିବା ସୁଇସାଇଡ୍ ନୋଟ୍‌ରେ ଜାନକୀଙ୍କ ସହ ଅର୍ଥ କାରବାର କରୁଥିବା ୩୦ ଜଣଙ୍କ ନାମ ରହିଛି। କିନ୍ତୁ ସେମାନଙ୍କ ବିରୋଧରେ ତଦନ୍ତ ଶେଷ ହୋଇନାହିଁ। ତେବେ କବିତା ନୂଆ ତଥ୍ୟ ସହ ଏ ସମ୍ପର୍କରେ ଏତଲା ଦେଲେ, ଏହାକୁ ପଞ୍ଜୀକୃତ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ନିଶିକାନ୍ତ ମିଶ୍ର ମାମଲା ପରିଚାଳନା କରୁଥିବାବେଳେ ଆଇନଜୀବୀ ଅଖଣ୍ଡ, ସପନ କୁମାର ପାଲ୍, ବର୍ଷା ସ୍ୱାଇଁ ସହଯୋଗ କରିଥିଲେ।

ଉଲ୍ଲେଖଯୋଗ୍ୟ, ପାଢ଼ୀ ଟ୍ୟୁଟୋରିଆଲ୍‌ର ଅଧ୍ୟକ୍ଷ ଥିଲେ ଜାନକୀ ବଲ୍ଲଭ ପାଢ଼ୀ। ଏତଦ୍‌ବ୍ୟତୀତ ସେ କଳିଙ୍ଗ ଭାରତୀ ରେସିଡେନ୍ସିଆଲ୍ କଲେଜ ଏବଂ କଟକ ପୀରବଜାରରେ କୃଷଗ୍ରା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇନ୍‌ଫର୍ମେଶନ ମ୍ୟାନେଜ୍‌ମେଣ୍ଟ ସାଇନ୍ସ ଆଦି ଶିକ୍ଷାନୁଷ୍ଠାନ ଖୋଲି ଏହାର ଅଧ୍ୟକ୍ଷ ଥିଲେ। ସେ ୩୦ କୋଟି ଟଙ୍କାର ଋଣ ଯନ୍ତାରେ ପଡ଼ି ଦେବାଳିଆ ହୋଇଯାଇଥିଲେ ବୋଲି ଜଣାପଡ଼ିଥିଲା। ୨୦୧୭ ଏପ୍ରିଲ ୬ରେ ସେ ମୃତ୍ୟୁ ପୂର୍ବରୁ ୮ ପୃଷ୍ଠା ସମ୍ବଳିତ ଏକ ସୁଇସାଇଡ୍ ନୋଟ୍ ଲେଖିଥିଲେ। ସେଥିରେ ଋଣର ପରିମାଣ ସମ୍ପର୍କରେ ଉଲ୍ଲେଖ ଥିଲା। ତାଙ୍କର ଝୁଲନ୍ତା ମୃତଦେହ ଭୁବନେଶ୍ୱର ବଡ଼ଗଡ ଥାନା ଅଧୀନ ବ୍ରହ୍ମେଶ୍ୱର ପାଟଣା ଅଞ୍ଚଳରୁ ପୋଲିସ ଜବତ କରିଥିଲା। ଏଥିସହ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା।

## ଫଟୋରେ ଖବର



କଟକ ଚହଟାସ୍ଥିତ ଏକ ହୋଟେଲ ସମ୍ମିଳନୀ କକ୍ଷରେ ଆଇଏମ୍‌ଏ ଏକାଡେମୀ କନ୍‌କ୍ଲେଭ ପାଳନ ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।


କ୍ରିସ୍‌ମସ୍ ପାଳନ ଅବସରରେ ବୁଧବାର କଟକ କ୍ଲବ୍‌ରେ ୟୁବ ଗ୍ରୁପ୍ ପକ୍ଷରୁ ସଙ୍ଗୀତ ପରିବେଷଣ କରାଯାଉଛି।

# ୧୫ଜଣଙ୍କୁ 'ଗୀତାଞ୍ଜଳି ଏକ୍ସଲେନ୍ସି ଆୱାର୍ଡ'

ଭୁବନେଶ୍ୱର,୨୫।୧୨ (ସୁଚିସ୍ମିତା ସାହୁ)

ଗୀତାଞ୍ଜଳି ଇଣ୍ଡିଆ ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ ଏକ ଘରୋଇ ହୋଟେଲଠାରେ ରାଜ୍ୟସ୍ତରୀୟ ଯୁବ ଉତ୍ସବ ଓ ସପ୍ତମ ଗୀତାଞ୍ଜଳି ଏକ୍ସଲେନ୍ସି ଆୱାର୍ଡ ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ରଞ୍ଜନ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ସମାଜର ଭିନ୍ନ ଭିନ୍ନ ଲୁକ୍କାୟିତ ପ୍ରତିଭାଙ୍କୁ ଖୋଜି ସମ୍ମାନିତ କରୁଛି ଗୀତାଞ୍ଜଳି ଇଣ୍ଡିଆ ଫାଉଣ୍ଡେଶନ। ଏହାଦ୍ୱାରା ସମାଜରେ ନୂଆ ପ୍ରତିଭାଙ୍କର ଜନ୍ମ ହେଉଛି। ଏହି ପ୍ରତିଭାମାନେ ସମାଜର ଉନ୍ନତିମୂଳକ କାର୍ଯ୍ୟ କରିବା ସହିତ ଗଛଲତାର ସୁରକ୍ଷା ପ୍ରତି ଧ୍ୟାନ ହେଉଛନ୍ତି ବୋଲି ସେ କହିଛନ୍ତି। ମୁଖ୍ୟବକ୍ତା ଭାବେ ଏକାମ୍ର ବିଧାୟକ ବାବୁ ସିଂ ଯୋଗଦେଇ ପ୍ରତିଭାଧାରୀଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢାଲି, ଭାଜପା ନେତା ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ଦୂରଦର୍ଶୀର ସମ୍ପାଦକ ଦୁର୍ଗାପ୍ରସାଦ ସାମନ୍ତରାୟ, ଯୁବ ସମାଜସେବୀ ତାପସ ରଞ୍ଜନ ମଲ୍ଲିକ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ସମାଜରେ ଉଲ୍ଲେଖନୀୟ ଅବଦାନ ପାଇଁ ୧୫ଜଣ ପ୍ରତିଭାଧାରୀ ବ୍ୟକ୍ତିଙ୍କୁ 'ଗୀତାଞ୍ଜଳି ଏକ୍ସଲେନ୍ସି ଆୱାର୍ଡ-୨୦୨୪'ରେ ସମ୍ମାନିତ କରାଯାଇଥିଲା। ସେମାନେ ହେଲେ ସାହିତ୍ୟରେ ଯୁବ ଲେଖକ ରାକେଶ ପଣ୍ଡା, ସାମ୍ବାଦିକତାରେ ଦୁର୍ଗାଶିଷ, ସଙ୍ଗୀତରେ କଣ୍ଠଶିଳ୍ପୀ ସୁସ୍ମିତା ଦାସ, ଶିକ୍ଷାରେ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟର ଡ. ବିଜୟା ଲକ୍ଷ୍ମୀ ମହାନ୍ତି, କ୍ରୀଡ଼ାରେ ପ୍ରତ୍ୟାଶା ରାୟ, ଫ୍ୟାଶନ ଡିଜାଇନ୍‌ରେ ଜୁବିନା ଅଲ୍ଲୀ, ଓଡ଼ିଶୀ ନୃତ୍ୟରେ ନୃତ୍ୟାଙ୍ଗନା ଅର୍ପିତା ଲେଙ୍କା, କୃଷିରେ ରାକେଶ କୁମାର ସେନାପତି, ସମାଜସେବାରେ ସୁଲୋଚନା ମହାନ୍ତି, ୱେଲ୍‌ନେସ ଓ ବିୟୁଟିରେ ରୋଜାଲିନ ପରିଡା, ଲୋକ ସମ୍ପର୍କ କ୍ଷେତ୍ରରେ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟର ଶୁଭଦର୍ଶିନୀ ମିଶ୍ର, ଆଇନ ଶିକ୍ଷାରେ ଡ. ଗିରିଶ ରଞ୍ଜନ ସାହୁ ଓ ସ୍ୱାସ୍ଥ୍ୟ ସେବାରେ ଆପୋଲୋ ହସ୍ପିଟାଲର ଡ. ଆଲୋକ ଶ୍ରୀବାସ୍ତବ। ତେବେ ପୁରସ୍କାର ପାଇଥିବା ଅନ୍ୟ ଦୁଇଜଣ ସୁରେଶ୍ୱରୀ ସାଗରିକା ଜେନା ଓ ଶଶିକାନ୍ତ ବାରିକ ଅନୁପସ୍ଥିତ ଥିଲେ। ଅନୁଷ୍ଠାନର ସଦସ୍ୟ ଆଶୁତୋଷ ଚୌଧୁରୀ, ପ୍ରଳୟ କୁମାର ଦାସ, ଶ୍ରୀଲିପି କୁମାର ପ୍ରଧାନ, ପ୍ରଜ୍ଞା ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ସମ୍ମାନିତ ବ୍ୟକ୍ତିତ୍ୱଙ୍କ ସହ ମନ୍ତ୍ରୀ ସୁରେଶ ପୂଜାରୀ ଓ ଅନ୍ୟମାନେ।

## ସଂକ୍ଷେପରେ

### ଆଜି ରାସ୍ତାକୁ ଓହ୍ଲାଇବ ଶିକ୍ଷକ ଓ କର୍ମଚାରୀ ସଂଘ

ଭୁବନେଶ୍ୱର,୨୫।୧୨(ସୁଚିସ୍ମିତା ସାହୁ)

ନିଯୁକ୍ତି ଦିନକୁ ଭିତ୍ତିକରି ଚାକିରି ସର୍ତ୍ତାବଳୀ ଓ ପେନ୍‌ସନ ଦାବିରେ ନିଖିଳ ଓଡ଼ିଶା ଅନୁଦାନପ୍ରାପ୍ତ ମହାବିଦ୍ୟାଳୟ (୪୮୮ ବର୍ଗ) ଶିକ୍ଷକ ଓ କର୍ମଚାରୀ ସଂଘ ୨୬ତାରିଖରେ ରାସ୍ତାକୁ ଓହ୍ଲାଇବ ବୋଲି ସଂଘ ସଭାପତି ମାନସ ପୁରୋହିତ କହିଛନ୍ତି। ୨୦୦୯ ଗ୍ରାଣ୍ଟ୍ ଇନ୍ ଏଡ୍ ନିୟମରେ ଅନୁଦାନ ପାଇଥିବା ୪୮୮ବର୍ଗ ମହାବିଦ୍ୟାଳୟରେ କାର୍ଯ୍ୟରତ ଅଧ୍ୟାପକ ଓ କର୍ମଚାରୀମାନେ ଦୀର୍ଘ ୨୫ରୁ ୩୦ବର୍ଷ ଧରି କାର୍ଯ୍ୟ କରିଛନ୍ତି। ହେଲେ ଏଯାବତ୍ ସେମାନଙ୍କ ପାଇଁ ସରକାର ଚାକିରି ସର୍ତ୍ତାବଳୀ ତଥା ପେନ୍‌ସନ ବ୍ୟବସ୍ଥା କରିନାହାନ୍ତି। ବ୍ଲକ ଗ୍ରାଣ୍ଟ ଅଧ୍ୟାପକ ଓ କର୍ମଚାରୀଙ୍କ ପେନ୍‌ସନ ବ୍ୟବସ୍ଥା ନ ଥିବାରୁ ଚାକିରିରୁ ଅବସର ଗ୍ରହଣ ପରେ ସେମାନଙ୍କ ଜୀବନ ଅତ୍ୟନ୍ତ ଦୁର୍ବିଷହ ହୋଇପଡୁଛି। ବିଭିନ୍ନ ସମୟରେ ସରକାର ବାରମ୍ବାର ଏମାନଙ୍କୁ ପ୍ରତିଶ୍ରୁତି ଦେଇ ଠକି ଚାଲିଛନ୍ତି। ନୂତନ ସରକାରଙ୍କ ସହ ଅନେକ ଥର ଆଲୋଚନା ହୋଇଥିଲେ ମଧ୍ୟ ପଦକ୍ଷେପ ନିଆଯାଉନାହିଁ ବୋଲି ସଭାପତି ପୁରୋହିତ କହିଛନ୍ତି। ୨୦୧୭ ଅନୁଦାନ ଆଇନ ଅନୁଯାୟୀ କାର୍ଯ୍ୟାନ୍ୱିତ କର୍ମଚାରୀଙ୍କ ପାଇଁ ସମସ୍ତ ଚାକିରି ସର୍ତ୍ତାବଳୀ ଲାଗୁ କରିବା, ପୁରୁଣା ପେନ୍‌ସନ ଲାଗୁ କରିବା, ଭବିଷ୍ୟନିଧି ଖାତା ଖୋଲିବା, କ୍ୟାଡର ଲିଷ୍ଟରେ ଅଧ୍ୟାପିକା ଅଧ୍ୟାପକ ତଥା କିରାଣିଙ୍କୁ ଅନ୍ତର୍ଭୁକ୍ତ କରିବା ଆଦି ବହୁ ଦାବି ଉପସ୍ଥାପନ କରାଯାଇଛି। ସରକାରଙ୍କ ତରଫରୁ କୌଣସି ତତ୍ପରତା ପ୍ରକାଶ ପାଇ ନ ଥିବା ସଂଘର ସାଧାରଣ ସମ୍ପାଦକ ସୁଶୀଲ ଚନ୍ଦ୍ର ପ୍ରଧାନ କହିଛନ୍ତି।

### ରିମାଣ୍ଡରେ ଆସିଲେ ୨ ଅଭିଯୁକ୍ତ, ଅଳଙ୍କାର ଜବତ

**ଘର ତାଲା ଭାଙ୍ଗି ଚୋରି**

ଭୁବନେଶ୍ୱର,୨୫।୧୨(ସତ୍ୟଜିତ୍ ରାଉତ)

ଭୁବନେଶ୍ୱର କଳିଙ୍ଗବିହାର କେ/୪ସ୍ଥିତ ଜଣଙ୍କ ଘରୁ ଚୋରି ମାମଲାରେ ଦୁଇ ଅଭିଯୁକ୍ତଙ୍କୁ ତମାଣ୍ଡୋ ଥାନା ପୋଲିସ ରିମାଣ୍ଡରେ ଆଣି ଚୋରି ସାମଗ୍ରୀ ଜବତ କରିଛି। ଅଭିଯୁକ୍ତ ନୟାଗଡ଼ ଜିଲା ଫତେଗଡ଼ ଥାନା ଅନ୍ତର୍ଗତ ଭାପୁର ଗ୍ରାମର ମନୋଜ କୁମାର ସିଂ(୪୦) ଓ କଟକ ଜିଲା ବୈଦେଶ୍ୱର ଥାନା ଅନ୍ତର୍ଗତ ଖଣ୍ଡୁରିଆପଡ଼ା ଗ୍ରାମର ଜୟନ୍ତ କୁମାର ପାଣିଗ୍ରାହୀ(୪୬)ଙ୍କୁ ନୟାଗଡ଼ ଟାଉନ ଥାନା ପୋଲିସ ଏକ ଚୋରି ମାମଲାରେ ଗତ ସେପ୍ଟେମ୍ବର ୩୦ରେ ଗିରଫ କରିଥିଲା। ସେମାନେ ଜେଲରେ ଥିବାବେଳେ ତମାଣ୍ଡୋ ଥାନା ତଦନ୍ତ ଅଧିକାରୀ ଅନ୍ୟ ଏକ ଚୋରି ମାମଲାରେ ରିମାଣ୍ଡରେ ଆଣିବାକୁ ଆବେଦନ କରିଥିଲେ। ନୟାଗଡ଼ ଏସ୍‌ଡିଜେଏମ୍ କୋର୍ଟଙ୍କ ଅନୁମତିକ୍ରମେ ଅଭିଯୁକ୍ତଦ୍ୱୟଙ୍କୁ ପୋଲିସ ସୋମବାର ଦିନିକିଆ ରିମାଣ୍ଡରେ ଆଣି ସୁନା ଅଳଙ୍କାର, ଆମେରିକା ଡଲାର, କାନାଡା ଡଲାର, ୧୦୦୦ ଟଙ୍କା ଓ ଅନ୍ୟାନ୍ୟ ଦସ୍ତାବିଜ୍ ଜବତ କରିଛି। ଗତ ସେପ୍ଟେମ୍ବର ୧ରେ ଅଭିଯୋଗକାରିଣୀ ରୁତୁମ୍ବରା ପ୍ରଜ୍ଞାନନ୍ଦ ଓ ତାଙ୍କ ମା' ଘରେ ନ ଥିବାବେଳେ ସନ୍ଧ୍ୟାରେ ଅଭିଯୁକ୍ତଦ୍ୱୟ ଘରର ତାଲା ଭାଙ୍ଗି ଚୋରି କରିଥିଲେ। ଅଭିଯୁକ୍ତ ମନୋଜଙ୍କ ନାଁରେ ୨୧ଟି ଓ ଜୟନ୍ତଙ୍କ ନାଁରେ ୩ଟି ମାମଲା ରହିଛି।

# ରାଜ୍ୟସ୍ତରୀୟ ଯୁବ ଉତ୍ସବରେ ପ୍ରତିଭା ଦେଖାଉଛନ୍ତି ପ୍ରତିଯୋଗୀ


ଅତିଥିଙ୍କ ସହ ଲୋକ ନୃତ୍ୟ ପରିବେଷଣ କରିଥିବା ପ୍ରତିଯୋଗୀମାନେ।

ଭୁବନେଶ୍ୱର,୨୫।୧୨ (ସୌମ୍ୟରଞ୍ଜନ ରାଉତ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରଠାରେ ଚାଲିଥିବା ରାଜ୍ୟସ୍ତରୀୟ ଯୁବ ଉତ୍ସବର ବୁଧବାର ଥିଲା ଦ୍ୱିତୀୟ ଦିବସ। ଏହି ତିନିଦିନିଆ କାର୍ଯ୍ୟକ୍ରମରେ ରାଜ୍ୟର ସମସ୍ତ ଜିଲାରୁ ଚୟନ ହୋଇ ଆସିଥିବା ପ୍ରତିଯୋଗୀମାନେ ଲୋକନୃତ୍ୟ, ଲୋକସଙ୍ଗୀତ, ଗଳ୍ପ ଓ କବିତା ଲିଖନ, ଔପଚାରିକ ବକ୍ତୃତା ଏବଂ ଚିତ୍ରକଳା ଆଦି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି। ଗୁରୁବାର ଶେଷ ଦିନରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯିବ। ରାଜ୍ୟସ୍ତରୀୟ କୃତୀ ପ୍ରତିଯୋଗୀମାନେ ଜାତୀୟ ସ୍ତରରେ ଜାତୀୟ ଯୁବ ଉତ୍ସବ-୨୦୨୫ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ସୂଚନାଯୋଗ୍ୟ, ଆସନ୍ତା ଜାନୁଆରୀ ୧୨ରୁ ୧୬ ପର୍ଯ୍ୟନ୍ତ ୨୮ତମ ଜାତୀୟ ଯୁବ ଉତ୍ସବ ଅନୁଷ୍ଠିତ ହେବ।

# ଟଙ୍କା ନେବା ପରେ ଫଟୋ ଭାଇରାଲ କରି ଯୁବକ ଗିରଫ

ଭୁବନେଶ୍ୱର,୨୫।୧୨ (ସୂର୍ଯ୍ୟକାନ୍ତ ବେହେରା)

ଆପତ୍ତିଜନକ ଫଟୋକୁ ନେଇ ପ୍ରଥମେ ଯୁବତୀଙ୍କୁ ବ୍ଲାକ୍‌ମେଲ କଲେ। ବ୍ଲାକ୍‌ମେଲିଂ ଜରିଆରେ ଯୁବତୀ ଓ ତାଙ୍କ ପରିବାର ଲୋକଙ୍କଠାରୁ ଟଙ୍କା ନେଲେ। ଏହା ପରେ ଆପତ୍ତିଜନକ ଭିଡିଓ ଓ ଫଟୋକୁ ଭାଇରାଲ କରିଦେଇଥିବା ଅଭିଯୋଗରେ ଜଣେ ବ୍ଲାକମେଲର ଯୁବକଙ୍କୁ ଭରତପୁର ପୋଲିସ ଗିରଫ କରିଛି। ଅଭିଯୁକ୍ତ ହେଲେ କେନ୍ଦୁଝର ଆନନ୍ଦପୁର ସଦର ଥାନା ଅଞ୍ଚଳର ରାଜେଶ କୁମାର ସାହୁ (୨୪)। ଏନେଇ ପୀଡ଼ିତାଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ବୁଧବାର କୋର୍ଟ ଚାଲାଣ କରିଥିଲା। ଜାମିନ ନ ମିଳିବାରୁ ରାଜେଶଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନାଯୋଗ୍ୟ ପୀଡ଼ିତା ଏବଂ ଅଭିଯୁକ୍ତ ରାଜେଶଙ୍କ ମଧ୍ୟରେ ପୂର୍ବରୁ ଭଲ ସମ୍ପର୍କ ରହିଥିଲା। ଏହାର ସୁଯୋଗ ନେଇ ଅଭିଯୁକ୍ତ ରାଜେଶ ପୀଡ଼ିତାଙ୍କ ଅଜାଣତରେ ତାଙ୍କର କିଛି ଆପତ୍ତିଜନକ ଫଟୋ ଏବଂ ଭିଡିଓ ଉଠାଇ ପାଖରେ ରଖିଥିଲେ। ପରେ ରାଜେଶ ଉକ୍ତ ଫଟୋକୁ ନେଇ ଯୁବତୀଙ୍କୁ ବ୍ଲାକ୍‌ମେଲ କରିବା ଆରମ୍ଭ କରି ବିଭିନ୍ନ ସମୟରେ ତାଙ୍କଠାରୁ ୨୦ ହଜାର ନେଇଥିଲେ। ଟଙ୍କା ନେବା ପରେ ମଧ୍ୟ ଅଭିଯୁକ୍ତ ରାକେଶ ଉକ୍ତ ଫଟୋ ଓ ଭିଡିଓକୁ ପୀଡ଼ିତାଙ୍କ ବାପାଙ୍କୁ ଶେୟାର କରି ତାଙ୍କ ଘର ଠାରୁ ୧୦ ହଜାର ଟଙ୍କା ମଧ୍ୟ ନେଇଥିଲେ। ଭାଇରାଲ ନ କରିବାକୁ ପୀଡ଼ିତା ଏବଂ ତାଙ୍କ ପରିବାର ଯେତେ ଅନୁରୋଧ କରିଥିଲେ ମଧ୍ୟ ରାଜେଶ ଅଧିକ ଟଙ୍କା ଦାବି କରିଥିଲେ। ଟଙ୍କା ଦେବା ମନା କରିବାରୁ ଅଭିଯୁକ୍ତ ତାଙ୍କର ଜଣେ ବନ୍ଧୁଙ୍କ ମୋବାଇଲ ଫୋନରୁ ପୀଡ଼ିତାଙ୍କ ମା' ଓ ସାଙ୍ଗମାନଙ୍କୁ ପଠାଇ ଦେଇଥିଲେ। ଏନେଇ ପୀଡ଼ିତାଙ୍କ ମା' ଭରତପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ।

## ଦୂରଦୃଷ୍ଟି, ସଙ୍କଳ୍ପର ରାଷ୍ଟ୍ର ନାୟକ ଥିଲେ ବାଜପେୟୀ

ପୁରୁଣା ଭୁବନେଶ୍ୱର,୨୫।୧୨(ସୁବାସ ଚନ୍ଦ୍ର ପ୍ରଧାନ)

ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ଏକାମ୍ର ଜନଜାଗରଣ ମଞ୍ଚ କାର୍ଯ୍ୟାଳୟ ମୋତିଲାଲ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ରମାନେ ଯୋଗଦେଇ କରି ବାଜପେୟୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ମଞ୍ଚର ସଭାପତି ଭୀଷ୍ମ ନାରାୟଣ ନାୟକ ପିଲାମାନଙ୍କୁ ବାଜପେୟୀଙ୍କ ଜୀବନୀ ଓ ଦେଶ ପ୍ରୀତି ସମ୍ପର୍କରେ ବୁଝାଇବା ସହ ସମସ୍ତେ ଦୂରଦୃଷ୍ଟି ଓ ସଙ୍କଳ୍ପ ନେଇ କାର୍ଯ୍ୟ କରିବା ପାଇଁ ପରାମର୍ଶ ଦେଇଥିଲେ।

## ବାଜପେୟୀଙ୍କ ଜୟନ୍ତୀ ପାଳିତ

ତ୍ରିଶୂଳିଆ,୨୫।୧୨(ତୁଷାରକାନ୍ତ ବେହେରା)

ବାରଙ୍ଗ ତ୍ରିଶୂଳିଆ ବସ୍ ଟର୍ମିନାଲରେ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ୧୦୧ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ପୂର୍ବତନ ଜିଲା ପରିଷଦ ସଭ୍ୟ ଅଜୟ କୁମାର ମୁଦୁଲି ଅଧ୍ୟକ୍ଷତା କରିଥିଲେ। ଆୟୋଜିତ ସ୍ମୃତିସଭାରେ ରାଜ୍ୟ ଭାଜପା ସମ୍ପାଦିକା ନନ୍ଦିନୀ ଶତପଥୀ, ବାଙ୍କୀ ଭାଜପା ନେତା ଶୁଭ୍ରାଂଶୁ ମୋହନ ପାଢ଼ୀ, କଟକ ଜିଲା ଯୁବ ମୋର୍ଚ୍ଚା ସଭାପତି ନଳିନୀ କୁମାର ରାୟ, ପ୍ରଭାତ କୁମାର ରାଉତ, ପ୍ରବାସ କୁମାର ରାଉତ, ବାବୁଲି ବିଶୋଇ, ବୁଲୁ ସ୍ୱାଇଁ, ଗୋବିନ୍ଦ ସ୍ୱାଇଁ, ବାଙ୍କୀ ନଗର ସଭାପତି ବାବୁ ରଣା, ପ୍ରଶାନ୍ତ ତ୍ରିବେଦୀ, ସନାତନ ରାଉତ, ଅକ୍ଷୟ ପଣ୍ଡାଙ୍କ ସମେତ ଭାଜପା କର୍ମୀ ଉପସ୍ଥିତ ଥିଲେ।

## ସାହିତ୍ୟୋତ୍ସବରେ 'ଓଡ଼ିଆ ଅସ୍ମିତା'କୁ ଗୁରୁତ୍ୱ

ଭୁବନେଶ୍ୱର,୨୫।୧୨(ସୁଚିସ୍ମିତା ସାହୁ)

ଓଡ଼ିଶା ଅର୍ଥସେବା ଅଧିକାରୀ ପ୍ରୋବେଶନାଲ ୨୦୨୧ ବ୍ୟାଚ୍ ପକ୍ଷରୁ ବୁଧବାର ମଧୁସୂଦନ ଦାସ ଆଞ୍ଚଳିକ ବିତ୍ତୀୟ ପରିଚାଳନା ପ୍ରତିଷ୍ଠାନରେ ବିଭିନ୍ନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଚାରିଦିନ ବ୍ୟାପୀ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ 'ମଧୁକ୍ଷରା', କ୍ରୀଡ଼ା ଉତ୍ସବ, ଖାଦ୍ୟ ଉତ୍ସବ ଓ ସାହିତ୍ୟୋତ୍ସବରେ ନିଜ ପ୍ରତିଭା, ଦକ୍ଷତା ଓ ଅଭିନବତ୍ୱ ପ୍ରତିପାଦନ କରିଥିଲେ। ଆୟୋଜିତ ସାହିତ୍ୟୋତ୍ସବରେ 'ବର୍ତ୍ତନାର ବିବର୍ତ୍ତନ' ବିଷୟ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡ଼ିଆ ଅସ୍ମିତାକୁ ଗୁରୁତ୍ୱ ଦିଆଯାଇଥିଲା। 'ଶାସ୍ତ୍ରୀୟରୁ ସମକାଳୀନ' ପ୍ରସଙ୍ଗରେ ସଂଗଠକ ସୂର୍ଯ୍ୟ ମିଶ୍ର, ସାହିତ୍ୟିକ ଅଧ୍ୟାପକ ଡ. ନେତାଜୀ ଅଭିନନ୍ଦନ, କବି ତଥା ଅଧ୍ୟାପକ ଡ. ଶକ୍ତି ମହାନ୍ତି ଅଂଶଗ୍ରହଣ କରିଥିଲେ। ସେହିପରି ସାଂସ୍କୃତିକ କାର୍ଯ୍ୟକ୍ରମରେ ଓଡ଼ିଶୀ, ଲୋକନୃତ୍ୟ, ସଙ୍ଗୀତ ଓ ନାଟକ ପରିବେଷିତ ହୋଇଥିବାବେଳେ କ୍ରୀଡ଼ା ପ୍ରତିଯୋଗୀମାନେ କ୍ରୀଡ଼ାକୌଶଳ ଓ ଶାରୀରିକ ଦକ୍ଷତା ପ୍ରଦର୍ଶନ କରିଥିଲେ। ଏକାଡେମୀ ନିର୍ଦ୍ଦେଶକ ଅଶୋକ କୁମାର ମହାନ୍ତିଙ୍କ ସମେତ ମଧୁସ୍ମିତା ବେହେରା, ଚିରସ୍ମିତା ସାହୁ ଓ ଶାନ୍ତା ମିଶ୍ର ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଭୂମିପୂର୍ବା ମଲ୍ଲ, ଶୀତିକଣ୍ଠ ଦାଶ ଓ ସାର୍ଥକ ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ୩୭ ନଂ. ୱାର୍ଡରେ ପ୍ରବାସୀ ଭାରତୀୟ ଦିବସ



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

ଭୁବନେଶ୍ୱର,୨୫।୧୨(ସୁଚିସ୍ମିତା ସାହୁ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ପ୍ରବାସୀ ଭାରତୀୟ ଦିବସ ଉପଲକ୍ଷେ ୱାର୍ଡସ୍ତରୀୟ ସିଟି ଆକ୍ଟିଭେଶନ କାର୍ଯ୍ୟକ୍ରମ ମଙ୍ଗଳବାର ୱାର୍ଡ ନଂ. ୩୭ରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ମଧ୍ୟ ନିର୍ବାଚନମଣ୍ଡଳୀର ଭାଜପା ନେତା ଜଗନ୍ନାଥ ପ୍ରଧାନ, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ କର୍ପୋରେଟର ବନ୍ଦିତା ପାଲ, ସାମାଜିକ କର୍ମୀ ଅର୍ଜୁନ ବେହେରା ଓ ବରିଷ୍ଠ ନାଗରିକ ଯୋଗେଶ ସାହୁ ଯୋଗଦେଇଥିଲେ। ଏହି ଅବସରରେ ପିଲାଙ୍କ ଦ୍ୱାରା ନାଚ ଓ ଗୀତ ପରିବେଷଣ କରାଯାଇଥିଲା। ଏଥିସହ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ହୋଇଥିଲା। ୱାର୍ଡ ଅଫିସର ସତ୍ୟବ୍ରତ ମିଶ୍ର, ସାନିଟାରି ଇନ୍ସପେକ୍ଟର ସୁଦର୍ଶନ ସାହୁ, ସାମାଜିକ କର୍ମୀ ମିଲନ ପାଇକରାୟ, ଗୌତମ ବେହେରା, କଳିଙ୍ଗ କ୍ରୀଡ଼ା ପରିଷଦର ଡ୍ରାମାଟିକ ସେକ୍ରେଟାରୀ ଅଜିତ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ମଲ୍‌ରେ ନାଚଗୀତର ଆସର




ଭୁବନେଶ୍ୱର,୨୫।୧୨(ଅନୁରାଧା ମହାରଣା)

ପ୍ରବାସୀ ଦିବସ ପାଳନ ପରିପ୍ରେକ୍ଷୀରେ ଭୁବନେଶ୍ୱର ମହାନଗର ନିଗମ(ବିଏମସି) ପକ୍ଷରୁ ବିଭିନ୍ନ ସ୍ଥାନରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି। ବୁଧବାର ସନ୍ଧ୍ୟାରେ କଳ୍ପନାସ୍ଥିତ ଏକ ମଲ୍‌ରେ ମେୟର ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମ ରାଜଧାନୀବାସୀଙ୍କୁ ଆକୃଷ୍ଟ କରିଥିଲା। ସେହିପରି ବଡ଼ଦିନ ହୋଇଥିବାରୁ କୁନି ପିଲାମାନେ ସାଣ୍ଟା ବେଶରେ ଯୋଗଦେଇଥିଲେ। ସେହିପରି ଷ୍ଟେପ୍ ଏଣ୍ଡ୍ ଡ୍ୟାନ୍ସ ଗ୍ରୁପ୍, ରିଦିମ୍ ଡ୍ୟାନ୍ସ ଗ୍ରୁପ୍ ସହ କଣ୍ଠଶିଳ୍ପୀ ପ୍ରିୟା ଓ ଦେବାନନ୍ଦଙ୍କ ପରିବେଷଣକୁ ଦର୍ଶକ ଖୁବ୍ ଉପଭୋଗ କରିଥିଲେ। ଅତିରିକ୍ତ କମିଶନର ସସ୍ମିତା ସାହୁ, ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ମିହିର କୁମାର ରାଉତ, ଡେପୁଟି କମିଶନର କାଜଲ ପ୍ରଧାନ ଓ ଦୁଲାଲ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ମା' ଜାଗୁଳାଇ ସରସ୍ୱତୀ ଶିଶୁମନ୍ଦିରର ବାର୍ଷିକୋତ୍ସବ

ବାଲିଅନ୍ତା,୨୫।୧୨(ନୀଳମାଧବ ସାହୁ)

ବାଲିଅନ୍ତା ବ୍ଲକ ଅଲାରପୁର ରଙ୍ଗବଜାରସ୍ଥିତ ମା' ଜାଗୁଳାଇ ସରସ୍ୱତୀ ଶିଶୁମନ୍ଦିରର ୧୬ତମ ବାର୍ଷିକୋତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କବିରାଜ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଷ୍ଟ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦର ଅବସରପ୍ରାପ୍ତ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ପାତ୍ର, ମୁଖ୍ୟବକ୍ତା ଭାବେ କବି ସତ୍ୟାନାଶ, ସମ୍ମାନିତ ଅତିଥି ରୂପେ କୈଳାସ ଚନ୍ଦ୍ର ଆଚାର୍ଯ୍ୟ, ଉପେନ୍ଦ୍ରନାଥ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ଶ୍ରୀକାନ୍ତ ଶେଖର ସାମନ୍ତରାୟ ବାର୍ଷିକ ବିବରଣୀ ପାଠ କରିଥିଲେ। ଗୁରୁମା ଲକ୍ଷ୍ମୀପ୍ରିୟା ମିଶ୍ର ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ୪୦ ଛାତ୍ରୀଛାତ୍ରଙ୍କୁ ମେଧା ସମ୍ମାନରେ ସମ୍ମାନିତ କରାଯାଇଥିଲା।

# ଆଉଥରେ ଏତଲା ରୁଜୁ ପାଇଁ ହାଇକୋର୍ଟଙ୍କ ଅନୁମତି

**ପାଢ଼ୀ ଟ୍ୟୁଟୋରିଆଲର ମାଲିକଙ୍କ ଆତ୍ମହତ୍ୟା ମାମଲା**

କଟକ,୨୫।୧୨ (କାର୍ତ୍ତିକ ସାହୁ)

ପାଢ଼ୀ ଟ୍ୟୁଟୋରିଆଲର ମାଲିକ ଜାନକୀ ବଲ୍ଲଭ ପାଢ଼ୀ(୫୧)ଙ୍କ ଆତ୍ମହତ୍ୟା ମାମଲାରେ ଅଭିଯୁକ୍ତମାନଙ୍କ ନାମରେ ଆଉଥରେ ଏତଲା ରୁଜୁ କରିବାକୁ ହାଇକୋର୍ଟ ଅନୁମତି ଦେଇଛନ୍ତି। ଜାନକୀଙ୍କ ସ୍ତ୍ରୀ କବିତା ମହାପାତ୍ରଙ୍କ ପକ୍ଷରୁ ଆଗତ ଆବେଦନର ଶୁଣାଣି କରି ହାଇକୋର୍ଟ ତାଙ୍କୁ ଏତଲା ରୁଜୁ ପାଇଁ ଅନୁମତି ଦେଇଛନ୍ତି। ମାମଲାର ଶୁଣାଣିବେଳେ ଅଦାଲତଙ୍କୁ ଅବଗତ କରାଯାଇଥିଲା ଯେ, ଜାନକୀଙ୍କ ଆତ୍ମହତ୍ୟା ଘଟଣାର ୭ ବର୍ଷ ପରେ ମଧ୍ୟ ତଦନ୍ତ ସରିନାହିଁ। ଜାନକୀ ସୁଇସାଇଡ୍ ନୋଟ୍‌ରେ ଲେଖିଥିଲେ ଯେ, ୩୦ ଜଣ ତାଙ୍କ ଆତ୍ମହତ୍ୟା ପାଇଁ ଦାୟୀ। ହେଲେ ସେମାନଙ୍କ ସମ୍ପର୍କରେ ଠିକ୍ ତଦନ୍ତ କରାଯାଇନାହିଁ ବୋଲି ମାମଲାରେ ଦର୍ଶାଯାଇଛି। ତେଣୁ ସେମାନଙ୍କ ନାମରେ ଆଉଥରେ ଏତଲା ଦେବାକୁ ହାଇକୋର୍ଟ ଅନୁମତି ପ୍ରଦାନ କରିଛନ୍ତି। ଏହି ଆତ୍ମହତ୍ୟା ଘଟଣାର ତଦନ୍ତରେ ଅବହେଳା କରାଯାଇଥିବା ଦର୍ଶାଇ କବିତା ଗତବର୍ଷ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଏହି ମାମଲାର ଶୁଣାଣି କରି ବଡ଼ଗଡ଼ ଥାନା ୟୁଡି ଜିଆର କେସ୍ ନଂ. ୩୦୯/୨୦୧୭ର ତଦନ୍ତ ତିନିମାସ ମଧ୍ୟରେ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ପୋଲିସ କୌଣସି ପଦକ୍ଷେପ ନ ନେବାରୁ କବିତା ପୁଣିଥରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

ଏହି ମାମଲାର ଶୁଣାଣି ସମୟରେ ସରକାରୀ ଓକିଲ କୋର୍ଟଙ୍କୁ କହିଥିଲେ, ପୋଲିସ ଜବତ କରିଥିବା ସୁଇସାଇଡ୍ ନୋଟ୍‌ରେ ଜାନକୀଙ୍କ ସହ ଅର୍ଥ କାରବାର କରୁଥିବା ୩୦ ଜଣଙ୍କ ନାମ ରହିଛି। କିନ୍ତୁ ସେମାନଙ୍କ ବିରୋଧରେ ତଦନ୍ତ ଶେଷ ହୋଇନାହିଁ। ତେବେ କବିତା ନୂଆ ତଥ୍ୟ ସହ ଏ ସମ୍ପର୍କରେ ଏତଲା ଦେଲେ, ଏହାକୁ ପଞ୍ଜୀକୃତ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ନିଶିକାନ୍ତ ମିଶ୍ର ମାମଲା ପରିଚାଳନା କରୁଥିବାବେଳେ ଆଇନଜୀବୀ ଅଖଣ୍ଡ, ସପନ କୁମାର ପାଲ୍, ବର୍ଷା ସ୍ୱାଇଁ ସହଯୋଗ କରିଥିଲେ।

ଉଲ୍ଲେଖଯୋଗ୍ୟ, ପାଢ଼ୀ ଟ୍ୟୁଟୋରିଆଲ୍‌ର ଅଧ୍ୟକ୍ଷ ଥିଲେ ଜାନକୀ ବଲ୍ଲଭ ପାଢ଼ୀ। ଏତଦ୍‌ବ୍ୟତୀତ ସେ କଳିଙ୍ଗ ଭାରତୀ ରେସିଡେନ୍ସିଆଲ୍ କଲେଜ ଏବଂ କଟକ ପୀରବଜାରରେ କୃଷଗ୍ରା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇନ୍‌ଫର୍ମେଶନ ମ୍ୟାନେଜ୍‌ମେଣ୍ଟ ସାଇନ୍ସ ଆଦି ଶିକ୍ଷାନୁଷ୍ଠାନ ଖୋଲି ଏହାର ଅଧ୍ୟକ୍ଷ ଥିଲେ। ସେ ୩୦ କୋଟି ଟଙ୍କାର ଋଣ ଯନ୍ତାରେ ପଡ଼ି ଦେବାଳିଆ ହୋଇଯାଇଥିଲେ ବୋଲି ଜଣାପଡ଼ିଥିଲା। ୨୦୧୭ ଏପ୍ରିଲ ୬ରେ ସେ ମୃତ୍ୟୁ ପୂର୍ବରୁ ୮ ପୃଷ୍ଠା ସମ୍ବଳିତ ଏକ ସୁଇସାଇଡ୍ ନୋଟ୍ ଲେଖିଥିଲେ। ସେଥିରେ ଋଣର ପରିମାଣ ସମ୍ପର୍କରେ ଉଲ୍ଲେଖ ଥିଲା। ତାଙ୍କର ଝୁଲନ୍ତା ମୃତଦେହ ଭୁବନେଶ୍ୱର ବଡ଼ଗଡ ଥାନା ଅଧୀନ ବ୍ରହ୍ମେଶ୍ୱର ପାଟଣା ଅଞ୍ଚଳରୁ ପୋଲିସ ଜବତ କରିଥିଲା। ଏଥିସହ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା।

## ଅପହରଣକାରୀଙ୍କ ମିଳୁନି ପତ୍ତା, ଆଜି କୋର୍ଟରେ ବୟାନ ରେକର୍ଡ

**ପୁରୁଷ ବନ୍ଧୁଙ୍କୁ ଆକ୍ରମଣ କରି ଯୁବତୀଙ୍କୁ ଅପହରଣ ଘଟଣା**

ଭୁବନେଶ୍ୱର,୨୫।୧୨(ସୂର୍ଯ୍ୟକାନ୍ତ ବେହେରା)

ଭୁବନେଶ୍ୱର ମୈତ୍ରୀବିହାର ଥାନା ଅନ୍ତର୍ଗତ ଲୁମ୍ବିନୀ ବିହାର ଅଞ୍ଚଳରୁ ରବିବାର ବିଳମ୍ବିତ ରାତିରେ ପୁରୁଷ ବନ୍ଧୁଙ୍କୁ ଆକ୍ରମଣ କରି ଯୁବତୀଙ୍କୁ ଅପହରଣ ପରେ ରାସ୍ତାରେ ଦୁର୍ବୃତ୍ତ ଛାଡି ପଳାଇବା ଘଟଣାରେ ପୋଲିସ ତଦନ୍ତ ଜାରି ରଖିଛି। ଘଟଣାକୁ ୪ଦିନ ବିତିଯାଇଥିଲେ ମଧ୍ୟ ପୋଲିସ ଏଯାବତ୍ ଅଭିଯୁକ୍ତ ଓ ସେମାନଙ୍କ ଗାଡ଼ିର କୌଣସି ଟେର୍ ପାଇ ପାରିନାହିଁ। ଅନ୍ୟପଟେ ଅପହୃତ ଯୁବତୀ ପୋଲିସ ଆଗରେ କୌଣସି ଠିକ୍ ସୂଚନା ଦେଉ ନ ଥିବାରୁ ଘଟଣାର ରହସ୍ୟ ବଢ଼ିବାରେ ଲାଗିଛି। ତେଣୁ ଗୁରୁବାର ମାଜିଷ୍ଟ୍ରେଟଙ୍କ ପାଖରେ ଅପହୃତ ଯୁବତୀଙ୍କ ବୟାନ ନିଆଯିବ। ଯୁବତୀଙ୍କ ବୟାନ ପରେ ଅପହରଣ କରିଥିବା ବ୍ୟକ୍ତିଙ୍କ ପରିଚୟ ସହ ଘଟଣାର ଠିକ୍ କାରଣ ଜଣାପଡିବ ବୋଲି ପୋଲିସ କହିଛି। ସୂଚନା ଅନୁଯାୟୀ, ଗାଡିରୁ ତେଲ ସରିଯିବାରୁ ଚନ୍ଦ୍ରଶେଖରପୁର ହାଉସିଂ ବୋର୍ଡ କଲୋନୀର ଆକାଶ ସିଂ ଓ ଅପହୃତ ଯୁବତୀ ଉତ୍କଳ ହସ୍ପିଟାଲ ରାସ୍ତାରେ ଥିବା ସମୟରେ ଏକ କାରରେ ଆସି ୪ ଯୁବକ ଏହି କାଣ୍ଡ ଘଟାଇଥିଲେ।

# କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଅତିଥିମାନେ ବିଦ୍ୟାଳୟର ବାର୍ଷିକ ପତ୍ରିକା 'ବିଜ୍ଞାନୀ' ଉନ୍ମୋଚନ କରୁଛନ୍ତି।

ଭୁବନେଶ୍ୱର,୨୫।୧୨
(ଅନୁରାଧା ମହାରଣା)

କିଟ୍ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ୨୦ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କିଟ୍‌ର ପ୍ରତିଷ୍ଠାତା ସଭ୍ୟ ତଥା ବିଦ୍ୟାଳୟର ଚେୟାରମ୍ୟାନ୍ ଡ. ଚିତ୍ତ ରଞ୍ଜନ ମିଶ୍ରଙ୍କ ସଭାପତିତ୍ୱରେ ଦୁଇ ଦିନଧରି ଏହି ଉତ୍ସବ ପାଳିତ ହୋଇଥିଲା। ପ୍ରଥମ ଦିନ ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡ. ସବିତା ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗୁଣାତ୍ମକ ଶିକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଅତିଥିମାନେ ବିଦ୍ୟାଳୟର ବାର୍ଷିକ ପତ୍ରିକା 'ବିଜ୍ଞାନୀ' ଉନ୍ମୋଚନ କରିଥିଲେ। ଶିକ୍ଷାବିତ୍ ପ୍ରଫେସର ଡ. ସମ୍‌ସନ୍ ମହାରଣା ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଲେ, ଛାତ୍ରୀଛାତ୍ର ମୋବାଇଲଠାରୁ ଦୂରରେ ରହି ଅଧିକ ସମୟ ପୁସ୍ତକ ପଠନ ଏବଂ ଲେଖାଲେଖିରେ ମନ ଦେଲେ ଜଣେ ଜଣେ ଉତ୍ତମ ବିଦ୍ୟାର୍ଥୀ ହୋଇପାରିବେ। ସେହିପରି ଦ୍ୱିତୀୟ ଦିନରେ ମୁଖ୍ୟ ଅତିଥି ଭାବେ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଡ. ପ୍ରଫୁଲ୍ଲ କୁମାର ମହାନ୍ତି ଓ ସମ୍ମାନିତ ଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ବାଣିଜ୍ୟ ବିଭାଗର ପ୍ରଫେସର ଡ. ପ୍ରଦ୍ୱିପ୍ତ କେଶରୀ ପ୍ରଧାନ ଯୋଗଦେଇ ବିଭିନ୍ନ ବିଭାଗରେ ସଫଳତା ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରିଥିଲେ। ଅନୁଷ୍ଠାନର ଚେୟାରମ୍ୟାନ୍ ସମସ୍ତ ଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିବାବେଳେ ଜଣେ ସଫଳ ଶିକ୍ଷାବିତ୍ ଭାବେ ପ୍ରଫେସର ଡ. କାହ୍ନୁଚରଣ ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ସବରେ ବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଉଦୟ ଶଙ୍କର ଆଚାର୍ଯ୍ୟ ଅତିଥି ପରିଚୟ ଓ ଉପାଧ୍ୟକ୍ଷ ଡ. ରୁଦ୍ରମୋହନ ନନ୍ଦ ବାର୍ଷିକ ବିବରଣୀ ପାଠ କରିଥିଲେ। ଛାତ୍ରୀଛାତ୍ର ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଅନୁଷ୍ଠାନ ଚେୟାରମ୍ୟାନ ଡ. ମିଶ୍ର ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### କାର-ବାଇକ୍ ମୁହାଁମୁହିଁ ଧକ୍କା, ବାପପୁଅ ଗୁରୁତର

ସାଲେପୁର,୨୫।୧୨(ଅରବିନ୍ଦ ଭୂୟାଁ) ସାଲେପୁର ଥାନା ଅଞ୍ଚଳରେ ବୁଧବାର ସକାଳେ କାର ସହ ବୁଲେଟ୍ ମୁହାଁମୁହିଁ ଧକ୍କା ହେବା ଫଳରେ ବାପପୁଅ ଗୁରୁତରହୋଇଛନ୍ତି। ସକାଳ ୭ଟାରେ ଓଡ଼ାସିଂହ ପଞ୍ଚାୟତ କଟିକଟା ଗ୍ରାମର ସୁକାନ୍ତ ବେହେରା (୬୩) ଓ ପୁଅ ସମ୍ବିତ ବେହେରା(୩୦) ବୁଲେଟ୍ ଯୋଗେ ସଉରୀ କେନାଲ ବନ୍ଧ ବଟାପୁର ନିଜ ଘରକୁ ଫେରୁଥିଲେ। ବିପରୀତ ଦିଗରୁ ଆସୁଥିବା ଏକ କାର ତାଙ୍କୁ ସମ୍ମୁଖରୁ ଧକ୍କା ଦେବା ଫଳରେ ବାପ ପୁଅ ରାସ୍ତା ଉପରେ ପଡ଼ିଥିଲେ। ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଚିକିତ୍ସା ନିମନ୍ତେ କଟକ ବଡ଼ ମେଡିକାଲକୁ ପଠାଇଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ କାର ଓ ବାଇକ୍‌କୁ ଜବତ କରିଛି।

### ମହିଳାଙ୍କୁ ମାଡ଼ ମାରି ୨ ଯୁବକ ଗିରଫ

କଟକ ସଦର,୨୫।୧୨(ସୁଶାନ୍ତ କୁମାର ଜେନା) କିଶନନଗର ଥାନା ଅନ୍ତର୍ଗତ ଯଶପଡ଼ା ଗ୍ରାମରେ ଜଣେ ମହିଳାଙ୍କୁ ମାଡ଼ ମାରିବା ଅଭିଯୋଗରେ ପୋଲିସ ୨ଜଣ ଯୁବକଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଏହି ଗ୍ରାମର ଟିକ ବେହେରା ଓ ବାପି ସେଠୀ। ପୋଲିସ ସୂତ୍ରରୁ ପ୍ରକାଶ, ମଙ୍ଗଳବାର ଉଭୟ ଅଭିଯୁକ୍ତ ଯଶପଡ଼ା ଛକରେ ଥିବା ଏକ ପାନ ଦୋକାନ ନିକଟରେ ଭୋଜି କରିବା ପରେ ନିଶାସକ୍ତ ଅବସ୍ଥାରେ ସମ୍ପୃକ୍ତ ମହିଳାଙ୍କୁ ଗାଳିଗୁଲଜ କରିଥିଲେ। ଏଥିରେ ମହିଳା ଜଣଙ୍କ ପ୍ରତିବାଦ କରିବାରୁ ସେମାନେ ତାଙ୍କୁ ମାଡ଼ ମାରିଥିଲେ। ଏନେଇ ମହିଳା ଜଣଙ୍କ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୩୨୮/୨୪)ରୁଜୁକରିଥିଲା।

### ଜି.ସି. କ୍ଲବ୍ ବିଜୟୀ

#### କଳପଡ଼ା ପଞ୍ଚାୟତ ଫୁଟ୍‌ବଲ ଟୁର୍ନାମେଣ୍ଟ

କଟକ ସଦର,୨୫।୧୨(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ ଦେଉଳି ଖେଳପଡିଆରେ ବୁଧବାର କଳପଡ଼ା ପଞ୍ଚାୟତ ଫୁଟ୍‌ବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲା। ଏଥିରେ କଟକର ଜି.ସି. କ୍ଲବ ଗୋଟିଏ ଗୋଲ୍ ଦେଇ ଦେଉଳିର ମା'ବରୁଣେଇ କ୍ଲବକୁ ହରାଇଥିଲା। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ଚନ୍ଦ୍ରସାରଥି ବେହେରା ଓ ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ସବିତା ମାଝୀ, ସମିତି ସଭ୍ୟା ପିଙ୍କି ଭୋଇ, ୪୨ ମୌଜା ଥାନା ଅଧିକାରୀ ଗିରିଶ୍ ଚନ୍ଦ୍ର ମହାରଣା ଯୋଗଦେଇ ବିଜୟୀ ଓ ରନର୍ସ ଅଫ୍ ଦଳକୁ ପୁରସ୍କୃତ କରିଥିଲେ। ବିଜୟୀ ଦଳକୁ ଟ୍ରଫି ସହ ୨୫ ହଜାର ଓ ରନର୍ସ ଅଫ୍ ଦଳକୁ ଟ୍ରଫି ସହ ୨୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଏହି ଟୁର୍ନାମେଣ୍ଟରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ମନୋଜ ନାୟକ, ଶେଷଦେବ ଦାସ, ବିଜୟ ନାୟକ, ଅଶୋକ ସ୍ୱାଇଁ, ବିଘ୍ନେଶ୍ୱର ମାଝୀ, ରାମ ଭୋଇ, ଦେବାଶିଷ ପରିଡ଼ା ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

### ଏବିଏସ୍ ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ

ଚୌଦ୍ୱାର,୨୫।୧୨(ଆଶୁତୋଷ ଦାସ)

ସ୍ଥାନୀୟ ଏବିଏସ୍ ଇଣ୍ଟରନ୍ୟାଶନାଲ ସ୍କୁଲର ବାର୍ଷିକ କ୍ରୀଡ଼ା ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଶିଶୁସଦନ ପରିସରରେ ଆୟୋଜିତ ଏହି କ୍ରୀଡ଼ା ପ୍ରତିଯୋଗିତାକୁ ହିନ୍ଦ୍ ସେବକ ସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାମୋଦର ସାହୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ବି.ବି. ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ହିନ୍ଦ୍ ସେବକ ସଂଘ ଆଜୀବନ ସଦସ୍ୟ ଗଙ୍ଗାଧର ସାହୁ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ବିଦ୍ୟାଳୟ ସମ୍ପାଦକ ମନୋଜ କୁମାର ବିଶୋଇଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ସବିତା ଲେଙ୍କା, ବିଚିତ୍ର କୁମାର ଖୁଣ୍ଟିଆ, ଅରମିଷ୍ଟା ଦାସ, ଚନ୍ଦ୍ରଶେଖର ଦାସ, ସସ୍ମିତା ମହାନ୍ତି, ଶୁଭଶ୍ରୀ ରାଉତ, କୃପାସିନ୍ଧୁ ସାମଲ ପ୍ରମୁଖ ପରିଚାଳନା କରିଥିଲେ।

# ପାଚିଲା ଧାନରେ ଆଣ୍ଠୁଏ ପାଣି

## ଭାସୁଛି କଟଡ଼ା, ଠିଆ ଧାନ ମାଟିରେ ଲୋଟିଲା

ରଘୁନାଥପୁର,୨୫।୧୨(ରାଜେନ୍ଦ୍ର ନାରାୟଣ ସିଂହ)


ଧାନଜମିରେ ବର୍ଷା ପାଣି ଜମିଛି।

ଚାଷୀ ଦିନ କେଇଟା ପରେ ବର୍ଷକ ଆହାରକୁ ଅମଳ କରିଥାନ୍ତେ। ନିଜ ପାଇଁ ରଖି ବାକି ଧାନକୁ ମଣ୍ଡିରେ ଦେଇ ଗୁଜୁରାଣ ସହ ବାକି କରଜ ଶୁଝିଥାନ୍ତେ। ହେଲେ ଦଇବ ସହିଲା ନାହିଁ। କ୍ରମାଗତ ଭାବେ ଦୁଇ ଥର ଲଘୁଚାପଜନିତ ଲଗାଣ ବର୍ଷା ଚାଷୀଙ୍କ ମୁହଁରୁ ଆହାର ଛଡ଼ାଇନେଇଛି। ପାଚିଲା ଧାନ କ୍ଷେତରେ ଆଣ୍ଠୁଏ ଉଚ୍ଚର ବର୍ଷାପାଣି ଲହଡ଼ି ମାରୁଛି। କଟାହୋଇ ପଡ଼ିଥିବା ଧାନ କଟଡ଼ା ପାଣିରେ ଭାସୁଥିବାବେଳେ ଠିଆ ହୋଇ ରହିଥିବା ଧାନଗଛ ବର୍ଷାମାଡ଼ରେ ଓଜନ ହୋଇ ମାଟିରେ ପାରିହୋଇପଡ଼ି ପାଣିରେ ବୁଡ଼ି ରହିଛି। ରଘୁନାଥପୁର ବ୍ଲକ ଅଞ୍ଚଳରେ ବହୁ ହଜାର ହେକ୍ଟର ଜମିରେ ଥିବା ପାଚିଲା ଧାନ ଫସଲ ୮ ଦିନ ଧରି ପାଣିରେ ବୁଡ଼ି କ୍ଷତିଗ୍ରସ୍ତ ହୋଇଛି। ପ୍ରଥମ ବର୍ଷାରେ ଚାଷଜମିରୁ ପାଣି ନ ଶୁଖୁଣୁ ୨ଦିନ ଧରି ହେଉଥିବା ଲଗାଣ ବର୍ଷା ପାଚିଲା ଧାନକୁ ବିଶେଷ କ୍ଷତି ପହଞ୍ଚାଇଛି। ପ୍ରଥମ ବର୍ଷାରେ ପାଚିଲା ଧାନ ପାଣିରେ ବୁଡ଼ି ନାଳେଇଯାଇ ଗଜା ପରିସ୍ଥିତିକୁ ଆସୁଥିବା ବେଳେ ଚଳିତ ବର୍ଷା ଧାନ ଗଜା ହେବାକୁ ଅଧିକ ଖୋରାକ ଯୋଗାଇଛି ବୋଲି ନବ ନିର୍ମାଣ କୃଷକ ସଙ୍ଗଠନର କର୍ମକର୍ତ୍ତା ଦେବୀପ୍ରସାଦ ମହାରଣା କହିଛନ୍ତି। ଅନ୍ୟପକ୍ଷେ ଧାନଗଛଗୁଡ଼ିକ ବର୍ଷାପାଣିରେ ପଚିଶଢ଼ି ନଡ଼ା ପାଇଁ ଅନୁପଯୁକ୍ତ ହୋଇପଡ଼ିଛି। ଫଳରେ ଆଗାମୀ ଦିନରେ ଗୋରୁଙ୍କ ପାଇଁ ନଡ଼ା ବିଡ଼ାଏ ମିଳିବା କଷ୍ଟକର ହୋଇପଡ଼ିବ ବୋଲି ଅନେକ ଚାଷୀ କହିଛନ୍ତି। ବର୍ଷା ଛାଡ଼ିଲା ପରେ ଯଦି ଢିପଜମିରୁ ଚାଷୀ ଧାନ କାଟେ ତା' ହେଲେ ୬୦ ପ୍ରତିଶତ ପାଚିଲା ଧାନ ବିଲରେ ନଷ୍ଟହେବା ସୁନିଶ୍ଚିତ ବୋଲି କୃଷିବିତ୍ କ୍ଷେତ୍ରମୋହନ ବେହେରା କହିଛନ୍ତି। ସେହିପରି ଏହି ବ୍ଲକ୍ ଅଞ୍ଚଳରେ ୭୫ ପ୍ରତିଶତ ଧାନଚାଷ ଲଗାଣ ବର୍ଷାରେ କ୍ଷତିଗ୍ରସ୍ତ ହେବ। ଏହାଛଡ଼ା ପନିପରିବା ଫସଲ ମୂଳରେ ପାଣି ଜମି ରହିଥିବାରୁ ସେଗୁଡ଼ିକ ନଷ୍ଟ ହେବାର ଆଶଙ୍କା ଉପୁଜିଛି ବୋଲି ଜଗତ୍‌ସିଂହପୁର ଜିଲା କୃଷକ ସଙ୍ଗଠନର ସମ୍ପାଦକ ଇଂ. ବାବାଜୀ ଚରଣ ଜେନା ପ୍ରକାଶ କରିଛନ୍ତି। ଚଳିତ ବର୍ଷ ଧାନ ଫସଲ ଭଲ ହୋଇଥିବା ବେଳେ ଚାଷୀ ବର୍ଷକ ଆହାର ପାଇଁ ରଖି କିଛି ଧାନମଣ୍ଡିରେ ଦେବାକୁ ଆଶା ରଖିଥିଲେ। ହେଲେ ସବୁ ଆଶା ପାଣିରେ ମିଳେଇଗଲା ବୋଲି ସଫଳ ଚାଷୀ ବିନୋଦ ବିହାରୀ ମହାନ୍ତି କହିଛନ୍ତି। ବର୍ଷା ଛାଡ଼ିବା ପରେ ତୁରନ୍ତ ଧାନ ଫସଲର କ୍ଷୟକ୍ଷତି ତାଲିକା ପ୍ରସ୍ତୁତ କରି ଚାଷୀଙ୍କୁ କ୍ଷତିପୂରଣ ଦେବା ପାଇଁ କୃଷକ ସଙ୍ଗଠନର ସଭାପତି ଗୋବିନ୍ଦ ଜେନା ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

# ଦେଶର ବିକାଶ ପାଇଁ ଚିନ୍ତା କରୁଥିଲେ ବାଜପେୟୀ

## ଅଟଳ ସେନାର ୨୫ତମ ପ୍ରତିଷ୍ଠା ଦିବସ

ସାଲେପୁର,୨୫।୧୨(ଅରବିନ୍ଦ ଭୂୟାଁ)

ଅଟଳ ସେନାର ୨୫ତମ ପ୍ରତିଷ୍ଠା ଦିବସ ଓ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମଶତବାର୍ଷିକ ଉତ୍ସବ ସାଲେପୁର ମଧୁମଣ୍ଡପଠାରେ ବୁଧବାର ପାଳିତ ହୋଇଯାଇଛି। ଅଟଳ ସେନାର ରାଜ୍ୟ ସଭାପତି ଦିବାକର ପ୍ରଧାନଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଫକୀର ମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି କୁମରବର ଦାଶ ଯୋଗଦେଇ ବାଜପେୟୀ ଭାରତର ଏକ ସୁଯୋଗ୍ୟ ସନ୍ତାନ ଥିଲେ। ସେ ସବୁବେଳେ ଦେଶର ବିକାଶ ପାଇଁ ଚିନ୍ତା କରୁଥିଲେ ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟବକ୍ତା ଭାବେ ଅଟଳ ସେନାର ମୁଖ୍ୟ ଉପଦେଷ୍ଟା ଚୌଧୁରୀ ପ୍ରଭାତ କେଶରୀ ମିଶ୍ର, ସମ୍ମାନିତ ଅତିଥି ଭାବେ ଭାଜପା ନେତା ଅଧକ୍ଷ ହିମାଂଶୁ ମହାନ୍ତି, ବୁଦ୍ଧିଜୀବୀ ସଂଘର ରାଜ୍ୟ ସଭାପତି ଡ. ଉମେଶ ଚନ୍ଦ୍ର ପତି, ସେନାର ଉପଦେଷ୍ଟା ଡ. ପୂର୍ଣ୍ଣଚନ୍ଦ୍ର ଓଝା ଯୋଗଦେଇ ଅଟଳ ସେନା ଗଠନର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ସମାଜରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଅଞ୍ଚଳର ମାନଗୋବିନ୍ଦ ସ୍ୱାଇଁଙ୍କୁ ଅଟଳ ବୀର ସମ୍ମାନ, କୁସମ୍ବୀ ଗ୍ରାମର କୃଷକ ଶରତ କୁମାର ନନ୍ଦଙ୍କୁ ଅଟଳ କୃଷି ସମ୍ମାନ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଅକ୍ଷୟ କୁମାର ଦାଶଙ୍କ ଦ୍ୱାରା ଲିଖିତ ଭାରତ ରତ୍ନ ଅଟଳ ବିହାରୀ ବାଜପେୟୀ ପୁସ୍ତକ ଉନ୍ମୋଚନ ହୋଇଥିଲା। ଏହାକୁ ଝରି ସୁନ୍ଦର ମଲ୍ଲିକଙ୍କ ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ଅଟଳ ସେନାର ରାଜ୍ୟ ସମ୍ପାଦକ ରବୀନ୍ଦ୍ର କୁମାର ବେହେରା ଓ ଅନ୍ୟମାନେ ସହଯୋଗ କରିଥିଲେ।


ଅଟଳ ସେନାର ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ବ୍ୟକ୍ତି।

# ଗୀତା ଭାଗବତ ପଢ଼ିଲେ ଜ୍ଞାନ ଆହରଣ ହେବ

ତିଗିରିଆ, ୨୫।୧୨(ଜାଫର ଖାଁ)



ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ।

ତିଗିରିଆ ବ୍ଲକ ଅନ୍ତର୍ଗତ ସୁରେନ୍ଦ୍ରପାଟଣାସ୍ଥିତ ନୂଆପାଟଣା ଶିଶୁ ବିଦ୍ୟାମନ୍ଦିରର ୩୬ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗୀତା ଭାଗବତ ପଢ଼ିଲେ ଜ୍ଞାନ ଆହରଣ ହେବ ବୋଲି ମୁଖ୍ୟବକ୍ତା ଉପସ୍ଥିତ ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ଉଦ୍ଦେଶ୍ୟରେ କହିଛନ୍ତି। ଆୟୋଜିତ କାର୍ଯ୍ୟକ୍ରମରେ ବଡ଼ମ୍ବା ବିଇଓ ପ୍ରକାଶ ଚନ୍ଦ୍ର ମଉଗଜସିଂହ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ କଟକ ଜିଲା ଭାଜପା ସଭାପତି ରାମନାରାୟଣ ମହାନ୍ତି ଓ ମୁଖ୍ୟ ବକ୍ତା ଭାବେ ତନ୍ମୟ କୁମାର ଦାଶ ଯୋଗଦେଇ ଶିଶୁମାନେ ଭବିଷ୍ୟତରେ ଦେଶକୁ ଦିଗ୍‌ଦର୍ଶନ ଦେବେ କହିବା ସହିତ ଗୀତା ଭାଗବତ ପଢ଼ିଲେ ଜ୍ଞାନ ଆହରଣ ହେବ ବୋଲି କହିଥିଲେ। ଗୀତା ଭାଗବତକୁ ନାଲି କପଡ଼ାରେ ବାନ୍ଧି ପୂଜା ଘରେ ପୂଜା କଲେ କିଛି ଲାଭ ମିଳିବ ନାହିଁ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଭାଜପା ଯୁବ ସଙ୍ଗଠକ ଅଭୟ କୁମାର ବାରିକ, ନୂଆପାଟଣାର ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ ଦତ୍ତ, ବିଦ୍ୟାମନ୍ଦିରର ପୂର୍ବତନ ସଭାପତି ବିଦ୍ୟାଧର ଗୁଇଁ ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ରଶ୍ମିରଞ୍ଜନ ନାୟକ ଅତିଥି ପରିଚୟ ସହିତ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାମନ୍ଦିର ପରିଚାଳନା କମିଟିର ସମ୍ପାଦକ ପ୍ରମୋଦ କୁମାର ଦାସ, ସହସମ୍ପାଦକ ଶ୍ରୀବତ୍ସ ସାହୁ, ଉପସଭାପତି ପ୍ରଦୀପ ସାଥୁଆ ଓ କୋଷାଧ୍ୟକ୍ଷ ପ୍ରସନ୍ନ କୁମାର ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ପରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥି ପୁରସ୍କୃତ କରିଥିଲେ। ଶିକ୍ଷାର୍ଥୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଭାଜପା କାର୍ଯ୍ୟାଳୟରେ ସୁଶାସନ ଦିବସ

ବାଙ୍କୀ, ୨୫।୧୨(ଜ୍ଞାନେନ୍ଦ୍ର ମୋହନ ମିଶ୍ର/ଶୁଭେନ୍ଦୁ ମହାପାତ୍ର)

ବାଙ୍କୀ ଭାଜପା କାର୍ଯ୍ୟାଳୟଠାରେ ଦଳର ବରିଷ୍ଠ କାର୍ଯ୍ୟକର୍ତ୍ତା ଜଗନ୍ନାଥ ପରିଡାଙ୍କ ସଭାପତିତ୍ୱରେ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମ ଶତବାର୍ଷିକୀକୁ ସୁଶାସନ ଦିବସ ରୂପେ ପାଳନ କରାଯାଇଛି। ଉକ୍ତ ସଭାରେ ଦଳର ଡମପଡା ବ୍ଲକ ସାଂସଦଙ୍କ ପ୍ରତିନିଧି ସରୋଜ ମଉଗଜସିଂ, ଏନ୍‌ଏସି ପ୍ରତିନିଧି ସରୋଜ ସାମନ୍ତରାୟ, ଜିଲା ସମ୍ପାଦକ ବିନୋଦ ଦାସ ବରିଷ୍ଠ କାର୍ଯ୍ୟକର୍ତ୍ତା ଦେବାଶିଷ ମାନସିଂହ, ସରୋଜ ମିଶ୍ର, ରବୀନ୍ଦ୍ର ସାହୁ ମଣ୍ଡଳ ସଭାପତି ସୁଶାନ୍ତ କୁମାର ଜେନା, ବିଜୟ ବରାଡ଼, ସଞ୍ଜୟ ରଣା ପ୍ରମୁଖ ଏବଂ ନିର୍ବାଚନ ମଣ୍ଡଳୀର ବିଭିନ୍ନ ବୁଥରୁ ନୂତନ ଭାବେ ନିର୍ବାଚିତ ବୁଥ ସଭାପତିଙ୍କ ସହ କାର୍ଯ୍ୟକର୍ତ୍ତାମାନେ ଅଂଶ ଗ୍ରହଣ କରିଥିଲେ। ଅତିଥିମାନେ ବାଜପେୟୀଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ସେହିପରି ବାଙ୍କୀ ବ୍ଲକ ଅନ୍ତର୍ଗତ ସୁବର୍ଣ୍ଣପୁର ମଣ୍ଡଳର ସୁବର୍ଣ୍ଣପୁର ଗ୍ରାମର ସରସ୍ୱତୀ ଶିଶୁ ମନ୍ଦିରରେ ମଣ୍ଡଳ ସଭାପତି ପ୍ରସନ୍ନ ସ୍ୱାଇଁଙ୍କ ନେତୃତ୍ୱରେ ବାଜପେୟୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ମଣ୍ଡଳ ସଭାପତି ପ୍ରକାଶ ଦାସ, ଜୟଦେବ ଦାସ, ଶ୍ରୀଧର ବେହେରା, ସମ୍ପାଦକ ରମେଶ ଚନ୍ଦ୍ର ତ୍ରିପାଠୀ, ପ୍ରମୋଦ ମହାପାତ୍ର, ରୋହିତ ବେହେରା, ଦିପୁ ବେହେରା, ଶ୍ରୀରାମ ରାଉତଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ଯୋଗଦେଇ ବାଜପେୟୀଙ୍କ ଫଟୋରେ ପୁଷ୍ପ ମାଲ୍ୟ ପ୍ରଦାନ ସହ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ।

# ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ର ପାଇବେ ଦିବ୍ୟାଲୋକ ସନ୍ଧାନେ ରତ୍ନ ସମ୍ମାନ

କଟକ,୨୫।୧୨ (କାର୍ତ୍ତିକ ସାହୁ)

ଆଧ୍ୟାତ୍ମିକ ପତ୍ରିକା ଦିବ୍ୟାଲୋକ ସନ୍ଧାନେ ପକ୍ଷରୁ ଚଳଚ୍ଚିତ୍ର ନିର୍ଦ୍ଦେଶକ ଓ କାହାଣୀକାର ସବ୍ୟସାଚୀ ମହାପାତ୍ରଙ୍କୁ ୨୦୨୫ ମସିହା ପାଇଁ ଦିବ୍ୟାଲୋକ ସନ୍ଧାନେ ରତ୍ନ ସମ୍ମାନ ପ୍ରଦାନ କରାଯିବ। ଦକ୍ଷ ନିର୍ଦ୍ଦେଶନା ପାଇଁ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ଖ୍ୟାତି ଅର୍ଜନ କରିଥିବା ସବ୍ୟସାଚୀ ନିଜ ଚଳଚ୍ଚିତ୍ରରେ ସମାଜକୁ ସବୁବେଳେ ଦୃଢ଼ ବାର୍ତ୍ତା ଦେଇଛନ୍ତି। ତାଙ୍କ ନିର୍ଦ୍ଦେଶିତ ପ୍ରଥମ ଓଡ଼ିଆ ଚଳଚ୍ଚିତ୍ର ଜୟ ଜଗନ୍ନାଥ ୧୫ଟି ଭାଷାରେ ଅନୁଦିତପୂର୍ବକ ପ୍ରସାରିତ ହୋଇଥିବାରୁ ତାଙ୍କୁ ଦିବ୍ୟାଲୋକ ସନ୍ଧାନେର ସର୍ବୋଚ୍ଚ ସମ୍ମାନ ପ୍ରଦାନ କରାଯିବ। ଆସନ୍ତା ୫ ତାରିଖ ପୂର୍ବାହ୍ନରେ କଟକ ସଦର ଥାନା ଅନ୍ତର୍ଗତ ନଛିପୁରସ୍ଥିତ କେଦାରେଶ୍ୱର ମନ୍ଦିର ପ୍ରାଙ୍ଗଣରେ ହେବାକୁ ଥିବା ପତ୍ରିକାର ୨୪ତମ ବାର୍ଷିକ ସତ୍‌ସଙ୍ଗ ଓ ରାଜ୍ୟସ୍ତରୀୟ ସମ୍ବର୍ଦ୍ଧନା ମହୋତ୍ସବରେ ମହାପାତ୍ରଙ୍କୁ ସମ୍ମାନିତ କରାଯିବ। ଏଥିସହ ପାଲାକାର ଡ. ଶିଶିର କୁମାର ପାଢ଼ୀଙ୍କୁ ଗାୟକ ରତ୍ନ, ଉପେନ୍ଦ୍ର ମହଲାଙ୍କୁ ସାମ୍ବାଦିକ ରତ୍ନ, କଟକ କମିଶନରେଟ୍ ପୋଲିସର ଜୋନ୍-୧ ଏସିପି ଅରୁଣ କୁମାର ସ୍ୱାଇଁଙ୍କୁ ପୋଲିସ ସେବା ରତ୍ନ, ଅଶୋକ ପଟ୍ଟନାୟକଙ୍କୁ ନିର୍ଦ୍ଦେଶକ/ପ୍ରଯୋଜକ ରତ୍ନ, ଦଧୀଚି ଶିକ୍ଷାନୁଷ୍ଠାନସମୂହର ଅଧ୍ୟକ୍ଷ ଡ. ମନୋଜ କୁମାର ଦାଶଙ୍କୁ ଶିକ୍ଷା ରତ୍ନ, ବ୍ରାହ୍ମଣସାଇଲୋସ୍ଥିତ ଭୁବନେଶ୍ୱରୀ କ୍ଲବ୍‌କୁ ସାମାଜିକ ସେବା ରତ୍ନ, ପଣ୍ଡିତ ପ୍ରମୋଦ କୁମାର ପଣ୍ଡାଙ୍କୁ ପ୍ରବକ୍ତା ରତ୍ନ ଏବଂ ଏସ୍‌ଭି ନିର୍‌ଡାର ନିର୍ଦ୍ଦେଶକ ଡ. ପତିତପାବନ ମହାନ୍ତିଙ୍କୁ ଚିକିତ୍ସକ ରତ୍ନ ସମ୍ମାନ ପ୍ରଦାନ କରାଯିବ।

ସେହିପରି ଦିବ୍ୟାଲୋକ ସନ୍ଧାନେ ପତ୍ରିକାରେ ନିୟମିତ ଲେଖୁଥିବା ଅଲେଖ ମିଶ୍ର, ଦୁର୍ଗାପ୍ରସାଦ ଆଚାର୍ଯ୍ୟ, ଗୋପାଳ ମିଶ୍ର, ଅନନ୍ତ ଗୋପାଳ ପଣ୍ଡା ଏବଂ ଅର୍ଜୁନୀ ଚରଣ ବେହେରାଙ୍କୁ ଦିବ୍ୟାଲୋକ ସନ୍ଧାନେ ଲେଖକ ସମ୍ମାନ, ୩୦ଟି ଗ୍ରାମର ୩୦ ଜଣଙ୍କୁ ଗ୍ରାମସେବୀ ସମ୍ମାନରେ ସମ୍ମାନିତ କରାଯିବାର କାର୍ଯ୍ୟକ୍ରମ ରହିଛି। ଏହି ସଭାରେ ମୁଖ୍ୟବକ୍ତା ଭାବେ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡାକ୍ତର କୃଷ୍ଣ କେଶବ ଷଡ଼ଙ୍ଗୀ ଯୋଗଦେଇ ତଥ୍ୟ ଓ ତତ୍ତ୍ୱରେ ଶ୍ରୀଜଗନ୍ନାଥ ବିଷୟରେ ଆଲୋକପାତ କରିବେ ବୋଲି ପତ୍ରିକାର ମୁଖ୍ୟ ସମ୍ପାଦକ ଡ. ଶରତ କୁମାର ରଥ, ସମ୍ପାଦକ ଶ୍ରୀସନ୍ନ୍ୟାସୀ ଜୀ ଏବଂ ପରିଚାଳନା ସମ୍ପାଦକ ଇଂ. ବିପ୍ଳବ ଦାସ ମଙ୍ଗଳବାର ପ୍ରେସ୍ ଇସ୍ତାହାରରେ ଜଣାଇଛନ୍ତି।

# ସ୍ଥାୟୀ ଅଙ୍ଗନୱାଡ଼ି ଗୃହ ନିର୍ମାଣ ଦାବି

ଚୌଦ୍ୱାର,୨୫।୧୨(ଆଶୁତୋଷ ଦାସ) :

ଚୌଦ୍ୱାର ପୌରପାଳିକା ୧୯ ନମ୍ବର ୱାର୍ଡ ଅନ୍ତର୍ଗତ ହାଉସିଂବୋର୍ଡ ଫେଜ୍-୧ରେ ଅଙ୍ଗନୱାଡି କେନ୍ଦ୍ରର ସ୍ଥାୟୀ ଗୃହ ନିର୍ମାଣ ଓ ଫେଜ୍-୨ରେ ମହିଳା ସମିତି ଗୃହ ନିର୍ମାଣ ପାଇଁ ୱାର୍ଡବାସୀ ଦାବି କରିଛନ୍ତି। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ବିଭିନ୍ନ ସ୍ୱୟଂ ସହାୟିକା ଗୋଷ୍ଠୀ, ମହିଳା ସମିତି ଓ ଅନୁଷ୍ଠାନର କର୍ମକର୍ତ୍ତାଙ୍କ ସମେତ ୱାର୍ଡ଼ର ଶତାଧିକ ମହିଳା ଓ ବରିଷ୍ଠ ନାଗରିକ ମଙ୍ଗଳବାର ପୌରନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ରାଉତଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ୱାର୍ଡରେ ୬୦୦ରୁ ଊର୍ଦ୍ଧ୍ୱ ପରିବାର ବାସ କରୁଥିବାବେଳେ ଅଙ୍ଗନୱାଡି କେନ୍ଦ୍ର ଓ ମହିଳା ସମିତିର ସ୍ଥାୟୀ ଗୃହ ନାହିଁ। ସ୍ଥାୟୀ ଗୃହ ନିର୍ମାଣ ପାଇଁ ସରକାରୀସ୍ତରରେ ନିର୍ଦ୍ଦେଶନାମା ମିଳିଛି। ସରକାରୀ ଜାଗା ଚୟନ କରାଯାଇ ପୌରପାଳିକା ପକ୍ଷରୁ ଗୃହ ନିର୍ମାଣ ପାଇଁ ପ୍ରୟାସ ଆରମ୍ଭ ହୋଇଥିବାବେଳେ ସରକାରୀସ୍ତରରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉ ନ ଥିବା ୱାର୍ଡବାସିନ୍ଦା ଅଭିଯୋଗ କରିଛନ୍ତି। ଦାବି ସମ୍ପର୍କରେ ଅନୁଧ୍ୟାନ କରାଯାଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି ନିର୍ବାହୀ ଅଧିକାରୀ ରାଉତ ପ୍ରତିଶ୍ରୁତି ଦେଇଛନ୍ତି।

# ପାଣିରେ ବୁଡ଼ି ରହିଛି ଧାନ

ସାଲେପୁର,୨୫।୧୨(ଅରବିନ୍ଦ ଭୂୟାଁ)

ସାଲେପୁର ଅଞ୍ଚଳରେ ଅଦିନିଆ ବର୍ଷାରେ ଜମିରେ ଥିବା ଧାନ ଫସଲ ପାଣିରେ ବୁଡି ରହିଥିବାରୁ ସେସବୁ ନଷ୍ଟ ହେବାର ଆଶଙ୍କା ଦେଖାଦେଇଛି। ଏ ନେଇ ଚାଷୀମାନଙ୍କ ମଧ୍ୟରେ ଭାଳେଣି ପଡିଛି। ବର୍ତ୍ତମାନ ଧାନ ଅମଳର ସମୟ। ତେଣୁ ଚାଷୀମାନେ ନିଜ ନିଜ କ୍ଷେତରେ ଧାନ କାଟି ପକାଇଛନ୍ତି। କିନ୍ତୁ ଅଦିନିଆ ବର୍ଷା ଯୋଗୁ କ୍ଷେତରେ ପାଦେ ଲେଖା ପାଣି ଜମି ରହିଛି। ଅଧିକାଂଶ ବିଲରେ ଧାନ ପାଣିରେ ବୁଡ଼ିରହିଛି। ପାଣିରେ ବୁଡ଼ି ରହିଥିବା ଧାନଗୁଡିକ ପଚିବା ସହ ଗଜା ହେବାର ଆଶଙ୍କା ଦେଖାଦେଇଛି। ବ୍ଲକ୍‌ର ଶିଶୁମନ୍ଦିର ଗହୀରରେ ଥିବା ବହୁ ଧାନ ଫସଲ ନଷ୍ଟ ହେବା ଆଶଙ୍କା ଉପୁଜିଛି। ସରକାର ଚାଷ ଜମି ଗୁଡିକୁ ଘରବାରି କିସମ କରି ଘର କରିବାକୁ ଏହି ଅଞ୍ଚଳରେ ଅନୁମତି ମିଳିଛି। ବହୁ ଲୋକ ଘର କରି ବସବାସ କରିବା ସହ ଚାଷ ଜମିରୁ ଉଦ୍‌ବୃତ୍ତ ଜଳ ନିଷ୍କାସନ ଓ ଚାଷ ଜମିରେ ଜଳସେଚନ ପାଇଁ ନିର୍ମାଣ କରାଯାଇଥିବା କାଡ଼ା କେନାଲକୁ କେତେକସ୍ଥାନରେ ପୋତି ଦିଆଯାଇଛି। ଅନ୍ୟ କେତେକ ସ୍ଥାନରେ ଘରର ନର୍ଦ୍ଦମା ପାଣି ଛାଡି କାଡ଼ା କେନାଲକୁ ଏକ ପ୍ରକାର ବନ୍ଦ କରାଯାଇଛି। ଫଳରେ ଏହି ଅଦିନିଆ ବର୍ଷା ପାଣି କାଡ଼ା କେନାଲ ମାଧ୍ୟମରେ ଚାଷ ଜମିରୁ ନିଷ୍କାସିତ ହୋଇପାରୁନାହିଁ। ଏହାକୁ ନେଇ ଚାଷୀ ଏବେ ଚିନ୍ତାରେ ପଡ଼ିଛନ୍ତି।



# ଅଟଳ ବିହାରୀ ଥିଲେ ରାଷ୍ଟ୍ରନାୟକ


ନିଶ୍ଚିନ୍ତକୋଇଲିରେ ବାଜପେୟୀଙ୍କ ଜୟନ୍ତୀରେ ଉପସ୍ଥିତ ଭାଜପା ନେତା ଓ ଅନ୍ୟମାନେ।


ବାଙ୍କୀ ଯୁବପରିଷଦ ପକ୍ଷରୁ ବାଜପେୟୀଙ୍କ ଜୟନ୍ତୀ।

ନିଶ୍ଚିନ୍ତକୋଇଲି, ୨୫।୧୨ (ଅଶୋକ କୁମାର ମହାପାତ୍ର)

ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଭାରତ ରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ମାହାଙ୍ଗା ଭାଜପା ପକ୍ଷରୁ ନେତା ସୁମନ୍ତ କୁମାର ଘଡ଼େଇଙ୍କ ନେତୃତ୍ୱରେ ବୁଧବାର ପାଳିତ ହୋଇଯାଇଛି। ମାହାଙ୍ଗା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ନିଶ୍ଚିନ୍ତକୋଇଲି ତହସିଲ ଛକ ନିକଟସ୍ଥ ଭାଜପା କାର୍ଯ୍ୟାଳୟ ସମ୍ମୁଖରେ ପ୍ରଥମେ ବାଜପେୟୀଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ପରେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭାଜପା ପକ୍ଷରୁ ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା। ଭାଜପା ନେତା ସୁମନ୍ତ ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀ, ରୋଗୀମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଓ ସ୍ୱାସ୍ଥ୍ୟକେନ୍ଦ୍ର ଭିତ୍ତିଭୂମି ନେଇ ଆଲୋଚନା କରିଥିଲେ। ଆୟୋଜିତ ସଭାରେ ଭାଜପା କାର୍ଯ୍ୟକର୍ତ୍ତା ପ୍ରଫୁଲ୍ଲ କୁମାର ମହାପାତ୍ର ସଭାପତିତ୍ୱ କରିଥିଲେ। ସେ କହିଥିଲେ, ଅଟଳଙ୍କ ନାମରୁ ହିଁ ତାଙ୍କ ପରିଚୟ ମିଳିଥାଏ। ସେ ଜଣେ ରାଷ୍ଟ୍ରନାୟକ ଥିଲେ। ବାଜପେୟୀଙ୍କ ରାଜନୀତି ରାଷ୍ଟ୍ର ହିତକାରୀ ଥିଲା। ସେ ବିରୋଧୀଙ୍କ ମନରେ ବି ସମ୍ମାନିତ ହେଉଥିଲେ। ତାଙ୍କ ଭଳି ସମସ୍ତ ଭାଜପା କାର୍ଯ୍ୟକର୍ତ୍ତା ହେଲେ ଦଳ ନିଜ ସତ୍ତା ବଜାୟ ରଖିବାକୁ ସମର୍ଥ ହେବ ବୋଲି ମାହାଙ୍ଗା ଭାଜପା ନେତା ସୁମନ୍ତ କହିଥିଲେ। ଶେଷରେ ଉତ୍କଳ ରଞ୍ଜନ ସ୍ୱାଇଁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରାପଡ଼ା ସାଂସଦଙ୍କ ନିଶ୍ଚିନ୍ତକୋଇଲି ବ୍ଲକ ପ୍ରତିନିଧି ମଳୟ ଘଡ଼େଇ, ଅସୁରେଶ୍ୱର ମଣ୍ଡଳ ସଭାପତି ପ୍ରଣବ ବେହେରା, ନଗସପୁର ମଣ୍ଡଳ ସାଧାରଣ ସମ୍ପାଦକ ରାଜେଶ କୁମାର ବେହେରା, ଯୁବ କାର୍ଯ୍ୟକର୍ତ୍ତା ସତ୍ୟରଞ୍ଜନ ମିଶ୍ର, ସମ୍ପଦ କୁମାର ନାୟକ, ଉତ୍କଳ ରଞ୍ଜନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

**ବାଙ୍କୀ, (ଜ୍ଞାନେନ୍ଦ୍ର ମୋହନ ମିଶ୍ର/ ଶୁଭେନ୍ଦୁ ମହାପାତ୍ର):** ବାଙ୍କୀ ଏନ୍‌ଏସି ଅନ୍ତର୍ଗତ ଚକାପଦା ଆଦର୍ଶ ଯୁବ ପରିଷଦ ଆନୁକୂଲ୍ୟରେ ଯୁବବନ୍ଧୁ ଭବନଠାରେ ବାଜପେୟୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ପରିଷଦର ଆବାହକ ଅକ୍ଷୟ କୁମାର ସାମଲ ସଭାପତିତ୍ୱ କରିବା ସହ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ବାଜପେୟୀଙ୍କ ଫଟୋଚିତ୍ରରେ ଅତିଥିମାନେ ପୁଷ୍ପମାଲ୍ୟ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର, ମୁଖ୍ୟବକ୍ତା ଭାବେ କୁମାର ଅମୀୟ ଯୋଗଦେଇ ବାଜପେୟୀଙ୍କ ଗୁଣଗାନ କରିଥିଲେ। ସମ୍ମାନିତ ଅତିଥି ଭାବେ ପଣ୍ଡିତ ମନୋଜ କୁମାର ରାଉତ, କବି ଲଲାଟେନ୍ଦୁ ପଣ୍ଡା, ବିନୋଦିନୀ ସାହୁ ପ୍ରମୁଖ ଯୋଗଦେଇଥିଲେ। ଶେଷରେ ଶଶିଭୂଷଣ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

# ବାଜପେୟୀଙ୍କ ନକ୍ସାରେ ଚାଲିଛି ବିକାଶର ମାନଚିତ୍ର

**ଖୋର୍ଦ୍ଧା,୨୫।୧୨(ପ୍ରଭାତ ପାଣିଗ୍ରାହୀ)**




ଜିଲ୍ଲାସ୍ତରୀୟ ସୁଶାସନ ଦିବସ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ଅଟଳ ବିହାରୀ ବାଜପେୟୀ ଜଣେ ସୁବକ୍ତା, କୂଟନୀତିଜ୍ଞ, ବିଚକ୍ଷଣ ରାଜନୀତିଜ୍ଞ ଥିଲେ। ବହୁ ବାଧାବିଘ୍ନ, ପ୍ରତିବନ୍ଧକ ସତ୍ତ୍ୱେ ବିଶ୍ୱରେ ଭାରତକୁ ଏକ ଶକ୍ତିଶାଳୀ ରାଷ୍ଟ୍ରଭାବେ ପରିଣତ କରିଥିଲେ। ବିକଶିତ ଭାରତ ନିର୍ମାଣରେ ପ୍ରତ୍ୟେକ ନାଗରିକଙ୍କ ସହଭାଗିତା ହିଁ ବାଜପେୟୀଙ୍କ ପ୍ରତି ସର୍ବଶ୍ରେଷ୍ଠ ସମ୍ମାନ ହେବ ବୋଲି ସ୍ଥାନୀୟ ଟାଉନ ହଲ୍‌ଠାରେ ବୁଧବାର ଅନୁଷ୍ଠିତ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ସମାରୋହ ଜିଲ୍ଲାସ୍ତରୀୟ ସୁଶାସନ ଦିବସ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ ଏହା କହିଛନ୍ତି।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଚଞ୍ଚଳ ରାଣା ସଭାପତିତ୍ୱ କରିଥିଲେ। ମନ୍ତ୍ରୀ ହରିଚନ୍ଦନ ଆହୁରି କହିଥିଲେ, ଭାରତବର୍ଷରେ ଜନ୍ମ ନେଇଥିବା ରାଷ୍ଟ୍ର ନିର୍ମାତଙ୍କ ଶ୍ରେଷ୍ଠତ୍ୱ ସ୍ଥାନରେ ବାଜପେୟୀ ଅନ୍ୟତମ। ସ୍ୱାଧୀନୋତର ଭାରତରେ ଶାସନ ବ୍ୟବସ୍ଥାକୁ ସୁଶାସନ ଅଭିମୁଖୀ ଯୋଜନାର ସେ ଯେଉଁ ଚିତ୍ର ଆଙ୍କି ଯାଇଛନ୍ତି, ତାହାକୁ ଆଧାର କରି ବିକାଶର ମାନଚିତ୍ର ପ୍ରୟାସ ଚାଲିଛି। ଭାଗବତ, ଗୁରୁକୁଳ ଶିକ୍ଷାର ଉଦାହରଣ ଦେଇ ବାଜପେୟୀଙ୍କ ଦୂରଦୃଷ୍ଟି, ଆତ୍ମନିର୍ଭର ଭାରତ ପରିକଳ୍ପନା ସମ୍ପର୍କରେ କହିଥିଲେ। ସେହିପରି ଏମ୍‌ପି ଅପରାଜିତା ଷଡ଼ଙ୍ଗୀ କହିଥିଲେ, ଲୋକାଭିମୁଖୀ ଯୋଜନା, ସମସ୍ତଙ୍କ ପ୍ରତି ସହନଶୀଳତା, ସହଯୋଗୀ ମନୋଭାବ ସୁଶାସନକୁ ବୁଝାଇଥାଏ। ବିଧାୟକ ପ୍ରଶାନ୍ତ ଜଗଦ୍ଦେବ କହିଥିଲେ, ସମସ୍ତଙ୍କୁ ଭଲପାଇବା ମନୁଷ୍ୟର ଲକ୍ଷ୍ୟ ହେବା ଜରୁରୀ। ପରିବାର ସହିତ ସମାଜ ଓ ରାଷ୍ଟ୍ର ପାଇଁ ମଧ୍ୟ ଚିନ୍ତା କରିବାକୁ ପରାମର୍ଶ ଦେଇଥିଲେ। ସଭାପତିତ୍ୱ ଭାଷଣରେ ଜିଲ୍ଲାପାଳ କହିଥିଲେ, ସୁଶାସନ କହିଲେ କେବଳ ସରକାର କିମ୍ବା ପ୍ରଶାସନର କାର୍ଯ୍ୟକାରିତାକୁ ବୁଝାଏ ନାହିଁ। ପ୍ରତ୍ୟେକ ନାଗରିକ, ଉପଭୋକ୍ତା ନିଜ ଦାୟିତ୍ୱ, କର୍ତ୍ତବ୍ୟ ପାଳନ କଲେ

**ଜିଲ୍ଲାସ୍ତରୀୟ ସୁଶାସନ ଦିବସ**

ଏହାର ଲକ୍ଷ୍ୟ ସାଧିତ ହୋଇପାରିବ। ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରା, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସାଫଲ୍ୟ ମଣ୍ଡିତ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟ ମହାବିଦ୍ୟାଳୟସ୍ତରରେ ଆୟୋଜିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିସହିତ କବିତା ପାଠୋତ୍ସବରେ ଅଂଶଗ୍ରହଣ କରିଥିବା କବିଙ୍କୁ ଉତ୍ତରୀୟ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଉନ୍ନୟନ ଅଧିକାରୀ ଜ୍ୟୋତିଶଙ୍କର ସାହୁ, ଉପଜିଲ୍ଲାପାଳ ଦୀପ୍ତିରଞ୍ଜନ ସେଠୀ, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜ୍ୟୋତ୍ସ୍ନାମୟୀ ଆଚାର୍ଯ୍ୟ, ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଅତିରିକ୍ତ ଜିଲ୍ଲାପାଳ ପ୍ରଧାନ ଧନ୍ୟବାଦ ଦେଇଥିଲେ।

# ନେତୃତ୍ୱ, ସେବା ମନୋଭାବ ସୃଷ୍ଟି କରେ ଜାତୀୟ ସେବା ଶିବିର




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

**ବୋଲଗଡ଼,୨୫।୧୨(ଦେବବ୍ରତ ହୋତା)**

ବୋଲଗଡ଼ ବ୍ଲକ ଦେଉଳିସ୍ଥିତ ଶ୍ରୀରାଧାମାଧବ ସଂସ୍କୃତ ମହାବିଦ୍ୟାଳୟ ଏନ୍‌ଏସ୍‌ଏସ୍ ପକ୍ଷରୁ ଜାତୀୟ ସେବା ଯୋଜନାର ସ୍ୱତନ୍ତ୍ର ଶିବିର କଲେଜ ପରିସରରେ ଉଦ୍‌ଘାଟିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ବଟକୃଷ୍ଣ ସାହୁ ଏନ୍‌ଏସ୍‌ଏସ୍ ପତାକା ଉତ୍ତୋଳନ କରିଥିବା ବେଳେ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ବୋଲଗଡ଼ ବ୍ଲକ ଉପାଧ୍ୟକ୍ଷ ରମେଶ ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏନ୍‌ଏସ୍‌ଏସ୍‌ର ଆଭିମୁଖ୍ୟ ସମ୍ପର୍କରେ ଶିବିରାର୍ଥୀଙ୍କୁ କହିବା ସହ ନେତୃତ୍ୱ ଏବଂ ସେବା ମନୋଭାବ ସୃଷ୍ଟି କରେ ଜାତୀୟ ସେବା ଶିବିର ବୋଲି କହିଥିଲେ। ଏନ୍‌ଏସ୍‌ଏସ୍ ସଂଯୋଜକ ଅଧ୍ୟାପକ ପ୍ରଦୀପ ସାହୁ ଯୋଜନା ଅନ୍ତର୍ଗତ ପ୍ରସ୍ତାବିତ କାର୍ଯ୍ୟସାରଣୀ ସମ୍ପର୍କରେ ସୂଚନା ଦେଇଥିଲେ। ଅଧ୍ୟାପକ ଦୈତାରୀ ଦାସ ଏବଂ କିରାଣି ନିରଞ୍ଜନ ମହାପାତ୍ରଙ୍କ ସଂଯୋଜନାରେ ଆୟୋଜିତ ଏହି ସଭାରେ କଲେଜ ନିକଟ ତୁଳସୀ ବେରେଣା ଗ୍ରାମକୁ ପୋଷ୍ୟଗ୍ରାମ ଭାବେ ଗ୍ରହଣ କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ଆଗାମୀ ସପ୍ତାହେ ପର୍ଯ୍ୟନ୍ତ ଉକ୍ତ ଗ୍ରାମରେ ଚାରାରୋପଣ, ରକ୍ତଦାନ ଶିବିର, ନିଶା ନିବାରଣ ସଚେତନତା ଏବଂ ଗ୍ରାମ ପରିମଳ କାର୍ଯ୍ୟକ୍ରମ ଶିବିରାର୍ଥୀମାନଙ୍କ ଦ୍ୱାରା ଅନୁଷ୍ଠିତ ହେବ ବୋଲି ଅଧ୍ୟକ୍ଷ ସାହୁ କହିଛନ୍ତି।

# ୨୬୭ ଦିନରେ ୧୦୦ ମିଲିୟନ ଟନ୍ ମାଲ୍ ଅନ୍‌ଲୋଡିଂ, ଖୋର୍ଦ୍ଧାରୋଡ ରେଳମଣ୍ଡଳ ଶୀର୍ଷରେ

**ଜଟଣୀ,୨୫।୧୨(ରବୀନ୍ଦ୍ରନାଥ ମହାକୁଡ଼)**

ଖୋର୍ଦ୍ଧାରୋଡ୍ ରେଳମଣ୍ଡଳ ୨୬୭ ଦିନରେ ୧୦୦ ମିଲିୟନ ଟନ୍ ମାଲ୍ ପରିବହନରେ ଅନ୍‌ଲୋଡିଂ କରି ରେକର୍ଡ ହାସଲ କରିଛି। ଏହି ଉଲ୍ଲେଖନୀୟ ସଫଳତା ଉତ୍କର୍ଷତା ଏବଂ ଦକ୍ଷ ମାଲ୍ ପରିବହନ ପରିଚାଳନା ପାଇଁ ସମ୍ଭବ ହୋଇପାରିଥିବା ରେଳମଣ୍ଡଳ ପକ୍ଷରୁ କୁହାଯାଇଛି। ସୂଚନା ମୁତାବକ, ପାରାଦୀପ, ଧାମରା ସମେତ ପ୍ରମୁଖ ବନ୍ଦରଗୁଡିକରେ ଇସ୍ପାତ କାରଖାନା ଏବଂ ବିଭିନ୍ନ ଅନ୍ୟ ସାମଗ୍ରୀ ସାଇଡିଂ ପଏଣ୍ଟରେ ଏହି ମାଲ ଅନ୍‌ଲୋଡିଂ କରାଯାଇଥିଲା। ଏହି ପ୍ରମୁଖ ଅବସ୍ଥାନଗୁଡିକରେ ଯୋଗାଣ କାର୍ଯ୍ୟକୁ ନିଶ୍ଚିତ ଓ ସୁଗମ କରିବାରେ ଏବଂ ସମଗ୍ର ଅଞ୍ଚଳରେ ଶିଳ୍ପଗୁଡିକର ବଢୁଥିବା ଚାହିଦାକୁ ପୂରଣ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। କର୍ମଚାରୀଙ୍କ ଅହରହ ଉଦ୍ୟମକୁ ପ୍ରଶଂସା କରିବା ସହ ଏହି ସଫଳତାକୁ ସେମାନଙ୍କର ଉତ୍ସର୍ଗୀକୃତ ତଥା ଦଳଗତ କାର୍ଯ୍ୟ ବୋଲି ଖୋର୍ଦ୍ଧାରୋଡ ମଣ୍ଡଳ ରେଳ ପ୍ରବନ୍ଧକ ଏଚ୍.ଏସ୍ ବାଜୱା କହିଛନ୍ତି। ଅନ୍ୟ ମଣ୍ଡଳଗୁଡ଼ିକ ମଧ୍ୟ ମାଲ ପରିବହନରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଛନ୍ତି। ଚଳିତ ଆର୍ଥିକ ବର୍ଷରେ ଏପର୍ଯ୍ୟନ୍ତ ଚକ୍ରଧରପୁର (ସି.କେ.ପି) ଡିଭିଜନ ୫୩.୭୩ ମିଲିୟନ ଟନ ମାଲ ଅନଲୋଡିଂ କରିଥିବା ବେଳେ ବିଳାସପୁର ଡିଭିଜନ ୫୦.୫୫ ମିଲିୟନ ଟନ ମାଲ୍ ଅନ୍‌ଲୋଡିଂ କରିଛି। ଏହି ମାଇଲଖୁଣ୍ଟଗୁଡିକ ସମଗ୍ର ଅଞ୍ଚଳରେ ମାଲ ପରିବହନ ସାମଗ୍ରୀ ବୃଦ୍ଧି ଉପରେ ସାମୂହିକ ଧ୍ୟାନକୁ ସୂଚିତ କରେ। ଖୋର୍ଦ୍ଧାରୋଡ ମଣ୍ଡଳର ଏହି ରେକର୍ଡ ମାଇଲଖୁଣ୍ଟ ରେଳ କ୍ଷେତ୍ର ପାଇଁ ଏକ ମହତ୍ତ୍ୱପୂର୍ଣ୍ଣ ଅବଦାନ। ଅର୍ଥନୈତିକ ଅଭିବୃଦ୍ଧିରେ ଏହାର ପ୍ରମୁଖ ଭୂମିକାକୁ ଦୃଢ଼ କରିବା ଏବଂ ଅନ୍ୟ ମଣ୍ଡଳଗୁଡିକ ଅନୁସରଣ କରିବା ଲାଗି କାର୍ଯ୍ୟକ୍ଷମ ଉତ୍କର୍ଷର ଏକ ଉଦାହରଣ ସୃଷ୍ଟି କରିବା ପାଇଁ ଏହି ମଣ୍ଡଳ ସର୍ବଦା ତତ୍ପର।



ବଡ଼ଦିନ ଅବସରରେ ବୁଧବାର ମା' କାଳିଜାଈଙ୍କ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼। (ଫଟୋ: କୈଳାସ ଚନ୍ଦ୍ର ପଟ୍ଟନାୟକ)

# ପାଚିକା ପ୍ରଶିକ୍ଷଣ ଶିବିର

**ଟାଙ୍ଗୀ,୨୫।୧୨(ରଘୁନାଥ ସାହୁ)**

ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସମଗ୍ର ଶିକ୍ଷା ପିଏମ୍ ପୋଷଣ ଶକ୍ତି ନିର୍ମାଣ ଯୋଜନା ଆନୁକୂଲ୍ୟରେ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ପିଏମ୍ ପୋଷଣ ଯୋଜନାରେ ବିଭିନ୍ନ ସରକାରୀ ବିଦ୍ୟାଳୟରେ କାର୍ଯ୍ୟରତ ପାଚିକା ତଥା ସହାୟିକାଙ୍କ ନିମନ୍ତେ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ସାମାଜିକକର୍ମୀ ମଧୁସୂଦନ ସେନାପତି ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମଣ୍ଡଳ ସାଧନ ସଂଯୋଜକ ସୁଧାଂଶୁ ମଞ୍ଜରୀ ଦେବୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ସଞ୍ଜୁଲତା ବେହେରା, ପ୍ରଧାନ ଶିକ୍ଷକ ସୁରେଶ ବେହେରା, ବଳଭଦ୍ର ସେଠୀ, ରୋଜାଲିନ ମିଶ୍ର ପ୍ରମୁଖ ଅତିଥିଭାବେ ଯୋଗଦେଇ ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ପାଚିକାମାନେ ପ୍ରସ୍ତୁତ କରି ଆଣିଥିବା ଖାଦ୍ୟର ସ୍ୱାଦ ପରୀକ୍ଷଣ କରାଯାଇଥିଲା। ପ୍ରଧାନ ଶିକ୍ଷକ ଲଳିତ ନାରାୟଣ ମହାପାତ୍ର ଧନ୍ୟବାଦ ଦେଇଥିଲେ। ପ୍ରଥମ ପର୍ଯ୍ୟାୟରେ ଅଚ୍ୟୁତପୁର, ବଡ଼ପାରୀ ଏବଂ ଭୂଷଣ୍ଡପୁର କ୍ଲଷ୍ଟରର ପାଚିକାମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ଲଳିତ ନାରାୟଣ ମହାପାତ୍ର, ପ୍ରଦୀପ ମହାରଣା, ପ୍ରଶାନ୍ତ ମହାପାତ୍ର, ଅମିତ ଚକ୍ରବର୍ତ୍ତୀ ପ୍ରମୁଖ ପ୍ରଶିକ୍ଷକଭାବେ ଯୋଗଦେଇଥିଲେ। କୃତୀ ପ୍ରତିଯୋଗୀ ଏବଂ ପାଚିକାଙ୍କୁ ପୁରସ୍କୃତ କରାଯାଇଥିଲା। ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ସଞ୍ଜୁଲତା ବେହେରା, ସୁଧାଂଶୁ ମଞ୍ଜରୀ ଦେବୀ ପର୍ଯ୍ୟବେକ୍ଷକଭାବେ ଯୋଗଦେଇଥିଲେ। ମଧୁସ୍ମିତା ଦାସ କାର୍ଯ୍ୟକ୍ରମ ପରିଚାଳନା କରଥିଲେ।

# ଗ୍ରାମୀଣ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକୋତ୍ସବ

**ବାଣପୁର,୨୫।୧୨ (ଦିଲୀପ କୁମାର ସ୍ୱାଇଁ)**

ବାଣପୁର ଗ୍ରାମୀଣ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ୩୩ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ଅଧ୍ୟକ୍ଷ ସର୍ବେଶ୍ୱର ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଏକ ସଭା ହୋଇଥିଲା। ମୁଖ୍ୟ ଅତିଥିଭାବେ ବାଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷ ମିଟୁ ନାୟକ ଯୋଗଦେଇଥିବା ବେଳେ ବାଣପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ଅମରେନ୍ଦ୍ର ରଣସିଂହ ମୁଖ୍ୟ ବକ୍ତା, ବାଣପୁର ଗ୍ରାମୀଣ ମହିଳା ଉଚ୍ଚ ବିଦ୍ୟାଳୟର ପୂର୍ବତନ ସଭାପତି ଡ.ସୁରେନ୍ଦ୍ର ନାଥ ପାତ୍ର, ପୂର୍ବତନ ସମ୍ପାଦକ ଜଗନ୍ନାଥ ଭୋଳ, ବିଜ୍ଞାପିତ ଅଞ୍ଚଳ ପରିଷଦ ଉପାଧ୍ୟକ୍ଷା ପ୍ରାଚୀପ୍ରଭା ସ୍ୱାଇଁ, କାଉନସିଲର ରାସଲତା ଜେନା, ରଞ୍ଜନା ପ୍ରଧାନ, ଅଧ୍ୟାପିକା କଲ୍ୟାଣୀ ବୈରିଗଞ୍ଜନ, ଅଧ୍ୟାପକ ପ୍ରଶାନ୍ତ କୁମାର ଦାଶ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଙ୍କୁ ମାନପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା। ଏଥିସହ ପୂର୍ବତନ ସଭାପତି ଡ.ସୁରେନ୍ଦ୍ର ନାଥ ପାତ୍ର, ପୂର୍ବତନ ଛାତ୍ରୀ ଶିବାନୀ ରାଉତ ଏବଂ କ୍ରୀଡ଼ାବିତ୍ କଳ୍ପଶ୍ରୀ ପ୍ରଧାନଙ୍କୁ ମାନପତ୍ର ଉପଢୌକନ ସହ ସମ୍ମାନିତ କରାଯାଇଥିଲା। ଶେଷରେ ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# 'ଖବରଦାତାଙ୍କ କଲମ ମୁନରେ ରହିଛି ଅମାପ ଶକ୍ତି'




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

**ଓୟୁଡବ୍ଲ୍ୟୁଜେ ପ୍ରତିଷ୍ଠା ଦିବସ ଓ ବନ୍ଧୁମିଳନ**

**ଖୋର୍ଦ୍ଧା,୨୫।୧୨(ପ୍ରଭାତ ପାଣିଗ୍ରାହୀ)**

ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ସଙ୍ଘ (ଓୟୁଡବ୍ଲ୍ୟୁଜେ)ର ନବମ ପ୍ରତିଷ୍ଠା ଦିବସ ତଥା ବନ୍ଧୁମିଳନ କାର୍ଯ୍ୟକ୍ରମ ଖୋର୍ଦ୍ଧା ଜିଲ୍ଲା ପ୍ରେସ୍ କ୍ଲବ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂଘର ରାଜ୍ୟ ସଭାପତି ଭାଗବତ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ସାଧାରଣ ସମ୍ପାଦକ ତପନ ମାହାରଣ୍ୟ ଶର୍ମା, ରାଜ୍ୟ ସଙ୍ଗଠନ ସମ୍ପାଦକ ଅର୍ଜୁନ ମୁଦୁଲି, ଖୋର୍ଦ୍ଧା ଜିଲ୍ଲା ଶାଖା ସଭାପତି ପ୍ରକାଶ କୁମାର ହାତୀ, ସମ୍ମାନିତ ଅତିଥି ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜ୍ୟୋତ୍ସ୍ନାମୟୀ ଆଚାର୍ଯ୍ୟ, ମୁଖ୍ୟ ବକ୍ତାଭାବେ ଖୋର୍ଦ୍ଧା ଜିଲ୍ଲା ପ୍ରେସ କ୍ଲବ ସଭାପତି ଶୁଭ୍ରାଂଶୁ ରଞ୍ଜନ ସାମନ୍ତରାୟ ପ୍ରମୁଖ ଯୋଗଦେଇଥିଲେ। ରାଜ୍ୟ ସଭାପତି ତ୍ରିପାଠୀ ସଭାପତିତ୍ୱ ଭାଷଣରେ ଏହି ପ୍ରତିଷ୍ଠା ଦିବସର ଆଭିମୁଖ୍ୟ, ସାମ୍ବାଦିକଙ୍କୁ ପେନ୍‌ସନ, ସୁରକ୍ଷା ଆଇନ ପ୍ରଣୟନ ଦିଗରେ ସଂଗ୍ରାମ ଜାରି ରହିବ ବୋଲି କହିଥିଲେ। ରାଜ୍ୟ ସାଧାରଣ ସମ୍ପାଦକ ତପନ ମାହାରଣ୍ୟ ଶର୍ମା କହିଥିଲେ, ଗଣମାଧ୍ୟମ ସମାଜର ଜାଗ୍ରତ ପ୍ରହରୀ। ଗଣ ଓ ତନ୍ତ୍ର ମଧ୍ୟରେ ସୁ ସମନ୍ୱୟ ରକ୍ଷା କରିଥାଏ। ଖବରଦାତାର କଲମ ମୁନରେ ରହିଛି ଅମାପ ଶକ୍ତି। ଜନତାଙ୍କ ସ୍ୱରକୁ ଲେଖନୀ ମୁନରେ ସରକାରଙ୍କ ନିକଟରେ ପହଞ୍ଚାଇଥାଏ। ମୁଖ୍ୟବକ୍ତା ସାମନ୍ତରାୟ କହିଥିଲେ, ଗଣମାଧ୍ୟମ ସରକାର ଏବଂ ଜନତାଙ୍କ ମଧ୍ୟରେ ସେତୁବନ୍ଧ ଭାବେ କାର୍ଯ୍ୟ କରିଥାଏ। ରାଜ୍ୟ ସଙ୍ଗଠନ ସମ୍ପାଦକ ମୁଦୁଲି କର୍ତ୍ତବ୍ୟରତ ଗଣମାଧ୍ୟମ ପ୍ରତିନିଧିମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଜିଲ୍ଲା ସୂଚନା ଲୋକସମ୍ପର୍କ ଅଧିକାରୀ ଆଚାର୍ଯ୍ୟ କହିଥିଲେ, ଗଣତନ୍ତ୍ର ସୁରକ୍ଷାରେ ଗଣମାଧ୍ୟମର ପ୍ରମୁଖ ଭୂମିକା ରହିଛି। ଅନୁସନ୍ଧାନମୂଳକ ଖବର ଉପରେ ଗୁରୁତ୍ୱ ଦେବା ସହ ଖବରରେ ସତ୍ୟତା ଏବଂ ସ୍ୱଚ୍ଛତା ରହିବା ଜରୁରୀ। ଏହି ଅବସରରେ କରୋନା ମହାମାରୀ ସମୟରେ ଉତ୍ସର୍ଗୀକୃତ ସେବା ପାଇଁ ଆମ୍ବୁଲାନ୍ସ ଚାଳକ ନିବାସ ମହାରଣାଙ୍କୁ ସେବା ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଲଳିତ ମୋହନ ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଓୟୁଡବ୍ଲ୍ୟୁଜେ ଜିଲ୍ଲା ସମ୍ପାଦକ ଦିଲୀପ କୁମାର ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

# ଭାଜପାରେ ମିଶିଲେ ବିଜେଡି ସମର୍ଥିତ ଶତାଧିକ ପରିବାର



ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ରଙ୍କ ସହ ଭାଜପା କର୍ମୀ ଏବଂ ଅନ୍ୟମାନେ।

**କୃଷ୍ଣପ୍ରସାଦ,୨୫।୧୨ (କୈଳାସ ଚନ୍ଦ୍ର ପଟ୍ଟନାୟକ)**

ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ଅଧୀନ ଗୋମୁଣ୍ଡିଆ ପଞ୍ଚାୟତ ବିଠିପଦର ଦୁଇସାହିର ବିଜେଡି ସମର୍ଥିତ ଶତାଧିକ ପରିବାର ଭାଜପାରେ ଯୋଗଦେଇଛନ୍ତି। ଭାଜପା ଯୁବନେତା ଉତ୍ତମ କୁମାର ତରେଇ, ପ୍ରଦୀପ କୁମାର ଜେନା, ବରିଷ୍ଠ ନେତା ସାଧୁ ଚରଣ ମାଝୀ, ଗୋମୁଣ୍ଡିଆ ସରପଞ୍ଚ ଦୁଷ୍ମନ୍ତ କୁମାର ସେଠୀ, ପିରିଜିପୁର ସରପଞ୍ଚ ଇଂ.ମଳୟ କୁମାର ଜେନା, ପୂର୍ବତନ ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ପବିତ୍ର କୁମାର ସାହୁଙ୍କ ନେତୃତ୍ୱରେ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆଦର୍ଶ, ଲୋକାଭିମୁଖୀ କାର୍ଯ୍ୟ ଏବଂ ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ରଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ବିଠିପଦର ଗ୍ରାମ୍ୟ କମିଟି ସଭାପତି ସୁବାସ ଚନ୍ଦ୍ର ପ୍ରଧାନ, ସମ୍ପାଦକ ପ୍ରଶାନ୍ତ କୁମାର ଦାସଙ୍କ ସହିତ ଗ୍ରାମର ଶତାଧିକ ପରିବାର ଭାଜପାରେ ସାମିଲ ହୋଇଛନ୍ତି। ବିଧାୟିକା ମହାପାତ୍ର ସମସ୍ତଙ୍କୁ ଦଳୀୟ ଉତ୍ତରୀୟ ପିନ୍ଧାଇ ସ୍ୱାଗତ କରିଥିଲେ। ତୃଣମୂଳସ୍ତରରୁ ଭାଜପା ସଙ୍ଗଠନ ମଜଭୁତ ହେବାରେ ଲାଗିଛି।

# ମାଧବ ଚନ୍ଦ୍ର ସ୍ମୃତି ସଂସଦ ପକ୍ଷରୁ ଦିନପଞ୍ଜିକା ଉନ୍ମୋଚିତ

**ବାଣପୁର,୨୫।୧୨(ଦିଲୀପ କୁମାର ସ୍ୱାଇଁ)**

ଚିଲିକା ବ୍ଲକ ଅନ୍ତର୍ଗତ ବାଲୁଙ୍କେଶ୍ୱର ଦେବଙ୍କ ମନ୍ଦିର ପରିସରରେ ବୁଧବାର ମାଧବ ଚନ୍ଦ୍ର ସ୍ମୃତି ସଂସଦ ପକ୍ଷରୁ ଦିନପଞ୍ଜିକା -୨୦୨୫ ଉନ୍ମୋଚନ ଏବଂ ପ୍ରତିଭା ସମ୍ବର୍ଦ୍ଧନା ଅନୁଷ୍ଠିତ ହୋଇଯାଇଛି। ସଂସଦର ଆବାହକ ସୁଧୀର କୁମାର ନନ୍ଦଙ୍କ ସଂଯୋଜନା ଏବଂ ସଭାପତି ରାମଚନ୍ଦ୍ର ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ଆଡଭୋକେଟ ପ୍ରଦୀପ୍ତ କୁମାର ନନ୍ଦ, କବି ଶିବ ପ୍ରସାଦ ତ୍ରିପାଠୀ, ପଣ୍ଡିତ ନିରଞ୍ଜନ ନନ୍ଦ, ବରିଷ୍ଠ ଶିକ୍ଷକ ବିଜୟ କୁମାର ମିଶ୍ର ଓ ସୀତାକାନ୍ତ ନନ୍ଦ, ସମ୍ପାଦକ ପ୍ରସନ୍ନ କୁମାର ଶତପଥୀ, ଶାନ୍ତନୁ କୁମାର ମିଶ୍ର, ପ୍ରଭାକର ମହାପାତ୍ର, ରଘୁନାଥ ନନ୍ଦ, ନୃସିଂହ ଚରଣ ନନ୍ଦ, ରମେଶ ଚନ୍ଦ୍ର ଦାଶ, ସଂସଦର ମାର୍ଗଦର୍ଶକ ପ୍ରଦୋଷ କୁମାର ଦାସ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ପ୍ରଥମେ ବାଲୁଙ୍କେଶ୍ୱର ମହାଦେବଙ୍କୁ ନୂତନ ଦିନପଞ୍ଜିକାକୁ ସମର୍ପଣ ପରେ ଅତିଥି ଏବଂ ବକ୍ତାମାନଙ୍କ ପ୍ରତିଭାକୁ ସ୍ୱୀକୃତି ସ୍ୱରୂପ ସ୍ମୃତି ସଂସଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।



ଦିନପଞ୍ଜିକା -୨୦୨୫ ଉନ୍ମୋଚନ ଅବସରରେ ଉପସ୍ଥିତ ଅତିଥିମାନେ।

# ସାହିତ୍ୟୋତ୍ସବରେ 'ଓଡ଼ିଆ ଅସ୍ମିତା'କୁ ଗୁରୁତ୍ୱ

**ଭୁବନେଶ୍ୱର,୨୫।୧୨(ସୁଚିସ୍ମିତା ସାହୁ)**

ଓଡ଼ିଶା ଅର୍ଥସେବା ଅଧିକାରୀ ପ୍ରୋବେଶନାଲ ୨୦୨୧ ବ୍ୟାଚ୍ ପକ୍ଷରୁ ବୁଧବାର ମଧୁସୂଦନ ଦାସ ଆଞ୍ଚଳିକ ବିତ୍ତୀୟ ପରିଚାଳନା ପ୍ରତିଷ୍ଠାନରେ ବିଭିନ୍ନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଚାରିଦିନ ବ୍ୟାପି ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ 'ମଧୁକ୍ଷରା', କ୍ରୀଡ଼ା ଉତ୍ସବ, ଖାଦ୍ୟ ଉତ୍ସବ ଓ ସାହିତ୍ୟୋତ୍ସବରେ ନିଜ ପ୍ରତିଭା, ଦକ୍ଷତା ଓ ଅଭିନବତ୍ୱ ପ୍ରତିପାଦନ କରିଥିଲେ। ଆୟୋଜିତ ସାହିତ୍ୟୋତ୍ସବରେ 'ବର୍ତ୍ତନାର ବିବର୍ତ୍ତନ' ବିଷୟ ଉପରରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡ଼ିଆ ଅସ୍ମିତାକୁ ଗୁରୁତ୍ୱ ଦିଆଯାଇଥିଲା। 'ଶାସ୍ତ୍ରୀୟରୁ ସମକାଳୀନ' ପ୍ରସଙ୍ଗରେ ସଂଗଠକ ସୂର୍ଯ୍ୟ ମିଶ୍ର, ସାହିତ୍ୟିକ ଅଧ୍ୟାପକ ଡ. ନେତାଜୀ ଅଭିନନ୍ଦନ, କବି ତଥା ଅଧ୍ୟାପକ ଡ. ଶକ୍ତି ମହାନ୍ତି ଅଂଶଗ୍ରହଣ କରିଥିଲେ। ସେହିପରି ସାଂସ୍କୃତିକ କାର୍ଯ୍ୟକ୍ରମରେ ଓଡ଼ିଶୀ, ସଂଗୀତ ଓ ନାଟକ ପରିବେଷିତ ହୋଇଥିଲା।

## କରାଟେ ପ୍ରତିଯୋଗୀଙ୍କ ସଫଳତା

**ଟାଙ୍ଗୀ,୨୫।୧୨(ରଘୁନାଥ ସାହୁ):** ଜାତୀୟ କରାଟେ ପ୍ରତିଯୋଗିତାରେ ଟାଙ୍ଗୀ ବ୍ଲକ ଅନ୍ତର୍ଗତ ଭୂଷଣ୍ଡପୁର ଅଞ୍ଚଳର ପ୍ରତିଯୋଗୀମାନେ ସଫଳତା ହାସଲ କରିଛନ୍ତି। ଝାରସୁଗୁଡ଼ାଠାରେ ଆୟୋଜିତ ଜାତୀୟସ୍ତରୀୟ କରାଟେ ପ୍ରତିଯୋଗିତାରେ ଶୁଭଙ୍କର ଦାସ ଦୁଇଟି ସ୍ୱର୍ଣ୍ଣ, ଗୋଟିଏ ରୌପ୍ୟ, ଅନିମେଶ ସର୍ଦ୍ଦାର ଗୋଟିଏ ସ୍ୱର୍ଣ୍ଣ, ଆଦେଶ କୁମାର ସାହୁ ଗୋଟିଏ ରୌପ୍ୟ, ଗୋଟିଏ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଅତିଥିଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀମାନେ ଶୁଭେଚ୍ଛା ଜଣାଇଛନ୍ତି।

# ଭାରତକୁ ଦିଗ୍‌ଦର୍ଶନ ଦେଇଛି ସାହିତ୍ୟ

**ବେଗୁନିଆ,୨୫।୧୨(ହର ପ୍ରସନ୍ନ ପଣ୍ଡା)**

ବେଗୁନିଆ ସଦର ମହକୁମାସ୍ଥିତ ଆଦର୍ଶ କ୍ଲବ ସଭାଗୃହ ପରିସରରେ ମଙ୍ଗଳବାର କବିତା ପାଠ ଏବଂ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଶ୍ୱେତପଦ୍ମା ସାହିତ୍ୟ ଓ ସେବା ସଂସଦ ଆନୁକୂଲ୍ୟରେ ଆୟୋଜିତ ସମାରୋହରେ ସମ୍ପାଦିକା ପ୍ରତିମା ପ୍ରଧାନ ଅଧ୍ୟକ୍ଷତା କରିଥିଲେ। 'ମୋର ମୁଖେ ଦିଅ ଚିର ହରଷ' ଶୀର୍ଷକ ଆଲୋଚନାଚକ୍ର ଏବଂ କବିତା ପାଠ କରାଯାଇଥିଲା। ବସନ୍ତ ଦାସ ମଙ୍ଗଳା ଚରଣ ପାଠ ଓ ସରସ୍ୱତୀ ବନ୍ଦନା ଗାନ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜକ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେବା ସହ ସ୍ୱରଚିତ ଆବାହନୀ ସଙ୍ଗୀତ ଗାନ କରିଥିଲେ। ମୁଖ୍ୟ ଅତିଥିଭାବେ ଡ. ହରି ପ୍ରସାଦ ଦାସ ଯୋଗଦେଇ ଶୁଭାରମ୍ଭ କରିଥିଲେ। ବ୍ୟଙ୍ଗକବି ବ୍ରଜବନ୍ଧୁ ସୁବୁଦ୍ଧି ମୁଖ୍ୟ ବକ୍ତାଭାବେ ଯୋଗଦେଇ ବିଭିନ୍ନ ହାସ୍ୟ କବିତା ପରିବେଷଣ କରିଥିଲେ। ଅବସରପ୍ରାପ୍ତ ପ୍ରାଶାସନିକ ଅଧିକାରୀ ସୁଧାକର ସାମନ୍ତରାୟ ଓ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ତିଳୋତ୍ତମା ମହାପାତ୍ର ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। କବି ଶ୍ରୀକୁମାର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ କବୟିତ୍ରୀ ମାନସୀ ଦାସ, ଗାୟକ ହରିହର ମହାପାତ୍ର, ଗୀତିକାର ଲକ୍ଷ୍ମୀଧର ମହାରଣା, ଶିକ୍ଷକ ଦିବାକର ସାହୁ, ସୋମନାଥ ସାହୁ, ଭାଗବତ ମହାପାତ୍ର, ବିଭୁ ଚନ୍ଦ୍ର ଦାସ, ବିଜୟ ମହାନ୍ତି, ରାମଚନ୍ଦ୍ର ସାହୁ, ଶତ୍ରୁଘ୍ନ ସାହୁ, ଅଶ୍ୱିନୀ ପଟ୍ଟନାୟକ, କୈଳାସ ଚନ୍ଦ୍ର ସାହୁ, ସ୍ମୃତି ପଟ୍ଟନାୟକ, ସନାତନ ସାହୁ, ରଶ୍ମି ରଞ୍ଜିତା ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଅନୁଷ୍ଠାନର ଉପଦେଷ୍ଟା ତିଳୋତ୍ତମା ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଦୀପ କିଶୋର ତ୍ରିପାଠୀ ଉଦ୍‌ଯାପନୀ ସଙ୍ଗୀତ ଗାନ କରିଥିବା ବେଳେ ଯୁଗ୍ମ ସମ୍ପାଦକ ଜଗଦୀଶ ଚନ୍ଦ୍ର ପାତ୍ର ଧନ୍ୟବାଦ ଦେଇଥିଲେ।

**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**



୨୫।୧୨।୨୦୨୪

| ୫,୨୩,୦୬୮ ଟଙ୍କା | |
|---|---|
| ସୁନା | ୩.୨୦୦ ଗ୍ରାମ୍ |
| ରୁପା | ୭୩.୭୦୦ ଗ୍ରାମ୍ |

# ବାଜପେୟୀ ସୁଶାସନର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ



ସମାରୋହରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ସମେତ ବିଧାୟକ ଓ ଅନ୍ୟ ବରିଷ୍ଠ ଅଧିକାରୀ।

**ପୁରୀ,୨୫।୧୨(ଅଜିତ୍ କୁମାର ମହାନ୍ତି)**

ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ସୁଶାସନର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ ବୋଲି ଜିଲାସ୍ତରୀୟ ସୁଶାସନ ଦିବସରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମତବ୍ୟକ୍ତ କରିଛନ୍ତି। ସଂସ୍କୃତି ଭବନ ପରିସରରେ ବୁଧବାର ପୂର୍ବାହ୍ନରେ ଜିଲା ପ୍ରଶାସନ ଏବଂ ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟର ମିଳିତ ସହଯୋଗରେ ଜିଲାସ୍ତରୀୟ ସୁଶାସନ ଦିବସ ଓ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ସମାରୋହ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି।

ଏଥିରେ ମୁଖ୍ୟ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ପରିଡ଼ା କହିଛନ୍ତି, ବାଜପେୟୀ ଜଣେ ବହୁବିଧ ପ୍ରତିଭାର ଅଧିକାରୀ, ରାଷ୍ଟ୍ରନୀତିଜ୍ଞ ଓ ସହନଶୀଳତାର ପ୍ରତୀକ ଥିଲେ। ଅନ୍ୟତମ ଅତିଥି ଭାବେ ପୁରୀ ଏମ୍‌ପି ଡ. ସମ୍ବିତ ପାତ୍ର ବାଜପେୟୀଙ୍କୁ ଜଣେ ସଚ୍ଚା ଦେଶଭକ୍ତ ଓ ଦୂରଦ୍ରଷ୍ଟା ବୋଲି କହିବା ସହ ବିଭିନ୍ନ ଉଦାହରଣ ଛଳରେ ତାଙ୍କ ସରଳ, ନିରାଡ଼ମ୍ବର ଓ ପ୍ରତିବଦ୍ଧତା ପୂର୍ଣ୍ଣ ଜୀବନଶୈଳୀ ସମସ୍ତଙ୍କୁ ଅନୁପ୍ରାଣିତ କରୁଥିବ ବୋଲି କହିଥିଲେ।

କାର୍ଯ୍ୟକ୍ରମରେ ଅତିଥି ଭାବେ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ଏସ୍‌ପି ବିନୀତ ଅଗ୍ରୱାଲ, ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଉପଜିଲାପାଳ ରାଜକିଶୋର ଜେନା ପ୍ରମୁଖ ଯୋଗ ଦେଇଥିଲେ। ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ପ୍ରାରମ୍ଭରେ ସମସ୍ତଙ୍କୁ ସ୍ୱାଗତ ସହ ସଭା ପରିଚାଳନା କରିଥିଲେ। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସିଦ୍ଧ ମହାବୀର ସଙ୍ଗୀତ ପରିଷଦ ପକ୍ଷରୁ ବାଜପେୟୀଙ୍କ ଲିଖିତ କବିତା ଆଧାରରେ ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ଶେଷରେ ନାଚଘର ଅନୁଷ୍ଠାନ ପକ୍ଷରୁ ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା।

## ଜିଲାସ୍ତରୀୟ ସୁଶାସନ ଦିବସ ପାଳିତ

# 'ଆମ ଭାଷା ଆମ ସାହିତ୍ୟ' ଆଲୋଚନାଚକ୍ର

**ଅସ୍ତରଙ୍ଗ,୨୫।୧୨(ମମତା ଜେନା)**

କାକଟପୁର ରାମକୃଷ୍ଣ ଶିଶୁ ମନ୍ଦିର ସଭାଗୃହରେ ଉତ୍କଳ ସଂଗ୍ରାମୀ ସ୍ମୃତି ସମିତି, ଓଡ଼ିଶା ସାହିତ୍ୟ ଏକାଡେମୀ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାରଙ୍କ ମିଳିତ ଆନୁକୂଲ୍ୟରେ 'ଆମ ଭାଷା ଆମ ସାହିତ୍ୟ' ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନିଚ୍ଛକ ନମୁନା କବିବର ଅଦ୍ୱୈତ ଚରଣ ମହାନ୍ତିଙ୍କ ରଚିତ ପ୍ରାଚୀ କାବ୍ୟର ପୁନଃ ସଂସ୍କରଣ କରାଯାଇ ଓ ମଙ୍ଗଳା ସାହିତ୍ୟ ସଂସଦର ମୁଖପତ୍ର ପ୍ରାଚ୍ୟାଲୋକର ଉନ୍ମୋଚନ କରାଯାଇଥିଲା। ଉତ୍କଳ ସଂଗ୍ରାମୀ ସ୍ମୃତି ସମିତିର ସଭାପତି ଅମିୟ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଡ. ତ୍ରିନାଥ ପଟ୍ଟନାୟକ, ମୁଖ୍ୟବକ୍ତା ଅବସରପ୍ରାପ୍ତ ଅଧ୍ୟକ୍ଷ ସନ୍ତୋଷ କୁମାର ମିତ୍ର, ସମ୍ମାନିତ ଅତିଥିବୃନ୍ଦ ସଂଗ୍ରାମ ଛାଟୋଇ, ରବୀନ୍ଦ୍ର ବାହିନୀପତି, କୈଳାସ ଚନ୍ଦ୍ର ଦାଶ, ବନବିହାରୀ ଗ୍ରହାଚାର୍ଯ୍ୟ, ଦୀପ୍ତି କୁମାରୀ ମହାନ୍ତି, ହରେକୃଷ୍ଣ ସ୍ୱାଇଁ, ସାହିତ୍ୟିକ ଦେଶବନ୍ଧୁ ସ୍ୱାଇଁ, ପ୍ରଭାତ କୁମାର ଦୀକ୍ଷିତ, ହୃଦାନନ୍ଦ ସାସ୍ମଲ, ସ୍ୱର୍ଗତ କବିଙ୍କ ପୁତ୍ର ଗୋପାଳ ଚନ୍ଦ୍ର ମହାନ୍ତିଙ୍କ ସମେତ ବହୁ ସାହିତ୍ୟ ଅନୁରାଗୀମାନେ ଉପସ୍ଥିତ ରହି ସ୍ୱର୍ଗତ କବିବର ଅଦ୍ୱୈତ ଚରଣ ମହାନ୍ତିଙ୍କ ଓଡ଼ିଆ ସାହିତ୍ୟ ପ୍ରତିଥିବା ଅବଦାନ ଉପରେ ଆଲୋକପାତ କରିଥିଲେ। ଉତ୍କଳ ସଂଗ୍ରାମୀ ସ୍ମୃତି ଆନୁକୂଲ୍ୟରେ କବି ମହାନ୍ତିଙ୍କର ଲେଖା ଓ କାବ୍ୟ ସଂଗ୍ରହ କରାଯାଇ ଏକ ଗ୍ରନ୍ଥାବଳୀ ସଙ୍କଳନ କରାଯିବା ପାଇଁ ଅତିଥିମାନେ ମତପ୍ରକାଶ କରିଥିଲେ। ସମିତିର ସମ୍ପାଦକ ଶିକ୍ଷାବିତ୍ ସ୍ୱପ୍ନେଶର ସାହୁ ଅତିଥି ପରିଚୟ ଓ ସଭା ପରିଚାଳନା କରିଥିଲେ।

## ସଂକ୍ଷେପରେ

# ଆଜିଠୁ ସାର୍ବଭୌମ ଭକ୍ତ ସମ୍ମିଳନୀ

**ପୁରୀ,୨୫।୧୨(ଅଜିତ୍ କୁମାର ମହାନ୍ତି)**

ସଦ୍‌ଗୁରୁ ପରମହଂସ ସ୍ୱାମୀ ନିଗମାନନ୍ଦ ସରସ୍ୱତୀ ଦେବଙ୍କ ପ୍ରବର୍ତ୍ତିତ ସାର୍ବଭୌମ ଭକ୍ତ ସମ୍ମିଳନୀର ୧୧୦ତମ ଅଧିବେଶନ ବାଲିଘାଇସ୍ଥିତ କ୍ରିୟାଯୋଗ ଆଶ୍ରମ ସମ୍ମୁଖସ୍ଥ ପ୍ରାଙ୍ଗଣରେ ଗୁରୁବାରଠାରୁ ଆରମ୍ଭ ହେବ। ଏହି ପରିପ୍ରେକ୍ଷୀରେ ବୁଧବାର ଏକ ହୋଟେଲ ପରିସରରେ ଅନୁଷ୍ଠାନ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଛି।

ଖବରଦାତା ସମ୍ମିଳନୀରେ ଆସାମ-ବଙ୍ଗୀୟ ସାରସ୍ୱତ ମଠର ମହନ୍ତ ସ୍ୱାମୀ ଦିବ୍ୟାନନ୍ଦ ସରସ୍ୱତୀ, ସମ୍ମିଳନୀ କମିଟିର ସଭାପତି ସ୍ୱାମୀ ଆତ୍ମାନନ୍ଦ ସରସ୍ୱତୀ ଏବଂ ଡ. କେ ସି ପାଣି କହିଛନ୍ତି, ସମ୍ମିଳନୀ ୨୬ଠାରୁ ୨୯ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଉକ୍ତ ସମ୍ମିଳନୀରେ ସାରା ଭାରତର କୋଣଅନୁକୋଣରୁ ୨୫ ହଜାରରୁ ଊର୍ଦ୍ଧ୍ୱ ଶିଷ୍ୟ ଓ ଭକ୍ତ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। କୁମ୍ଭମେଳା ସଦୃଶ ଏହି ଆଧ୍ୟାତ୍ମିକ ସମ୍ମିଳନୀରେ ଭିନ୍ନ ଭିନ୍ନ ସମ୍ପ୍ରଦାୟର ପ୍ରାୟ ୫୦୦ରୁ ଊର୍ଦ୍ଧ୍ୱ ସାଧୁ, ସନ୍ନ୍ୟାସୀ, ବ୍ରହ୍ମଚାରୀ ଓ ଧର୍ମପ୍ରବକ୍ତା ଯୋଗଦେବେ। କାର୍ଯ୍ୟକ୍ରମ ଅନୁଯାୟୀ ୨୬ ତାରିଖ ଅପରାହ୍ନରେ ପ୍ରାୟ ୫,୦୦୦ରୁ ଊର୍ଦ୍ଧ୍ୱ ଭକ୍ତଶିଷ୍ୟଙ୍କ ଗହଣରେ ଏକ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ବାହାରି ଠାକୁର ମହାରାଜ ବାଲିଘାଇର ସନ୍ନିକଟ ଗ୍ରାମଗୁଡ଼ିକୁ ପ୍ରଦକ୍ଷିଣ କରିବେ। ୨୭ ଓ ୨୮ ତାରିଖ ପ୍ରଭାତରୁ ରାତ୍ର ପର୍ଯ୍ୟନ୍ତ ପ୍ରତିଦିନ ଆଦର୍ଶ ଗୃହସ୍ଥ ଜୀବନ ଗଠନ ଓ ସଂଘଶକ୍ତିର ପ୍ରତିଷ୍ଠା ଉପରେ କେନ୍ଦ୍ରିତ ବିଭିନ୍ନ ପ୍ରବଚନ, ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଓ ଭାଗବତ କୈନ୍ଦ୍ରିକ ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ୨୯ ତାରିଖ ପୂର୍ବାହ୍ନରେ ମହିଳା ଭକ୍ତମାନଙ୍କ ଦ୍ୱାରା ମହିଳା ସଭା ପରେ ଅପରାହ୍ନରେ ସାଧାରଣ ଧର୍ମସଭା ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମରେ ଗଜପତି ମହାରାଜା ଦିବ୍ୟସିଂହ ଦେବ, କ୍ରିୟାଯୋଗ ଆଶ୍ରମ ଅଧ୍ୟକ୍ଷ ସ୍ୱାମୀ ପ୍ରଜ୍ଞାନାନନ୍ଦ ଗିରି, ପୁରୀ ଏମ୍‌ପି ସମ୍ବିତ ପାତ୍ରଙ୍କ ସହିତ ବହୁ ବିଶିଷ୍ଟ ଧର୍ମ ପ୍ରବକ୍ତା, ଧର୍ମକୈନ୍ଦ୍ରିକ ଆଦର୍ଶ ଜୀବନ ଗଠନ ପ୍ରଣାଳୀ ଓ ଏହାର ସାମାଜିକ ଆବଶ୍ୟକତା ଉପରେ ପ୍ରବଚନ ପ୍ରଦାନ କରିବାର କାର୍ଯ୍ୟକ୍ରମ ରହିଛି।

# ମହାପ୍ରଭୁଙ୍କ ଦର୍ଶନ କଲେ ବିଦାୟୀ ରାଜ୍ୟପାଳ


ବିଦାୟୀ ରାଜ୍ୟପାଳ ରଘୁବର ଦାସଙ୍କ ସମେତ ପରିବାର ବର୍ଗ ମହାପ୍ରଭୁଙ୍କ ଦର୍ଶନସାରି ଫେରୁଛନ୍ତି।

**ପୁରୀ,୨୫।୧୨(ଅଜିତ୍ କୁମାର ମହାନ୍ତି)**

ଓଡ଼ିଶାର ରାଜ୍ୟପାଳ ରଘୁବର ଦାସ ନିଜ ପଦବୀରୁ ଇସ୍ତଫା ଦେବା ପରେ ନୂଆ ରାଜ୍ୟପାଳ ଭାବେ ଡ. ହରିବାବୁ କମ୍ଭମପତିଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି। ରାଜ୍ୟରୁ ବିଦାୟ ନେବା ପୂର୍ବରୁ ପୂର୍ବତନ ରାଜ୍ୟପାଳ ରଘୁବର ଦାସ ବୁଧବାର ପୁରୀ ଆସି ମହାପ୍ରଭୁଙ୍କ ଦର୍ଶନ କରି ଆଶୀର୍ବାଦ ନେଇଛନ୍ତି। ସେ ଶ୍ରୀମନ୍ଦିର ନିକଟରେ ପହଞ୍ଚିବା ପରେ ସେବାୟତଙ୍କ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇଥିଲା। ପରେ ଶ୍ରୀଜୀଉଙ୍କୁ ଦର୍ଶନ କରିବା ସହ ପାର୍ଶ୍ୱ ଦେବଦେବୀଙ୍କ ଦର୍ଶନ କରି କିଛି ସମୟ ଅତିବାହିତ କରି ଶ୍ରୀମନ୍ଦିରରୁ ପ୍ରସ୍ଥାନ କରିଥିଲେ। ମହାପ୍ରଭୁ ଜଗନ୍ନାଥଙ୍କ ଭୂମିରେ ଦୀର୍ଘ ୧୪ ମାସ କାର୍ଯ୍ୟ କରିବାର ସୁଯୋଗ ପାଇଲି। ଓଡ଼ିଶାର ଲୋକଙ୍କ ସହ ଏହାରି ଭିତରେ ଯେଉଁ ସମ୍ପର୍କ ସୃଷ୍ଟି ହୋଇଛି ତାହା ସାରା ଜୀବନ ସ୍ମୃତି ହୋଇ ରହିବ। ଓଡ଼ିଶା ଖାଲି କେବଳ ସାଂସ୍କୃତିକ କଳା, ପ୍ରାକୃତିକ ସୌନ୍ଦର୍ଯ୍ୟ, ବେଳାଭୂମି, ମନ୍ଦିର ପାଇଁ ପ୍ରସିଦ୍ଧ। ଏହାଛଡ଼ା ଓଡ଼ିଶାର କଳା, ସଂସ୍କୃତି, ପରମ୍ପରା ବେଶ୍ ସମୃଦ୍ଧ। ଓଡ଼ିଶା ଲୋକ ବହୁତ ସ୍ୱାଭିମାନୀ ବୋଲି ଦାସ କହିଛନ୍ତି।

# ଗାନ୍ଧୀଶିଳ୍ପ ବଜାର ଉଦ୍‌ଘାଟିତ

**ପୁରୀ,୨୫।୧୨(ଅଜିତ୍ କୁମାର ମହାନ୍ତି)**

ଓଡ଼ିଶା ରାଜ୍ୟ ସମବାୟ ହସ୍ତଶିଳ୍ପ ନିଗମ (ଉତ୍କଳିକା) ଭାରତ ସରକାରଙ୍କ ଆର୍ଥିକ ସହାୟତାରେ ଅର୍ବାନ ହାଟଠାରେ ବୁଧବାର 'ଗାନ୍ଧୀଶିଳ୍ପ ବଜାର' ନାମକ ହସ୍ତଶିଳ୍ପ ମେଳା ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଉତ୍କଳିକାର ସଭାପତି ଦେବସ୍ମିତା ସାହୁ ଯୋଗଦାନ କରି ମେଳାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଉକ୍ତ ମେଳା ଡିସେମ୍ବର ୩୧ ପର୍ଯ୍ୟନ୍ତ ଅର୍ଥାତ୍ ୭ଦିନ ଚାଲିବ। କାର୍ଯ୍ୟକ୍ରମ ଭାରତ ସରକାରଙ୍କ ବୟନ ଶିଳ୍ପ ମନ୍ତ୍ରଣାଳୟ ଅଧୀନ ବିକାଶ ଆୟୁକ୍ତ (ହସ୍ତଶିଳ୍ପ)ଙ୍କ ଦ୍ୱାରା ପ୍ରାୟୋଜିତ ହୋଇଛି। ଏଥିରେ ଓଡ଼ିଶା ସମେତ ଭାରତର ବିଭିନ୍ନ ରାଜ୍ୟରୁ ଆସିଥିବା କାରିଗରଙ୍କ ପାଇଁ ୫୦ ଗୋଟି ବିକ୍ରୟ ପ୍ରକୋଷ୍ଠ ସ୍ଥାପନ କରାଯାଇଛି, ଯାହା ସିଧାସଳଖ ବିକ୍ରିର ଏକ ସୁଯୋଗ ପ୍ରଦାନ କରିବ।

ଏହି ମେଳାରେ ଓଡ଼ିଶାର ବିଭିନ୍ନ ହସ୍ତଶିଳ୍ପ ସାମଗ୍ରୀ ସହ ପଶ୍ଚିମବଙ୍ଗର ଅଳଙ୍କାର ଓ ଡେକୋରେଟିଭ ଫୁଲ, ବାଉଁଶ କାମ ଇତ୍ୟାଦିର ପ୍ରଦର୍ଶନ କରାଯାଉଛି। ଭାରତର ସବୁ ରାଜ୍ୟରୁ ଆସିଥିବା କାରିଗରଙ୍କ ସହ ଭାବ ବିନିମୟ ପାଇଁ ଏହି ପ୍ରଦର୍ଶନୀ ଏକ ମଞ୍ଚ ହିସାବରେ କାର୍ଯ୍ୟକରି ସେମାନଙ୍କ ଉତ୍ପାଦିତ ସାମଗ୍ରୀର ଆବଶ୍ୟକୀୟ ପରିବର୍ତ୍ତନ ଆଣି ମୂଲ୍ୟଯୁକ୍ତ କରିବାକୁ ସୁଯୋଗ ପାଇବେ ବୋଲି ଅତିଥି ସାହୁ କହିଛନ୍ତି। ଫଳରେ ହସ୍ତଶିଳ୍ପ କାରିଗରଙ୍କର ଉପାର୍ଜନ ବୃଦ୍ଧି ପାଇ ସେମାନଙ୍କ ଜୀବନଧାରାରେ ଉନ୍ନତି ହୋଇପାରିବ ବୋଲି ମତପ୍ରକାଶ ପାଇଛି।

# 'ରୁଟ୍ସ ଆଣ୍ଡ୍ ରୁଟ୍ସ'ର ପ୍ରଥମ ସଂସ୍କରଣ ଆୟୋଜିତ




**ପୁରୀ,୨୫।୧୨(ଅଜିତ୍ କୁମାର ମହାନ୍ତି)**

ଭାରତ ସରକାରଙ୍କ ମାଇକ୍ରୋ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ମନ୍ତ୍ରଣାଳୟର ପିଏମ୍‌ଏସ୍ ସ୍କିମ୍ (ଏମ୍‌ଏସ୍‌ଏମ୍‌ଇ) ସହଯୋଗରେ ଲାଭିନ୍‌ସଉଡ୍ ଇଣ୍ଟରନ୍ୟାଶନାଲ୍ ପ୍ରାଇଭେଟ ଲିମିଟେଡ୍ ପକ୍ଷରୁ ସ୍ୱର୍ଣ୍ଣାଭ ବେଳାଭୂମିରେ ଟ୍ରେଡ୍ ଫେୟାର 'ରୁଟ୍ସ ଆଣ୍ଡ୍ ରୁଟ୍ସ'ର ପ୍ରଥମ ସଂସ୍କରଣ ଆୟୋଜିତ ହୋଇଯାଇଛି। ଉକ୍ତ ଟ୍ରେଡ୍ ଫେୟାର ଗତ ୨୩ରେ ଉଦ୍‌ଘାଟିତ ହୋଇଥିଲା। ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ ଏହି ଟ୍ରେଡ୍ ଫେୟାର ଚାଲିବ। ଏହି ପରିପ୍ରେକ୍ଷୀରେ ବୁଧବାର ଆୟୋଜକଙ୍କ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି।

ଖବରଦାତା ସମ୍ମିଳନୀରେ ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ଯୁବନେତା ଅନିଲ କୁମାର ସାହୁ, ଲାଭିନ୍‌ସଉଡ୍ ଇଣ୍ଟରନ୍ୟାଶନାଲ୍ ପ୍ରାଇଭେଟ ଲିମିଟେଡ୍‌ର ସତ୍ୟଜିତ୍ ସାହୁ, ପଦ୍ମନାଭ ଷ୍ଟୁଡିଓ ପ୍ରାଇଭେଟ ଲିମିଟେଡ୍‌ର ଅଧ୍ୟକ୍ଷ ସନାତନ ଦାଶ ଏବଂ ସୁଜାତା ରାଣୀ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ଏହି ଟ୍ରେଡ ଫେୟାର ମାଧ୍ୟମରେ ହଜାର ହଜାର ହିତାଧିକାରୀଙ୍କୁ ଏକାଠି କରି ଓଡ଼ିଶାର ଭୌଗୋଳିକ ସୂଚକାଙ୍କ (ଜିଆଇ) ଉତ୍ପାଦକୁ ପ୍ରଦର୍ଶିତ କରାଯାଉଛି। ଏଥିରେ ୧୨୦ରୁ ଊର୍ଦ୍ଧ୍ୱ ଷ୍ଟଲରେ ଓଡ଼ିଶାର ହସ୍ତକଳା ଓ ହସ୍ତଶିଳ୍ପ ସାମଗ୍ରୀ ଉପଲବ୍ଧ ହେଉଛି। ଖାଲି ଓଡ଼ିଶା ନୁହେଁ ଓଡ଼ିଶା ବାହାରୁ ବହୁତ କଳାକର ସେମାନଙ୍କ ହସ୍ତକଳା ଓ ହସ୍ତଶିଳ୍ପ ପ୍ରଦର୍ଶନ କରିଛନ୍ତି। ପ୍ରଥମ ଦିନରେ ପ୍ରାୟ ୧ଲକ୍ଷରୁ ଅଧିକ ଲୋକ ମେଳା ବୁଲିଥିଲେ, ଯାହା ଆଶାଠାରୁ ବହୁତ ଅଧିକ ଥିଲା। ଏହି ମେଳାରେ ଓଡ଼ିଶାର ଅନନ୍ୟ ଜିଆଇ ଟ୍ୟାଗ ଉତ୍ପାଦ ଉପଲବ୍ଧ ରହିଛି। ସ୍ଥାନୀୟ ଉଦ୍ୟୋଗୀମାନଙ୍କ ଆଧୁନିକ ଅଗ୍ରଗତି ସହିତ ପାରମ୍ପରିକ ହସ୍ତତନ୍ତ ଏବଂ କୃଷିଜାତ ଦ୍ରବ୍ୟ ପ୍ରଦର୍ଶନ ହେଉଛି। 'ରୁଟ୍ସ ଆଣ୍ଡ ରୁଟ୍ସ' କେବଳ ଓଡ଼ିଶାର ଗର୍ବ ପ୍ରଦର୍ଶନ କରିନାହିଁ ବରଂ ଏମ୍‌ଏସ୍‌ଏମ୍‌ଇଗୁଡ଼ିକର ବୃଦ୍ଧି ପାଇଁ ନୂତନ ରାସ୍ତା ମଧ୍ୟ ଖୋଲିବାରେ ସହାୟକ ହେଉଛି। ପ୍ରତ୍ୟେକ ଦିନ ଭଲ ବ୍ୟବସାୟ ହେଉଛି। ଉକ୍ତ ଷ୍ଟଲ୍‌ରେ ଅଟୋ ମୋବାଇଲ କମ୍ପାନୀ ମଧ୍ୟ ପ୍ରଥମ ଥର ପାଇଁ ଭାଗ ନେଇଛନ୍ତି। ସେହିପରି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ତେଣୁ ସମସ୍ତେ ମେଳାକୁ ଆସି ମେଳା ବୁଲିବାକୁ ଅତିଥିମାନେ ଖବରଦାତା ସମ୍ମିଳନୀରେ ଅନୁରୋଧ କରିଛନ୍ତି।

# ବଡ଼ଦିନରେ ପୀରଜାହାନିଆ ପୀଠ ଖାଁ ଖାଁ

**ଅସ୍ତରଙ୍ଗ,୨୫।୧୨(ପ୍ରଦୀପ୍ତ କୁମାର ଦୀକ୍ଷିତ)**



ବଡ଼ଦିନର ମଜା ନେବା ପାଇଁ ପୁରୀ ଜିଲା ଅସ୍ତରଙ୍ଗ ପୀରଜାହାନିଆ ଓ ଗଙ୍ଗାଦେବୀ ନିକଟରେ ପର୍ଯ୍ୟଟକଙ୍କ ଭିଡ଼ ଜମିଥାଏ। ଶୀତଋତୁ ଆଣେ ପର୍ଯ୍ୟଟକଙ୍କ ମନରେ ଅନେକ ଉନ୍ମାଦନା। ପ୍ରକୃତିର ଅପରୂପ ସୌନ୍ଦର୍ଯ୍ୟକୁ ଉପଭୋଗ କରି ଝାଉଁବଣ ସହ ପୀରଜାହାନିଆ ନିକଟରେ ବଣଭୋଜିର ଆସର ଜମିଥାଏ। ଏହାର ମଜା ନେବା ପାଇଁ ବଡ଼ଦିନରେ ଭିଡ଼ ଜମେ। ଚଳିତବର୍ଷ ଲଘୁଚାପ ବର୍ଷା ଯୋଗୁ ପୀରଜାହାନିଆ ପୀଠ ଖାଁ ଖାଁ ଥିବା ଦେଖିବାକୁ ମିଳିଛି। ପୁରୁଣା ବର୍ଷକୁ ବିଦାୟ ଦେବା ପାଇଁ ଅନେକ ପର୍ଯ୍ୟଟକ ପ୍ରତିବର୍ଷ ଭଳି ଧାଇଁ ଆସନ୍ତି। ସମୁଦ୍ର ବେଳାଭୂମିରେ ସ୍ନାନ କରି ମଜା ନେବା ସହ ବଣଭୋଜି କରିଥାନ୍ତି। ଲଘୁଚାପ ବର୍ଷା ଜାରି ରହିଥିବାରୁ ପୀରଜାହାନିଆ ପୀଠ ଖାଁ ଖାଁ ହୋଇପଡ଼ିଛି। କିନ୍ତୁ ଏଠାରେ ବ୍ୟବସାୟ କରି ବଞ୍ଚୁଥିବା ଅନେକ ବ୍ୟବସାୟୀ ଚିନ୍ତାରେ। ପର୍ଯ୍ୟଟକଙ୍କ ଭିଡ଼ ଜମିଲେ କିଛି ରୋଜଗାର ହେଲେ ପରିବାର ଚଳେ। କିନ୍ତୁ ବଡ଼ଦିନ ସହ ଛୁଟିଦିନ ଥିବା ସତ୍ତ୍ୱେ ବର୍ଷା ବାଧକ ସାଜିଥିବାରୁ ପର୍ଯ୍ୟଟକଙ୍କ ଭିଡ଼ ହୋଇ ନ ଥିଲା। ଫଳରେ ବ୍ୟବସାୟ ଆଶାରେ ଆସିଥିବା ବ୍ୟବସାୟୀମାନେ ନିରାଶ ହୋଇ ଫେରିଛନ୍ତି।

# ବାଜପେୟୀଙ୍କ ଜୟନ୍ତୀରେ କବିତା ପାଠୋତ୍ସବ

**ପୁରୀ,୨୫।୧୨(ଅଜିତ୍ କୁମାର ମହାନ୍ତି)**

ଜିଲା ପ୍ରଶାସନ, ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ସଂସ୍କୃତି ଭବନଠାରେ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ଓ ସୁଶାସନ ଦିବସ ପାଳନ ଉପଲକ୍ଷେ ଦେଶାତ୍ମବୋଧକ, ଆଧ୍ୟାତ୍ମିକ ଓ ଜୀବନ ଦର୍ଶନ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ସୂଚନା ଓ ଲୋକସମ୍ପର୍କ ବିଭାଗ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଉଦ୍‌ଘାଟନ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଶରତ କୁମାର ବେହେରା ଓ ସମ୍ମାନିତ ଅତିଥି ଭାବେ ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା ଯୋଗ ଦେଇଥିଲେ। ଏହି କବିତା ପାଠୋତ୍ସବରେ କୃଷ୍ଣ ଚନ୍ଦ୍ର ରଥ, ଜ୍ୟୋତିର୍ବିଦ୍ ମୀନକେତନ ପଟ୍ଟଯୋଶୀ, ଯୋଗେଶ୍ୱର ପ୍ରହରାଜ, ଡ. ରାନୁ ମିଶ୍ର, ଲକ୍ଷ୍ମୀନାରାୟଣ ପଟ୍ଟନାୟକ, ମିନତି ମିଶ୍ର, ଚନ୍ଦ୍ରମଣି ଦାଶ, ତୃପ୍ତିମୟୀ ପଟ୍ଟଯୋଶୀ, ପୌର୍ଣ୍ଣମାସୀ ଦେବୀ, ପ୍ରତିମା ନାୟକ, ପ୍ରଭାତୀ ଦାଶ, ଭାଗ୍ୟଶ୍ରୀ ସେଠୀ ଓ ଅଜୟ କୁମାର ସେଠୀ ପ୍ରମୁଖ ସ୍ୱରଚିତ କବିତା ଗାନ କରିଥିଲେ। କବିତା ପାଠଚକ୍ରକୁ ଡ. ସସ୍ମିତା ମିଶ୍ର ଓ ବିପିନ ଦଳାଇ ସଞ୍ଚାଳନ କରିଥିଲେ।

# ବ୍ରାଉନ୍‌ସୁଗାର କବଳରେ ଯୁବଗୋଷ୍ଠୀ

**ଅସ୍ତରଙ୍ଗ,୨୫।୧୨(ପ୍ରଦୀପ୍ତ କୁମାର ଦୀକ୍ଷିତ)**

ଗ୍ରାମାଞ୍ଚଳରେ ବ୍ରାଉନ୍‌ସୁଗାର ବ୍ୟବସାୟ ବୃଦ୍ଧି ପାଉଥିବାରୁ ଅଶାନ୍ତ ବାତାବରଣ ସୃଷ୍ଟି ହେଉଛି। ଯୁବଗୋଷ୍ଠୀ ମଦ ଛାଡ଼ି ଏବେ ଡ୍ରଗ୍ସ ନିଶା ନେଉଛନ୍ତି। ଗ୍ରାମାଞ୍ଚଳରେ ୩୦୦ରୁ ୨୦୦ ଟଙ୍କାରେ ବ୍ରାଉନ୍‌ସୁଗାର ପୁଡ଼ିଆ ମିଳୁଛି।

ଅସ୍ତରଙ୍ଗ ଥାନା ଅଞ୍ଚଳ ତାଳଦା ବିଜୁ ସେତୁ, ଶିଖରଘାଟ ରୋଡ଼, ଖଣ୍ଡାସାହି, ଉକୁଳେଇ, ନଗର, ଆଳସାହି, ଅସ୍ତରଙ୍ଗ, ନୂଆଗଡ଼, ସରିପୁର, ଅସ୍ତରଙ୍ଗ ବଜାର ଅଞ୍ଚଳରେ ଏହି ବ୍ରାଉନ ସୁଗାର ବେପାର କାୟାବିସ୍ତାର କଲାଣି। ନିଶା ସେବନକାରୀଙ୍କ ଲାଗି ପ୍ରତିଦିନ ଟଙ୍କା ଆବଶ୍ୟକ। ଜିଲାରେ ଆତଯାତ ହେଉଥିବା ବ୍ରାଉନ୍‌ସୁଗାର ମାଫିଆ ଏହି ନିଶା ସେବନକାରୀଙ୍କୁ ଟାର୍ଗେଟ କରି ଏମିତି ଅଭ୍ୟସ୍ତ କରିଦେଲେଣି ଯେ, ଯେମିତି ହେଉ ସନ୍ଧ୍ୟାବେଳେ ଡ୍ରଗ୍ସ ନ ମିଳିଲେ ଏମାନେ ପାଗଳ ହୋଇଯାଉଛନ୍ତି। ଏପରିକି କିସ୍ତି ଅନୁସାରେ ଡ୍ରଗ୍ସର ବାକିଆ ପେମେଣ୍ଟ ଛୋଟ ବେପାରୀ ନେଉଛନ୍ତି। ଏହି କିସ୍ତି ସମୟ ହୋଇଗଲା ବେଳକୁ ବେପାରୀଙ୍କ ଆକଟ ଯୋଗୁ ନିଶାସେବନକାରୀ ପାଗଳ ପ୍ରାୟ ହୋଇ ମଠ, ମନ୍ଦିରର ଦାନବକ୍ସ ଉପରେ ଲୋଲୁପ ଦୃଷ୍ଟି ପକାଉଛନ୍ତି।

ମାସକ ତଳେ ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ଏହି ଲୁଟେରାଙ୍କ ଆତଯାତ ବେଶି ମାତ୍ରାରେ ଦେଖାଯାଉଛି। କିଛିଦିନ ପୂର୍ବେ ନୂଆଗଡ଼ ସାମୁଦ୍ରିକ ଥାନା ଝାଡ଼ଲିଙ୍ଗ ଶିବ ମନ୍ଦିରରୁ ନିଶାଡ଼ିମାନେ ଦାନବାକ୍ସ ଭାଙ୍ଗି ଲୁଟିଥିଲେ। ଅସ୍ତରଙ୍ଗ ଥାନା ଶ୍ରୀଶ୍ରୀ କଲ୍ଲେଶ୍ୱର ଶିବ ମନ୍ଦିରରୁ ଚୋରି ମଧ୍ୟ ହୋଇଥିଲା। ଝାଡ଼ଲିଙ୍ଗ ମନ୍ଦିରରୁ ସାଉଣ୍ଡ ସେଟ୍ ସହ ଏକାଧିକ ସ୍ଥାନରେ ଲୁଟିଲେଣି। ଚୋରି ବଡ଼ଧରଣର ହେଉ ନ ଥିଲେ ବି ସମସ୍ତ ମନ୍ଦିରକୁ ମିଶାଇ ଲକ୍ଷାଧିକ ମୂଲ୍ୟର ସୁନା ଓ ରୁପା ଅଳଙ୍କାର ସମେତ ବିଭିନ୍ନ ସାମଗ୍ରୀ ଚୋରି ହୋଇଛି। ଏହି ଚୋରି ପଛରେ ଅଭ୍ୟସ୍ତ ନିଶାଖୋରମାନେ ଜଡ଼ିତ ବୋଲି ପାରିପାର୍ଶ୍ୱିକ ଅବସ୍ଥା ବୟାନ କରୁଛି। ବିଭିନ୍ନ ମନ୍ଦିରରୁ ଗ୍ରିଲ କବାଟ ଭାଙ୍ଗି ଠାକୁର ଏବଂ ଠାକୁରାଣୀଙ୍କ ସୁନା ରୁପା ଅଳଙ୍କାର ନେଇ ଯାଉଛନ୍ତି। କେବଳ ସେତିକି ନୁହେଁ, ଏମାନେ ମନ୍ଦିର ପୂଜାରେ ବ୍ୟବହାର ହେଉଥିବା କଂସା ଓ ପିତଳ ସାମଗ୍ରୀ ମଧ୍ୟ ଛାଡୁନାହାନ୍ତି। ସ୍ଥାନୀୟ ଅଞ୍ଚଳରେ ଦିନକୁ ଦିନ ଅବାଧ ବ୍ରାଉନ ସୁଗାର କାରବାର ବଢ଼ିବାରେ ଲାଗିଛି।

# ଶିଶୁମାନଙ୍କୁ ପଠନମନସ୍କ କରିବାକୁ ଗୁରୁତ୍ୱ

## ୩୨ତମ ରାଜ୍ୟସ୍ତରୀୟ ଶିଶୁ ସାହିତ୍ୟିକ ସମ୍ମିଳନୀ

**ପୁରୀ,୨୫।୧୨(ଅଜିତ୍ କୁମାର ମହାନ୍ତି)**



ସମ୍ମିଳନୀରେ ମଞ୍ଚାସୀନ ଅତିଥି ଓ ଅନ୍ୟମାନେ।

ବିଦ୍ୟାଳୟ ପାଠାଗାରଗୁଡ଼ିକୁ କ୍ରିୟାଶୀଳ କରି ଶିଶୁମାନଙ୍କୁ ପଠନମନସ୍କ କରାଇବା ସହିତ ପ୍ରତି ବ୍ଲକରେ ଶିଶୁ ପାଠାଗାର ଓ ସଂଗ୍ରହାଳୟ ଖୋଲାଯିବାକୁ ଅନୁଷ୍ଠିତ ରାଜ୍ୟସ୍ତରୀୟ ଶିଶୁ ସାହିତ୍ୟିକ ସମ୍ମିଳନୀରେ ଅତିଥିମାନେ ଗୁରୁତ୍ୱାରୋପ କରିଛନ୍ତି। ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଶ୍ରୀକ୍ଷେତ୍ର ଶିଶୁ ସାହିତ୍ୟ ସଂସଦର ମିଳିତ ଆନୁକୂଲ୍ୟରେ ବୁଧବାର ୟୁଥ୍ ହଷ୍ଟେଲ ପରିସରରେ ୩୨ତମ ଶିଶୁ ସାହିତ୍ୟିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି।

ସଂସଦର ସଭାପତି ପ୍ରାଣକୃଷ୍ଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହକୁ ଶିଶୁ କିଶୋର ସାହିତ୍ୟ ଏକାଡେମୀ, ଓଡ଼ିଶାର ସଭାପତି ପ୍ରଫେସର ଦାଶ ବେନହୁର ଯୋଗଦାନ କରି ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ପ୍ର. ସବିତା ପ୍ରଧାନ, ମୁଖ୍ୟବକ୍ତା ଭାବେ ବିଶ୍ୱଭାରତୀ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଭାଷା ଭବନର ଅଧ୍ୟକ୍ଷ ପ୍ର. ମନୋରଞ୍ଜନ ପ୍ରଧାନ, କିସ୍ ବିଶ୍ୱବିଦ୍ୟାଳୟର ପ୍ର. ବିଜୟାନନ୍ଦ ସିଂହ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପ୍ର. ଲମ୍ବୋଦର ସାହୁ, ସାହିତ୍ୟିକ ନଗେନ୍ଦ୍ରନାଥ ପଟ୍ଟନାୟକ, ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ପୂର୍ବତନ ନଗରପାଳ ସୁରେନ୍ଦ୍ର ନାଥ ଦାଶ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ପାଠ୍ୟକ୍ରମରେ ସାମିଲ ହୋଇପାରିବା ଭଳି ଗବେଷଣାତ୍ମକ ନିବନ୍ଧ ରଚନା ଉପରେ ଗୁରୁତ୍ୱ ଦେବାକୁ ଶିଶୁ ସାହିତ୍ୟିକଙ୍କୁ ପରାମର୍ଶ ଦେବା ସହ ଶିଶୁ ସାହିତ୍ୟ ସରଳ, ସାବଲୀଳ ଏବଂ ଶିଶୁ ମନଲାଖି ହେବା ଉଚିତ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

ସଂସଦ କାର୍ଯ୍ୟକାରୀ ସଭାପତି ବୀରେନ୍ଦ୍ର ମହାନ୍ତି ମଞ୍ଚ ପରିଚାଳନା କରିଥିଲେ। ଉପସଭାପତି ରମେଶ ଚନ୍ଦ୍ର ଦାଶ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ଡ. ହେମନ୍ତ କୁମାର ଛୋଟରାୟ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ସଭାକାର୍ଯ୍ୟ ପ୍ରାରମ୍ଭରେ ଅନୁଷ୍ଠାନର ସମ୍ପାଦକ ମହେନ୍ଦ୍ର ବିଶୋଇ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଭୂତି ଭୂଷଣ ପଟ୍ଟନାୟକଙ୍କ ଲିଖିତ ପୁସ୍ତକ 'ପିଲାଙ୍କ କାହାଣୀ', ଜୟକୃଷ୍ଣ ସାହୁଙ୍କ ପୁସ୍ତକ 'ମାମୁଁ ଘର ଗାଁ' ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ସମାରୋହରେ ବିଶିଷ୍ଟ ଶିଶୁ ସାହିତ୍ୟିକ ଡ. ଲିଙ୍ଗରାଜ ରଥ (କେନ୍ଦ୍ରାପଡ଼ା), ଧ୍ରୁବ ଚରଣ ଘିବେଲା (ବୌଦ୍ଧ), କନ୍ଦର୍ପ ବେହେରା (ରେଢ଼ାଖୋଲ), କୃପାସିନ୍ଧୁ ବିଶ୍ୱାଳ (ପୁରୀ, କଣାସ), ଶ୍ରୀନିବାସ ବେହେରା (କଳାହାଣ୍ଡି), ପ୍ରଭାତ ନଳିନୀ ସାହୁ (ଯାଜପୁର), କଳ୍ପନା ମିଶ୍ର (ପୁରୀ)ଙ୍କୁ ଶ୍ରୀକ୍ଷେତ୍ର ଶିଶୁ ସାହିତ୍ୟ ସମ୍ମାନରେ ସମ୍ମାନିତ କରାଯାଇଥିଲା। କବି କ୍ରିଷ୍ଣା ମହାପାତ୍ର ସମ୍ବର୍ଦ୍ଧନା ପର୍ବକୁ ପରିଚାଳନା କରିଥିଲେ। ଏହି ଅବସରରେ ଦିବଂଗତ କବି ହରିହର ମିଶ୍ର, ସୁନୀଲ ରଥ, ଭବାନୀ ପ୍ରସାଦ ବଳିୟାରସିଂହଙ୍କ ସ୍ମୃତିରେ ନୀରବ ପ୍ରାର୍ଥନା କରାଯାଇଥିଲା। ପ୍ରଭାତ ଚନ୍ଦ୍ର ରଥ, ମିନତି ପଟ୍ଟନାୟକ, ଅନ୍ନପୂର୍ଣ୍ଣା ଦେବୀ, ଲକ୍ଷ୍ମୀକାନ୍ତ ଦଳେଇ, ଶ୍ୟାମ ପ୍ରକାଶ ସେନାପତି, ଦୁର୍ଗାବତୀ ପ୍ରଧାନ, କୈଳାସ ବିଶୋଇ, ପ୍ରଜ୍ଞା ସାହୁ, ପୂଜା ସାହୁ, ରଶ୍ମି ବେହେରା ଓ ଜଳନ୍ଧର ବିଶୋଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କୋଷାଧ୍ୟକ୍ଷ ଲକ୍ଷ୍ମୀଧର ମାଝୀ ଧନ୍ୟବାଦ ଦେଇଥିଲେ।

# ଗୁରୁ ନିରଞ୍ଜନ ରାଉତଙ୍କୁ 'ଚଉଷଠି ଯୋଗିନୀ ନୃତ୍ୟ ପ୍ରତିଭା ସମ୍ମାନ'


ଗୁରୁ ନିରଞ୍ଜନ ରାଉତଙ୍କୁ ଅତିଥିମାନେ ସମ୍ମାନିତ କରୁଛନ୍ତି।


ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ ଭାରତନାଟ୍ୟମ୍ ପରିବେଷଣ କରାଯାଉଛି। (ଫଟୋ– ବିକାଶ ନାୟକ)

ଭୁବନେଶ୍ୱର,୨୫।୧୨
(ସୌମ୍ୟରଞ୍ଜନ ରାଉତ)

ନୃତ୍ୟ ପ୍ରତିଭା ଅନୁଷ୍ଠାନ ପକ୍ଷରୁ ଉତ୍କଳ ମଣ୍ଡପଠାରେ ଚାଲିଥିବା ଅଷ୍ଟାଦଶ ଅନ୍ତର୍ଜାତୀୟ ଚଉଷଠି ଯୋଗିନୀ ମହୋତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ସମୀର ଦାସ, ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷା ତଥା ଓଡିଶୀ ନୃତ୍ୟାଙ୍ଗନା ଡ. ସ୍ନେହପ୍ରଭା ସାମନ୍ତରାୟ, ଓଡିଶା ସରକାରଙ୍କ ଇସ୍ପାତ ଓ ଖଣି ବିଭାଗର ଅତିରିକ୍ତ ଶାସନ ସଚିବ ଅରୁଣ ବେହେରା, ବିଶ୍ୱ ଓଡିଶା ସମାଜର ଅଧକ୍ଷ କିଶୋର ଦ୍ୱିବେଦୀ, ରାୟପୁର ଦୂରଦର୍ଶନ କେନ୍ଦ୍ରର ନିର୍ଦ୍ଦେଶକ ନିଲମ ସୋନା, ନୃତ୍ୟ ପ୍ରତିଭାର ସଭାପତି ଡ. ରଜନୀ ରଞ୍ଜନ ଦାଶ, ନୃତ୍ୟ ପ୍ରତିଭାର ଉପସଭାପତି ବଙ୍କିମ ଚନ୍ଦ୍ର ନାୟକ ଓ ସମ୍ପାଦିକା ପ୍ରତିଭା ପଣ୍ଡା ଯୋଗଦେଇଥିଲେ। ପ୍ରାରମ୍ଭରେ ଅତିଥିମାନେ ଓଡିଶୀ ନୃତ୍ୟାଙ୍ଗନା ଗୁରୁ ନିରଞ୍ଜନ ରାଉତଙ୍କୁ 'ଚଉଷଠି ଯୋଗିନୀ ନୃତ୍ୟ ପ୍ରତିଭା ସମ୍ମାନ' ପ୍ରଦାନ କରିଥିଲେ। ଏହି ଅବସରରେ ଗୁରୁ ନିରଞ୍ଜନ ରାଉତଙ୍କ ଏକକ ଓଡିଶୀ ନୃତ୍ୟାଭିନୟ 'ଜଗବନ୍ଧୁ ପରି ଜଣେ ସାଆଁନ୍ତ...'ରୁ ସାଂସ୍କୃତିକ ସନ୍ଧ୍ୟା ଆରମ୍ଭ ହୋଇଥିଲା। ପରେ ନୁପୂର ଅନୁଷ୍ଠାନର ଶିଳ୍ପୀଙ୍କ ଦ୍ୱାରା ଦଳଗତ ଓଡିଶୀ ନୃତ୍ୟ ଓଡିଆ ଅସ୍ମିତା ପରିବେଷିତ ହୋଇଥିଲା। ପରବର୍ତ୍ତୀ ପ୍ରସ୍ତୁତିରେ ଥିଲା କୋଲକାତାରୁ ଆସିଥିବା ଗୁରୁ ମୋନଜିତ୍ ସାହାଙ୍କ ଅନୁଷ୍ଠାନ ନିପତ୍ ନୃତ୍ୟାଳୟର ଶିଳ୍ପୀଙ୍କ ଦ୍ୱାରା ଭାରତନାଟ୍ୟମ ପରିବେଷଣ ହୋଇଥିଲା। ଶେଷରେ କୋରାପୁଟର ବଣ୍ଡା ଆଦିମ ଜନଜାତି ନୃତ୍ୟ ଦଳ ଢେମସା ନୃତ୍ୟ ପରିବେଷଣ କରିଥିଲେ। ନୃତ୍ୟଶିଳ୍ପୀମାନେ ପରସ୍ପରକୁ ଅଣ୍ଟା ଓ କାନ୍ଧରେ ଧରି ପାରମ୍ପାରିକ ବାଦ୍ୟ ଢୋଲ, ତମକ, ଚାଙ୍ଗୁ ଓ ମହୁରୀର ତାଳେ ତାଳେ ରଙ୍ଗ ବେରଙ୍ଗର ବେଶଭୂଷା ଓ ଅଳଙ୍କାରରେ ସଜ୍ଜିତ ହୋଇ ନୃତ୍ୟ ପରିବେଷଣ ବେଶ୍ ଆକର୍ଷଣ ସାଜିଥିଲା। କାର୍ଯ୍ୟକ୍ରମକୁ ବିଶ୍ୱଜିତ୍ ବଳିଆରସିଂହ ପରିଚାଳନା କରିଥିବାବେଳେ ଗୁରୁ ପ୍ରତିଭା ପଣ୍ଡା ସହଯୋଗ କରିଥିଲେ।

## ଅନ୍ତର୍ଜାତୀୟ ଚଉଷଠି ଯୋଗିନୀ ମହୋତ୍ସବ ଉଦ୍‌ଯାପିତ

# ୫ ମାସର ଶିଶୁକନ୍ୟା ଉଦ୍ଧାର, ମହିଳା ଅଟକ

ପିପିଲି,୨୫।୧୨(ପ୍ରଭାତ କୁମାର ମହାପାତ୍ର)

ପୁରୀ ଜିଲା ପିପିଲି ବ୍ଲକ ବରାଗଡ଼ ଗାଁରୁ ବୁଧବାର ଚାଇଲ୍ଡ ହେଲ୍ପ ଲାଇନ, ସିଡବ୍ଲ୍ୟୁସି, ପିପିଲି ସିଡିପିଓ, ପିପିଲି ଥାନା ଓ ରୁଚିକା ହେଲ୍ପ ଲାଇନର ସହଯୋଗରେ ଜଣେ ୫ମାସର ଶିଶୁକନ୍ୟାଙ୍କୁ ଉଦ୍ଧାର କରାଯାଇଛି। ଏଥିସହିତ ଶିଶୁ କନ୍ୟାଙ୍କୁ ରଖିଥିବା ମହିଳାଙ୍କୁ ପିପିଲି ଥାନାକୁ ଅଣାଯାଇ ପଚରାଉଚରା କରାଯାଉଛି। ଏହି ଘଟଣାର ତଦନ୍ତ କରାଯାଇ ବାସ୍ତବରେ ଶିଶୁକନ୍ୟାକୁ କିଏ ବିକ୍ରି କରିଛନ୍ତି କି ମହିଳାଜଣଙ୍କ ଚୋରାଇ ଆଣିଛନ୍ତି ନା ତା'ର ମା'ଙ୍କ ସହମତିରେ ଆଣିଥିଲେ ତାହା ତଦନ୍ତ ପରେ ସାମ୍ନାକୁ ଆସିବ ବୋଲି ପିପିଲି ଥାନା ପକ୍ଷରୁ ସୂଚନା ଦିଆଯାଇଛି। ଶିଶୁକୁ ରଖିଥିବା ମହିଳାଙ୍କ ନିକଟରୁ ଶିଶୁର ପୋଲିଓ କାର୍ଡ ଉଦ୍ଧାର କରାଯାଇଛି।

ସୂଚନାଯୋଗ୍ୟ, ସମ୍ପୃକ୍ତ ଶିଶୁର ପୋଲିଓ କାର୍ଡରେ ମା'ଙ୍କ ନାମ ପୂଜା ସାହୁ ଥିବାବେଳେ ବାପାଙ୍କ ନାମ ମାନସ ମଲ୍ଲିକ ରହିଛି ଏବଂ ଘର ମଙ୍ଗଳପୁର ପଞ୍ଚାୟତ କୁସିଦା ଗ୍ରାମର ବୋଲି ସୂଚନା ମିଳିଛି। ମଙ୍ଗଳବାର ବରାଗଡ଼ ଗାଁ ସ୍କୁଲରେ ପୋଲିଓ ଟିକା ଦିଆଯାଉଥିଲା। ସମ୍ପୃକ୍ତ ମହିଳା ପାଳିଥିବା ୫ ମାସର ଶିଶୁକୁ ନେଇ ପୋଲିଓ ଟିକା ଦେବାପାଇଁ ନେଇଥିଲେ। ମହିଳାଙ୍କ ଠିକଣା ସହିତ ଶିଶୁର ପୋଲିଓ ଟିକା କାର୍ଡର ଠିକଣା ମିଶୁ ନ ଥିବାରୁ ଅଙ୍ଗନୱାଡି କର୍ମୀ ଅନ୍ନପୂର୍ଣ୍ଣା ଦାସ ଓ ଆଶା କର୍ମୀଙ୍କ ସନ୍ଦେହ ବଢ଼ିଥିଲା। ସେ ଏସମ୍ପର୍କରେ ପିପିଲି ସିଡିପିଓଙ୍କୁ ଅବଗତ କରାଇଥିଲେ। ସିଡିପିଓ ପୁରୀ ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କୁ ଜଣାଇଥିଲେ। ବୁଧବାର ପୁରୀ ଚାଇଲ୍ଡ ହେଲ୍ପଲାଇନର ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ସୂର୍ଯ୍ୟ ନାରାୟଣ ପଣ୍ଡା, ଅଭୀଲିପ୍‌ସା ନାୟକଙ୍କ ନେତୃତ୍ୱରେ ଏକ ୬ ଜଣିଆ ଟିମ୍ ପିପିଲି ପୋଲିସ ସହାୟତାରେ ବରାଗଡ଼ ଗାଁକୁ ଯାଇ ଶିଶୁଟିକୁ ଉଦ୍ଧାର କରିଥିଲେ। ସମ୍ପୃକ୍ତ ମହିଳା ଜଣକ ଶିଶୁ ସମ୍ପର୍କରେ ସନ୍ତୋଷଜନକ ଉତ୍ତର ଦେଇ ନ ପାରିବାରୁ ଶିଶୁଟିକୁ ସରକାର ନିଜ ନିୟନ୍ତ୍ରଣକୁ ନେଇଥିଲେ। ଶିଶୁ ମଙ୍ଗଳ କମିଟି ଅଧକ୍ଷଙ୍କ ନିର୍ଦ୍ଦେଶକ୍ରମେ କଣାସ ଦୟାବିହାରସ୍ଥିତ ନୀଳାଚଳ ସେବା ପ୍ରତିଷ୍ଠାନ ଶିଶୁଗୃହରେ ଶିଶୁ କନ୍ୟାକୁ ରଖାଯାଇଛି। ସେଠାରେ ଶିଶୁର ଯତ୍ନ ଏବଂ ସୁରକ୍ଷା ନିଆଯିବ। ଶିଶୁର ପ୍ରକୃତ ମା'ବାପା ଚିହ୍ନଟ ହେବାପରେ ପରବର୍ତ୍ତୀ ସମୟରେ ଶିଶୁଟିର ଥଇଥାନ ସମ୍ପର୍କରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନୋଜ ତ୍ରିପାଠୀ କହିଛନ୍ତି।

# ମନମୋହିଲା ଏକକ, ଦ୍ୱୈତ, ଦଳଗତ ନୃତ୍ୟ



ଭୁବନେଶ୍ୱର,୨୫।୧୨ (ସୌମ୍ୟରଞ୍ଜନ ରାଉତ)

## ବିଶ୍ୱ ଓଡ଼ିଶୀ ନୃତ୍ୟ ଉତ୍ସବ ଉଦ୍‌ଯାପିତ

ବିଶ୍ୱ ଓଡ଼ିଶୀ ନୃତ୍ୟ ଉତ୍ସବର ୧୫ତମ ବାର୍ଷିକ ଉତ୍ସବ ବୁଧବାର ଭଞ୍ଜକଳା ମଣ୍ଡପଠାରେ ଉଦ୍‌ଯାପିତ ହୋଇଯାଇଛି। ସମ୍ମାନିତ ଅତିଥିଭାବେ ସୃଜନ ଅନୁଷ୍ଠାନର ନିର୍ଦ୍ଦେଶକ ଗୁରୁ ରତିକାନ୍ତ ମହାପାତ୍ର ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ ବର୍ଗର ନୃତ୍ୟଶିଳ୍ପୀମାନେ ଓଡ଼ିଶୀ ନୃତ୍ୟର ଏକକ, ଦ୍ୱୈତ୍ୟ ଓ ଦଳଗତ ନୃତ୍ୟ ପରିବେଷଣ କରି ଉପସ୍ଥିତ ଅତିଥି ଓ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ସନ୍ଧ୍ୟା ଅଧିବେଶନର ରୋଜାଲିନ ମହାପାତ୍ରଙ୍କ ଅନୁଷ୍ଠାନ ଦେବଦାସୀର ଶିଳ୍ପୀଙ୍କ ଦ୍ୱାରା ନୃତ୍ୟାଭିନୟ ମୋହନ ମୁରଲୀ ଛାଇ ଓ ପରେ ତନିସା ତନୁଶ୍ରୀଙ୍କ ଦ୍ୱାରା ଏକକ ନୃତ୍ୟ ପରିବେଷିତ ହୋଇଥିଲା। ପରବର୍ତ୍ତୀ ପ୍ରସ୍ତୁତିରେ ଥିଲା ଓଡ଼ିଶୀ ଦ୍ୱୈତ୍ୟ ନୃତ୍ୟ, ଯାହାକୁ ପରିବେଷଣ କରିଥିଲେ ଜଲପାଇଗୁଡ଼ିର ଚନ୍ଦ୍ରିମା ଦେ ଓ ସୌପାଲ ଦାସ। ପରେ ଭାରତୀ ନୃତ୍ୟ ମନ୍ଦିରର ଶିଳ୍ପୀଙ୍କ ଦ୍ୱାରା ଆହେ ନୀଳ ଶଇଳ ଓ ସୁରଭି ଅନୁଷ୍ଠାନର ଶିଳ୍ପୀଙ୍କ ଦ୍ୱାରା ଆନନ୍ଦ ଭୈରବୀ ପଲ୍ଲବୀ ପରିବେଷିତ ହୋଇଥିଲା। ଶେଷରେ ଶୁଭଲକ୍ଷ୍ମୀ ପାଢୀଙ୍କ ଉତ୍ର ଅନୁଷ୍ଠାନର ଶିଳ୍ପୀଙ୍କ ଦ୍ୱାରା ନିୟତି ପରିବେଷିତ ହୋଇଥିଲା। ଶ୍ୟାମହରି ଚକ୍ର ଉତ୍ସବ ପରଚାଳନା କରିଥିବାବେଳେ ସଂଘମିତ୍ରା ମୁଦୁଲି, ସୁଚେତା ମିଶ୍ର, ଡ. ଫମ୍ପି ପଲ୍, ମନୋସ୍ୱନୀ ମହାନ୍ତି, ଦିନବନ୍ଧୁ ପତି ଓ ସ୍ୱାଧୀନ କୁମାର ସହଯୋଗ କରିଥିଲେ।

# ଜମି ଦେବା ନାଁରେ ଜ୍ୟୋତିର୍ବିଦ୍‌ଙ୍କଠାରୁ ୪୧ ଲକ୍ଷ ଠକେଇ, ଝାଡ଼ଖଣ୍ଡ ଯୁବକ ଗିରଫ

ଭୁବନେଶ୍ୱର,୨୫।୧୨(ସୂର୍ଯ୍ୟକାନ୍ତ ବେହେରା)

ଜମି କିଣାଇଦେବାକୁ କହି ଜଣେ ଜ୍ୟୋତିର୍ବିଦ୍(ଆଷ୍ଟ୍ରୋଲଜର)ଙ୍କ ଠାରୁ ୪୧ ଲକ୍ଷରୁ ଅଧିକ ଟଙ୍କା ଠକେଇ ହୋଇଛି । ଅଭିଯୋଗ ପରେ ଭରତପୁର ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେ ହେଲେ ଝାଡ଼ଖଣ୍ଡର ଆକାଶ ଓରଫ ଅତୁଲ୍ ସିଂ। ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନା ଅନୁସାରେ କେନ୍ଦୁଝରର ଚମ୍ପୁଆ ଅଞ୍ଚଳର ମହିଳା ଝିଲିପ୍ରଭା ପରିଡ଼ାଙ୍କ ସ୍ୱାମୀ ଜଣେ ଜ୍ୟୋତିର୍ବିଦ୍। ଅଭିଯୁକ୍ତ ଚମ୍ପୁଆସ୍ଥିତ ତାଙ୍କର ଜଣେ ସମ୍ପର୍କୀୟଙ୍କ ଘରକୁ ଗସ୍ତ ବେଳେ ଅଭିଯୋଗକାରୀଙ୍କ ସଂସ୍ପର୍ଶରେ ଆସିଥିଲେ। ଭୁବନେଶ୍ୱର ଗୋଠପାଟଣାରେ ଏକ ଜମି କିଣେଇଦେବା ପାଇଁ ଅଭିଯୁକ୍ତ ଆକାଶ ଅଭିଯୋଗକାରୀ ଝିଲିପ୍ରଭାଙ୍କ ସ୍ୱାମୀଙ୍କୁ ପ୍ରସ୍ତାବ ଦେଇଥିଲେ। ସେହିଅନୁସାରେ ଜ୍ୟୋତିର୍ବିଦ ଗୋଠପାଟଣା ଯାଇ ପାଖାପାଖି ଥିବା ଦୁଇଟି ପ୍ଲଟ କିଣିବା ପାଇଁ କଥା ଛିଡ଼ିଥିଲା। ଏହାପରେ ପର୍ଯ୍ୟାୟକ୍ରମେ ଅଭିଯୁକ୍ତ ତାଙ୍କଠାରୁ ପ୍ରାୟ ୪୧ ଲକ୍ଷରୁ ଅଧିକ ଟଙ୍କା ନେଇଥିଲେ। ମାତ୍ର ଜମିର କାଗଜପତ୍ର କରାଇ ନ ଥିଲେ କି ନେଇଥିବା ଟଙ୍କା ଫେରସ୍ତ କରି ନ ଥିଲେ। ବାରମ୍ବାର ଧାଇଁବା ପରେ ଅଭିଯୁକ୍ତ ଝିଲିପ୍ରଭାଙ୍କୁ ୪ଟି ଚେକ୍ ଦେଇଥିଲେ। କିନ୍ତୁ ଚେକ୍ ସବୁ ବାଉନ୍ସ ହୋଇଯାଇଥିଲା। ଏନେଇ ଝିଲିପ୍ରଭା ଭରତପୁର ଥାନାରେ ଅଭିଯୋଗ କରିଥିଲେ।

# ପ୍ରଥମ ଶ୍ରେଣୀରୁ ପାସ୍-ଫେଲ୍ ବ୍ୟବସ୍ଥା ଲାଗୁ ହେଉ: ଏଆଇଡିଏସ୍‌ଓ

ଭୁବନେଶ୍ୱର,୨୫।୧୨
(ସୁଚିସ୍ମିତା ସାହୁ)

କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ ବିଦ୍ୟାଳୟରେ ପଞ୍ଚମ ଓ ଅଷ୍ଟମ ଶ୍ରେଣୀରେ ପାସ୍-ଫେଲ୍ ବ୍ୟବସ୍ଥା ଲାଗୁ କରିବା ପାଇଁ ବିଜ୍ଞପ୍ତି ଜାରି ହୋଇଛି। ଏନେଇ ସଙ୍ଗଠନର ସାଧାରଣ ସମ୍ପାଦକ ଶିବାଶିଷ ପ୍ରହରାଜ କହିଛନ୍ତି, ପାସ୍-ଫେଲ୍ ଉଚ୍ଛେଦ ବିରୋଧରେ ଚାଲିଥିବା ଗଣ ଆନ୍ଦୋଳନର ଆଂଶିକ ବିଜୟ ହୋଇଛି। ଦୀର୍ଘବର୍ଷ ଧରି ଛାତ୍ର, ଅଭିଭାବକ, ଶିକ୍ଷକ ଏବଂ ଦେଶର ସମସ୍ତ ଶିକ୍ଷା ପ୍ରେମୀମାନେ ପ୍ରଥମ ଶ୍ରେଣୀରୁ ପାସ୍-ଫେଲ୍ ବ୍ୟବସ୍ଥାର ପୁନଃ ପ୍ରଚଳନ ଦାବିରେ ଆନ୍ଦୋଳନ କରୁଥିଲେ। ଆନ୍ଦୋଳନ ଚାପରେ କେନ୍ଦ୍ର ସରକାର ପଞ୍ଚମ ଓ ଅଷ୍ଟମ ଶ୍ରେଣୀରେ ପାସ୍-ଫେଲ୍ ବ୍ୟବସ୍ଥା ଲାଗୁ କରିବା ପାଇଁ ବାଧ ହୋଇଛନ୍ତି। ନୋ ଡିଟେନଶନ ପଲିସି ବିରୋଧରେ ଆନ୍ଦୋଳନର ଏକ ଅବିଚ୍ଛେଦ୍ୟ ଅଙ୍ଗ ଭାବରେ ଏଆଇଡିଏଓ ଏହି ନିଷ୍ପତ୍ତିକୁ ଆଂଶିକ ବିଜୟ ବୋଲି କହିଛି। ଏଆଇଡିଏସ୍‌ଓ କେନ୍ଦ୍ରୀୟ ପରିଷଦ ପ୍ରଥମ ଶ୍ରେଣୀରୁ ପାସ୍-ଫେଲ୍ ପୁନଃ ପ୍ରଚଳନ କରିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିକଟରେ ଦୃଢ଼ ଦାବି ଉପସ୍ଥାପନ କରିବା ସହ ଏହା ବିରୋଧରେ ଦୁର୍ବାର ଗଣ ଆନ୍ଦୋଳନ ଗଢି ତୋଳିବା ପାଇଁ ଆହ୍ୱାନ କରିଛି। ପାସ୍-ଫେଲ୍ ପୁନଃ ପ୍ରଚଳନ ସହ ଛାତ୍ରୀଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ପାଇଁ ଆବଶ୍ୟକ ପଦକ୍ଷେପ ସରକାର ଗ୍ରହଣ କରନ୍ତୁ। ଗୁଣାତ୍ମକ ଶିକ୍ଷା ନାଁରେ ଜାତୀୟ ଶିକ୍ଷାନୀତି ୨୦୨୦ ଲାଗୁକରି ସରକାର ଶିକ୍ଷାକୁ ଆହୁରି ବିନାଶ ଆଡକୁ ଠେଲି ଦେଇଛନ୍ତି। ତେଣୁ କୌଣସି ନୀତିରେ ପରିବର୍ତ୍ତନ କରିବା ପୂର୍ବରୁ ସରକାର ଗଣତାନ୍ତ୍ରିକ ପ୍ରକ୍ରିୟା ଅନୁସରଣ କରିବା ଦରକାର। ରାଜ୍ୟ ସରକାର ତୁରନ୍ତ ପଞ୍ଚମ ଓ ଅଷ୍ଟମ ଶ୍ରେଣୀରେ ପାସ୍-ଫେଲ୍ ଲାଗୁ କରିବା ସହ ଲୋକଙ୍କ ରାୟକୁ ମାନି ପ୍ରଥମ ଶ୍ରେଣୀରୁ ପୁନଃ ପାସ୍-ଫେଲ୍ ବ୍ୟବସ୍ଥା କରିବା ପାଇଁ ଏଆଇଡିଏସ୍‌ଓ ରାଜ୍ୟ ସଭାପତି ସୋମନାଥ ବେହେରା ଓ ସମ୍ପାଦକ ସିଦ୍ଧାର୍ଥ ରଥ ଦୃଢ଼ ଦାବି ଉପସ୍ଥାପନ କରିଛନ୍ତି।




ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଦେବଦତ୍ତ


@ ଅଜୟ


@ ସୂର୍ଯ୍ୟକାନ୍ତ


@ ଲକି


@ ଅକ୍ଷୟ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।



ବଡଦିନ ଅବସରରେ ଭୁବନେଶ୍ୱର ସତ୍ୟନଗରସ୍ଥିତ କ୍ୟାଥୋଲିକ ଚର୍ଚ୍ଚ ସମ୍ମୁଖରେ ବକୁଳ ଫାଉଣ୍ଡେଶନ ପକ୍ଷରୁ ଚାରା ବଣ୍ଟନ ସହ ଲୋକଙ୍କୁ ସଚେତନ କରାଯାଉଛି। ଫାଉଣ୍ଡେଶନ ସଦସ୍ୟମାନେ ସାଣ୍ଟା କ୍ଲଜ୍ ଓ ଗଛ ବେଶରେ ରହି ନୂଆବର୍ଷରେ ଚାରା ଉପହାର ଦେବାକୁ ଆହ୍ୱାନ ଦେଉଛନ୍ତି। (ଫଟୋ– ବିକାଶ ନାୟକ)

# ଏମ୍‌ସ ପ୍ରତିଷ୍ଠାରେ ବାଜପେୟୀଙ୍କ ଅବଦାନ ଅବିସ୍ମରଣୀୟ

## ସୁଶାସନ ଦିବସ

ଭୁବନେଶ୍ୱର,୨୫।୧୨
(ଅନୁରାଧା ମହାରଣା)

ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ୧୦୦ତମ ଜନ୍ମବାର୍ଷିକୀ ଅବସରରେ ବୁଧବାର ଏମ୍‌ସ ଭୁବନେଶ୍ୱର ପକ୍ଷରୁ ସୁଶାସନ ଦିବସ ପାଳିତ ହୋଇଯାଇଛି। ଅତିଥିମାନେ ଏମ୍‌ସ ପରିସରରେ ଥିବା ବାଜପେୟୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହିତ ଏମସ୍ ଭଳି ଏକ ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟସେବା ଅନୁଷ୍ଠାନ ପ୍ରତିଷ୍ଠା ପାଇଁ ତାଙ୍କୁ କୃତଜ୍ଞତା ଜଣାଇଥିଲେ। ଏମ୍‌ସ ଭୁବନେଶ୍ୱରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଫେସର ଡ. ଆଶୁତୋଷ ବିଶ୍ୱାସ କହିଲେ, ଏହି ଜାତୀୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନର ପ୍ରତିଷ୍ଠା ତଥା ବିକାଶରେ ଅଟଳ ବିହାରୀ ବାଜପେୟୀଙ୍କ ଅବଦାନ ଅବିସ୍ମରଣୀୟ। ଏହି ଅନୁଷ୍ଠାନ ଓଡ଼ିଶା ତଥା ପଡ଼ୋଶୀ ରାଜ୍ୟର ଜନସାଧାରଣଙ୍କ ଅଶେଷ କଲ୍ୟାଣ କରୁଥିବା ମତବ୍ୟକ୍ତ କରିଥିଲେ। ଡିନ୍ ଡ. ସୌଭାଗ୍ୟ କୁମାର ଜେନା, ମେଡିକାଲ ଅଧୀକ୍ଷକ ଡ. ଦିଲୀପ କୁମାର ପରିଡ଼ା, ଡିଡିଏ ଅଭିଜିତ ସରକାର, ବରିଷ୍ଠ ପ୍ରଶାସନିକ ଅଧିକାରୀ ରଶ୍ମି ରଞ୍ଜନ ସେଠୀ, ଡ. ଅଶୋକ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ସୂଚନା ଥାଉକି, ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ୨୦୦୩ ଜୁଲାଇ ୧୪ରେ ଏମ୍‌ସ ଭୁବନେଶ୍ୱର(ଦେଶର ଦ୍ୱିତୀୟ)ର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ।


ଅଟଳ ବିହାରୀ ବାଜପେୟୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ଏମ୍‌ସ ଭୁବନେଶ୍ୱରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଫେସର ଡ. ଆଶୁତୋଷ ବିଶ୍ୱାସଙ୍କ ଓ ଅନ୍ୟମାନେ।

# ଚେକିଂ ବେଳେ ଧରାପଡ଼ିଲେ ବନ୍ଧୁକଧାରୀ ଗ୍ୟାଙ୍ଗ୍

ଭୁବନେଶ୍ୱର/ବାରଙ୍ଗ,୨୫।୧୨
(ସତ୍ୟଜିତ୍ ରାଉତ/ ଲିଙ୍ଗରାଜ ରାଉତ)



ଗିରଫ ଅଭିଯୁକ୍ତ।



ଜବତ ସାମଗ୍ରୀ

## ୩ ମାଉଜର, ୨ ରିଭଲଭର, ୧୫ ଗୁଳି ଜବତ

ଚୋରା ବନ୍ଧୁକ ଦ୍ୱାରା ଘଟାଇଥାନ୍ତେ ବଡ଼ ଅପରାଧ। ଏହାପୂର୍ବରୁ କମିଶନରେଟ୍ ପୋଲିସ ପଞ୍ଝାରେ ଧରାପଡ଼ିଲେ ବନ୍ଧୁକଧାରୀ ଗ୍ୟାଙ୍ଗ। କଟକ-ଖୋର୍ଦ୍ଧା ରୋଡ ମହାବୀର କଲେଜ ନିକଟରେ ଚନ୍ଦକା ଥାନା ପୋଲିସ ଦ୍ୱାରା ମଙ୍ଗଳବାର ବିଳମ୍ବିତ ରାତିରେ ନାକା ଚେକିଂ ବେଳେ ୫ଜଣିଆ ଗ୍ୟାଙ୍ଗ ଗିରଫ ହୋଇଛନ୍ତି। ଅଭିଯୁକ୍ତମାନଙ୍କ କାର୍ ଅଟକାଇ ଚେକିଂ କରିବା ପରେ ସେଥିରୁ ବନ୍ଧୁକ ଏବଂ ଗୁଳି ଆଦି ଜବତ ହୋଇଥିଲା। ଗିରଫ ଅଭିଯୁକ୍ତମାନେ ହେଲେ କଟକ ଜିଲା ସଦର ଥାନା ଅଞ୍ଚଳର ଭବାନୀ ପ୍ରସାଦ ମହାନ୍ତି (୩୨), ଖୋର୍ଦ୍ଧା ମସଜିଦ୍ କଲୋନୀ ଅଞ୍ଚଳର ସେକ୍ ରହେମତ୍ ଅଲ୍ଲୀ ଓରଫ ଅନିଲ (୨୮), ଜଟଣୀ ଅଞ୍ଚଳର ଏମ୍‌ଡି ଜାକିର୍ (୨୬), ବାଦାମବାଡି ଖାନନଗର ଅଞ୍ଚଳର ଦୀପକ କୁମାର ସାହୁ (୩୬) ଓ ଖୋର୍ଦ୍ଧା ନୂଆ ବସଷ୍ଟାଣ୍ଡ ଅଞ୍ଚଳର ଚନ୍ଦନ ଓରଫ ସଂଗ୍ରାମ ପ୍ରଧାନ (୨୯)। ସେମାନଙ୍କ ନିକଟରୁ ଗୋଟିଏ କାର୍ (ଓଡି୦୮-ଆର୍-୦୧୨୩), ୫ଟି ବନ୍ଧୁକ (୩ ମାଉଜର୍, ୨ ରିଭଲଭର୍), ୧୫ଟି ଗୁଳି, ୭ଟି ମୋବାଇଲ ଓ ୮୪ ହଜାର ଟଙ୍କା ଜବତ ହୋଇଛି। ଏନେଇ ଚନ୍ଦକା ଥାନା ପକ୍ଷରୁ ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍) ଦଫା ୧୨୬(୨), ୧୨୧(୧), ୧୦୯, ୨୯୬, ୩୫୧(୧),୩(୫) ଓ ଆର୍ମ୍ସ ଆକ୍ଟର ବିଭିନ୍ନ ଦଫାରେ ମାମଲା (ନଂ.୪୧୭/୨୦୨୪) ରୁଜୁ କରାଯାଇ ତଦନ୍ତ ହେଉଛି। ଅଭିଯୁକ୍ତମାନଙ୍କୁ ବୁଧବାର କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତ ଭବାନୀଙ୍କ ନାଁରେ ବିଭିନ୍ନ ଥାନାରେ ୫ଟି ମାମଲା ରହିଥିବାବେଳେ, ଅନିଲଙ୍କ ନାଁରେ ଖୋର୍ଦ୍ଧା ଟାଉନ ଥାନାରେ ୨ଟି ଓ ଖୋର୍ଦ୍ଧା ଶିଳ୍ପାଞ୍ଚଳ ଥାନାରେ ଗୋଟିଏ ମାମଲା ରହିଛି। ସେହିପରି ଚନ୍ଦନଙ୍କ ନାଁରେ ଖୋର୍ଦ୍ଧା ଟାଉନ ଥାନାରେ ହତ୍ୟା ମାମଲା ସମେତ ୬ଟି ମାମଲା ରହିଛି। ଅନ୍ୟ ଅଭିଯୁକ୍ତଙ୍କ ନାଁରେ ମାମଲା ରହିଥିବାବେଳେ ସେନେଇ ପୋଲିସ ଯାଞ୍ଚ କରୁଛି।

ଅଭିଯୁକ୍ତମାନେ ଦୀର୍ଘବର୍ଷ ହେଲା ବନ୍ଧୁକ ଚୋରାଚାଲାଣ କରିବା ସହ ବିଭିନ୍ନ ଅପରାଧ ଘଟାଉଥିଲେ। ଲୁଟ୍, ଡକାୟତି, ଖଣିଜ ପଦାର୍ଥ ଚୋରା ଚାଲାଣ, ଗୋଚାଲାଣ ଆଦିରେ ସମ୍ପୃକ୍ତ ରହୁଥିଲେ। ଭୁବନେଶ୍ୱର ପାଖାପାଖି ଖୋର୍ଦ୍ଧା, କଟକ, ଜଗତ୍‌ସିଂହପୁର, ପୁରୀ ଆଦି ସ୍ଥାନରେ ଅଭିଯୁକ୍ତମାନଙ୍କ ନେଟୱର୍କ ରହିଥିବାବେଳେ ସେମାନେ ଏକାଧିକ ଥର ଜେଲ ମଧ୍ୟ ଯାଇଛନ୍ତି। ହେଲେ ଜେଲରୁ ଫେରିବା ପରେ ପୁଣି ବନ୍ଧୁକ କାରବାର କରିବା ସହ ଆତଙ୍କ ଖେଳାଉଥିଲେ। ଅଭିଯୁକ୍ତମାନେ ବନ୍ଧୁକ କେଉଁଠୁ ଆଣୁଥିଲେ, ତାହା ଜାଣିବାକୁ ତଦନ୍ତ ଚାଲିଥିବା ଖବରଦାତା ସମ୍ମିଳନୀରେ ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ କହିଛନ୍ତି।

# ରୋଷେଇ ବିବାଦରୁ ସାଙ୍ଗଙ୍କୁ ହାତୁଡ଼ିରେ ପିଟି ହତ୍ୟା

ଯୋଡ଼ା,୨୫।୧୨(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ପୌରାଞ୍ଚଳର ୬ ନଂ. ୱାର୍ଡ ବାରୁ ହଟିଂରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ସାମାନ୍ୟ ରୋଷେଇକୁ ନେଇ ୨ ସାଙ୍ଗଙ୍କ ମଧ୍ୟରେ ବିବାଦରୁ ଜଣେ ଅନ୍ୟ ଜଣଙ୍କୁ ହାତୁଡ଼ିରେ ପିଟି ପିଟି ହତ୍ୟା କରିଛନ୍ତି। ମୃତକ ହେଲେ ବାରୁହଟିଂର ଭାଗବତ ବେଶ୍ରା(୪୦)। ଉଦ୍ଧାର କରିବାକୁ ଯାଇ ଅନ୍ୟ ଜଣେ ସାଙ୍ଗ ଦଶରଥ କାରୁଆ ଆହତ ହୋଇଛନ୍ତି। ଅଭିଯୁକ୍ତ ଦୁର୍ଗା ନାଏକଙ୍କୁ ପୋଲିସ ଗିରଫକରି ତଦନ୍ତ କରୁଛି।

ସୂଚନା ଅନୁଯାୟୀ, ଭାଗବତ ଓ ତାଙ୍କ ସ୍ତ୍ରୀଙ୍କ ମଧ୍ୟରେ ଗତ ୨ ସପ୍ତାହ ପୂର୍ବେ ଝଗଡ଼ା ହୋଇଥିଲା। ସେହି ଦିନଠାରୁ ଭାଗବତ ଘରୁ ପଳାଇଆସି କିଛି ଦୂରରେ ରହୁଥିବା ତାଙ୍କ ସାଙ୍ଗ ଦୁର୍ଗାଙ୍କ ଘରେ ରହୁଥିଲେ। ମଙ୍ଗଳବାର ସନ୍ଧ୍ୟାରେ ଦୁର୍ଗା ଓ ଭାଗବତଙ୍କ ମଧ୍ୟରେ ରୋଷେଇ କାର୍ଯ୍ୟକୁ କେନ୍ଦ୍ରକରି ବଚସା ହୋଇଥିଲା। ପରେ ଦୁର୍ଗା ମଦ ଆଣିବାକୁ ଯାଇଥିଲେ। ଦଶରଥ ଓ ଭାଗବତ ରୋଷେଇ କରୁଥିବା ବେଳେ ରାତି ପ୍ରାୟ ୮ ଟାରେ ଦୁର୍ଗା ମଦ ନେଇ ଫେରି ଏକ ହାତୁଡ଼ିରେ ଭାଗବତଙ୍କୁ ଆକ୍ରମଣ କରିଥିଲେ। ଦଶରଥ ବିରୋଧ କରିବାରୁ ତାଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ଏଥିରେ ତାଙ୍କ ମୁଣ୍ଡ ଫାଟିବା ସହ ଦାନ୍ତ ଭାଙ୍ଗିଯାଇଥିବା ଦଶରଥ କହିଛନ୍ତି। ସେଠାରୁ ଦଶରଥ ଜୀବନ ବଞ୍ଚାଇ ଖସି ପଳାଇବାକୁ ସକ୍ଷମ ହୋଇଥିବା ବେଳେ ଦୁର୍ଗା ହାତୁଡ଼ିରେ ପିଟି ଭାଗବତଙ୍କୁ ହତ୍ୟା କରିଥିଲେ। ବୁଧବାର ସକାଳୁ ଘର ଭିତରେ ଭାଗବତଙ୍କ ରକ୍ତାକ୍ତ ମୃତଦେହ ପଡ଼ିଥିବା ଜାଣି ତାଙ୍କ ସ୍ତ୍ରୀ ପୋଲିସକୁ ଖବର ଦେଇଥିଲେ। ଯୋଡ଼ା ପୋଲିସ ଓ ବଡ଼ବିଲ ଆଡିସନାଲ ଏସ୍‌ପି ପ୍ରତ୍ୟୁଷ ମହାପାତ୍ର ଘଟଣାସ୍ଥଳରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି। ପୋଲିସ ଅପରାହ୍ନରେ ଅଭିଯୁକ୍ତଙ୍କୁ ନିକଟସ୍ଥ ଝରଣ ଜଙ୍ଗଲରୁ ଗିରଫ କରିଛି। ଏ ନେଇ ଯୋଡ଼ା ଥାନାରେ ଏକ ମାମଲା(ନଂ.୩୩୦/୨୪) ରୁଜୁ ହୋଇଛି। ସୂଚନାଯୋଗ୍ୟ, ୫ ବର୍ଷ ତଳେ ଦୁର୍ଗା ନିଜ ସ୍ତ୍ରୀଙ୍କୁ ହତ୍ୟା ଅଭିଯୋଗରେ ଗିରଫହୋଇ ଜେଲ ଯାଇଥିଲେ। କିଛି ମାସ ତଳେ ସେ ଜାମିନରେ ଆସିଥିଲେ।

# ଜମିଜମା ବିବାଦରୁ ହତ୍ୟାକାଣ୍ଡ

ଚମ୍ପୁଆ,୨୫।୧୨(ମହେଶ୍ୱର ଦାସ)

- ଅଖାରୁ ନାବାଳକଙ୍କ ମୃତଦେହ ଜବତ ଘଟଣା
- ସିନ୍ ରିକ୍ରିଏଶନ କଲା ପୋଲିସ

କେନ୍ଦୁଝର ଚମ୍ପୁଆ ଥାନା ପର୍ଶଳା ପଞ୍ଚାୟତର ଗୋପୀନାଥପୁରଠାରେ ମଙ୍ଗଳବାର ଘଟିଯାଇଥିବା ଲୋମହର୍ଷଣକାରୀ ହତ୍ୟାକାଣ୍ଡରେ ପର୍ଦ୍ଦାଫାଶ କରିଛି ଚମ୍ପୁଆ ପୋଲିସ। ପଡ଼ୋଶୀଙ୍କ ସହ ଜମିଜମା ବିବାଦକୁ ନେଇ ହତ୍ୟାକାଣ୍ଡ ଘଟିଥିବା ପୋଲିସ ସୂଚନା ଦେଇଛି। ଏହି ଘଟଣାରେ ଅଭିଯୁକ୍ତ ଗଙ୍ଗାରାମ ମୁଣ୍ଡାଙ୍କୁ ଗିରଫକରି ପୋଲିସ ବୁଧବାର ସିନ୍ ରିକ୍ରିଏଶନ କରିଛି।

ସୂଚନା ଅନୁଯାୟୀ, ମଙ୍ଗଳବାର ସକାଳେ ଗୋପୀନାଥପୁର ଗାଁର ଗୌରାଙ୍ଗ ପାତ୍ରଙ୍କ ଘର ଆଗରେ ଏକ ବଡ଼ ଅଖା ପଡ଼ିଥିବା ଦେଖିବାକୁ ମିଳିଥିଲା। ସ୍ଥାନୀୟ ଲୋକେ ଅଖା ଖୋଲିବାରୁ ସେଥିରେ ଉକ୍ତ ଗ୍ରାମର ସ୍ୱର୍ଗତ ରାହାସ ମୁଣ୍ଡାଙ୍କ ୯ ବର୍ଷର ପୁଅ ପବନାଙ୍କ ମୃତଦେହ ଥିବା ଦେଖିଥିଲେ। ଘଟଣାରେ ପୋଲିସ ମୃତଦେହ ଜବତକରି ମାମଲା ରୁଜୁ କରି ଛାନ୍‌ଭିନ୍ ଆରମ୍ଭ କରିଥିଲା। ଗଙ୍ଗା ଓ ତାଙ୍କ ପଡ଼ୋଶୀ ଗୌରାଙ୍ଗଙ୍କ ମଧ୍ୟରେ ଜମିବାଡ଼ି ବିବାଦ ରହିଥିଲା। ପବନା ଗୌରଙ୍ଗଙ୍କ ଘରେ କାମକରୁଥିବାରୁ ଗଙ୍ଗା ତାଙ୍କୁ ସେଠାରେ କାମ ନ କରିବାକୁ ବାରମ୍ବାର ମନା କରୁଥିଲେ। ସୋମବାର ସନ୍ଧ୍ୟାରୁ ପବନା ଘରକୁ ଫେରି ନ ଥିବା ଓ ମଙ୍ଗଳବାର ସକାଳେ ଅଖା ଭିତରୁ ତାଙ୍କ ମୃତଦେହ ମିଳିଥିବା ନେଇ ମା' ବୁଧୁନି ମୁଣ୍ଡା ଚମ୍ପୁଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଘଟଣା ଘଟାଇ ଗଙ୍ଗା ସେଠାରୁ ଫେରାର ହୋଇଯାଇଥିବା ବେଳେ ପୋଲିସ ସନ୍ଧ୍ୟା ୭ଟା ସମୟରେ ୫୨୦ ଜାତୀୟ ରାଜପଥ ପର୍ଶଳା ନିକଟରେ ତାଙ୍କୁ ଗିରଫ କରିଥିଲା। ବୁଧବାର ଥାନା ଅଧିକାରିଣୀ ଦେବକୀ ନାୟକ, ଅତିରିକ୍ତ ଆରକ୍ଷୀ ଅଧିକାରିଣୀ ହରପ୍ରିୟା ନାୟକ, ପ୍ରୋବେଶନର ଏସ୍‌ପି ରାକେଶ ସାହୁଙ୍କ ଉପସ୍ଥିତିରେ ଅଭିଯୁକ୍ତଙ୍କୁ ନେଇ ସିନ୍ ରିକ୍ରିଏଶନ କରାଯାଇଛି। ଗଙ୍ଗାରାମ ୯ ବର୍ଷର ପବନା ମୁଣ୍ଡାକୁ କିପରି ଏବଂ କେଉଁଠି ହତ୍ୟାକଲେ ଓ ମାରିବା ବେଳେ କ'ଣ ବ୍ୟବହାର କରିଥିଲେ। ତାହା ଦେଖାଇବା ପରେ ପୋଲିସ ଘଟଣାସ୍ଥଳରୁ ଏକ ଲୁହାରଡ଼, ଗଙ୍ଗା ଘରଭିତରେ ଲୁଚାଇ ରଖିଥିବା ହତ୍ୟାସମୟରେ ପିନ୍ଧିଥିବା ଲୁଙ୍ଗି ପୋଲିସ ଜବତ କରିଥିଲା। ପଡ଼ୋଶୀଙ୍କ ସହ ଜମିବାଡ଼ି ବିବାଦ କାରଣରୁ ନାବାଳକଙ୍କୁ ହତ୍ୟା କରିଥିବା ଅଭିଯୁକ୍ତ ସ୍ୱୀକାର କରିଥିବା ଆଇଆଇସି ସୂଚନା ଦେଇଛନ୍ତି।

# କନ୍‌ଷ୍ଟେବଲ ସ୍ତ୍ରୀଙ୍କୁ ହତ୍ୟା କରି ସ୍ୱାମୀଙ୍କ ଆତ୍ମହତ୍ୟା ଉଦ୍ୟମ

କଟକ,୨୫।୧୨(କାର୍ତ୍ତିକ ସାହୁ)



ବିଷ୍ଣୁପ୍ରିୟା ମଲ୍ଲିକ

## ପାରିବାରିକ କଳହର କରୁଣ ପରିଣତି

କଟକ ଲାଲବାଗ ଥାନା ଅନ୍ତର୍ଗତ ସିଦ୍ଧେଶ୍ୱର ସାହିରେ ବୁଧବାର ଅପରାହ୍ନରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ପାରିବାରିକ କଳହକୁ କେନ୍ଦ୍ରକରି କଟକ ସାଇବର ଥାନାରେ କାର୍ଯ୍ୟରତ ମହିଳା କନ୍‌ଷ୍ଟେବଲ ବିଷ୍ଣୁପ୍ରିୟା ମଲ୍ଲିକଙ୍କୁ ତାଙ୍କ ସ୍ୱାମୀ ବିଶ୍ୱଜିତ୍ ମଲ୍ଲିକ ଛୁରିରେ ହତ୍ୟା କରିଛନ୍ତି। ଏହାପରେ ବିଶ୍ୱଜିତ୍ ଉକ୍ତ ଛୁରିରେ ନିଜ ଗଳା କାଟି ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଗୁରୁତର ଅବସ୍ଥାରେ ତାଙ୍କୁ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଛି। ପୋଲିସ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲ ପଠାଇବା ସହ ହତ୍ୟାରେ ବ୍ୟବହୃତ ଛୁରି ଜବତ କରିଛି।

ସୂଚନାନୁସାରେ, ନିଶ୍ଚିନ୍ତକୋଇଲି ଅଞ୍ଚଳର ବିଶ୍ୱଜିତ୍ ଓ ବିଷ୍ଣୁପ୍ରିୟା ୨୦୧୯ରେ ପ୍ରେମ ବିବାହ କରିଥିଲେ। ସେମାନେ କଟକ ସିଦ୍ଧେଶ୍ୱର ସାହିରେ ଭଡ଼ାରେ ରହୁଥିଲେ। ବିଷ୍ଣୁପ୍ରିୟା ସାଇବର ଥାନାରେ କନ୍‌ଷ୍ଟେବଲ ଚାକିରି କରୁଥିବାବେଳେ ବିଶ୍ୱଜିତ୍ ବ୍ୟବସାୟ କରୁଥିଲେ। ତାଙ୍କର ଗୋଟିଏ ୬ ବର୍ଷର ଝିଅ ଅଛି। ବିଭିନ୍ନ ସମୟରେ ସେମାନଙ୍କ ମଧ୍ୟରେ କଳହ ଲାଗି ରହୁଥିଲା। ଉଭୟ ଘର ପକ୍ଷରୁ ସେମାନଙ୍କ କଳହର ସମାଧାନ ମଧ୍ୟ ହୋଇଥିଲା। ବୁଧବାର ଅପରାହ୍ନରେ ଉଭୟଙ୍କ ମଧ୍ୟରେ ପ୍ରବଳ ପାଟିତୁଣ୍ଡ ହୋଇଥିଲା। ଏଥିରେ ବିଶ୍ୱଜିତ୍ ଉତ୍କ୍ଷିପ୍ତ ହୋଇ ବିଷ୍ଣୁପ୍ରିୟାଙ୍କୁ ଛୁରିରେ ଆକ୍ରମଣ କରିଥିଲେ। ଏସବୁ ଦେଖି ପଡ଼ୋଶୀ ଆସି ଅଟକାଇଥିଲେ ମଧ୍ୟ ବିଶ୍ୱଜିତ ସ୍ତ୍ରୀଙ୍କୁ ହତ୍ୟା କରିବା ପରେ ସେହି ଛୁରିରେ ନିଜ ଗଳା କାଟି ଏକ ଘରେ ଭିତର ପଟୁ କବାଟ ବନ୍ଦ କରି ରହିଯାଇଥିଲେ। ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ୍ ଘଟଣା ସ୍ଥଳରେ ପହଞ୍ଚି କବାଟ ଭାଙ୍ଗି ବିଶ୍ୱଜିତ୍‌ଙ୍କୁ ଉଦ୍ଧାର କରି ଏସ୍‌ସିବି ମେଡିକାଲ ପଠାଇଥିଲା। ତାଙ୍କ ଅବସ୍ଥା ଗୁରୁତର ରହିଛି। ଝିଅ ସାମ୍ନାରେ ଏସବୁ କାଣ୍ଡ ଘଟିଥିବା ବେଳେ ସେ ସୁରକ୍ଷିତ ଉଦ୍ଧାର ହୋଇଛି। ଏହି ଘଟଣାରେ ଜଣେ ପଡ଼ୋଶୀ ମଧ୍ୟ ଆହତ ହୋଇଛନ୍ତି। ଏସିପି ପ୍ରଦୀପ ରାଉତ କହିଛନ୍ତି, ସ୍ୱାମୀ ଛୁରିରେ ଆକ୍ରମଣ କରି ସ୍ତ୍ରୀଙ୍କୁ ମାରିଛନ୍ତି। କଟକ ଡିସିପି ଜଗମୋହନ ମୀନା ଘଟଣାସ୍ଥଳରେ ପରିସ୍ଥିତି ଅନୁଧ୍ୟାନ କରିଛନ୍ତି।

# ୩ ପୋଲିସ କର୍ମଚାରୀ ନିଲମ୍ବିତ

ବନ୍ଧମୁଣ୍ଡା,୨୫।୧୨(ସୁବ୍ରତ ଦେ)

## କୋର୍ଟ ପରିସରରୁ ଅଭିଯୁକ୍ତ ଚମ୍ପଟ ଘଟଣା

ରାଉରକେଲା ଉଦିତନଗରସ୍ଥିତ ଜେଏମ୍‌ଏଫ୍‌ସି କୋର୍ଟ ପରିସରରୁ ମଙ୍ଗଳବାର ଜଣେ ଅଭିଯୁକ୍ତ ପୋଲିସ ଆଖିରେ ଧୂଳିଦେଇ ଚମ୍ପଟ୍ ମାରିବା ଘଟଣାରେ ୩ ପୋଲିସ କର୍ମଚାରୀଙ୍କୁ ନିଲମ୍ବିତ କରାଯାଇଛି। ସେମାନେ ହେଲେ ବିଶ୍ରା ଥାନାର ହାବିଲଦାର ଜୟନ୍ତ ଜେନା, ଅଶୋକ ବେହେରା ଓ ନୀଳିମା ସୁନାନୀ। ନିଲମ୍ବନ ଅବଧିରେ ସେମାନେ ଜିଲା ପୋଲିସ ମୁଖ୍ୟାଳୟରେ ହାଜିରା ଦେବାକୁ ଏସ୍‌ପି ନୀତେଶ ୱାଧୱାନି ନିର୍ଦ୍ଦେଶ ଦେଇଛନ୍ତି।

ମିଳିଥିବା ସୂଚନା ଅନୁସାରେ, ଝାଡ଼ଖଣ୍ଡ ମନୋହରପୁର ଅଞ୍ଚଳର ରାଜୁ ବିଶ୍ରା ଥାନା ଅନ୍ତର୍ଗତ ଜରେଇକେଲା ଗ୍ରାମର ଜଣେ ଯୁବତୀଙ୍କୁ ପ୍ରେମ ଜାଲରେ ଫସାଇ ତାଙ୍କର କିଛି ଅଶ୍ଳୀଳ ଫଟୋକୁ ଗତ କିଛିଦିନ ତଳେ ସୋସିଆଲ ମିଡିଆରେ ଭାଇରାଲ କରିଥିଲେ। ଏ ନେଇ ଯୁବତୀ ଜାଣିବା ପରେ ଗତ ସୋମବାର ବିଶ୍ରା ଥାନାରେ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗକୁ ଆଧାର କରି ବିଶ୍ରା ପୋଲିସ ଏକ ମାମଲା (ନଂ.୨୦୮/୨୪) ରୁଜୁ କରି ଅଭିଯୁକ୍ତ ରାଜୁଙ୍କୁ ଝାଡ଼ଖଣ୍ଡରୁ ମଙ୍ଗଳବାର ସକାଳେ ଗିରଫ କରିଥିଲା। ଅପରାହ୍ନ ସାଢେ ୪ଟାରେ ପୋଲିସ ଅଭିଯୁକ୍ତଙ୍କୁ ରାଉରକେଲା ଜେଏମ୍‌ଏଫ୍‌ସି ରୁରାଲ କୋର୍ଟରେ ହାଜର କରିବା ପାଇଁ ନେଇଥିଲା। ଏହି ସମୟରେ ତାଙ୍କୁ ଜଗି ରହିଥିବା ୨ଜଣ ହାବିଲଦାର ଅନ୍ୟମନସ୍କ ଥିବା ଦେଖି ରାଜୁ ସେମାନଙ୍କୁ ଠେଲି କୋର୍ଟ ପରିସରରୁ କୁଆଡ଼େ ଫେରାର ହୋଇଯାଇଥିଲେ। ପୋଲିସ ଅଭିଯୁକ୍ତଙ୍କ ପିଛା କରିଥିଲେ ମଧ୍ୟ ତାଙ୍କ ପତ୍ତା ମିଳି ନ ଥିଲା।

# ବ୍ୟାଙ୍କରୁ ଲୁଟ୍ ପରେ ନିଆଁ ଲଗାଇଦେଲେ

## ସିସିଟିଭି କ୍ୟାମେରା, ହାର୍ଡଡିସ୍କ ଗାଏବ

ସିମୁଳିଆ, ୨୫।୧୨(ସନ୍ତୋଷ ନାୟକ)




ବ୍ୟାଙ୍କ ସମ୍ମୁଖରେ ଲୋକଙ୍କ ଗହଳି।

ବାଲେଶ୍ୱର ଜିଲା ସିମୁଳିଆ ଥାନା ବାଲିଖଣ୍ଡ ବଜାରରେ ଥିବା ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ପୁରୁଷୋତ୍ତମପୁର ଶାଖାରେ ଦୁର୍ବୃତ୍ତମାନେ ଲୁଟ୍ କରିବା ପରେ ନିଆଁ ଲଗାଇଦେଇଥିବା ପ୍ରଶାସନ ପକ୍ଷରୁ ଅନୁମାନ କରାଯାଉଛି। ଘଟଣାସ୍ଥଳରେ ଅଡ଼ା ଓ ଚରମ୍ପାରୁ ୩ଟି ଦମକଳ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା।

ବୁଧବାର ସକାଳେ ବ୍ୟାଙ୍କରୁ ଧୂଆଁ ବାହାରୁଥିବା ଦେଖି ସ୍ଥାନୀୟ ଲୋକେ ବ୍ୟାଙ୍କର କର୍ମଚାରୀ ଓ ପୋଲିସକୁ ଖବର ଦେଇଥିଲେ। ଦୁର୍ବୃତ୍ତମାନେ ବ୍ୟାଙ୍କ ପଛପାର୍ଶ୍ୱର ଝରକା ଭାଙ୍ଗି ଭିତରକୁ ପ୍ରବେଶ କରିଥିବା ଜଣାଯାଇଛି। ବୁଧବାର ଅପରାହ୍ନରେ ସନ୍ଧାନୀ କୁକୁର ଓ ବାଲେଶ୍ୱର ଏସ୍‌ପି ରାଜ ପ୍ରସାଦ ଘଟଣାସ୍ଥଳରେ ପହଞ୍ଚିଥିଲେ । ସନ୍ଧ୍ୟା ପର୍ଯ୍ୟନ୍ତ ପୋଲିସ ଓ ବ୍ୟାଙ୍କର ଉପରିସ୍ଥ କର୍ମଚାରୀମାନେ ତଦନ୍ତ ଚଳାଇଥିଲେ ହେଁ କୌଣସି ସୁରାକ ମିଳିପାରିନାହିଁ। ଦୁର୍ବୃତ୍ତମାନେ ବ୍ୟାଙ୍କ ପରିସରରୁ ୫ଟି ସିସିଟିଭି କ୍ୟାମେରା ସହିତ ହାର୍ଡଡିସ୍କ ଖୋଲି ନେଇଯାଇଛନ୍ତି। ତଦନ୍ତ ପରେ ତଥ୍ୟ ପଦାକୁ ଆସିବ ବୋଲି ରିଜିଓନାଲ ବ୍ୟାଙ୍କ ଅଫିସର ସଞ୍ଜୟ କୁମାର ବେହେରା ସୂଚନା ଦେଇଛନ୍ତି। ଅପରପକ୍ଷେ ଏହି ବ୍ୟାଙ୍କ ନିକଟରେ ଘର ଓ ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନ ରହିଥିଲେ ହେଁ ଚୋରିର କୌଣସି ଶବ୍ଦ ନ ହେବା ଘଟଣା ସାଧାରଣରେ ଚର୍ଚ୍ଚା ହେଉଛି।

# ହେରୋଇନ, ଦେଶୀ ମଦ ଜବତ : ୩ ଗିରଫ

ଭୁବନେଶ୍ୱର,୨୫।୧୨
(ସୂର୍ଯ୍ୟକାନ୍ତ ବେହେରା)

ଭୁବନେଶ୍ୱରର ଦୁଇଟି ଅଞ୍ଚଳରେ ଅବକାରୀ ଟିମ୍ ପକ୍ଷରୁ ବୁଧବାର ଚଢ଼ାଉ ହୋଇଛି । ଏହି ଚଢ଼ାଉ ବେଳେ ମାଷ୍ଟରକ୍ୟାଣ୍ଟିନସ୍ଥିତ ଅଞ୍ଚଳରେ ମୋଟରସାଇକେଲରେ ହେରୋଇନ ବିକ୍ରି କରିବାକୁ ଗ୍ରାହକ ଅପେକ୍ଷାରେ ଥିବାବେଳେ ଜଣେ ଯୁବକଙ୍କୁ ଅବକାରୀ ଟିମ୍ ଗିରଫ କରିଛି। ସେ ହେଲେ ୟୁନିଟ -୯ ଅଞ୍ଚଳର ଦେବୀ ପ୍ରସାଦ ସାମଲ। ତାଙ୍କଠାରୁ ୩୮ ଗ୍ରାମ୍ ହେରୋଇନ ଜବତ ହୋଇଛି। ଜବତ ନିଶାଦ୍ରବ୍ୟର ମୂଲ୍ୟ ସାଢେ ୩ ଲକ୍ଷରୁ ଅଧିକ ହେବ। ଅନ୍ୟ ଏକ ଘଟଣାରେ ବେଆଇନ ଦେଶୀ ମଦ ଚାଲାଣବେଳେ ଅବକାରୀ ଟିମ୍ ଭରତପୁର ଚନ୍ଦକା ରାସ୍ତାରୁ ୨ ଜଣଙ୍କୁ ଗିରଫ ସହ ୫୭୦ ଲିଟର ମଦ ଜବତ କରିଛି । ଅଭିଯୁକ୍ତଦ୍ୱୟ ହେଲେ ଭୁବନେଶ୍ୱର ୟୁନିଟ- ୨ ଅଞ୍ଚଳର ବୀରେନ୍ଦ୍ର ଗୌଡ଼ ଏବଂ ବାଲାକା ବିନ୍ଧାମୀ। ଏନେଇ ଅବକାରୀ ବିଭାଗ ପକ୍ଷରୁ ପୃଥକ୍ ପୃଥକ୍ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଜାମିନ ନ ମିଳିବାରୁ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅନ୍ୟପଟେ ନୂଆବର୍ଷ ପାଇଁ ନିଶା ବେପାରୀମାନେ ସକ୍ରିୟ ହୋଇଥିବାରୁ ଟିମ୍ ଗଠନ କରାଯାଇ ସେମାନଙ୍କ ଉପରେ ନଜର ରଖାଯାଇଥିବା ଅବକାରୀ ପୋଲିସ କହିଛି।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଘରେ ନ ଥାଏ ଲେମ୍ବୁ ଲୁଣ**
**ବାହାରେ ଦେଖ ଚାତର ପଣ ।**

ଅନେକ କ୍ଷେତ୍ରରେ କିଛି ନ ଥିବା ବ୍ୟକ୍ତି ସମାଜରେ ନିଜର ଫମ୍ପା ଆଭିଜାତ୍ୟ ଦେଖାଇବାରେ କାଣିଚାଏ ହେଳା କରୁ ନ ଥିବାର ଲକ୍ଷ୍ୟ କରାଯାଇଥାଏ । ଅଭାବଗ୍ରସ୍ତ ବ୍ୟକ୍ତି ବାହାରେ ନିଜର ଚାତର ପ୍ରକାଶ କରି ଲୋକହସା ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଘର ଗଢ଼ାଯାଏ କାଠେ**
**ମନ ଗଢ଼ାଯାଏ ପାଠେ ।**

ଘର ଗଢିବାରେ କାଠର ବହୁତ ଆବଶ୍ୟକତା ରହିଥାଏ । ଘରର ଆସବାବପତ୍ରରୁ ଆରମ୍ଭ କରି ସୌଖୀନ ବସ୍ତୁ ପର୍ଯ୍ୟନ୍ତ ସବୁଥିରେ କାଠ ଲୋଡ଼ା ହୋଇଥାଏ । ସେହିପରି ପାଠ ବା ଜ୍ଞାନ ମଣିଷକୁ ଦିଗ୍‌ଦର୍ଶନ ଦେଇଥାଏ । ଜୀବନରେ ଉଚିତ ମାର୍ଗ ଦର୍ଶାଇଥାଏ । ଜ୍ଞାନ ବଳରେ ମଣିଷର ସବୁବେଳେ ଜିତାପଟ ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ




ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

# ସରପଞ୍ଚଙ୍କୁ ଛୁରିରେ ଆକ୍ରମଣ

ବଇଣ୍ଡା,୨୫।୧୨(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପା ସରପଞ୍ଚ ରଶ୍ମିତା ପ୍ରଧାନଙ୍କୁ ପାପସରା ଗ୍ରାମର ଦୁଷ୍ମନ୍ତ ସାହୁ ମଙ୍ଗଳବାର ଛୁରିରେ ଆକ୍ରମଣ ସହ ମାଡ଼ ମାରିଥିବା ଥାନାରେ ଅଭିଯୋଗ ହୋଇଛି। ରଶ୍ମିତାଙ୍କ ଅଭିଯୋଗ ଆଧାରରେ ପୋଲିସ ନମ୍ବର ୪୧୭/୨୪ରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଥିବାବେଳେ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସକ୍ଷମ ହୋଇପାରିନାହିଁ। ପୋଲିସ କହିଛି, ରଶ୍ମିତା ଓ ତାଙ୍କ ସ୍ୱାମୀ ବିଶ୍ୱରଞ୍ଜନ ପ୍ରଧାନ ପାପସରାସ୍ଥିତ ଘରେ ଥିବାବେଳେ ନିର୍ବାଚନୀ ସହ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଦୁଷ୍ମନ୍ତ ହଠାତ୍ ତାଙ୍କ ଘରକୁ ପଶିଆସିଥିଲେ। ପ୍ରଥମେ ରଶ୍ମିତାଙ୍କୁ ସେ ମାଡ଼ ମାରିଥିଲେ। ଏହାପରେ ଏକ ଛୁରିରେ ଆକ୍ରମଣ କରିଥିଲେ। ରଶ୍ମିତାଙ୍କ ଚିତ୍କାର ଶୁଣି ସ୍ୱାମୀ ବିଶ୍ୱରଞ୍ଜନ ଘଟଣାସ୍ଥଳକୁ ଆସିବାରୁ ତାଙ୍କୁ ମଧ୍ୟ ଦୁଷ୍ମନ୍ତ ଆକ୍ରମଣ କରିଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି।

# ଚୋରି ଟ୍ରକ୍ ଉଦ୍ଧାର, ଜଣେ ଗିରଫ

ଅନୁଗୋଳ,୨୫।୧୨(ମାନସ ବିଶ୍ୱାଳ)

- ଅନୁଗୋଳରେ ଟ୍ରକ୍ ଲୁଚାଇ କାର୍‌ରେ ମଧ୍ୟପ୍ରଦେଶ ପଳାଇଥିଲେ
- ସ୍ୱତନ୍ତ୍ର ପୋଲିସ ଟିମ୍ ଗୋଡ଼ାଇବାରୁ ଓଡ଼ିଶା ଫେରୁଥିଲେ
- ସୋହେଲାରେ ଧରାପଡ଼ିଲେ ଜଣେ, ୩ ଫେରାର






ଖବରଦାତା ସମ୍ମିଳନୀରେ ଗିରଫ ଅଭିଯୁକ୍ତଙ୍କ ସହ ପୋଲିସ। ପୋଲିସ ଉଦ୍ଧାର କରିଥିବା ଟ୍ରକ୍।

ଅନୁଗୋଳ ସହର ହେମସୁରପଡ଼ାଛକ ନିକଟସ୍ଥ ଏକ ଗ୍ୟାରେଜ ପାଖରୁ କିଛିଦିନ ତଳେ ଚୋରି ହୋଇଥିବା ଏକ ୧୬ ଚକିଆ ଟ୍ରକ୍‌କୁ ଅନୁଗୋଳ ପୋଲିସ ଉଦ୍ଧାର କରିବାରେ ସଫଳ ହୋଇଛି। ଦୁର୍ବୃତ୍ତମାନେ ଚୋରି ଟ୍ରକ୍‌କୁ ଅନୁଗୋଳରେ ଲୁଚାଇ ଏକ କାର୍‌ରେ ମଧ୍ୟପ୍ରଦେଶ ପଳାଇଯାଇଥିଲେ ହେଁ ଅନୁଗୋଳ ପୋଲିସର ସ୍ୱତନ୍ତ୍ର ଟିମ୍ ପିଛା କରୁଥିବା ଜାଣି ପୁଣି ଓଡ଼ିଶା ଫେରିଥିଲେ। ହେଲେ ସୋହେଲା ସୀମାରେ ପୋଲିସ ଟିମ୍ ଉକ୍ତ କାର୍‌କୁ ଅଟକାଇବା ସହ ସେଥିରୁ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଗିରଫ ଅଭିଯୁକ୍ତ ହେଲେ ହରିୟାଣା ରାଜ୍ୟର ମୋହିନ ଖାନ (୨୩)। ତାଙ୍କ ସହ ଥିବା ଅନ୍ୟ ୩ ଅଭିଯୁକ୍ତ ଫେରାର ହୋଇଯାଇଥିବା ବୁଧବାର ଅପରାହ୍ନରେ ଅନୁଗୋଳ ଏସ୍‌ପିଙ୍କ ଅଫିସ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ରମାକାନ୍ତ ମହାଳିକ ସୂଚନା ଦେଇଛନ୍ତି।

ଏସ୍‌ଡିପିଓ କହିଛନ୍ତି, ସୁଶୀଲ କୁମାର ଅଗ୍ରୱାଲଙ୍କ ସ୍ତ୍ରୀଙ୍କ ନାମରେ ଥିବା ଏକ ୧୬ ଚକିଆ ଟ୍ରକ୍ (ନଂ. ଓଡି ୧୯ଡବ୍ଲ୍ୟୁ -୨୯୭୭)କୁ ଦୁର୍ବୃତ୍ତମାନେ ଚୋରି କରି ନେଇଥିବା ଅନୁଗୋଳ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ନମ୍ବର ୯୮୪/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା। ଜିଲା ଆରକ୍ଷୀ ଅଧୀକ୍ଷକ ରାହୁଲ ଜୈନଙ୍କ ତତ୍ତ୍ୱାବଧାନରେ ଏକ ପୋଲିସ ଟିମ୍ ସିସିଟିଭି ଫୁଟେଜ ଓ ସାଇବର ଟେକ୍ନିକାଲଙ୍କ ସହାୟତା ନେଇଥିଲା। ପରେ ଉକ୍ତ ପୋଲିସ ଟିମ୍ ମଧ୍ୟପ୍ରଦେଶ ଯାଇ ସେଠାରେ ଦୁର୍ବୃତ୍ତମାନଙ୍କୁ ଠାବ କରିଥିଲା। ପୋଲିସ ସେମାନଙ୍କ ପିଛା କରୁଥିବା ଜାଣି ଦୁର୍ବୃତ୍ତମାନେ ପୁନର୍ବାର ଉକ୍ତ କାର୍ ଯୋଗେ ଓଡ଼ିଶା ଭିତରକୁ ପ୍ରବେଶ କରିଥିଲେ। ଏହି ସମୟରେ ସୋହେଲା ସୀମାରେ କାର୍‌କୁ ଛାଡି ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିବା ବେଳେ ପୋଲିସ ଗାଡ଼ି ଭିତରୁ ଜଣଙ୍କୁ ଧରିଥିଲା। ଗିରଫ ମୋହିନ ଖାନ ୨ ମାସ ପୂର୍ବରୁ ଅନୁଗୋଳ ଆସି ଏକ ଶିଳ୍ପସଂସ୍ଥାରେ କାମ କରିବା ସହ ଟ୍ରକ୍ ଚୋରି କରିବା ପାଇଁ ଯୋଜନା କରିଥିଲା। ପରେ ସହଯୋଗୀମାନଙ୍କୁ ଡକାଇ ଟ୍ରକ୍ ଚୋରାଇ ନେଇଥିଲା। ଅଭିଯୁକ୍ତଙ୍କ ଠାରୁ ସୂଚନା ପାଇ ପୋଲିସ ଟିମ୍ ଚୋରି ଟ୍ରକ୍, ସୁରକ୍ଷା ଦେଉଥିବା କାର୍, ଜିପିଏସ୍ ଓ ୨ଟି ମୋବାଇଲ ଜବତ କରିଛି । ଫେରାର ଅଭିଯୁକ୍ତମାନଙ୍କୁ ଶୀଘ୍ର ଧରିବାର ଚେଷ୍ଟା ଜାରି ରହିଛି ବୋଲି ପୋଲିସ ପ୍ରକାଶ କରିଛି। ଏହି ଖବରଦାତା ସମ୍ମିଳନୀରେ ପୋଲିସ ଅଧିକାରୀ ବଶିଷ୍ଠ ଆଡ଼େପୁ, ଆଇଆଇସି ଧୀରଜ କୁମାର ଦାସ ଉପସ୍ଥିତ ଥିଲେ।

# ରଘୁବରଙ୍କ ଇସ୍ତଫା: ବଢ଼ିଲା ଚର୍ଚ୍ଚା

ଭୁବନେଶ୍ୱର, ୨୫।୧୨(ସୁନିତ୍ ମିଶ୍ର)


ରଘୁବର ଦାସ

- ରାଜନୀତିକୁ ଫେରିବାକୁ ତାଙ୍କର ଇଚ୍ଛା: ବିଜୟପାଲ
- ଦଳ ନିଷ୍ପତ୍ତି ନେବ କେଉଁ ଦାୟିତ୍ୱ ଦେବ: ରଘୁବର
- ସରକାର ଓ ରାଜ୍ୟପାଳଙ୍କ ଭିତରେ ନ ପଡ଼ିବା ଚର୍ଚ୍ଚା ମନଗଢ଼ା: ମନମୋହନ

ଓଡ଼ିଶା ରାଜ୍ୟପାଳ ପଦରୁ ରଘୁବର ଦାସଙ୍କ ଅଚାନକ ଇସ୍ତଫାକୁ ନେଇ ରାଜ୍ୟ ରାଜନୀତିରେ ଚର୍ଚ୍ଚା ଜୋର ଧରିଛି। ଝାଡ଼ଖଣ୍ଡ ନିର୍ବାଚନ ସମୟରେ ରଘୁବରଙ୍କୁ ତାଙ୍କ ରାଜ୍ୟକୁ ଫେରାଇନେବା ଲାଗି ଦଳ ଚିନ୍ତା କରୁଥାଇପାରେ ଯେଉଁଥିଲାଗି ସେ ରାଜ୍ୟପାଳ ପଦ ଛାଡ଼ିପାରନ୍ତି ବୋଲି ସେତେବେଳେ ମଧ୍ୟ ଆଲୋଚନା ହେଉଥିଲା। ମାତ୍ର ତାହା ହୋଇ ନ ଥିଲା। ତାଙ୍କ ବୋହୂଙ୍କୁ ଝାଡ଼ଖଣ୍ଡର ଜାମଶେଦପୁର ଇଷ୍ଟ ବିଧାନସଭା ଆସନରୁ ଭାଜପା ପ୍ରାର୍ଥୀ କରିଥିଲା। ହେଲେ ଝାଡ଼ଖଣ୍ଡ ନିର୍ବାଚନ ପରେ ରଘୁବର ରାଜ୍ୟପାଳ ପଦରୁ ଇସ୍ତଫା ଦେବା ନେଇ ଭାଜପା ନେତାମାନେ ପ୍ରତିକ୍ରିୟା ଦେବା ଆରମ୍ଭ କରିଛନ୍ତି। ତେବେ ରଘୁବରଙ୍କୁ କେନ୍ଦ୍ରରେ କିଛି ବଡ଼ ଦାୟିତ୍ୱ ମିଳିପାରେ ବୋଲି କୁହାଯାଉଛି। ରଘୁବର ତାଙ୍କ ପରିବାର ସହ ବୁଧବାର ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନକରିବା ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ଓଡ଼ିଶାର ଲୋକମାନଙ୍କ ମଧ୍ୟରେ ଥିବା ଉତ୍ସାହକୁ ସଲାମ। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଡବଲ ଇଞ୍ଜିନ ସରକାର ହୋଇଥିବାରୁ ଓଡ଼ିଶାରେ ବିକାଶ ହେଉଛି। ତେବେ ଏଣିକି ତାଙ୍କ ଦାୟିତ୍ୱ କ'ଣ ରହିବ ସେନେଇ ଦଳ ନିଷ୍ପତ୍ତି ନେବ। ଦଳ ଯାହା ଦାୟିତ୍ୱ ଦେବ ତାହା ନିର୍ବାହ କରିବେ ବୋଲି ରଘୁବର କହିଛନ୍ତି। ଏହାକୁ ନେଇ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି, କେନ୍ଦ୍ରୀୟ ସ୍ତରରେ ଚର୍ଚ୍ଚା ଆଲୋଚନା ପରେ ଇସ୍ତଫା ସମ୍ପର୍କିତ ନିଷ୍ପତ୍ତି ନେଇଥାଇପାରନ୍ତି। ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ କ'ଣ ଦାୟିତ୍ୱ ନେବେ କେନ୍ଦ୍ର ସ୍ତରରେ ଚିନ୍ତନ ହୋଇଥିବ। ଏହା ଉପରେ ଟିପ୍ପଣୀ ଦେବା ଠିକ୍ ହେବ ନାହିଁ। ରାଜ୍ୟ ସରକାର ଓ ରାଜ୍ୟପାଳଙ୍କ ମଧ୍ୟରେ ବିବାଦ ଥିବା କଥାର ମୂଲ୍ୟ ନାହିଁ। ଏହା ମନଗଢ଼ା ଚର୍ଚ୍ଚା ବୋଲି ମନମୋହନ କହିଛନ୍ତି। ଏହି ପ୍ରସଙ୍ଗରେ ଭାଜପା ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାର କହିଛନ୍ତି, ଏମିତି କିଛି ଚର୍ଚ୍ଚା ହୋଇନାହିଁ, ଏହା ସମ୍ପୂର୍ଣ୍ଣ ତାଙ୍କ ନିଜସ୍ୱ ନିର୍ଣ୍ଣୟ। ରାଜନୀତିକୁ ଆସିବା ଲାଗି ରଘୁବରଙ୍କ ଇଚ୍ଛା ରହିଛି। ତାଙ୍କୁ ଦଳରେ କେଉଁ ଦାୟିତ୍ୱ ମିଳିବ ତାହା ରାଷ୍ଟ୍ରୀୟ ଅଧ୍ୟକ୍ଷ ନିଷ୍ପତ୍ତି ନେବେ ବୋଲି ସେ କହିଛନ୍ତି।

# ଦିନେ ଓଡ଼ିଶାରେ ଭାଜପାକୁ ସାଇନ୍‌ବୋର୍ଡ ପାର୍ଟି କୁହାଯାଉଥିଲା: ମୋହନ

## ଭାଜପା ରାଜ୍ୟ କାର୍ଯ୍ୟାଳୟରେ ସୁଶାସନ ଦିବସ ପାଳିତ

ଭୁବନେଶ୍ୱର, ୨୫।୧୨(ସୁନିତ୍ ମିଶ୍ର)


ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ବୁଧବାର ସୁଶାସନ ଦିବସ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ସଭାପତି ମନମୋହନ ସାମଲ ଏବଂ ଭାଜପା ନେତା ସମୀର ମହାନ୍ତି।

ସମୟ ଥିଲା ଦିନେ ଓଡ଼ିଶାରେ ଭାଜପାକୁ ସାଇନ୍‌ବୋର୍ଡ ପାର୍ଟି ବୋଲି କୁହାଯାଉଥିଲା। କିନ୍ତୁ ଏବେ ରାଜ୍ୟରେ ଭାଜପାର ଡବଲ ଇଞ୍ଜିନ ସରକାର ଚାଲିଛି । ରାଜ୍ୟରେ ଏବେ ନିର୍ବାଚନୀ ସଂକଳ୍ପପତ୍ର ଘୋଷଣାକୁ ପୂରଣ କରାଯାଉଛି। ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ପାଇଁ ଭିଜନ-୨୦୩୬ ଲକ୍ଷ୍ୟକୁ ଲୋକଙ୍କ ପାଖରେ ସରକାର ରଖିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟ ପରିସରରେ ବୁଧବାର ସ୍ୱର୍ଗତ ବାଜପେୟୀଙ୍କ ୧୦୦ତମ ଜନ୍ମଦିବସ ପାଳନ ଅବସରରେ 'ଅଟଳ ସମ୍ମାନ-୨୦୨୪' କାର୍ଯ୍ୟକ୍ରମ ଆୟୋଜନ ସହ ସୁଶାସନ ଦିବସ ପାଳିତ ହୋଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱଗତଃ ଅଟଳ ବିହାରୀ ବାଜପେୟୀ ଆମ ଭାରତୀୟଙ୍କ ପାଇଁ ସର୍ବଦା ଆଦର୍ଶ ପୁରୁଷ ଓ ପ୍ରେରଣାର ଉତ୍ସ ହୋଇ ରହିବେ। ନିଜର ବ୍ୟକ୍ତିତ୍ୱ ବଳରେ ବିରୋଧୀଙ୍କୁ ବାଜପେୟୀ ଆକର୍ଷିତ କରିପାରୁଥିଲେ। ଏନ୍‌ଡିଏ ମେଣ୍ଟ ଗଠନକରି ସୁଶାସନ ଦେଇ ଉଦାହରଣ ସୃଷ୍ଟି କରିଥିଲେ। ସେଥିପାଇଁ ଅଟଳଜୀଙ୍କୁ ଅଜାତଶତ୍ରୁ ବୋଲି କୁହାଯାଉଥିଲା । ତାଙ୍କ ନୀତି ଓ ଆଦର୍ଶକୁ ଆଧାରକରି ବର୍ତ୍ତମାନ ଭାଜପା ବିଶ୍ୱର ସବୁଠୁ ବଡ଼ ରାଜନୈତିକ ଦଳ ଭାବେ ଛିଡ଼ା ହୋଇଛି । ସୁଶାସକ ରୂପେ ଅଟଳଜୀ ନିଜକୁ ପ୍ରତିଷ୍ଠିତ କରାଇବାରେ ସଫଳ ହୋଇଥିବାବେଳେ ବର୍ତ୍ତମାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସେହି ଧାରାକୁ ଆଗକୁ ବଢ଼ାଇ ଚାଲିଛନ୍ତି। ଦେଶର ୨୦ଟି ରାଜ୍ୟରେ ଭାଜପା ନେତୃତ୍ୱାଧୀନ ସରକାର ଗଠନ ହୋଇପାରିଛି ବୋଲି ମୋହନ କହିଛନ୍ତି।

ଏହି ଅବସରରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି, କଂଗ୍ରେସ ସରକାର ସମୟରେ ଯେଉଁ ଭାଜପାକୁ ତାଚ୍ଛଲ୍ୟ କରାଯାଇଥିଲା, ଏବେ ସେହି ପାର୍ଟି ବିଶ୍ୱର ସର୍ବବୃହତ୍ ଦଳର ମର୍ଯ୍ୟାଦା ଲାଭ କରିଛି। ବାଜପେୟୀଙ୍କ ନେତୃତ୍ୱରେ ସୁଶାସନ କାହାକୁ କୁହାଯାଏ, ତାହା ପୂରା ବିଶ୍ୱ ଦେଖିଲା। ଅଟଳଜୀଙ୍କ ପ୍ରେରଣାକୁ ପାଥେୟକରି ଓଡ଼ିଶାକୁ ଭାରତବର୍ଷର ଶ୍ରେଷ୍ଠ ଓ ସମୃଦ୍ଧଶୀଳ ରାଜ୍ୟ ଭାବେ ଗଢ଼ି ତୋଳିବା ଆମର ଲକ୍ଷ୍ୟ ବୋଲି ସାମଲ କହିଛନ୍ତି। ବାଜପେୟୀଙ୍କ ମାର୍ଗରେ ଆମେ ସମସ୍ତେ ଆଗକୁ ବଢ଼ିବା ଆବଶ୍ୟକ ବୋଲି ରାଜ୍ୟ ପ୍ରଭାରୀ ବିଜୟପାଲ ସିଂହ ତୋମାର କହିଛନ୍ତି। ଏହି ଅବସରରେ ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି, ସ୍ୱର୍ଗତ ବାଜପେୟୀ ଓଡ଼ିଶାବାସୀଙ୍କୁ ଅନ୍ତରର ସହ ଭଲ ପାଉଥିଲେ। ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନାରେ ଓଡ଼ିଶା ସବୁ ଜାଗାରେ ପ୍ରଶଂସିତ ହେଉଛି ଏବଂ ଏହାର ପ୍ରରିକଳ୍ପନା ସ୍ୱର୍ଗତ ବାଜପେୟୀ କରିଥିଲେ ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମ ଅବସରରେ ଅଟଳଜୀଙ୍କ ଜୀବନୀ ଉପରେ ଆଧାରିତ ପ୍ରଦର୍ଶନୀ ଏବଂ ବାଜପେୟୀଙ୍କ ବାଲୁକାକୃତିକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ମନମୋହନ ସାମଲ, ବିଜୟପାଲ ସିଂହ ତୋମାର, ସମୀର ମହାନ୍ତି ପ୍ରମୁଖ ଉଦ୍‌ଘାଟନ କରିଛନ୍ତି। ବରିଷ୍ଠ ରାଜନେତା, ପୂର୍ବତନ ମନ୍ତ୍ରୀ ତଥା ପୂର୍ବତନ ଭାଜପା ରାଜ୍ୟ ସଭାପତି ବିଶ୍ୱାଧର କୁଅଁରଙ୍କୁ ୯ମ 'ଅଟଳ ସମ୍ମାନ-୨୦୨୪'ରେ ସମ୍ମାନିତ କରାଯାଇଥିଲା।

# ନଡ୍ଡାଙ୍କ ଘରେ ଏନ୍‌ଡିଏ ବୈଠକ



ନୂଆଦିଲ୍ଲୀ, ୨୫।୧୨

ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମ ଶତବାର୍ଷିକୀ (ସୁଶାସନ ଦିବସ) ଅବସରରେ ବୁଧବାର ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କ ନୂଆଦିଲ୍ଲୀ ବାସଭବନରେ ଏନ୍‌ଡିଏ ନେତାଙ୍କ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ନଡ୍ଡାଙ୍କ ସହ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା, ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁ, ଜେଡିୟୁ ନେତା ତଥା କେନ୍ଦ୍ରମନ୍ତ୍ରୀ ରାଜୀବ ରଞ୍ଜନ ସିଂ, ଅପ୍‌ନା ଦଳ (ଏସ୍) ମୁଖ୍ୟ ଅନୁପ୍ରିୟା ପଟେଲ, ଜେଡିଏସ୍ ନେତା ଏଚ୍.ଡି. କୁମାରସ୍ୱାମୀ, ଏଚ୍‌ଏଏମ୍(ଏସ୍) ନେତା ଜିତନ୍‌ରାମ ମାଞ୍ଝି, ଆର୍‌ଏଲ୍‌ଏମ୍ ସଭାପତି ଉପେନ୍ଦ୍ର କୁଶୱାହା ପ୍ରମୁଖ ଯୋଗଦେଇ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି।

# 'ଆଇନର ଊର୍ଦ୍ଧ୍ୱରେ କେହି ନୁହନ୍ତି' ଭାଜପା ଶାସନରେ ପ୍ରହସନ: ବିଜେଡି

## ଏଏସ୍‌ଓଙ୍କୁ ନ୍ୟାୟ ମିଳିବ କି

ଭୁବନେଶ୍ୱର,୨୫।୧୨(ଅନିଲ ଦାସ)

ଆଇନ ସମସ୍ତଙ୍କ ପାଇଁ ସମାନ ଏବଂ ଆଇନରୁ ଊର୍ଦ୍ଧ୍ୱରେ କେହି ନୁହନ୍ତି। ଆଇନର ବ୍ୟାପକତାକୁ ନେଇ ଏହି ଉକ୍ତି ଭାଜପା ଶାସନ କାଳରେ କେବଳ କଥାରେ ସୀମିତ ବୋଲି ବିଜେଡି ମୁଖପାତ୍ର ତଥା ମିଡିଆ ସଂଯୋଜକ ଲେନିନ୍ ମହାନ୍ତି କହିଛନ୍ତି। ଏଥିସହ ସେ କହିଛନ୍ତି, ରଘୁବର ଦାସ ଅପ୍ରତ୍ୟାଶିତ ଭାବେ ରାଜ୍ୟପାଳ ପଦବୀରୁ ଅପସରି ଯାଇଛନ୍ତି । କିନ୍ତୁ ତାଙ୍କ ପୁଅ ଦ୍ୱାରା ଜଣେ କର୍ତ୍ତବ୍ୟରତ ସରକାରୀ କର୍ମଚାରୀଙ୍କୁ ଅକଥନୀୟ ଅତ୍ୟାଚାରର ବିବାଦ ରହିଯାଇଛି। ଏହି ସମ୍ବେଦନଶୀଳ ଘଟଣା ରାଜ୍ୟବାସୀଙ୍କ ମନରେ ଗଭୀର ଆଲୋଡନ ସୃଷ୍ଟି କରିଥିଲା। ବିଜେଡି ସମେତ ରାଜ୍ୟର ଅନ୍ୟ ରାଜନୈତିକ ଦଳଗୁଡ଼ିକ ଅଭିଯୁକ୍ତଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଦାବିରେ ବିଧାନସଭାକୁ ଅଚଳ କରିଥିଲେ। ରାଜ୍ୟ ସରକାର ଏହି ଘଟଣାରେ ପୁରୀ ଜିଲାପାଳ ତଦନ୍ତ କରି ୧୫ ଦିନରେ ରିପୋର୍ଟ ଦେବେ ବୋଲି ଘୋଷଣା କରିଥିଲେ। କିନ୍ତୁ ଏହି ଘଟଣାରେ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଦେଖିବାକୁ ମିଳିନାହିଁ। କେନ୍ଦ୍ର ସରକାର ଓଡ଼ିଶାର ରାଜ୍ୟପାଳ ପଦରୁ ରଘୁବର ଦାସଙ୍କୁ ହଟାଇ ଦେଇଛନ୍ତି। କିନ୍ତୁ ତାଙ୍କ ପୁଅ ବିରୋଧରେ ଆସିଥିବା ଅଭିଯୋଗ ମାମଲାରେ ଆଇନ ତା' ବାଟରେ ଯିବ କି ନାହିଁ, ଏହି ପ୍ରଶ୍ନ ଅସମାହିତ ହୋଇ ରହିଯାଇଛି। ରଘୁବର ରାଜ୍ୟପାଳ ଥିବା ସମୟରେ ତାଙ୍କ ପୁଅ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସାହସ ଜୁଟାଇ ପାରୁ ନ ଥିବା ରାଜ୍ୟ ସରକାର ଏବେ ଏଏସ୍‌ଓଙ୍କୁ ନ୍ୟାୟ ପ୍ରଦାନ କରିବାକୁ ଉଦ୍ୟମ କରିବେ କି ବୋଲି ଲେନିନ୍ ପ୍ରଶ୍ନ କରିଛନ୍ତି।

# ଖୁବ୍‌ଶୀଘ୍ର ଭାଜପା ସରକାର ଭାଙ୍ଗିଯିବ: ଜୟଦେବ

ଛେନାପଦି,୨୫।୧୨ (ନିରାକାର ପରିଡା)

କେନ୍ଦୁଝର ଜିଲା ଆନନ୍ଦପୁର ନିର୍ବାଚନ୍ ମଣ୍ଡଳୀର ଶଙ୍ଖଣାଠାରେ ବନ୍ଧୁମିଳନ ନାମରେ କଂଗ୍ରେସର କର୍ମୀ ସମାବେଶ ବୁଧବାର ଅନୁଷ୍ଠିତ ହୋଇଯାଇଛି। କଂଗ୍ରେସର ପୂର୍ବତନ ସାଧାରଣ ସମ୍ପାଦକ ମନୋଜ ଜେନାଙ୍କ ସଂଯୋଜନାରେ ଅନୁଷ୍ଠିତ ସମାବେଶରେ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ଶାସନାଧୀନ ଭାଜପା ସରକାର ଖୁବ୍‌ଶୀଘ୍ର ଭାଙ୍ଗିଯିବ। ୨୦୨୫-୨୬ରେ ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ କେନ୍ଦ୍ରରେ ସରକାର ଗଠନ ହେବ ବୋଲି ସେ କହିଛନ୍ତି।


**ପୌର ପରିଷଦ କାର୍ଯ୍ୟାଳୟ, ପାରଳାଖେମୁଣ୍ଡି, ଗଜପତି**
**OFFICE OF THE MUNICIPAL COUNCIL PARALAKHEMUNDI, GAJAPATI**
Ph. No.: 06815-222052, e-Mail: parala.mply@gmail.com
Letter No. 4799 Dated: 23.12.2024
**NOTICE**
No.C-1331:- The e-procurement notice vide Bid Identification No. 03/PKDM-2024-25, Dtd. 13.12.2024 is hereby cancelled due to unavoidable circumstance.
Sd./- Executive Officer, Paralakhemundi Municipality
OIPR-13145/11/0010/2425

**OFFICE OF THE DEPUTY DIRECTOR OF TEXTILES, SONEPUR**
At- Thanapatipada, Po- Sonepur/Dist.- Subarnapur, Pin- 767017
Email- ddtsnp@gmail.com
Letter. No. 3589 Date: 24.12.24
**Invitation of Tender for selection of manpower service provider for hiring outsourcing staff for O/o Deputy Director of Textiles, Sonepur**
No. PP-42:- Sealed tenders are invited from reputed Manpower Agencies/Service Providers to provide 01 (One) No. of Weaving Supervisor, 05 (Five) Nos. of Inspector of Textiles and 03 (Three) Nos. of Technical Assistant post in the O/o Deputy Director of Textiles, Sonepur for a period of one year on contract basis. The engagement of Manpower Agencies/Service provider Firm shall be made through two bid system i.e. Technical Bid and Financial Bid separately . The Technically qualified Man Power Agencies/Service Provider Firm can only participate in the Financial Bid. The undersigned reserves the right to accept or reject any or all applications without assigning any reason(s) thereof. For details please visit the website **subarnapur.odisha.gov.in**
- Date of available of Tender Paper/Documents in website: **26.12.2024**
- Last date for submission of Tender Paper/Document: **15.01.2025 by 05:30 PM**
- Opening of Tender Paper/ Document in presence of service provider: **17.01.2025 at 11:00 AM**
- Opening of Financial Bid: **17.01.2025 at 04:00 PM**

OIPR-31016/11/0004/2425 Sd./- Deputy Director of Textiles (I/c), Sonepur

**SAMBALPUR MUNICIPAL CORPORATION**
Notice No. 11790/SMC Date: 21.12.2024
**RFP FOR SELECTION OF SUITABLE AGENCY FOR DISPOSAL OF "RECYCLABLES" FROM MRF CENTRE WITHIN SMC AREA**
No. C-1328:- Sealed tender are hereby invited by SMC from suitable Agency for disposal of "recyclables" from our 09 nos. of Material recovery Facility centre (Wealth Center) within Sambalpur Municipal Corporation area as per the rate approved by the Authority for a period of 02 (Two) years.
The details of the bidding process are as follows:

| Sl. No. | Bidding Schedule | Dateline |
|---|---|---|
| 01 | Date of Issue | 21.12.2024 |
| 02 | Bid due date and time | 30.12.2024 upto 4.30 pm |
| 03 | Opening of Bid date and time | 30.12.2024 upto 5.30 pm |

The details tender document can be downloaded from this office website www.smcsambalpur.nic.
The Authority reserves the right to cancel any or all the Bids without assigning any reason thereof.
Sd./- Municipal Commissioner, Sambalpur Municipal Corporation
OIPR-13122/11/0057/2425

**PANCHAYAT SAMITI, R.UDAYAGIRI**
DIST-GAJAPATI (ODISHA) PIN - 761017
Adv. No. : 04/2024-25 Dt:
**Tender Call Notice**
**No.i-386** : Sealed tenders (Percentage rate) are invited for 01 no of works from the interested "D"/"C"/"B" Class Contractors registered with the Govt. for execution of civil works under Panchayat Samiti, R.Udayagiri, Dist - Gajapati. The details notification is available at official website http://Gajapati.odisha.gov.in. Interested bidders fulfilling the eligibility criteria may submit their proposal(s) to the Panchayat Samiti, R.Udayagiri, Gajapati. Proposal(s) complete in all respect should reach the undersigned on or before 3.00 P.M. of 06.01.2025 through Regd/Speed post and the same will be opened on 11.00 A.M. of 07.01.2025. The undersigned reserves the right to reject any or all the tender(s) without assigning any reason thereof.
Sd./- Block Development Officer, R.Udayagiri, Gajapati
OIPR-19255/11/0004/2425

**GOVERNMENT OF ODISHA** No.O-1003
**OFFICE OF THE SUPERINTENDING ENGINEER RURAL WORKS DIVISION : KORAPUT**
PHONE - OFF : (06852)251263 email : eerwkoraput@yahoo.com
No. 4131 Dated : 20.12.2024
**1st CORRIGENDUM TO e-TENDER CALL NOTICE 06/2024-25**
1. Due to Technical Issue the tender could not published. The SL. No.-1 to 6 (6 nos. of Road works) the online tender No. 06/2024-25 of Rural Works Division, Koraput and tender here extended.
2. The online tender No. 06/2024-25 of Rural Works Division, Koraput, the sale of tender paper is hereby changed to 26.12.2024 to 06.01.2025 instead of 20.12.2024 to 30.12.2024 & the new date of opening on 07.01.2025.
Sd./- Additional Chief Engineer R.W.Division, Koraput
OIPR-25088/11/0007/2425

**ZILLA SWASTHYA SAMITI, ANGUL**
**O/o The Chief District Medical & Public Health Officer, Angul**
No. 2627 Date: 21.12.2024
**TENDER CALL NOTICE**
No. E-620:- Sealed tenders are invited from eligible Individual/Partnership Firm/Company for supply of Office Stationary Items & Misc. Stationary Items in Angul district. Details of eligibility criteria, terms & conditions and formats for submission of tender may be downloaded from the district website **www.angul.odisha.gov.in**. Tender should reach the office of the undersigned by **16.01.2025 till 5 P.M.** through Registered Post/Speed Post/Courier only and will be opened on by **17.01.2025 at 12 Noon**. The undersigned reserves every right to accept or reject any or all the tender without assigning any reason thereof.
Sd./- Chief District Medical & Public Health Officer, Angul
OIPR-10142/11/0007/2425

**Government of Odisha "e" Procurement Notice**
**WORKS DEPARTMENT**
Bid Identification No. CCEKC - 32/2024-25
No.B-799
e-mail : ccekeonjharpwdcircle@gmail.com/sekcpwd_keonjhar@yahoo.com
**Letter No. 6077 dt. 20.12.2024**

| | | |
|---|---|---|
| 1 | No. of the work | 4 number Building Works |
| 2 | Estimated cost | Rs. 111.71 Lakhs to Rs. 289.94 Lakhs |
| 3 | Class of Contractor | "B" Class & "A" Class |
| 4 | Period of completion | 06 (Six) Calendar Months to 12 (Twelve) Calendar Months |
| 5 | Date and Time of availability of Bid document in the portal | From 11.00 Hours of 02.01.2025 to 16.00 Hours of 16.01.2025 |
| 6 | Last date / Time for receipt of bids in the portal | 16.00 Hours of 16.01.2025 |
| 7 | Date of opening of Bid from Portal | 11.30 Hours on 17.01.2025 |
| 8 | Name and address of the officer inviting Bid | Chief Construction Engineer, Keonjhar (R&B) Circle, Keonjhar - 758001 |

Further details can be seen from the e-procurement portal "http://tendersodisha.gov.in".
Sd./- Chief Construction Engineer Keonjhar (R&B) Circle, Keonjhar
OIPR-34004/11/0016/2425

**ZILLA SWASTHYA SAMITI, ANGUL**
**O/o The Chief District Medical & Public Health Officer, Angul**
No. 2625 Date: 21.12.2024
**TENDER CALL NOTICE**
No. E-619:- Sealed tenders are invited from eligible Individual/Partnership Firm/Company for supply of Office Furniture & fixtures in Angul district. Details of eligibility criteria, terms & conditions and formats for submission of tender may be downloaded from the district website **www.angul.odisha.gov.in**. Tender should reach the office of the undersigned by **16.01.2025 till 5 P.M.** through Registered Post/Speed Post/Courier only and will be opened on by **17.01.2025 at 12 Noon**. The undersigned reserves every right to accept or reject any or all the tender without assigning any reason thereof.
Sd./- Chief District Medical & Public Health Officer, Angul
OIPR-10142/11/0008/2425

**ଓଡ଼ିଶା ସରକାର, ଖଣି ଅଧିକାରୀଙ୍କ କାର୍ଯ୍ୟାଳୟ, ଢେଙ୍କାନାଳ**
ଇ-ମେଲ୍: mo.dhenkanal@gov.in
ସଂଖ୍ୟା- ୧୨୨୫ ତା: ୨୧.୧୨.୨୦୨୪
**ଟେଣ୍ଡର ନିମନ୍ତ୍ରଣ ବିଜ୍ଞପ୍ତି**
**No.G-35:-** ମାଇନ୍ସ ଏବଂ ମିନେରାଲ୍ (ଡେଭଲପମେଣ୍ଟ ଆଣ୍ଡ ରେଗୁଲେସନ୍) ଆକ୍ଟ, ୧୯୫୭ର ଧାରା ୧୫ରେ ରାଜ୍ୟ ସରକାରଙ୍କୁ ଦିଆଯାଇଥିବା କ୍ଷମତା ଅନୁସାରେ ଏବଂ ସମୟ ସମୟରେ ସଂଶୋଧିତ ଓଡ଼ିଶା ମାଇନୋରାଲ୍ ମିନେରାଲ୍ କନ୍ସେସ୍ ନିୟମ, ୨୦୧୬ ଅନୁଯାୟୀ ୩ ସଂଖ୍ୟକ ଲଘୁ ଖଣିଜ ଉତ୍ସର ଇ-ନିଲାମ ମାଧ୍ୟମରେ ଲିଜ୍ ଅନୁଦାନ ପାଇଁ ଟେଣ୍ଡର ଆହ୍ୱାନ କରାଯାଉଛି। ତଦନୁସାରେ, କ୍ୱାରି ଲିଜ୍ ଅନୁଦାନ ପାଇଁ 'ଫର୍ମ-ଏମ୍' ଫର୍ମାଟରେ (ଉଭୟ ଡିଜିଟାଲ ଓ ଫିଜିକାଲ) ବୈଷୟିକ ବିଡ୍ ଆମନ୍ତ୍ରଣ କରାଯାଉଅଛି। ଇଲେକ୍ଟ୍ରୋନିକ୍ ନିଲାମରେ ଅଂଶଗ୍ରହଣ ପାଇଁ ଯୋଗ୍ୟ ସର୍ତ୍ତ, ତାରିଖ ଏବଂ ସମୟ ଟେଣ୍ଡର ଡକ୍ୟୁମେଣ୍ଟରେ ପ୍ରଦାନ କରାଯାଇଛି। କ୍ୱାରିଗୁଡ଼ିକ ପାଇଁ ଇ-ନିଲାମ ପ୍ରକ୍ରିୟାର ସମୟ ସାରଣୀ, ବିଜ୍ଞପ୍ତି, ଅପ୍‌ଡେଟ୍ ଏବଂ ଅନ୍ୟାନ୍ୟ ବିବରଣୀ ସହିତ ଟେଣ୍ଡର ଡକ୍ୟୁମେଣ୍ଟକୁ **https://www.mstcecommerce.com** ୱେବ୍‌ସାଇଟ୍‌ରୁ ଡାଉନଲୋଡ୍ କରାଯାଇପାରିବ। ଆଗ୍ରହୀ ବିଡରମାନେ ଉପରୋକ୍ତ ୱେବ୍‌ସାଇଟ୍‌ରେ ନିଜକୁ ପଞ୍ଜୀକୃତ କରିପାରିବେ। ସଫଳ ପଞ୍ଜୀକରଣ ପରେ ଇ-ନିଲାମ ପ୍ରକ୍ରିୟାରେ ଅଂଶଗ୍ରହଣ ପାଇଁ ବିଡରମାନେ ଲଗଇନ୍ ଆଇଡି ଏବଂ ପାସ୍‌ୱାର୍ଡ ପାଇବେ। ମଡେଲ୍ ଟେଣ୍ଡର ଡକ୍ୟୁମେଣ୍ଟ ଏବଂ ମିନେରାଲ୍ ବ୍ଲକ୍ ସାରାଂଶ ଉପରୋକ୍ତ ୱେବସାଇଟ୍‌ରେ ମାଗଣାରେ ଉପଲବ୍ଧ। ଇଚ୍ଛୁକ ବିଡରମାନେ ନିଜର ଲଗ୍‌ଇନ୍ ୟୁଜର ID ଏବଂ ପାସ୍‌ୱାର୍ଡ ବ୍ୟବହାର କରି ଫର୍ମ-Mରେ ଆବଶ୍ୟକୀୟ ବିବରଣୀ ଏବଂ ପ୍ରଯୁଜ୍ୟ ବାଧ୍ୟତାମୂଳକ ଡକ୍ୟୁମେଣ୍ଟ ଦାଖଲ କରିବେ। 'ଫର୍ମ-ଏମ୍'ର ସଫଳ ଦାଖଲ ପାଇଁ ବିଡରମାନେ ଇ-ନିଲାମ ପୋର୍ଟାଲରେ ଉପଲବ୍ଧ 'ବିଡର ମାନୁଆଲ'କୁ ଅନୁସରଣ କରିବା ଉଚିତ। ଇ-ଟେଣ୍ଡର ଦାଖଲ ପାଇଁ ବିଡରଙ୍କୁ ଦିଆଯାଇଥିବା ଅବଧି, ଖବରକାଗଜ ଏବଂ MSTC ୱେବ୍‌ସାଇଟରେ ଟେଣ୍ଡର ବିଜ୍ଞପ୍ତି ପ୍ରକାଶ ହେବା ଦିନଠାରୁ ଗଣନା କରାଯିବ।
**ସମୟ ସାରଣୀ:** ● ଟେଣ୍ଡର ଡକ୍ୟୁମେଣ୍ଟରେ ସବିଶେଷ ସମୟସାରଣୀ ଉପଲବ୍ଧ ଅଛି। ● ଟେଣ୍ଡର ଆବେଦନର ଶେଷ ତାରିଖ: ୦୫.୦୨.୨୦୨୫। ● ଆବେଦନ (ବୈଷୟିକ ବିଡ୍) ଖୋଲିବା ତାରିଖ: ୧୦.୦୨.୨୦୨୫। ● ନିଲାମ ତାରିଖ: ୧୭.୦୨.୨୦୨୫ରୁ ୨୫.୦୨.୨୦୨୫।

**କ୍ୱାରିଗୁଡ଼ିକର ତାଲିକା:-**

| କ୍ର. ନଂ. | କ୍ଷେତ୍ର | ଜିଲ୍ଲା | ତହସିଲ | ସୋର୍ସର ନାମ | ମିନେରାଲ | ଲାଣ୍ଡ ସେଡ୍ୟୁଲ: ମୌଜା | ଖତିୟାନ ନଂ. | ପ୍ଲଟ୍ ନଂ. | କିସମ | କ୍ଷେତ୍ରଫଳ | ପରିମାଣ | MAC per M³ (in Rs.) | MGQ per year |
|---|---|---|---|---|---|---|---|---|---|---|---|---|---|
| ୧ | ତାଳଚେର | ଢେଙ୍କାନାଳ | ହିନ୍ଦୋଳ | ଗିରିଧାରୀପ୍ରସାଦ କଳାପଥର ଖଣି ନଂ.-୦୧ | କଳାପଥର | ଗିରିଧାରୀପ୍ରସାଦ | ୨୯୭ | ୧୪୭<br>୧୪୯<br>ମୋଟ | ପଥରବଣି | ୨.୪୨୮<br>୦.୬୩୯<br>୩.୦୬୭ | ୭୭୪୩୬ | ୧୯୫ | ୨୦୦୨୫ ଘନ ମିଟର |
| ୨ | ତାଳଚେର | ଢେଙ୍କାନାଳ | ହିନ୍ଦୋଳ | ଗିରିଧାରୀପ୍ରସାଦ କଳାପଥର ଖଣି ନଂ.-୦୨ | କଳାପଥର | ଗିରିଧାରୀପ୍ରସାଦ | ୨୯୭ | ୧୭୮<br>୧୮୨<br>୧୯୦<br>ମୋଟ | ପଥରବଣି | ୧.୫୪୯<br>୧.୧୧୨<br>୦.୨୫<br>୨.୯୧୧ | ୧୧୧୭୭୭ | ୧୯୫ | ୨୦୦୨୩ ଘନ ମିଟର |
| ୩ | ତାଳଚେର | ଢେଙ୍କାନାଳ | ହିନ୍ଦୋଳ | କାରନ୍ଦା କଳାପଥର ଖଣି ନଂ.-୦୫ | କଳାପଥର | କାରନ୍ଦା | ୮୩୮ | ୧୪୯୪ | ପଥରବଣି | ୩.୩୮୭ | ୨୫୪୭୪୩ | ୧୫୫ | ୨୦୦୦୦ ଘନ ମିଟର |

OIPR-30051/11/0003/2425 ସ୍ୱା./- ଖଣି ଅଧିକାରୀ, ଢେଙ୍କାନାଳ

**कार्यालय मुख्य चिकित्सा एवं स्वास्थ्य अधिकारी, जिला : सक्ती (छ.ग.)**
Email - cmhosakti@rediffmail.com, cmhosakti@gmail.com, Ph. No. 07757-299225
क्रमांक / 3029 / मु.चि.स्वा.अ. / निविदा CG/SKT/CMHO/2024-25/03/2024 सक्ती, दिनांक 19.12.2024
//निविदा आमंत्रण सूचना //
वित्तीय वर्ष 2024-25 में डी.एम.एफ. एवं सी.एस.आर. मद अंतर्गत स्वीकृत एवं प्रस्तावित कार्य जिला स्वास्थ्य समिति जिला सक्ती अंतर्गत स्विकृत एवं प्रस्तावित कार्य जिला स्वास्थ्य समिति जिला सक्ती अंतर्गत सामुदायिक स्वास्थ्य केन्द्रों, प्राथमिक स्वास्थ्य केन्दों एवं उपस्वास्थ्य केन्द्रों हेतु फुड ट्रॉली मशीन (हॉट एण्ड कोल्ड) सप्लाई कार्य एवं 90 उपस्वास्थ्य केन्द्रों में स्टेंलेस स्टील पानी टंकी आर. ओ. एवं रनिंग वाटर पाईपलाईन सेटअप कार्य हेतु निविदा आमंत्रित की जाती है। निविदा हेतु प्रस्तावित कार्य विवरण, निविदा प्रपत्र एवं निविदा शर्तें अधोहस्ताक्षरकर्ता के कार्यालय में आवेदन प्रस्तुत कर प्रति आवेदन 1000.00 रुपये के मान से नगद भुगतान / मुख्य चिकित्सा एवं स्वास्थ्य अधिकारी, जिला सक्ती के नाम से डि.डि. / बी.डी. / टी.डी.आर. प्रस्तुत कर कार्यालय दिवस में प्राप्त किया जा सकेगा। समय सारणी का विवरण निम्नानुसार है :
01. निविदा प्रपत्र प्राप्त करने हेतु आवेदन करने की आतिम तिथि : 17.01.2025 समय 05:30 P.M. बजे।
02. निविदा प्रपत्र कार्यालय से निविदाकार द्वारा प्राप्त करने की अंतिम तिथि : 17.01.2025 समय 05:30 P.M. बजे।
03. निविदा पत्रक पंजीकृत डाक/स्पीड पोस्ट/कोरियर के माध्यम से निविदा पत्रक जमा करने की अंतिम तिथि : 21.01.2025, समय 03:00 P.M. बजे तक।
04. निविदा पत्रक खोलने कि तिथि : 21.01.2025, समय 04:00 P.M. बजे।
टिप : सूची, नियम एवं शर्तें कार्यालयिन समय में कार्यालय मुख्य चिकित्सा एवं स्वास्थ्य अधिकारी, जिला सक्ती (छ0ग0) में देखा जा सकता है।
G-242504812/1
स्वा./- मुख्य चिकित्सा एवं स्वास्थ्य अधिकारी जिला - सक्ती (छ.ग.)

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................



ରୁଦ୍ର
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଆର୍ଥିକ ଅଭିବୃଦ୍ଧିରେ ଷ୍ଟାର୍ଟଅପ୍‌ର ଗୁରୁତ୍ୱପୂର୍ଣ୍ଣ ଭୂମିକା

ଭୁବନେଶ୍ୱର,୨୫।୧୨(ଅନୁରାଧା ମହାରଣା)




ଭାରତ ବୈଶ୍ୱିକସ୍ତରରେ ସବୁଠାରୁ ଷ୍ଟାର୍ଟଅପ୍ ଇକୋସିଷ୍ଟମ ଭାବରେ ଉଭାହୋଇଛି। ଏହା ତୃତୀୟ ବୃହତ୍ତମ ଷ୍ଟାର୍ଟଅପ୍ ହବ୍ ଭାବରେ ନିଜର ସ୍ଥାନ ସୃଷ୍ଟି କରିଛି। ୧୦୦ ରୁ ଅଧିକ ୟୁନିକର୍ନ ସହ ଭାରତରେ ୭୩,୦୦୦ରୁ ଅଧିକ ଏପରି ଷ୍ଟାର୍ଟଅପ୍ ରହିଛି ଯେଉଁଥିରେ ଅତି କମ୍‌ରେ ଜଣେ ମହିଳା ନିବେଶକ ଅଛନ୍ତି । କେନ୍ଦ୍ର ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ୧,୫୭,୦୬୬ ଷ୍ଟାର୍ଟଅପ୍‌ର ପ୍ରାୟ ଅର୍ଦ୍ଧେକ ଷ୍ଟାର୍ଟଅପ୍‌ରେ ମହିଳା ନିବେଶକଙ୍କ ଯୋଗଦାନ ରହୁଛି। ବେଙ୍ଗାଲୁରୁ, ହାଇଦ୍ରାବାଦ, ମୁମ୍ବାଇ ଏବଂ ଦିଲ୍ଲୀ-ଏନ୍‌ସିଆର୍ ଭଳି ସହର ନୂତନତ୍ୱର କେନ୍ଦ୍ର ପାଲଟିଛି। ସୁଲଭ ଇଣ୍ଟରନେଟ୍‌ର ବ୍ୟାପକ ଉପଲବ୍ଧତା ତଥା ଯୁବପିଢ଼ିଙ୍କ ଭୂମିକା ଏବଂ ଫିଣ୍ଟେକ, ଏଡେଟେକ୍, ସ୍ୱାସ୍ଥ୍ୟ-ବୈଷୟିକ ଜ୍ଞାନକୌଶଳ ଏବଂ ଇ-ବାଣିଜ୍ୟ ସମେତ ବିଭିନ୍ନ କ୍ଷେତ୍ରରେ ଷ୍ଟାର୍ଟଅପ୍‌ର ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରୁଛି। ଷ୍ଟାର୍ଟଅପ୍ ଇଣ୍ଡିଆର ଇଣ୍ଡିଆନ ଷ୍ଟାର୍ଟଅପ୍ ଇକୋସିଷ୍ଟମ ରିପୋର୍ଟ ଅନୁଯାୟୀ, ସ୍ଥାନୀୟ ତଥା ବିଶ୍ୱସ୍ତରୀୟ ସମସ୍ୟାର ସମାଧାନ ପାଇଁ ଭାରତର ଷ୍ଟାର୍ଟଅପ କୃତ୍ରିମ ବୁଦ୍ଧିମତ୍ତା, ବ୍ଲକ୍ ଚେନ୍ ଏବଂ ଆଇଓଟି ଭଳି ଉଦୀୟମାନ ପ୍ରଯୁକ୍ତିକୁ ବ୍ୟବହାର କରିଛି। ଇନ୍‌କ୍ୟୁବେଟର ଏବଂ ଶକ୍ତିଶାଳୀ ମେଣ୍ଟରିଂ ନେଟ୍‌ୱର୍କ ଦ୍ୱାରା ସମର୍ଥିତ ଏହି ଅଭିନବ ସଂସ୍କୃତି ଏକ ନିଆରା ଇକୋସିଷ୍ଟମ ସୃଷ୍ଟି କରିଛି । ସୂଚନା ଥାଉକି, ୨୦୧୬ରେ ଆରମ୍ଭ ହୋଇଥିବା ଫ୍ଲାଗ୍‌ଶିପ ଷ୍ଟାର୍ଟଅପ ଇଣ୍ଡିଆ କାର୍ଯ୍ୟକ୍ରମ ଏହି ପ୍ରୟାସର ମୂଳଦୁଆ ପାଲଟିଛି । ୨୦୨୫ ଡିସେମ୍ବର ସୁଦ୍ଧା ଶିଳ୍ପ ଏବଂ ଆଭ୍ୟନ୍ତରୀଣ ବାଣିଜ୍ୟର ପ୍ରୋତ୍ସାହନ ଦ୍ୱାରା ୧,୫୭,୦୬୬ ଷ୍ଟାର୍ଟଅପ୍ ମାନ୍ୟତା ପାଇଛି ଏବଂ ପୋର୍ଟାଲରେ ୭,୫୯,୩୦୩ ଉପଭୋକ୍ତା ପଞ୍ଜୀକୃତ ହୋଇଛନ୍ତି। ରିପୋର୍ଟ ଅନୁଯାୟୀ, ଏହି ଯୋଜନା ଅଧୀନରେ ପଞ୍ଜୀକୃତ ଷ୍ଟାର୍ଟଅପ୍‌ଗୁଡ଼ିକ କ୍ରମାଗତ ୩ ଆର୍ଥିକ ବର୍ଷ ପାଇଁ ଟିକସ ଛାଡ ପାଆନ୍ତି। ଷ୍ଟାର୍ଟଅପ୍ ପାଇଁ ପ୍ରାରମ୍ଭିକ ପର୍ଯ୍ୟାୟ ଆର୍ଥିକ ବୃଦ୍ଧି ପାଇଁ ଫଣ୍ଡ ଅଫ୍ ଫଣ୍ଡସ୍ ପଦକ୍ଷେପ ସହ ୧୦,୦୦୦ କୋଟି ଆବଣ୍ଟନ କରିଛି। ସେହିପରି ବାୟୋଟେକ୍ନୋଲୋଜି, କୃଷି ଏବଂ ଅକ୍ଷୟ ଶକ୍ତି ପରି ଶିଳ୍ପ ପାଇଁ ପ୍ରସ୍ତୁତ ନୀତିଗୁଡିକ ଆଞ୍ଚଳିକ ଅଭିବୃଦ୍ଧିକୁ ଉତ୍ସାହିତ କରିଛି। ଇଣ୍ଡିଆ ଷ୍ଟାର୍ଟଅପ୍ ନଲେଜ ଆକ୍ସେସ ରେଜିଷ୍ଟ୍ରି ଦ୍ୱାରା ଷ୍ଟାର୍ଟଅପ୍, ନିବେଶକ, ମେଣ୍ଟର, ସେବା ପ୍ରଦାନକାରୀ ଏବଂ ସରକାରୀ ସଂସ୍ଥା ସମେତ ଉଦ୍ୟୋଗୀ ଇକୋସିଷ୍ଟମ ମଧ୍ୟରେ ପ୍ରମୁଖ ହିତାଧିକାରୀଙ୍କ ମଧ୍ୟରେ ସହଯୋଗକୁ କେନ୍ଦ୍ରୀକରଣ ପାଇଁ ଡିଜାଇନ କରାଯାଇଛି। ୨୦୨୧ରେ ଆରମ୍ଭ ହୋଇଥିବା ପ୍ରଡକ୍ଟ ଇନୋଭେଶନ, ଡେଭଲପମେଣ୍ଟ ଏବଂ ଗ୍ରୋଥ୍ ସ୍କିମ୍ ଦ୍ୱାରା ୪ ବର୍ଷ ମଧ୍ୟରେ ୯୯ କୋଟି ଖର୍ଚ୍ଚ ସହ ୩୦୦ ସଫ୍ଟୱେର ଉତ୍ପାଦ ଷ୍ଟାର୍ଟଅପ୍‌କୁ ସମର୍ଥନ କରିବାକୁ ଲକ୍ଷ୍ୟ ରଖିଛି। ଭାରତର ଆର୍ଥିକ ଅଭିବୃଦ୍ଧି ପାଇଁ ଷ୍ଟାର୍ଟଅପ୍ ଗୁରୁତ୍ୱପୂର୍ଣ୍ଣ ହୋଇପାରିଛି । ଷ୍ଟାର୍ଟଅପ୍ ସାରା ଦେଶରେ ୧୬ ଲକ୍ଷରୁ ଅଧିକ ଚାକିରି ସୃଷ୍ଟି କରିଛି । ବିଶ୍ୱ ଉଦ୍ୟୋଗ ପୁଞ୍ଜି (ଭିସି) ଏବଂ ଘରୋଇ ଇକ୍ୱିଟି ବିନିଯୋଗ କ୍ଷେତ୍ରରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି।

# ଓଲା ଇଲେକ୍‌ଟ୍ରିକ୍ ନେଟ୍‌ୱର୍କ ସମ୍ପ୍ରସାରଣ

ନୂଆଦିଲ୍ଲୀ,୨୫।୧୨

ଦେଶର ପ୍ରମୁଖ ବୈଦ୍ୟୁତିକ ଯାନ ନିର୍ମାତା ତଥା ଇଲେକ୍‌ଟ୍ରିକ୍ ଭେହିକିଲ (ଇଭି) କମ୍ପାନୀ 'ଓଲା ଇଲେକ୍‌ଟ୍ରିକ୍'ର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ 'ନେଟ୍‌ୱର୍କ ସମ୍ପ୍ରସାରଣ' ସମ୍ପର୍କରେ ଘୋଷଣା କରିଛି। ଏପରିକି କମ୍ପାନୀ ବୁଧବାର ସାରା ଦେଶରେ ଏକ ବଡ଼ ଧରଣର ନୂତନ ଶୋ'ରୁମ୍‌ର ଶୁଭାରମ୍ଭ ସର୍ବଭାରତୀୟ ସ୍ତରରେ କରିଛି। ଫଳରେ କମ୍ପାନୀ ଦେଶବ୍ୟାପୀ ୪୦୦୦ ଷ୍ଟୋରକୁ ଏକ ସାଙ୍ଗରେ ଶୁଭାରମ୍ଭ କରାଯାଇଛି। ଏହି ବିସ୍ତାର ସହ ବର୍ତ୍ତମାନ କମ୍ପାନୀ ନେଟ୍‌ୱର୍କରେ ୪ ଗୁଣ ଷ୍ଟୋର ବୃଦ୍ଧି ହୋଇଛି। ସେହିଭଳି ସର୍ଭିସ୍ ସେଣ୍ଟରଗୁଡିକ ସହ ମିଳିତ ଭାବେ ଅବସ୍ଥାପିତ ୩୨୦୦ରୁ ଅଧିକ ନୂଆ ଷ୍ଟୋରର ଶୁଭାରମ୍ଭ ସହ କମ୍ପାନୀ ମେଟ୍ରୋ, ଟିୟର ୧ ଓ ଟିୟର ୨ ସହରଗୁଡିକ ବାହାରେ ଭାରତର ପ୍ରାୟ ପ୍ରତ୍ୟେକ ଟାଉନ ଓ ତହସିଲରେ ବ୍ୟାପକ ପ୍ରବେଶୀକରଣକୁ ସକ୍ଷମକରି ବୃହତ୍ ସ୍ତରର ଇଭି ଗ୍ରହଣୀୟତାକୁ ପରିଚାଳନା କରିବା ପାଇଁ ପ୍ରତିବଦ୍ଧ ରହିଛି। ଏହି ସମ୍ପ୍ରସାରଣ ଯୋଜନା ଅଧୀନରେ ଓଲା ଇଲେକ୍‌ଟ୍ରିକ୍ ପକ୍ଷରୁ ଭୁବନେଶ୍ୱରର କେସୁରାଠାରେ ଏକ ନୂତନ ଷ୍ଟୋରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରାଯାଇଛି। ଏହି ଅବସରରେ ଓଲା ଇଲେକ୍‌ଟ୍ରିକ୍ ଆର୍‌ଏସ୍‌ଏମ୍ ନବୀନ ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉଭୟ କମ୍ପାନୀ ଓ ଶୋ'ରୁମ୍‌ର ବହୁ ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ମଧ୍ୟ ଉପସ୍ଥିତ ଥିଲେ।

# ବଜାଜ୍ ଫିନ୍‌ସର୍ଭର ନୂତନ ଉତ୍ପାଦ

ନୂଆଦିଲ୍ଲୀ,୨୫।୧୨

ବଜାଜ୍ ଫିନ୍‌ସର୍ଭ ଏଏମ୍‌ସି (ବଜାଜ୍ ଫିନସର୍ଭ)ର ନୂତନ ଉତ୍ପାଦ 'ଇଏଲ୍‌ଏସ୍‌ଏସ୍ ଟ୍ୟାକ୍ସ ସେଭର ଫଣ୍ଡ'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଏହା ଏକ ଓପନ୍-ଏଣ୍ଡେଡ୍ ଇକ୍ୱିଟି ଲିଙ୍କ୍‌ଡ ସେଭିଂ ସ୍କିମ୍ ହୋଇଥିଲାବେଳେ ୩ ବର୍ଷର ଲକ୍-ଇନ୍ ଅବଧି ଓ ଟିକସ ଲାଭ ସହିତ ବଜାଜ୍ ଫିନ୍‌ସର୍ଭ ଇଏଲ୍‌ଏସ୍‌ଏସ୍ ଟ୍ୟାକ୍ସ ସେଭର ଫଣ୍ଡ ଆରମ୍ଭ ହୋଇଛି। ଏହି ଫଣ୍ଡର ସବ୍‌ସ୍କ୍ରିପଶନ ଆରମ୍ଭ ହୋଇଯାଇଥିଲାବେଳେ ଏହାର ଅବଧି ୨୦୨୫ ଜାନୁଆରୀ ୨୨ରେ ଶେଷ ହେବ। ଏ ସମ୍ପର୍କରେ ବଜାଜ୍ ଫିନ୍‌ସର୍ଭ ଏଏମ୍‌ସିର ସିଇଓ ଗଣେଶ ମୋହନ କହିଛନ୍ତି, ଆମେ ଲୋକମାନଙ୍କୁ ସେମାନଙ୍କର ଦୀର୍ଘାବଧି ଲକ୍ଷ୍ୟ ସହ ମେଳ ଖାଉଥିବା ସ୍ମାର୍ଟ ଫାଇନାନ୍ସିଆଲ ସଲ୍ୟୁଶନ ପ୍ରଦାନକରି ସଶକ୍ତ କରିବା ପାଇଁ ପ୍ରତିବଦ୍ଧ ରହିଛୁ। ଇଏଲ୍‌ଏସ୍‌ଏସ ଟିକସ ସଞ୍ଚୟ, ଇକ୍ୱିଟି ମାଧ୍ୟମରେ ସମ୍ପତ୍ତି ସୃଷ୍ଟି ଓ ସର୍ବନିମ୍ନ ଲକ୍-ଇନ୍ ଅବଧି ଭଳି ୩ଟି ଲାଭ ସହିତ ନିବେଶକଙ୍କୁ ନିଜର ଆର୍ଥିକ ଲକ୍ଷ୍ୟ ହାସଲ କରିବାରେ ସାହାଯ୍ୟ କରିପାରିବ।





ରୁଦ୍ରନାରାୟଣ ସାହୁ
ଯୋରନ୍ଦା, ମହିମାଗାଦି, ଢେଙ୍କାନାଳ
ତୋର ଚଲାପଥ କୁସୁମିତ ହେଉ, ଏହାହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୁଭେଚ୍ଛା - ପରିବାରବର୍ଗ
D-2388


# ବବି ଜନ୍ ସହ ଡା. ଅର୍ଥୋର ବୁଝାମଣା

ନୂଆଦିଲ୍ଲୀ,୨୫।୧୨




ଦେଶର ଅଗ୍ରଣୀ ଆୟୁର୍ବେଦିକ କମ୍ପାନୀ ତଥା ଦିଭିସା ହର୍ବାଲ୍ସ ପ୍ରାଇଭେଟ ଲିମିଟେଡର ପ୍ରମୁଖ ବ୍ରାଣ୍ଡ ଡ. ଅର୍ଥୋ ଏବଂ ବଲିଉଡ୍ ଫିଲ୍ମ 'ବବି ଜନ୍' ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ହୋଇଛି। ଏପରିକି ଏହି ଆକ୍ସନ ଥ୍ରିଲର ଚଳଚ୍ଚିତ୍ର ଜଣାଶୁଣା ଫିଲ୍ମ ନିର୍ଦ୍ଦେଶକ କାଲସିଙ୍କ ଦ୍ୱାରା ନିର୍ଦ୍ଦେଶିତ ଏବଂ ବରୁଣ ଧାୱନଙ୍କ ଅଭିନୀତ 'ବବି ଜନ୍'ର ପ୍ରଚାର ଓ ପ୍ରସାର ସହ ବ୍ରାଣ୍ଡର ପ୍ରଚାର ଏହା ଜରିଆରେ ହୋଇପାରିବ ବୋଲି କୁହାଯାଇଛି। ବିଶେଷକରି ଚଳଚ୍ଚିତ୍ରର ମୁଖ୍ୟ ନାୟକ ତଥା ଡିସିପି ସତ୍ୟ ବର୍ମା କିଭଳି ରାଜନୀତିର ପଶାପାଲିରେ ଛନ୍ଦି ହୋଇ ସଂଘର୍ଷ କରୁଛନ୍ତି ଏବଂ ପଲଟିସିଆନ ବବର ଶେର ସହ ଲଢେଇ କରି ସଫଳ ହେଉଛନ୍ତି।

ଏ ସମ୍ପର୍କରେ ଦିଭିସା ହର୍ବାଲ୍ସ ପ୍ରାଇଭେଟ ଲିମିଟେଡ୍‌ର ଏମ୍‌ଡି ତଥା ଉଦ୍ୟୋଗୀ ଓ ନିବେଶକ ଡ. ସଞ୍ଜୀବ ଜୁନେଜା କହିଥିଲେ, ଆମେ ବଲିଉଡ୍ ଫିଲ୍ମ ବବି ଜନ ସହ ସାମିଲ ହୋଇ ବେଶ୍ ଉତ୍ସାହିତ ଅଛୁ। ଏପରିକି ବବି ଜନର ସଫଳତା ପାଇଁ ମଧ୍ୟ ଶୁଭେଚ୍ଛା ଜଣାଉଛୁ। ସେହିଭଳି କିଭଳି ଜଣେ କର୍ତ୍ତବ୍ୟବାନ ପୋଲିସ ଅଫିସର ତା'ର ପରିବାର ସୁରକ୍ଷା ଓ ପରିବାର ପ୍ରତି ହୋଇଥିବା ଅନ୍ୟାୟ ବିରୋଧରେ ଲଢେଇ କରି ପରିଶେଷରେ ସଫଳ ହେଉଛି। ସେ ବିଷୟରେ ଚଳଚ୍ଚିତ୍ରରେ ଅଭିନୟ କରିଥିବା ଅଭିନେତା ଓ ଏହାର ସମସ୍ତ ଟିମ ମେମ୍ବରଙ୍କ କଠିନ ପରିଶ୍ରମକୁ ପରିପ୍ରକାଶ କରୁଛି। ସେହିପରି ବ୍ରାଣ୍ଡ ଅର୍ଥୋର ଷ୍ଟ୍ରଙ୍ଗ ଅଏଲର ଗୁଣବତ୍ତା ଓ କଠିନ ପରିଶ୍ରମକାରୀଙ୍କ ଲାଗି ଯେଉଁ ଉପକାରିତା ପ୍ରଦାନ କରୁଛି ସେ ବିଷୟରେ ମଧ୍ୟ ଏହି ଚଳଚ୍ଚିତ୍ରର ଅଭିନେତାମାନେ ମତପ୍ରକାଶ କରିଛନ୍ତି।

ଅପରପକ୍ଷରେ ବ୍ରାଣ୍ଡର ସମସ୍ତ ଉତ୍ପାଦ ଦୀର୍ଘ ଦିନ ହେବ ଲୋକଙ୍କ ହିତରେ ଏବଂ ଗ୍ରାହକଙ୍କ ସେବାରେ ରହିଛି। ଏପରିକି କମ୍ପାନୀର ଅନେକ ପ୍ରକାରର ବ୍ରାଣ୍ଡ ଦୀର୍ଘଦିନ ହେବ ଗ୍ରାହକଙ୍କ ସେବାର ଉତ୍ସର୍ଗୀକୃତ ହୋଇ ରହିଛି।

# ୨୮ରୁ ଓୟୁଟିଆର୍‌ରେ ବାର୍ଷିକ ଜାତୀୟ ସମ୍ମିଳନୀ

ଭୁବନେଶ୍ୱର,୨୫।୧୨(ଅନୁରାଧା ମହାରଣା)

ଓଡ଼ିଶା କେମିକାଲ ସୋସାଇଟିର ୩୮ତମ ବାର୍ଷିକ ସମ୍ମିଳନୀ ଏବଂ ପଦାର୍ଥ ରସାୟନ ବିଜ୍ଞାନରେ ଅଗ୍ରଗତି ଉପରେ ଜାତୀୟ ସମ୍ମିଳନୀ (ଏଏମ୍‌ସି) ଡିସେମ୍ବର ୨୮ରୁ ୩୦ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଓଡ଼ିଶା ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ ରିସର୍ଚ୍ଚ (ଓୟୁଟିଆର୍) ପରିସରରେ ସ୍କୁଲ ଅଫ ବେସିକ ସାଇନ୍ସେସ ଆଣ୍ଡ ହ୍ୟୁମାନିଟିଜ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେବ। ଆଇଆଇଟି, ଏନ୍‌ଆଇଟି, ଏନ୍‌ଆଇଏସ୍‌ଇଆର୍, ବିଏଆର୍‌ସି ଆଦି ଶିକ୍ଷାନୁଷ୍ଠାନଗୁଡ଼ିକର ପ୍ରତିନିଧିମାନେ ଏହି ସମାବେଶରେ ଯୋଗଦେବେ। ଅଧିବେଶନରେ ମୁଖ୍ୟ ବକ୍ତବ୍ୟ, ବୈଷୟିକ ଉପସ୍ଥାପନା ଏବଂ ପଦାର୍ଥ ରସାୟନ ବିଜ୍ଞାନର ଅତ୍ୟାଧୁନିକ ବିକାଶ ଉପରେ ଆଲୋଚନା କରାଯିବ, ଯାହା ଶିକ୍ଷା ଏବଂ ଶିଳ୍ପ ମଧ୍ୟରେ ସମନ୍ୱୟ ଉପରେ ଆଲୋକପାତ କରାଯିବ। ସ୍କୁଲ ଅଫ ବେସିକ ସାଇନ୍ସେସ ଆଣ୍ଡ ହ୍ୟୁମାନିଟିଜର ମୁଖ୍ୟ ଆବାହକ ପ୍ରଫେସର ବି.ଆର୍. ଦାସ କହିଛନ୍ତି, ଉକ୍ତ ସମ୍ମିଳନୀ ଶିକ୍ଷା ଓ ଗବେଷଣାରେ ଉତ୍କର୍ଷତାକୁ ପ୍ରୋତ୍ସାହିତ କରିବା ସହ ଭୁବନେଶ୍ୱରକୁ ବୈଜ୍ଞାନିକ ନବସୃଜନ ଏବଂ ଆଲୋଚନାର କେନ୍ଦ୍ର ଭାବେ ସ୍ଥାନିତ କରିବ।


# Classified Everyday
0674-2580101, 9692975378




## SALE

Official space & shops (BMC & RERA approved) for sale in a prime location of BBSR. For details please contact: 7605932509. D-2319

4 BHK luxurious flat for sale at Unit-3, Kharavelanagar, back side of Ram Mandir, handover within 2 months. Please contact: 9438362399. D-2310

Gharabari converted plots available near Hitech Square, Sundarpada, Bhubaneswar. For more details contact- 9938015048. D-2386

1BHK ready to move in flats available in Hi-Tech Brundaban Project near Batamangala Temple, Puri Town. 9938015048, 9040023313. D-2387

ଅରଡ଼ରେ ଘରବାରି ପ୍ଲଟ୍ ମିଳୁଛି। ତ୍ରିନାଥ ବଜାରଠାରୁ 5Km. ଦୂରତାରେ ସୁଲଭ Priceରେ ପ୍ଲଟ୍ ମିଳେ- 7205626277. D-2385




Newly open health benefits spa by expert therapist. Contact: 8280961126. D-76180

Newly open health benefits spa by experience lady therapist. 7750040475. D-76179

Newly open Spa positively Health benefit with expert. Contact: 7847834544. D-2365

## AFFIDAVIT

I, Ritarani Bhoi, aged about 33yrs., Wife of Balaram Bhoi, Resident of Village Palatpur, P.O.- Bhuinpur, P.S.- Dhusuri, in the Dist. of Bhadrak, Odisha, Pin- 756138 do hereby declare that, by virtue of this affidavit, from today I shall be known as Ritarani Bhoi instead of Mitarani Bhoi in all official and non-official purposes. D-2389

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

I, Dillip Kumar Ojha (51 yrs.), S/o- Late Kalandi Charan Ojha, Vill./P.O. - Sundarpur, P.S.- Dhusuri, Dist.- Bhadrak declare that my wife has an LIC Policy bearing No. 588872623. Where in her name mentioned Anima Ojha. But her actual name is Annapurna Ojha. Further I declare that Anima Ojha and Annapurna Ojha, W/o Dillip Kumar Ojha same and one person. D-2369

ମୁଁ ଶ୍ରୀମତୀ ମିନାକ୍ଷୀ ପଟ୍ଟନାୟକ, ୬୨ ବର୍ଷ, ପିତା- ସୂର୍ଯ୍ୟନାରାୟଣ ପଟ୍ଟନାୟକ, ପ୍ଲଟ୍ ନଂ. ୬୨(ପି), ଏକାମ୍ର ରୋଡ୍, ଗଙ୍ଗନଗର, ୟୁନିଟ୍-୬, ଭୁବନେଶ୍ୱର ନୋଟାରୀ ପବ୍ଲିକ୍, ଭୁବନେଶ୍ୱରଙ୍କ ନିକଟରେ ନ୍ୟାୟିକ ମୋହର ସଂଖ୍ୟା ୭୩ ଏଏ ୮୩୦୭୪୦, ତା।୧୭।୧୨।୨୦୨୪ରିଖରେ କରିଥିବା ଶପଥପାଠ ଅନୁଯାୟୀ ଜଣାଉଅଛି କି ମୋର ପ୍ରକୃତ ଏବଂ ନିର୍ଭୁଲ ନାମ ଆଧାର କାର୍ଡ ନଂ. XXXX XXXX ୩୨୪୬ ଏବଂ ପାନ୍ କାର୍ଡ ଏଜି ପିପିପି ୬୮୯୧ ଏତ୍ ଅନୁସାରେ ମିନାକ୍ଷୀ ପଟ୍ଟନାୟକ ଅଟେ। କିନ୍ତୁ ଭୁଲ୍‌ବଶତଃ ମୋର ନାମ ପାସ୍‌ପୋର୍ଟ ବହି ନଂ. ଏଲ୍ ୮୩୩୭୫୯୧ରେ ମିନାକ୍ଷୀ କୁମାରୀ ପଟ୍ଟନାୟକ ରହିଯାଇଅଛି। ଅଦ୍ୟଠାରୁ ଏହି ଶପଥପାଠ ମାଧ୍ୟମରେ ମୁଁ ଘୋଷଣା କରୁଅଛି କି ମିନାକ୍ଷୀ ପଟ୍ଟନାୟକ ଏବଂ ମିନାକ୍ଷୀ କୁମାରୀ ପଟ୍ଟନାୟକ ଉଭୟ ନାମ ଏକକ ବ୍ୟକ୍ତିଙ୍କର ଅଟେ, ଯାହା ସର୍ବତ୍ର ବ୍ୟବହୃତ ହୋଇପାରିବ। ଧ-୨୩୯୦


# ବଜାରରେ ହୋଣ୍ଡାର ଏସ୍‌ପି୧୬୦

ନୂଆଦିଲ୍ଲୀ,୨୫।୧୨ (ଅଭୟ ଦାଶ)



ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ (ଏଚ୍‌ଏମ୍‌ଏସ୍‌ଆଇ)ର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ନୂତନ ଏସ୍‌ପି୧୬୦ (ନ୍ୟୁ ୨୦୨୫ ଏସ୍‌ପି୧୬୦)ର ଅନାବରଣ ନିକଟରେ ହୋଇଯାଇଛି। ଏ ସମ୍ପର୍କରେ ଏଚ୍‌ଏମ୍‌ଏସ୍‌ଆଇର ଏମ୍‌ଡି,ସଭାପତି ତଥା ସିଇଓ ସୁଟୁସୁମୁ ଓଟାନୀ କହିଛନ୍ତି, ଆମେ ଆମର ନୂତନ ମଡେଲ ତଥା ଓବିଡି୨ବି ନିୟାମକ ନୂତନ ଏସ୍‌ପି୧୬୦କୁ ଅନାବରଣ ସହ ବଜାର କରାଇ ବେଶ୍ ଉତ୍ସାହିତ ଅଛୁ। ଏପରିକି ୧ବର୍ଷ ମଧ୍ୟରେ ଏହି ଏସ୍‌ପି୧୬୦ ଗ୍ରାହକଙ୍କ ମଧ୍ୟରେ ଲୋକପ୍ରିୟତାର ଚରମସୀମାରେ ପହଞ୍ଚିଛି। ବର୍ତ୍ତମାନ ଓବିଡି ୨ବି ଅନୁରୂପ ଇଞ୍ଜିନ ତଥା ଅତ୍ୟାଧୁନିକ ବିଶେଷତ୍ୱ ସହିତ ଏହି ମଡେଲ ବଜାରରେ ଉପଲବ୍ଧ ହେଉଛି। ଏଥିରେ (ଏସ୍‌ପି୧୬୦)ରେ ଟିଏଫ୍‌ଟି ଡିସ୍‌ପ୍ଲେ ସହିତ ହୋଣ୍ଡା ରୋଡସିଙ୍କ୍ ଆପ୍ ମାଧ୍ୟମରେ ବ୍ଲୁ ଟୁଥ୍ ସଂଯୋଗୀକରଣ ଭଳି ସୁବିଧା ସାମିଲ ରହିଛି। ଏହାଦ୍ୱାରା ଆମ ଗ୍ରାହକମାନେ ଏସ୍‌ପି୧୬୦ରେ ପ୍ରସ୍ତୁତ ହୋଇ ରହିଥିବା ବୃଦ୍ଧିପ୍ରାପ୍ତ ଅଭିଜ୍ଞତାକୁ ଚାଳନା କରିବା ସମୟରେ ଏହାକୁ ପାଇପାରିବେ। ସେହିଭଳି ଏଚ୍‌ଏମ୍‌ଏସ୍‌ଆଇର ନିର୍ଦ୍ଦେଶକ (ସେଲସ୍ ଆଣ୍ଡ ମାର୍କେଟିଂ) ଯୋଗେଶ ମାଥୁର କହିଥିଲେ, ଏସ୍‌ପି୧୬୦ ସବୁବେଳେ ଉଚ୍ଚାଭିଳାଷୀ ତଥା ଉତ୍ସାହୀ ଯୁବ ଚାଳକମାନଙ୍କ ଦ୍ୱାରା ଅନୁପ୍ରାଣିତ ହୋଇଛି। ଏପରିକି ଯେଉଁମାନେ ଜୀବନରେ ସାହସୀ ହେବାକୁ ଇଚ୍ଛା କରିଥାନ୍ତି।

ସେହିପରି ଆଧୁନିକ ଶୈଳୀ ସହ ଅତ୍ୟାଧୁନିକ ବୈଶିଷ୍ଟ୍ୟର ପରିପୂର୍ଣ୍ଣ ଏବଂ ଜ୍ଞାନକୌଶଳ ଓ ଅସାଧାରଣ ମୂଲ୍ୟକୁ ନେଇ ନୂତନ ଏସ୍‌ପି୧୬୦ ଗ୍ରାହକମାନଙ୍କୁ ଆକୃଷ୍ଟ କରିପାରିଛି। ଯେଉଁମାନେ କି ଉଭୟ ଶୈଳୀ ଏବଂ କାର୍ଯ୍ୟକାରିତାର ଆବଶ୍ୟକତା କରିଥାନ୍ତି। ଆମର ବିଶ୍ୱାସ ଏହି ଅଧୁନାତମ ଏସ୍‌ପି୧୬୦ର ଶୁଭାରମ୍ଭ ୧୬୦ସିସି କମ୍ୟୁଟର ସେଗ୍‌ମେଣ୍ଟରେ ଏକ ନୂତନ ମାଇଲଖୁଣ୍ଟ ସ୍ଥାପନ କରିବ।

ଉଲ୍ଲେଖଯୋଗ୍ୟ, ଏସ୍‌ପି୧୬୦ରେ ଆକର୍ଷଣୀୟ ଏଲ୍‌ଇଡି (ସମ୍ମୁଖ ଭାଗ ଲ୍ୟାମ୍ପ) ସହ ଏକ ଉନ୍ନତମାନର ଅଗ୍ରଣୀ ଟାଙ୍କି ରହିଛି। ଏହି ମଡେଲ ଦୁଇଟି ଆକାରରେ 'ସିଙ୍ଗଲ ଡିସ୍କ ଏବଂ ଡବଲ ଡିସ୍କ'ରେ ଉପଲବ୍ଧ ରହିଛି, ଯେଉଁଥିରେ ୪ଟି ରଙ୍ଗର ବିକଳ୍ପ ରାଡିଆଣ୍ଟ ରେଡ୍ ମେଟାଲିକ୍, ପର୍ଲ ଇଗ୍ନିୟସ୍ ବ୍ଲାକ୍, ପର୍ଲ ଡିପ୍ ଗ୍ରାଉଣ୍ଡ ଗ୍ରେ ଏବଂ ଆଥ୍‌ଲେଟିକ୍ ବ୍ଲୁ ମେଟାଲିକ୍ କଲର ରହିଛି। ଏପରିକି ଏହି ନୂତନ ମଡେଲ (ନ୍ୟୁ ୨୦୨୫ ହୋଣ୍ଡା ଏସପି୧୬୦)ର ବଜାର ମୂଲ୍ୟ (ଏକ୍ସ ଶୋ'ରୁମ୍ ଦିଲ୍ଲୀ) ୧,୨୧,୯୫୧ ଟଙ୍କାରୁ ଆରମ୍ଭ ହେଉଛି।

# ହାର୍ଭାର୍ଡ ଇଣ୍ଡିଆ ସମ୍ମିଳନୀରେ ଯୋଗଦେବେ ନୀତା

ମୁମ୍ବାଇ,୨୫।୧୨



ନୀତା ଏମ୍ ଅମ୍ବାନୀ

ରିଲାଏନ୍ସ ଗ୍ରୁପ୍‌ର ସାମାଜିକ ପ୍ରତିଷ୍ଠାନ ତଥା ରିଲାଏନ୍ସ ଫାଉଣ୍ଡେଶନର ଚେୟାରମ୍ୟାନ୍ ନୀତା ଏମ୍ ଅମ୍ବାନୀ ୨ ଦିନିଆ ହାର୍ଭାର୍ଡ ଇଣ୍ଡିଆ ସମ୍ମିଳନୀରେ ଯୋଗଦେବେ ବୋଲି ଇଣ୍ଡିଆନ କନ୍‌ଫରେନ୍ସ ଆଟ୍ ହାର୍ଭାର୍ଡ (ଆଇସିଏଚ୍) ପକ୍ଷରୁ ନିକଟରେ ଘୋଷଣା କରାଯାଇଛି।

ଉଲ୍ଲେଖଯୋଗ୍ୟ, ୨୦୨୫ ଫେବୃଆରୀ ୧୫ ଓ ୧୬ରେ ଆମେରିକାର ବୋଷ୍ଟନଠାରେ ହେବାକୁ ଥିବା ସମ୍ମାନଜନକ ହାର୍ଭାର୍ଡ ଇଣ୍ଡିଆ କନଫରେନ୍ସ (ଇଣ୍ଡିଆନ କନ୍‌ଫରେନ୍ସ ଆଟ୍ ହାର୍ଭାର୍ଡ ବା ଆଇସିଏଚ୍)ର ୨୨ତମ ଏଡିଶନରେ ନୀତା ଅମ୍ବାନୀ ଭାରତର ବିଶ୍ୱ ଶକ୍ତି ଏବଂ ସମ୍ଭାବନା ଉପରେ ନିଜର ମତ ରଖିବେ। ଏପରିକି ଚଳିତ ଥରର ବିଷୟ ବସ୍ତୁ (୨୦୨୫ର ଥିମ୍) 'ଭାରତରୁ ବିଶ୍ୱ ପର୍ଯ୍ୟନ୍ତ' ଶୀର୍ଷକ ରଖାଯାଇଛି।

ଏ ସମ୍ପର୍କରେ ସମ୍ମିଳନୀର ସହ-ଚେୟାରମ୍ୟାନ୍ ଆୟୁଷ ଶୁକ୍ଲା କହିଛନ୍ତି, ଏହି ମଞ୍ଚ ଭାରତର ବୈଷୟିକ ପ୍ରଗତି, ସାଂସ୍କୃତିକ ବିବିଧତା ଏବଂ ସାମୁଦାୟିକ ଦୃଷ୍ଟିକୋଣକୁ ବିଶ୍ୱସ୍ତରରେ ପ୍ରଦର୍ଶିତ କରିବାର ସୁଯୋଗ ପ୍ରଦାନ କରିଥାଏ। ଏପରିକି ଯୁକ୍ତରାଷ୍ଟ୍ର ଆମେରିକାରେ ଭାରତ ଉପରେ ପର୍ଯ୍ୟବସିତ ଛାତ୍ରମାନଙ୍କ ଦ୍ୱାରା ପରିଚାଳିତ ସବୁଠାରୁ ପ୍ରଭାବଶାଳୀ ସମ୍ମିଳନୀ ମଧ୍ୟରେ ହାର୍ଭାର୍ଡ ଇଣ୍ଡିଆ କନ୍‌ଫରେନ୍ସ ଅନ୍ୟତମ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

ସେହଭଳି ନୀତା ଅମ୍ବାନୀଙ୍କ ସହ ଫାୟାରସାଇଡ ବାର୍ତ୍ତାଳାପରେ ଭାରତ ବିଶ୍ୱସ୍ତରର ଭୂମିକା ଏବଂ ଦୃଷ୍ଟିକୋଣ ଉପରେ ମଧ୍ୟ ଆଲୋଚନା କରାଯିବ। ଏହା ସହ ଜଳବାୟୁ ପରିବର୍ତ୍ତନ ଏବଂ ଆର୍ଥିକ ଅନ୍ତର୍ଭୁକ୍ତିକୁ ନେଇ ଏକ ପଲିସି ହ୍ୟାକାଥନ୍ ଏବଂ ଭାରତୀୟ ଉଦ୍ୟୋଗୀମାନଙ୍କ ପାଇଁ ଏକ ଷ୍ଟାର୍ଟଅପ୍ ପିଚ୍ ପ୍ରତିଯୋଗିତା ମଧ୍ୟ ଆୟୋଜିତ ହେବ।

ସେହିପରି ନୀତା ତାଙ୍କ ସାମାଜିକ କାର୍ଯ୍ୟକ୍ରମ ମାଧ୍ୟମରେ ୮କୋଟିରୁ ଅଧିକ ଲୋକଙ୍କ ଜୀବନରେ ସକାରାତ୍ମକ ପ୍ରଭାବ ପକାଇଛନ୍ତି। ନିକଟରେ ନିଜର ସଫଳ ଉଦ୍ୟମ ବଳରେ ସେ ୪ ଦଶନ୍ଧି ପରେ ଭାରତରେ ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି (ଆଇଓସି)ର ଅଧିବେଶନ ଆୟୋଜନ କରିବା ସହ ୨୦୩୬ ଅଲିମ୍ପିକ୍ସ ପାଇଁ ଭାରତର ଆବେଦନକୁ ମଜଭୁତ କରିଛନ୍ତି। ଏପରିକି ତାଙ୍କର ଏହି ସଫଳତା ଭାରତର ବିଶ୍ୱ ପ୍ରଭାବ ଏବଂ ନେତୃତ୍ୱ ସାମର୍ଥ୍ୟର ପ୍ରତୀକ ବୋଲି କୁହାଯାଉଛି।

ଆୟୋଜକଙ୍କ ସୂଚନା ଅନୁସାରେ ୮୦ରୁ ଅଧିକ ବକ୍ତା ଏହି ସମ୍ମିଳନୀରେ ଅଂଶଗ୍ରହଣ କରିବେ। ଅନ୍ୟ ବକ୍ତାମାନଙ୍କ ମଧ୍ୟରେ ଇଣ୍ଡିଆନ୍ ସ୍କୁଲ ଅଫ୍ ବିଜ୍‌ନେସ୍‌ର ପ୍ରତିଷ୍ଠାତା ଡିନ୍ ପ୍ରମଥ ରାଜ ସିହ୍ନା, ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜର ସିଇଓ ଅନିଶ ଚୌହାନ, ଫ୍ୟାଶନ୍ ଡିଜାଇନର୍ ସାବ୍ୟାସାଚୀ ମୁଖାର୍ଜୀ ଏବଂ ଅଞ୍ଜଳି ବଂଶଲ ପ୍ରମୁଖ ସାମିଲ ରହିଛନ୍ତି।

# ପରଦା

ନୂଆ ବର୍ଷ ଆଗତପ୍ରାୟ । ଚଳିତବର୍ଷ ମନୋରଞ୍ଜନ ଦୁନିଆରେ ଅନେକ ସ୍ମରଣୀୟ ଘଟଣା ଘଟିଯାଇଛି । ଅନ୍ୟପକ୍ଷରେ ତାମିଲ ଫିଲ୍ମ 'ପୁଷ୍ପା-୨' ରିଲିଜ ହେବାର ମାତ୍ର ଦିନ କେଇଟା ମଧରେ ରେକର୍ଡ ସୃଷ୍ଟି କରି ୧୦୦୦କୋଟି କ୍ଲବରେ ପ୍ରବେଶ କରିଛି । ଚଳିତ ବର୍ଷ ଓଲିଉଡ୍, ବଲିଉଡ୍ ଏବଂ ହଲିଉଡ୍‌ରେ ଘଟିଥିବା ପ୍ରମୁଖ ଘଟଣାବଳୀ ସମ୍ପର୍କରେ ସୂଚନା...

## ଘରସଂସାର କଲେ ସୋନାକ୍ଷୀ


ସୋନାକ୍ଷୀ

ଚଳିତ ବର୍ଷ ବଲିଉଡ୍‌ର ଦୁଇ ଜଣ ପ୍ରମୁଖ ଅଭିନେତ୍ରୀ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି । ସେ ଦୁହେଁ ହେଲେ ସୋନାକ୍ଷୀ ସିହ୍ନା ଏବଂ ରକୁଲ୍ ପ୍ରୀତ୍ ସିଂ । ଶତ୍ରୁଘ୍ନ ତନୟା ସୋନାକ୍ଷୀ ଚଳିତ ବର୍ଷ ନିଜ ପ୍ରେମ କାହାଣୀକୁ ଦ ଏଣ୍ଡ କରି ପ୍ରେମିକ ଜାହିର ଇକବଲ୍‌ଙ୍କ ସହ ଘରସଂସାର କରିଛନ୍ତି । ଦୁହେଁ ପାଖାପାଖି ୭ ବର୍ଷ ଡେଟିଂରେ ଥିଲେ । ଏହି ବିବାହ ଉତ୍ସବରେ ଉଭୟ ପରିବାରର ସଦସ୍ୟ, ନିକଟ ସମ୍ପର୍କୀୟ ଏବଂ ବଲିଉଡ୍‌ର ବ୍ୟକ୍ତିବିଶେଷମାନେ ଉପସ୍ଥିତ ଥିଲେ । ୨୦୨୨ରେ ସୋନାକ୍ଷୀ ଏବଂ ଜାହିର ଏକ ଭିଡିଓ ଆଲବମ୍ 'ବ୍ଲକବଷ୍ଟର'ରେ ପ୍ରଥମ ଥର ପାଇଁ ଏକତ୍ର ଅଭିନୟ କରିଥିଲେ । ଅନ୍ୟପକ୍ଷରେ ଏ ବର୍ଷ ହିନ୍ଦୀ ସିନେମାର ଅନ୍ୟତମ ବିଶିଷ୍ଟ ପ୍ରଯୋଜକ ଭାସୁ ଭଗନାନୀଙ୍କ ପୁଅ ଜ୍ୟାକିଙ୍କୁ ରକୁଲ ପତି ରୂପରେ ଗ୍ରହଣ କରିଛନ୍ତି ।



## ରିଶବ ଶ୍ରେଷ୍ଠ ଅଭିନେତା

ଚଳିତ ବର୍ଷ ୭୦ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ କରାଯାଇଛି । 'କନ୍ତରା' ଚଳଚ୍ଚିତ୍ର ପାଇଁ ରିଶବ ସେଟ୍ଟି ଶ୍ରେଷ୍ଠ ଅଭିନେତା ଭାବରେ ପୁରସ୍କୃତ ହୋଇଛନ୍ତି । ଆନନ୍ଦ ଏକାର୍ଷୀଙ୍କ ନିର୍ଦ୍ଦେଶିତ ମାଲୟାଲମ ଚଳଚ୍ଚିତ୍ର 'ଆଟମ'କୁ ଶ୍ରେଷ୍ଠ ଚଳଚ୍ଚିତ୍ର ପୁରସ୍କାର ମିଳିଛି । ଅନ୍ୟପକ୍ଷରେ ଏଥର ଦୁଇ ଜଣଙ୍କୁ ଶ୍ରେଷ୍ଠ ଅଭିନେତ୍ରୀ ପୁରସ୍କାର ପ୍ରଦାନ କରାଯାଇଛି । ସେ ଦୁହେଁ ହେଲେ ନିତ୍ୟା ମେନନ (ଥିରୁଚିତ୍ରମ୍ବଲମ୍) ଏବଂ ମାନସୀ ପାରେଖ (କୁଚ୍ ଏକ୍ସପ୍ରେସ) । 'ଉଞ୍ଚାଇ' ଚଳଚ୍ଚିତ୍ରର ନିର୍ଦ୍ଦେଶନା ପାଇଁ ବିଶିଷ୍ଟ ନିର୍ଦ୍ଦେଶକ ସୁରଜ ବରଜ୍ୟାତାଙ୍କୁ ଶ୍ରେଷ୍ଠ ନିର୍ଦ୍ଦେଶକ, ନୀନା ଗୁପ୍ତା ଶ୍ରେଷ୍ଠ ପାର୍ଶ୍ୱ ଅଭିନେତ୍ରୀ ଏବଂ ପବନ ମାଲହୋତ୍ରାଙ୍କୁ ଶ୍ରେଷ୍ଠ ପାର୍ଶ୍ୱ ଅଭିନେତା (ଫୌଜି) ପୁରସ୍କାର ମିଳିଛି ।

### ନିର୍ଦ୍ଦେଶକ ସାଜିଲେ ବ୍ରଜ

ବିଶିଷ୍ଟ ହାସ୍ୟାଭିନେତା ବ୍ରଜ ସିଂ ଚଳିତ ବର୍ଷ ପ୍ରଥମ ଥର ପାଇଁ ନିର୍ଦ୍ଦେଶକ ଭାବରେ ମଇଦାନକୁ ଓହ୍ଲାଇଥିଲେ । ତାଙ୍କ ନିର୍ଦ୍ଦେଶିତ ଓଡ଼ିଆ ସିନେମାଟି ଥିଲା 'ସମୟ କହିବ କିଏ କାହାର' ।


ମିଥୁନ ଚକ୍ରବର୍ତ୍ତୀ

### ମିଥୁନଙ୍କୁ ଦାଦା ସାହେବ ଫାଲ୍‌କେ

ବଲିଉଡ୍‌ର ବିଶିଷ୍ଟ ଅଭିନେତା ମିଥୁନ ଚକ୍ରବର୍ତ୍ତୀଙ୍କୁ ଚଳିତ ବର୍ଷର ସମ୍ମାନଜନକ ଦାଦା ସାହେବ ଫାଲ୍‌କେ ପୁରସ୍କାର ପ୍ରଦାନ କରାଯାଇଛି । ଏହାପୂର୍ବରୁ ମିଥୁନ ତିନି ଥର ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପାଇଛନ୍ତି ।


ବ୍ରଜ ସିଂ


ବାବୁସାନ୍

### ଶାହରୁଖଙ୍କୁ ଲାଇଫ ଟାଇମ ପୁରସ୍କାର

ଶାହରୁଖ ଖାନ୍‌ଙ୍କୁ ଲୋକାର୍ନୋ ଫିଲ୍ମ ଫେଷ୍ଟିଭାଲର ୭୭ତମ ସଂସ୍କରଣରେ ଲାଇଫ ଟାଇମ ଆଚିଭମେଣ୍ଟ ପୁରସ୍କାରରେ ସମ୍ମାନିତ କରାଯାଇଛି । ଏଭଳି ସମ୍ମାନ ହାସଲ କରିବାରେ ସେ ହେଉଛନ୍ତି ପ୍ରଥମ ଭାରତୀୟ ଅଭିନେତା ।


ଶାହରୁଖ ଖାନ୍

### 'ଦମନ'କୁ ଜାତୀୟ ପୁରସ୍କାର

ସୁପରହିଟ୍ ଓଡ଼ିଆ ଚଳଚ୍ଚିତ୍ର ତଥା ବାବୁସାନଙ୍କ ଅଭିନୀତ 'ଦମନ' ଜାତୀୟ ସ୍ତରରେ ପୁରସ୍କାର ହାସଲ କରିବାରେ ସକ୍ଷମ ହୋଇଛି । ୨୦୨୨ ପାଇଁ ଏହା ଶ୍ରେଷ୍ଠ ଓଡ଼ିଆ ଫିଚର ଫିଲ୍ମ ଭାବରେ ପୁରସ୍କୃତ ହୋଇଛି ।

## ବିବାହ ବନ୍ଧନ

'ଇସ୍କ ତୁ ହି ତୁ'ରୁ ବଡ଼ ପରଦା କ୍ୟାରିୟର ଆରମ୍ଭ କରିଥିବା ଏଲିନା ସାମନ୍ତରାୟ ଚଳିତବର୍ଷ ଘର ସଂସାର କରିଛନ୍ତି । ଇଣ୍ଡୋନେସିଆର ବାଲିଠାରେ ସେ ଅନୁରାଗ ପଣ୍ଡାଙ୍କ ସହ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି । ଅଭିନେତ୍ରୀ ତମନ୍ନା ଏ ବର୍ଷ ହାତକୁ ଦି' ହାତ ହୋଇଛନ୍ତି । ସେ ପ୍ରଯୋଜକ ସୀତାରାମ ଅଗ୍ରୱାଲ ଏବଂ ଗାୟିକା ନମିତା ଅଗ୍ରୱାଲଙ୍କ ପୁତ୍ର ସିଦ୍ଧାର୍ଥଙ୍କୁ ବିବାହ କରିଛନ୍ତି । ଅନ୍ୟପକ୍ଷରେ ଅଭିନେତ୍ରୀ ମମତା ନନ୍ଦ ଏ ବର୍ଷ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି । ଅଭିନେତା ମନୋଜ ମିଶ୍ରଙ୍କ ସହ ତାଙ୍କର ବିବାହ ସମ୍ପନ୍ନ ହୋଇଛି ।

## ଅଲ୍ଲୁ ଗିରଫ, ପରେ ଜାମିନ

ଅନ୍ୟତମ ଲୋକପ୍ରିୟ ତେଲୁଗୁ ଅଭିନେତା ଅଲ୍ଲୁ ଅର୍ଜୁନଙ୍କ ପାଇଁ ଚଳିତ ବର୍ଷ ଯେତିକି ଖୁସିମୟ ଥିଲା ସେତିକି ଦୁଃଖମୟ । ତାଙ୍କ ଅଭିନୀତ ତେଲୁଗୁ ଫିଲ୍ମ 'ପୁଷ୍ପା-୨' ବକ୍ସ ଅଫିସରେ ରେକର୍ଡ ସୃଷ୍ଟି କରିଛି । ଏପରିକି ମାତ୍ର ଅଳ୍ପ ଦିନ ମଧ୍ୟରେ ଏହି ଫିଲ୍ମଟି ୧୦୦୦କୋଟି କ୍ଲବରେ ପ୍ରବେଶ କରିଛି । କିନ୍ତୁ ମୁକ୍ତିଲାଭ ଦିନ ଏକ ସିନେମା ହଲ୍‌ରେ ଅଲ୍ଲୁ ହଠାତ୍ ପହଞ୍ଚି ଯାଇଥିଲେ ଏବଂ ତାଙ୍କୁ ଦେଖିବାକୁ ଠେଲାପେଲା ଭିତରେ ଜଣେ ମହିଳାଙ୍କର ମୃତ୍ୟୁ ଘଟିଥିଲା । ଏଭଳି ଘଟଣା ପାଇଁ ଅଲ୍ଲୁଙ୍କୁ ଗିରଫ କରାଯାଇ ପରେ ଜାମିନରେ ଛାଡ଼ି ଦିଆଯାଇଛି ।


ଅଲ୍ଲୁ ଅର୍ଜୁନ

## ଓସ୍କାର ପୁରସ୍କାର

ଅନ୍ତର୍ଜାତୀୟ ସ୍ତରରେ ଅନ୍ୟତମ ସମ୍ମାନଜନକ ଓସ୍କାର ପୁରସ୍କାରର ୯୬ତମ ସଂସ୍କରଣରେ ଏଥର 'ଓପେନହେଇମର'କୁ ଶ୍ରେଷ୍ଠ ଚଳଚ୍ଚିତ୍ର ଭାବରେ ପୁରସ୍କୃତ କରାଯାଇଛି । କେବଳ ସେତିକି ନୁହେଁ, ଏହି ଫିଲ୍ମ ପାଇଁ ସିଲିଆନ୍ ମର୍ଫିଙ୍କୁ ଶ୍ରେଷ୍ଠ ଅଭିନେତା ଭାବରେ ଏବଂ 'ପୁଅର ଥିଙ୍ଗସ' ପାଇଁ ଇମା ଷ୍ଟୋନ୍‌ଙ୍କୁ ଶ୍ରେଷ୍ଠ ଅଭିନେତ୍ରୀ ଭାବରେ ସମ୍ମାନିତ କରାଯାଇଛି । ଶ୍ରେଷ୍ଠ ଫିଲ୍ମ ଏବଂ ଶ୍ରେଷ୍ଠ ଅଭିନେତା ବ୍ୟତୀତ ଆହୁରି ୫ଟି ପୁରସ୍କାର ମିଳିଛି ।

### ଗ୍ରାମୀ ଆୱାର୍ଡରେ ଭାରତୀୟ ସଙ୍ଗୀତକୁ ସଫଳତା

ଚଳିତ ବର୍ଷ ଲସ୍ ଏଞ୍ଜେଲ୍‌ସରେ ଅନୁଷ୍ଠିତ ଗ୍ରାମୀ ଆୱାର୍ଡ-୨୦୨୪ରେ ଭାରତୀୟ ସଙ୍ଗୀତକୁ ବଡ଼ ସଫଳତା ମିଳିଛି । ଏଥିରେ ପରଲୋକଗତ ତବଲା ଉସ୍ତାଦ ଜାକିର ହୁସେନ୍, ବଂଶୀବାଦକ ରାକେଶ ଚୌରାସିଆ, ଗାୟକ ଶଙ୍କର ମହାଦେବନ, ଭାଓଲିନ୍ ବାଦକ ଗଣେଶ ରାଜଗୋପାଳନ ଏବଂ ଡ୍ରମ ବାଦକ ସେଲ୍‌ଭା ଗଣେଶଙ୍କୁ ପୁରସ୍କୃତ କରାଯାଇଛି । ଏଥର ହୁସେନ୍‌ଙ୍କୁ ସର୍ବାଧିକ ୩ଟି ଏବଂ ରାକେଶଙ୍କୁ ଦୁଇଟି ଗ୍ରାମୀ ପୁରସ୍କାର ମିଳିଛି ।

## ପରଲୋକରେ

ଚଳିତବର୍ଷ ବିଶିଷ୍ଟ ଅପେରା ନିର୍ଦ୍ଦେଶକ 'ଶାଗୁଣା ବସିଛି ଡେଣା ମେଲେଇ' ଫେମ୍ ସଚ୍ଚି ଦାସ ଏବଂ ଅଭିନେତା ଚକ୍ରଧର ଜେନା , ଯୁବ ଗାୟିକା ଲିଟିଲ କର, ଥିଏଟର ନାଟ୍ୟକାର ତଥା ନିର୍ଦ୍ଦେଶକ ପୂର୍ଣ୍ଣଚନ୍ଦ୍ର ଦାସ,ପ୍ରଡକ୍ସନ ଡିଜାଇନର ହରି ବିଶ୍ୱାଳ ଏବଂ ଓଡ଼ିଆ ଚଳଚ୍ଚିତ୍ର 'ପରଝିଅ ଘର ଭାଙ୍ଗେନା', 'ବତାସୀ ଝଡ଼' ଏବଂ 'ଜୟ ମା ମଙ୍ଗଳା'ର ସହଯୋଗୀ ନିର୍ଦ୍ଦେଶକ ସଂଗ୍ରାମ କେଶରୀ ନାୟକଙ୍କର ପରଲୋକ ଘଟିଛି । ଅନ୍ୟପକ୍ଷରେ ବଲିଉଡ୍‌ରେ ବିଶିଷ୍ଟ ନିର୍ଦ୍ଦେଶକ ଶ୍ୟାମ ବେନେଗଲ, ଶିଶୁ କଳାକାର ସୁହାନି ଭଟ୍ଟନାଗର ଏବଂ ପ୍ରଚ୍ଛଦପଟ ଗାୟକ ପଙ୍କଜ ଉଦାସଙ୍କର ଦେହାନ୍ତ ହୋଇଛି ।

## ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର

**ଚଳିତ ବର୍ଷ ଏକାଥରେ ତିନି ବର୍ଷ- ୨୦୨୦, ୨୦୨୧ ଏବଂ ୨୦୨୨ ପାଇଁ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ କରାଯାଇଛି ।**

**୨୦୨୦**

୨୦୨୦ ପାଇଁ ସମ୍ମାନଜନକ ମୋହନ ସୁନ୍ଦର ଦେବଗୋସ୍ୱାମୀ ପୁରସ୍କାର ବିଶିଷ୍ଟ ନାଟ୍ୟକାର ତଥା ନିର୍ଦ୍ଦେଶକ ଆନନ୍ଦ ମହାପାତ୍ରଙ୍କୁ ପ୍ରଦାନ କରାଯାଇଛି । ଏ ବର୍ଷର ଶ୍ରେଷ୍ଠ ଚଳଚ୍ଚିତ୍ର ଭାବରେ ବିବେଚିତ ହୋଇଛି ଡା. ବିଶ୍ୱନାଥ ପଟ୍ଟନାୟକଙ୍କ ପ୍ରଯୋଜିତ 'ସହିଦ ରଘୁ ସର୍ଦ୍ଦାର' । ଏହି ଫିଲ୍ମ ପାଇଁ ଦେବାଶିଷ ପାତ୍ରଙ୍କୁ ଶ୍ରେଷ୍ଠ ଅଭିନେତା ଏବଂ ଏହାର ନାୟିକା କାବ୍ୟା କିରଣଙ୍କୁ ଶ୍ରେଷ୍ଠଭାବରେ ପୁରସ୍କୃତ କରାଯାଇଛି । ଅନ୍ୟପକ୍ଷରେ 'ରୋମିଓ ରାଜା' ଫିଲ୍ମ ପାଇଁ ରାକେଶ ସାମଲ ଶ୍ରେଷ୍ଠ ନିର୍ଦ୍ଦେଶକ ଏବଂ ଅମ୍ଲାନ ଦାସଙ୍କୁ ମିଳିତ ଭାବରେ ଶ୍ରେଷ୍ଠ ଅଭିନେତା ପୁରସ୍କାର ଦିଆଯାଇଛି । ଏହି ଫିଲ୍ମ ପାଇଁ ବୈଦ୍ୟନାଥ ଦାଶଙ୍କୁ ଶ୍ରେଷ୍ଠ ସଙ୍ଗୀତ ନିର୍ଦ୍ଦେଶକ ଭାବରେ ପୁରସ୍କାର ମିଳିଛି ।

**୨୦୨୧**

୨୦୨୧ ମସିହା ପାଇଁ ବିଶିଷ୍ଟ ଚିତ୍ରୋତ୍ତୋଳନକାରୀ ଶ୍ରୀନିବାସ ମହାପାତ୍ରଙ୍କୁ ସମ୍ମାନଜନକ ମୋହନ ସୁନ୍ଦର ଦେବଗୋସ୍ୱାମୀ ପୁରସ୍କାର ପ୍ରଦାନ କରାଯାଇଛି । ଏହି ବର୍ଷ ପାଇଁ ଅନୁପମ ପଟ୍ଟନାୟକଙ୍କ ପ୍ରଯୋଜିତ 'ପ୍ରତୀକ୍ଷା' ଏବଂ ଅତୀଶ କୁମାର ରାଉତଙ୍କ ପ୍ରଯୋଜିତ 'ଡାଲଚିନି'କୁ ମିଳିତ ଭାବରେ ଶ୍ରେଷ୍ଠ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ କରାଯାଇଛି । 'ଭୋକ' ଫିଲ୍ମ ପାଇଁ ଅଙ୍କିତ କୁମାର ଏବଂ 'ପ୍ରତୀକ୍ଷା' ଚଳଚ୍ଚିତ୍ର ପାଇଁ ଦୀପନ୍ୱିତ ମହାପାତ୍ରଙ୍କୁ ମିଳିତ ଭାବରେ ଶ୍ରେଷ୍ଠ ଅଭିନେତା ପୁରସ୍କାର ଦିଆଯାଇଛି ।'ଡାଲଚିନି' ପାଇଁ ସୂର୍ଯ୍ୟମୟୀ ମହାପାତ୍ର ଶ୍ରେଷ୍ଠ ଅଭିନେତ୍ରୀ ପୁରସ୍କାର ହାସଲ କରିଛନ୍ତି ।

**୨୦୨୨**

୨୦୨୨ ମସିହା ପାଇଁ ସମ୍ମାନଜନକ ମୋହନ ସୁନ୍ଦର ଦେବଗୋସ୍ୱାମୀ ପୁରସ୍କାର ବିଶିଷ୍ଟ ହାସ୍ୟାଭିନେତା ଜୟୀରାମ ସାମଲଙ୍କୁ ପ୍ରଦାନ କରାଯାଇଛି । ଅନ୍ୟପକ୍ଷରେ ଶ୍ରେଷ୍ଠ ଚଳଚ୍ଚିତ୍ର ଭାବରେ ଦୀପେନ୍ଦ୍ର ସାମଲଙ୍କ ପ୍ରଯୋଜିତ 'ଦମନ' କୁ ପୁରସ୍କୃତ କରାଯାଇଛି । ଏହି ଫିଲ୍ମ ପାଇଁ ବାବୁସାନ ମହାନ୍ତିଙ୍କୁ ଶ୍ରେଷ୍ଠ ଅଭିନେତା ପୁରସ୍କାର ଦିଆଯାଇଛି । ଲୋପାମୁଦ୍ରା ମିଶ୍ର ଶେଷ୍ଠ ଅଭିନେତ୍ରୀ (ବୋଉର ହାତବାକ୍ସ), ସୁଧାଂଶୁ ମୋହନ ସାହୁ ଶ୍ରେଷ୍ଠ ନିର୍ଦ୍ଦେଶକ (ମାୟାବୀ) ଏବଂ ପଙ୍କଜ ଜାଲ୍‌ଙ୍କୁ ଶ୍ରେଷ୍ଠ ସଙ୍ଗୀତ ନିର୍ଦ୍ଦେଶକ (ଖରା) ଭାବରେ ପୁରସ୍କୃତ ହୋଇଛନ୍ତି ।

## କେବଳ ସଂଖ୍ୟାରେ ସୀମିତ

ଚଳିତ ବର୍ଷ ମଧ୍ୟ ୩୦ରୁ ଅଧିକ ସିନେମା ପରଦା ଉପରକୁ ଆସିଛି । ହେଲେ ସଫଳତାକୁ ବିଚାରକୁ ନେଲେ ମାତ୍ର ହାତଗଣତି କେତୋଟି ଏହି ବର୍ଷ ଡିସେମ୍ବର ତୃତୀୟ ସପ୍ତାହ ସୁଦ୍ଧା ମୋଟ ୩୭ଟି ସିନେମା ମୁକ୍ତିଲାଭ କରିଛି । ସେଗୁଡିକ ହେଲା-'ସମୟ କହିବ କିଏ କାହାର'(ଓମ୍, ଅମ୍ଲାନ, ସୋନମ), 'ଡିୟର ପୁରୁଷ' (ସିଦ୍ଧାନ୍ତ ମହାପାତ୍ର), 'ଦଶମ' (ଶୈଳେନ୍ଦ୍ର ସାମନ୍ତରାୟ, ନୀଳାକ୍ଷୀ ପାତ୍ର), 'ଶାନ୍ତି ଆପାର୍ଟମେଣ୍ଟ' (ଦ୍ୱିପାନୀତ ମହାପାତ୍ର, ରାଗିଣୀ), 'କେମିତି ଏ ସମ୍ପର୍କ' (ଆକାଶ ଦାସନାୟକ, ଏଲିନା ସାମନ୍ତରାୟ). 'ମୋ କାହାଣୀରେ ତୋରି ନାଁ' (ଲୁବୁନ୍, ଅଙ୍କିତା ଦାଶ), 'ଆସିକ ସରେଣ୍ଡର ହେଲା' (ସମ୍ଭବ, ଜୟା ବିଶ୍ୱାସ), 'ଆକାଶବାଣୀ' (ରୋହନ, ପୂଜା), 'ଭୋଟ' (ସୁଶାନ୍ତ, ଶ୍ରେୟା), 'ବସ୍' (ବର୍ଷା ପ୍ରିୟଦର୍ଶିନୀ), ' ତ୍ରିକନ୍ୟା' ( ମନୋଜ ମିଶ୍ର, ବର୍ଷା ପଟ୍ଟନାୟକ), 'ଅପରେଶନ ୧୨/୧୭' (ପଙ୍କଜ ମହାନ୍ତି, ଭୂମିକା ଦାଶ), 'ଯେତେ ଗୋରୀ ସେତେ ଷ୍ଟୋରି', (ସବ୍ୟସାଚୀ, ରାଧିକା ପ୍ରୀତି), 'ବିଗୁଲ' ( ଅନୁଭବ, ଦେବାନନ୍ଦ, ସୁପ୍ରିୟା ନାୟକ), 'ସିନ୍ଦୂରା' (ଅଭିଷେକ ଗିରି, ସୁପ୍ରିୟା ନାୟକ), 'ତେଜସ୍ୱିନୀ' (ପଲ୍ଲବୀ ପ୍ରିୟଦର୍ଶିନୀ, ଜୀବନ ପଣ୍ଡା), 'ପାବାର' (ବାବୁସାନ୍,ଏଲିନା ସାମନ୍ତରାୟ), 'ଚନ୍ଦ୍ରବଂଶୀ' (ଆକାଶ, ପୁନମ ମିଶ୍ର), 'କୁହୁଡି' (ଅନୁଭବ, ସୁପ୍ରିୟା ନାୟକ), 'ସୀତା' (ଦେବଯାନୀ, ସମରେଶ), 'ସଲାମ ଭୁବନେଶ୍ୱର' (ରାଜବୀର), 'ଭଗିଆ ଭାରିଯା' (ହରିହର ମହାପାତ୍ର, ଦେବଯାନୀ), 'ବାବାଜୀକା ଠୁଲୁ' (ଦେବରାଜ, ଶ୍ୱେତା), 'ଅପରାହ୍ନର ସୂର୍ଯ୍ୟ' (କଳିଙ୍ଗ ଦାସ, ଜୟା ସ୍ୱାମୀ), 'ସମୀକ୍ଷା' (ଧୀର ମଲ୍ଲିକ, ଧରିତ୍ରୀ ଖଣ୍ଡୁଆଳ), 'ଆଇ ଲଭ୍ ୟୁ-୨' (ଆଦିତ୍ୟ, ଅପସରା ରାଣୀ), 'ଆଶ୍ରମ' (ମହାଶ୍ୱେତା ରାୟ, ଅଭିଷେକ ଗିରି, ସୂର୍ଯ୍ୟମୟୀ), 'ଆଭା' (ଅନୁ ଚୌଧୁରୀ, ସୋନା ମଲ୍ଲିକ), 'କର୍ମ' (ଅନୁଭବ, ସୂର୍ଯ୍ୟମୟୀ, ଦିବ୍ୟାଦିଶା), 'ଭିଲେନ୍' (ଅର୍ଦ୍ଧେନ୍ଦୁ ସାହୁ, ତମନ୍ନା), 'ଖୋକା ଭାଇ ତୁମରି ପାଇଁ' (ସ୍ୱରାଜ, ଲକିମନୀଷା), 'ଦୁର୍ଗା' (ରାଜ ରାଜେଶ, ପୁନମ ମିଶ୍ର), 'ହାଫ ଗାର୍ଲଫ୍ରେଣ୍ଡ' (ସୁନୀଲ କୁମାର, କୁକିଜ ସ୍ୱାଇଁ), 'ପ୍ରେମୀ ଆୱାରା' (ଓମ୍‌କାର, ଅଙ୍କିତା), 'ତୁ ମୋ କମଜୋରୀ' (ରାକେଶ, ଲିପିକା,ଅନୁଭା), 'ପରବ' (ସିଦ୍ଧାନ୍ତ ମହାପାତ୍ର, ଅନୁ ଚୌଧୁରୀ) ଏବଂ 'ଅକ୍ସିଜେନ୍' (ସମ୍ବିତ, ତମନ୍ନା) । ନୂଆ ସିନେମା ନିର୍ମାଣ ଧାରା ଜାରି ରହୁ- ଏଥିରେ କାହାର ଦ୍ୱିମତ ନାହିଁ, ହେଲେ ଦର୍ଶକଙ୍କ ମନକୁ ଛୁଇଁଲା ଭଳି ସିନେମା ନିର୍ମାଣ ହେଲେ ତାହା ଓଡ଼ିଆ ଇଣ୍ଡଷ୍ଟ୍ରି ପାଇଁ ଶୁଭପ୍ରଦ ସାବ୍ୟସ୍ତ ହେବ ।


'ଚନ୍ଦ୍ରବଂଶୀ' ଫିଲ୍ମରେ ଆକାଶ-ପୁନମ

'ଆସିକ ସରେଣ୍ଡର ହେଲା' ଫିଲ୍ମରେ ସମ୍ଭବ- ଜୟା ବିଶ୍ୱାସ


'ଆଶ୍ରମ' ଫିଲ୍ମରେ ସୂର୍ଯ୍ୟମୟୀ

## ଓଡ଼ିଶା ଆଜି ପଶ୍ଚିମବଙ୍ଗକୁ ଭେଟିବ

**ଭୁବନେଶ୍ୱର, ୨୫।୧୨ (ତପନ ସ୍ୱାଇଁ)**

ହାଇଦ୍ରାବାଦର ଡେକାନ ଆରେନାରେ ଚାଲିଥିବା ସନ୍ତୋଷ ଟ୍ରଫି ଫୁଟବଲ ଟୁର୍ନାମେଣ୍ଟ ଫାଇନାଲ ରାଉଣ୍ଡର କ୍ୱାର୍ଟର ଫାଇନାଲ ପର୍ଯ୍ୟାୟ ଗୁରୁବାର ଆରମ୍ଭ ହେବ। ପ୍ରଥମ କ୍ୱାର୍ଟର ଫାଇନାଲରେ ଓଡ଼ିଶା ଓ ପଶ୍ଚିମବଙ୍ଗ ମଧ୍ୟରେ ମୁକାବିଲା ହେବ। ଏହି ଦିନ ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ମଣିପୁର ଓ ଦିଲ୍ଲୀ ମଧ୍ୟରେ ମୁକାବିଲା ହେବ। ୨୭ ତାରିଖରେ କେରଳ-ଜମ୍ମୁ କଶ୍ମୀର ଏବଂ ମେଘାଳୟ-ସର୍ଭିସେସ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ। ପ୍ରାରମ୍ଭିକ ପର୍ଯ୍ୟାୟରେ ଗ୍ରୁପ୍ 'ଏ' ଶୀର୍ଷ ସ୍ଥାନରେ ରହି ଓଡ଼ିଶା ଫାଇନାଲ ରାଉଣ୍ଡରେ ପ୍ରବେଶ କରିଥିଲା। ଏଥିରେ ଗ୍ରୁପ୍ 'ବି'ରେ ସ୍ଥାନ ପାଇଥିବା ଓଡ଼ିଶା ଗତ ୧୫ ତାରିଖରେ ଦିଲ୍ଲୀ ନିକଟରୁ ୦-୨ରେ ପରାଜୟ ସହ ଅଭିଯାନ ଆରମ୍ଭ କରିଥିଲା। ଦ୍ୱିତୀୟ ମ୍ୟାଚରେ ଗୋଆକୁ ୨-୦ରେ ହରାଇ ବିପର୍ଯ୍ୟୟ ସୃଷ୍ଟି କରିଥିଲେ ହେଁ ପ୍ରଦର୍ଶନରେ ସ୍ଥିରତା ବଜାୟ ରଖି ନ ପାରି ଦଳ ତୃତୀୟ ମ୍ୟାଚରେ କେରଳଠାରୁ ୦-୨ ଗୋଲରେ ହାରି ଯାଇଥିଲା। ତେବେ ୪ର୍ଥ ମ୍ୟାଚକୁ ତାମିଲନାଡୁ ବିପକ୍ଷରେ ୧-୧ ଏବଂ ୫ମ ତଥା ଅନ୍ତିମ ମ୍ୟାଚକୁ ମେଘାଳୟ ବିପକ୍ଷରେ ଗୋଲଶୂନ୍ୟ ଡ୍ର ରଖି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା।

# ରୋହିତଙ୍କ ବ୍ୟାଟିଂ ପୋଜିଶନ ଉପରେ ନଜର

**ମେଲବୋର୍ନ, ୨୫।୧୨ (ପି.ଟି.)**

ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ବକ୍ସିଂ ଡେ ଟେଷ୍ଟ ଗୁରୁବାରଠାରୁ ଏଠାରେ ଆରମ୍ଭ ହେବାକୁ ଯାଉଛି। ଏହି ଟେଷ୍ଟରେ ଫର୍ମରେ ନ ଥିବା ଅଧିନାୟକ ରୋହିତ ଶର୍ମାଙ୍କ ବ୍ୟାଟିଂ ପୋଜିଶନ ଉପରେ ନଜର ରହିବ। ରୋହିତ କ୍ରିସମସ ଅବସରରେ ନେଟ୍ସରେ ଅନେକ ସମୟ ବିତାଇଛନ୍ତି। ତେଣୁ ସେ ଟପ୍ ଅର୍ଡରରେ ଲୋକେଶ ରାହୁଲଙ୍କ ସ୍ଥାନରେ ଇନିଂସ ଓପନ କରିପାରନ୍ତି ବୋଲି ଆଲୋଚନା ହେଉଛି। ଯଦି ଏହା ହୁଏ ତେବେ

**ଆଜିଠୁ ବକ୍ସିଂ ଡେ ଟେଷ୍ଟ**

ରାହୁଲ ୩ ନମ୍ବର ସ୍ଥାନରେ ବ୍ୟାଟିଂ କରିବେ ଏବଂ ଶୁବମନ ଗିଲ୍ ମିଡିଲ ଅର୍ଡରରେ ଖେଳିବେ ନଚେତ ଧ୍ରୁବ ଜୁରେଲ ପ୍ଲେଇଂ ଇଲେଭେନ୍‌ରେ ସ୍ଥାନ ପାଇବେ। ୫ ମ୍ୟାଚ ବିଶିଷ୍ଟ ସିରିଜର ଏହା ଚତୁର୍ଥ ଟେଷ୍ଟ ହୋଇଥିବାବେଳେ ଉଭୟ ଦଳର ସ୍ଥିତି ବର୍ତ୍ତମାନ ୧-୧ ରହିଛି। ପର୍ଥରେ ଭାରତ ୨୯୫ ରନରେ ବିଜୟୀ ହୋଇଥିବାବେଳେ ଆଡିଲେଡ୍‌ରେ ଅଷ୍ଟ୍ରେଲିଆ ୧୦ ଉଇକେଟରେ ବିଜୟୀ ହୋଇ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲା। ବ୍ରିସବେନ୍ ଟେଷ୍ଟ ଡ୍ର ରହିଥିଲା। ତେଣୁ ସିରିଜରେ ଅଗ୍ରଣୀ ନେବା ପାଇଁ ଉଭୟ ଦଳ ମେଲବୋର୍ନରେ ଚେଷ୍ଟା କରିବେ।



ବ୍ୟାଟିଂ ଅଭ୍ୟାସ ଅବସରରେ ରୋହିତ ଶର୍ମା।

ରୋହିତ ୨୦୧୯ରୁ ମିଡିଲ ଅର୍ଡର ପରିବର୍ତ୍ତେ ଓପନିଂ ସ୍ଥାନରେ ବ୍ୟାଟିଂ କରି ଆସୁଥିଲେ। ମାତ୍ର ଚଳିତ ସିରିଜରେ ରାହୁଲ ଫର୍ମରେ ଥିବାରୁ ତାଙ୍କୁ ଆଡିଲେଡ୍ ଓ ବ୍ରିସବେନ୍‌ରେ ଓପନିଂ ସୁଯୋଗ ମିଳିଥିଲା। ଆଗାମୀ ଟେଷ୍ଟରେ ଯଦି ରୋହିତ ଓପନ କରନ୍ତି ତେବେ ଗିଲ୍ ୫ ନମ୍ବରରେ ବ୍ୟାଟିଂ କରୁଛନ୍ତି ନା ଡ୍ରପ୍ ହେଉଛନ୍ତି ତାହା ଦେଖିବାର ଅଛି। ମ୍ୟାଚ ପୂର୍ବ ଖବରଦାତା ସମ୍ମିଳନୀରେ ଅଧିନାୟକ ରୋହିତ ବ୍ୟାଟିଂ ପୋଜିଶନକୁ ନେଇ ସେପରି କିଛି ସ୍ପଷ୍ଟ କରି ନାହାନ୍ତି। ଆମେ ଆଲୋଚନା କରି ନିଷ୍ପତ୍ତି ନେବୁ ବୋଲି କହିଛନ୍ତି। ଆଡିଲେଡ୍‌ରେ ପିଙ୍କବଲ୍ ଟେଷ୍ଟରେ ବିପର୍ଯ୍ୟୟ ପରେ ଗାବାରେ ମ୍ୟାଚ ଡ୍ର ଭାରତକୁ ଆଶ୍ୱସ୍ତ କରିଛି।

ମେଲବୋର୍ନ ହେଉଛି ଭାରତର ଫେଭରାଇଟ ଅଷ୍ଟ୍ରେଲିଆନ ଭେନ୍ୟୁ। ଏଠାରେ ୨୦୧୪ ସିରିଜଠାରୁ ଭାରତ ଅପରାଜେୟ ରହିଛି। ଶେଷ ୩ଟି ସିରିଜ ମଧ୍ୟରୁ ଭାରତ ୨ଟିରେ ୨୦୧୮-୧୯ ଓ ୨୦୨୦-୨୧ରେ ବିଜୟୀ ହୋଇଛି। ୨୦୧୪-୧୫ ସିଜନର ଟେଷ୍ଟ ଡ୍ର ରହିଥିଲା। ବର୍ତ୍ତମାନ ଭାରତୀୟ ବ୍ୟାଟିଂ ଲାଇନ୍‌ଅପ୍‌ରେ ୩ ଯୁବ ଖେଳାଳି ଯଶସ୍ୱୀ ଜୟସ୍ୱାଲ, ରିଷଭ ପନ୍ତ ଓ ଶୁବମନ ଗିଲ୍, ଜଣେ ଆତ୍ମବିଶ୍ୱାସୀ ଓପନର ଲୋକେଶ ରାହୁଲ ଏବଂ ୨ ଜଣ ଅଭିଜ୍ଞ ବିରାଟ କୋହଲି ଓ ରୋହିତ ଶର୍ମା ଥିଲେ ମଧ୍ୟ କାହାର ପୋଜିଶନ ପକ୍କା ନୁହେଁ। ସ୍ଥାନ ବଜାୟ ରଖିବାକୁ ହେଲେ ସେମାନଙ୍କୁ ଘରୋଇ ଦଳ ବିପକ୍ଷରେ ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ପଡ଼ିବ।

ଅଷ୍ଟ୍ରେଲିଆ କ୍ରିକେଟର ଭବିଷ୍ୟତଭାବେ ବିବେଚିତ ହେଉଥିବା ସାମ୍ କୋନ୍‌ଷ୍ଟାସ ଆଗାମୀ ଟେଷ୍ଟ ପାଇଁ ଦଳରେ ସାମିଲ ହୋଇଛନ୍ତି। ଆକ୍ରମଣାତ୍ମକ ଖେଳ ପାଇଁ ବିଶେଷ ପରିଚିତ କୋନଷ୍ଟାସ ଅନ୍ୟତମ ଓପନର ମ୍ୟାକସ୍ୱିନୀଙ୍କ ସ୍ଥାନ ନେଇଛନ୍ତି। ଅଷ୍ଟ୍ରେଲିଆ ପାଇଁ ଆଉଏକ ଭଲ ଖବର ହେଲା ଟ୍ରାଭିସ ହେଡ୍ ସମ୍ପୂର୍ଣ୍ଣ ଫିଟ୍ ହୋଇଛନ୍ତି। ସେ ନେଟ୍ସରେ ଅନେକ ସମୟ ବିତାଇଛନ୍ତି। ଚଳିତ ସିରିଜରେ ସେ ୮୯, ୧୪୦ ଓ ୧୫୨ ରନ ସ୍କୋର କରି ସାରିଥିବାରୁ ତାଙ୍କ ଉପରେ ଅଙ୍କୁଶ ଲଗାଇବାକୁ ହେଲେ ଭାରତୀୟ ବୋଲରଙ୍କୁ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିବାକୁ ପଡ଼ିବ। ତାପମାତ୍ରା ୪୦ ଡିଗ୍ରୀ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ଟେଷ୍ଟର ଦ୍ୱିତୀୟ ଦିବସରେ ମଧ୍ୟ ସମାନ ତାପମାତ୍ରା ରହିବ। ତେଣୁ ଟିମ୍ ମ୍ୟାନେଜମେଣ୍ଟ ଜଣେ ଅତିରିକ୍ତ ସ୍ପିନରଙ୍କୁ ଖେଳାଇବା ସମ୍ପର୍କରେ ଗମ୍ଭୀରଭାବେ ଚିନ୍ତା କରିପାରେ। ଗତ କିଛିବର୍ଷ ଧରି ଏମସିଜି ପିଚ୍‌ରେ ଅଧିକ ଫାଟ ରହୁ ନ ଥିଲେ ମଧ୍ୟ ବାଉନ୍ସରେ ବିବିଧତାରୁ ନାଥାନ ଲିୟନ ଫାଇଦା ଉଠାଇବାରେ ସକ୍ଷମ ହୋଇଛନ୍ତି। ପିଚ୍‌କୁ ଦୃଷ୍ଟିରେ ରଖି ରୋହିତଙ୍କୁ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିବ। ୱାଶିଂଟନ ସୁନ୍ଦର ଫିଟ୍ ଅଛନ୍ତି କି ନାହିଁ ତାହା ଅସ୍ପଷ୍ଟ। ନୀତୀଶ ରେଡ୍ଡୀଙ୍କୁ ଡ୍ରପ୍ କରିବା ମଧ୍ୟ ବୁଦ୍ଧିମାନର କାର୍ଯ୍ୟ ହେବନାହିଁ। କଣ୍ଡିଶନକୁ ଦୃଷ୍ଟିରେ ରଖି ଆକାଶ ଦୀପଙ୍କୁ ନିଆଯିବ ନା ଅନ୍ୟ ଜଣେ ଦ୍ରୁତ ବୋଲରଙ୍କୁ ସୁଯୋଗ ଦିଆଯିବ ଏପରି ଅନେକ ପ୍ରଶ୍ନ ରହିଛି।

ଅଷ୍ଟ୍ରେଲିଆ ଇତିମଧ୍ୟରେ ପ୍ଲେଇଂ ଇଲେଭେନ ଘୋଷଣା କରିସାରିଛି। ଦଳରେ ଅଧିନାୟକ ପ୍ୟାଟ୍ କମିନ୍ସଙ୍କ ସମେତ ଉସମାନ ଖ୍ୱାଜା, ସାମ୍ କୋନ୍‌ଷ୍ଟାସ, ମାର୍ନସ ଲାବୁସେନ, ଷ୍ଟିଭ୍ ସ୍ମିଥ, ଟ୍ରାଭିସ ହେଡ୍, ମିଚେଲ ମାର୍ଶ, ଆଲେକ୍ସ କାରେ, ମିଚେଲ ଷ୍ଟାର୍କ ଓ ସ୍କଟ ବୋଲାଣ୍ଡ ସ୍ଥାନ ପାଇଛନ୍ତି।

## ଓଡ଼ିଶା ଦଳ ଘୋଷିତ


ଗଙ୍ଗୋତ୍ରୀ ବେହେରା ଓ ସ୍ୱାଗତିକା ରଥ ଓଡ଼ିଶା ଦଳ ଘୋଷଣା କରୁଛନ୍ତି।

**ଭୁବନେଶ୍ୱର, ୨୫।୧୨ (ତପନ ସ୍ୱାଇଁ)**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ୨୦୨୪-୨୫ ସିଜନ ଅନ୍ତର୍ଗତ ୧୯ ବର୍ଷରୁ କମ୍ ମହିଳା ଦିନିକିଆ କ୍ରିକେଟ ଟୁର୍ନାମେଣ୍ଟ ବେଙ୍ଗାଲୁରୁଠାରେ ଜାନୁଆରୀ ୪ରୁ ଆରମ୍ଭ ହେବ। ଏହି ପ୍ରତିଯୋଗିତା ପାଇଁ ଓସିଏ ମହିଳା ଚୟନ କମିଟି ଅଧ୍ୟକ୍ଷ ଗଙ୍ଗୋତ୍ରୀ ବେହେରା ଓ ମୁଖ୍ୟ କୋଚ୍ ସ୍ୱାଗତିକା ରଥ ବୁଧବାର ୧୬ ଜଣିଆ ଦଳ ଘୋଷଣା କରିଛନ୍ତି। ପୂଜା ଯାଦବଙ୍କୁ ଅଧିନାୟିକା ମନୋନୀତ କରାଯାଇଛି। ଓଡ଼ିଶା ଜାନୁଆରୀ ୪ରେ ବିହାର ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ। ଏହାପରେ ୬ରେ ମେଘାଳୟ,

**୧୯ ବର୍ଷରୁ କମ୍ ମହିଳା ଦିନିକିଆ କ୍ରିକେଟ**

୮ରେ ଉତ୍ତରାଖଣ୍ଡ, ୧୦ରେ ମୁମ୍ବାଇ ଓ ୧୨ରେ ବେଙ୍ଗଲକୁ ଭେଟିବ। ଓଡ଼ିଶା ଦଳ: ପୂଜା ଯାଦବ (ଅଧିନାୟିକା), ପ୍ରାର୍ଥନା ପ୍ରତିଶ୍ରୁତି, ପ୍ରିୟଙ୍କରି ମୁଦୁଲି, ଅନନ୍ୟା ମିଶ୍ର, ଅର୍ଚ୍ଚନା ରାଉତ, ମିତାଲି ଶର୍ମା, ଆଞ୍ଜେଲ ରାଜ, ଶ୍ରେୟା ପ୍ରୀୟଦର୍ଶିନୀ, ଶୁଭଲକ୍ଷ୍ମୀ ସିଂ, ଏସ.ବି. ଲରେନ୍ସ, ଏମ.ଏସ. ଶୁଭଶ୍ରୀ ପ୍ରମାଣିକ, ବିଜୟଲକ୍ଷ୍ମୀ ବେହେରା, ଗାୟତ୍ରୀ ଖୁଣ୍ଟିଆ, ଅନନ୍ୟା ରାଉତ, ସ୍ୱତିକା ବେହେରା, ଇଶିତା ପାଣି।

## ଜାତୀୟ ଜୁନିୟର ସଫ୍ଟ ଟେନିସରେ ଭାଗନେବ ଓଡ଼ିଶା


ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ ଓଡ଼ିଶା ଖେଳାଳି।

**ଭୁବନେଶ୍ୱର, ୨୫।୧୨ (ତପନ ସ୍ୱାଇଁ)**

ଚଣ୍ଡିଗଡ଼ର ପଞ୍ଜାବ ୟୁନିଭର୍ସିଟି ପରିସରରେ ୧୯ଶ ଜାତୀୟ ଜୁନିୟର ସଫ୍ଟ ଟେନିସ ଚାମ୍ପିୟନଶିପ୍ ଚଳିତ ମାସ ୨୭ରୁ ୩୧ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ଅଂଶଗ୍ରହଣ ପାଇଁ ବୁଧବାର ଓଡ଼ିଶା ଦଳ ଘୋଷଣା କରାଯାଇଛି। ଶିବ ବିରୁଆ ଅଧିନାୟକ ମନୋନୀତ ହୋଇଥିବାବେଳେ ସ୍ୱାଧୀନ ସାମଲ, ସାଇ ପ୍ରୀତମ ମହାନ୍ତି, ଆର୍ଯ୍ୟ କୁମାର ପ୍ରଥମେଶ, ନିରୋବାସ ଆସେମ, କୁନାଲ ନାଓରବାମ, ବୁଲିଆନ ଲାଇଶ୍ରମ, ଲୋଉକ୍ରାମପାମ ଥାୟାଙ୍ଗବା ମାଙ୍ଗାଗ୍ ଖେଳାଳିଭାବେ ସ୍ଥାନ ପାଇଛନ୍ତି। କୋଚ୍ ମହମ୍ମଦ ଅନସାରୁଲ ହକ୍ ଦଳସହ ଚଣ୍ଡିଗଡ଼ ଯାତ୍ରା କରିଛନ୍ତି। ଭୁବନେଶ୍ୱର ଛାଡ଼ିବା ପୂର୍ବରୁ ଓଡ଼ିଶା ଦଳକୁ ଓଡ଼ିଶା ସଫ୍ଟ ଟେନିସ ଆସୋସିଏଶନ ସମ୍ପାଦକ ମହମ୍ମଦ ଆଜାମ, ସ୍ୱାମୀ ସତ୍ୟ କୁମାର ନନ୍ଦ ସରସ୍ୱତୀ, ଜୟଚନ୍ଦ୍ର ନାୟକ ଓ ଅଶୋକ କୁମାର ରାଉତରାୟ ପ୍ରମୁଖ ବିଦାୟୀ ଶୁଭେଚ୍ଛା ଜଣାଇଛନ୍ତି। ଚେୟାରମ୍ୟାନ ରଞ୍ଜନ କୁମାର ନନ୍ଦ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଉପସଭାପତି ଦିଲୀପ କୁମାର ମହାନ୍ତି, ରୁଦ୍ର ନାରାୟଣ ବେହେରା, ଟିଟନ ସାହୁ, ନିର୍ଭୟ କୁମାର ସାମନ୍ତରାୟ ଓ ଅନ୍ୟ ସଦସ୍ୟମାନେ ଶୁଭେଚ୍ଛା ଜଣାଇଛନ୍ତି।

## ଓଡ଼ିଶା ୬୭ ରନରେ ବିଜୟୀ



ବିନାୟକ ସାହୁ

**ଭୁବନେଶ୍ୱର, ୨୫।୧୨ (ତପନ ସ୍ୱାଇଁ)**

ରାୟପୁରର ଶହୀଦ ବୀର ନାରାୟଣ ସିଂ ଅନ୍ତର୍ଜାତୀୟ ଷ୍ଟାଡିୟମରେ ବୁଧବାର ଅନୁଷ୍ଠିତ ୨୩ ବର୍ଷରୁ କମ୍ କ୍ରିକେଟ ମ୍ୟାଚରେ ଓଡ଼ିଶା ୬୭ ରନରେ ଗୋଆକୁ ପରାସ୍ତ କରିଛି। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଓଡ଼ିଶା ୪୭.୩ ଓଭରରେ ୨୧୮ ରନକରି ସମସ୍ତ ଉଇକେଟ ହରାଇଥିଲା। ଦଳ ପକ୍ଷରୁ ସାଇଦୀପ ମହାପାତ୍ର ସର୍ବାଧିକ ୪୯ ଓ ସାୱନ ପହାରିଆ ୪୫ ରନ କରିଥିଲେ। ବିପକ୍ଷ ଦଳର ଏସ. ପଲକର ଓ ଶାଦବ ଖାଁ ୩ଟି ଲେଖାଏ ଉଇକେଟ ନେଇଥିଲେ।

**୨୩ ବର୍ଷରୁ କମ୍ କ୍ରିକେଟ**

୨୧୯ ରନ ବିଜୟ ଲକ୍ଷ୍ୟରେ ଗୋଆ ୪୨ ଓଭରରେ ୧୫୧ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। ୟଶ କାଶଭାଙ୍କର ସର୍ବାଧିକ ୬୪ ରନ କରିଥିଲେ। ଓଡ଼ିଶା ବୋଲରଙ୍କ ମଧ୍ୟରେ ବିନାୟକ ସାହୁ ଚମତ୍କାର ବୋଲିଂ କରି ୧୦ ଓଭର ସ୍ପେଲ୍‌ରେ ଗୋଟିଏ ମେଡେନ ନେବାସହ ମାତ୍ର ୨୭ ରନ ଦେଇ ୪ ଉଇକେଟ ଅକ୍ତିଆର କରିଥିଲେ। ବାଦଲଙ୍କୁ ୨ଟି ଉଇକେଟ ମିଳିଥିଲା।

# ରାଜ୍ୟ ପାରା ଆଥଲେଟିକ୍ସ ଉଦ୍‌ଯାପିତ



ଅତିଥିଙ୍କ ଗହଣରେ ପଦକ ବିଜୟୀ ପାରା ଆଥଲେଟ୍।

**ଭୁବନେଶ୍ୱର, ୨୫।୧୨ (ତପନ ସ୍ୱାଇଁ)**

କଳିଙ୍ଗ ଷ୍ଟାଡିୟମରେ ରାଜ୍ୟ ପାରା ଆଥଲେଟିକ୍ସ ଚାମ୍ପିୟନଶିପ୍ ବୁଧବାର ଉଦ୍‌ଯାପିତ ହୋଇଛି। ଅନ୍ତିମ ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କ୍ରୀଡ଼ା ବିଭାଗର ଅତିରିକ୍ତ ଶାସନ ସଚିବ ବିଜୟ କୁମାର ସ୍ୱାଇଁ, ସମ୍ମାନୀୟ ଅତିଥି ଓଏସ୍‌ଡି ସୋନାଲି ଚାନ୍ଦ ଓ ହରେଶ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ବିଜେତାଙ୍କୁ ପଦକ ପ୍ରଦାନ କରିବା ସହ ଅଭିନନ୍ଦନ ଜଣାଇଛନ୍ତି। ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ପ୍ରତିଯୋଗୀଙ୍କୁ ଜାତୀୟ ପାରା ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ସୁଯୋଗ ମିଳିବ ବୋଲି ଓଡ଼ିଶା ପାରା ସ୍ପୋର୍ଟ୍ସ ଆସୋସିଏଶନ ପକ୍ଷରୁ ପ୍ରକାଶ କରାଯାଇଛି।

## ଅଶ୍ୱିନଙ୍କ ରେକର୍ଡ ସହ ବୁମ୍‌ରା ସମକକ୍ଷ

**ଦୁବାଇ, ୨୫।୧୨ (ପି.ଟି.)**

ଭାରତ-ଅଷ୍ଟ୍ରେଲିଆ ୪ର୍ଥ ଟେଷ୍ଟ ପୂର୍ବରୁ ଭାରତୀୟ ସ୍ପିଡଷ୍ଟର ଯଶପ୍ରୀତ୍ ବୁମ୍‌ରା ଆଇସିସି ର୍‍ୟାଙ୍କିଙ୍ଗ୍‌ରେ ସର୍ବାଧିକ ରେଟିଂ ପଏଣ୍ଟ ପାଇବାରେ ପୂର୍ବତନ ତାରକା ସ୍ପିନର ରବିଚନ୍ଦ୍ରନ ଅଶ୍ୱିନଙ୍କ ସମକକ୍ଷ ହୋଇଛନ୍ତି। ଏଥିସହ ଆଇସିସି ର୍‍ୟାଙ୍କିଙ୍ଗ୍‌ର ବୋଲର ତାଲିକାରେ ସେ ଶୀର୍ଷସ୍ଥାନ ମଧ୍ୟ ହାସଲ କରିଛନ୍ତି। ବ୍ରିସବେନ୍‌ରେ ଡ୍ର ଟେଷ୍ଟରେ ୯୪ ରନ ବିନିମୟରେ ୯ ଉଇକେଟ ହାସଲ ଯୋଗୁ ବୁମ୍‌ରା ୧୪ ରେଟିଂ ପଏଣ୍ଟ ପାଇଥିଲେ। ଫଳରେ ସେ ଅଶ୍ୱିନଙ୍କ ସମକକ୍ଷ ୯୦୪ ପଏଣ୍ଟ ପାଇବାରେ ସକ୍ଷମ ହୋଇଥିଲେ। ଅଶ୍ୱିନ ୨୦୧୬ରେ ଏହି ସଫଳତା ପାଇଥିଲେ। ଗୁରୁବାରଠାରୁ ବକ୍ସିଂ ଡେ ଟେଷ୍ଟ ଆରମ୍ଭ ହେବାକୁ ଯାଉଥିବାରୁ ବୁମ୍‌ରାଙ୍କ କ୍ଷେତ୍ରରେ ଅଶ୍ୱିନଙ୍କ ରେଟିଂ ପଏଣ୍ଟକୁ ଅତିକ୍ରମ କରିବା ସୁଯୋଗ ରହିଛି।

## ଡୋରିଙ୍କ ସହ ଓଡ଼ିଶା ଏଫ୍‌ସିର ଚୁକ୍ତି

**ଭୁବନେଶ୍ୱର, ୨୫।୧୨ (ତପନ ସ୍ୱାଇଁ)**

ବ୍ରାଜିଲିଆନ ଫରୱାର୍ଡ ଡୋରିଏଲଟନ ଗୋମ୍ସ ନାସ୍କିମେଣ୍ଟୋ (ଡୋରି)ଙ୍କ ସହ ଓଡ଼ିଶା ଏଫ୍‌ସି ଚୁକ୍ତି କରିଛି। ଚଳିତ ସିଜନ ଶେଷ ପର୍ଯ୍ୟନ୍ତ ସେ ଦଳସହ ରହିବେ। ଇଚ୍ଛାଧୀନଭାବେ ଏହା ଆଉଏକ ବର୍ଷ ବୃଦ୍ଧି ହୋଇପାରେ। ବିଭିନ୍ନ ମହାଦେଶରେ ଏକାଧିକ ଲିଗ୍‌ରେ ଖେଳିବାର ଅଭିଜ୍ଞତା ଡୋରିଙ୍କର ରହିଛି। ଫ୍ଲୁମିନେନ୍ସ ଏଫ୍‌ସିରୁ ଖେଳିବା ସହିତ ଡୋରି ପେସାଦାର କ୍ୟାରିୟର ଆରମ୍ଭ କରିଥିଲେ। ୨୦୦୮ରେ କୋପା ଲିବେର୍ଟାଡୋର୍ସ ରନରଅପ୍ ହୋଇଥିବା ଦଳର ସେ ସଦସ୍ୟ ଥିଲେ। ଏହାପରେ ତାଙ୍କ କ୍ୟାରିୟର ଏସିଆ ବିଶେଷ କରି ବାଂଲାଦେଶରେ ବୃଦ୍ଧିମନ୍ତ ହୋଇଥିଲା। ଢାକା ଆବାହନୀ ଓ ବସୁନ୍ଧରା କିଙ୍ଗ୍ସ ପକ୍ଷରୁ ଖେଳି ସେ ଅନେକ ସଫଳତା ଲାଭ କରିଥିଲେ। ୨୦୨୦-୨୧ ସିଜନରେ ଡୋରି ଫେଡେରେଶନ କପ୍ ଓ ଇଣ୍ଡିପେଣ୍ଡେନ୍ସ ଟାଇଟଲ ଜିତିଥିଲେ।

## ପ୍ରତ୍ୟାଶା, ଦିବ୍ୟଙ୍କାଙ୍କୁ ସ୍ୱର୍ଣ୍ଣ ପଦକ




ପଦକ ସହ ପ୍ରତ୍ୟାଶା ରାୟ ଓ ଦିବ୍ୟଙ୍କା ଦିବ୍ୟଜ୍ୟୋତି ପ୍ରଧାନ।

**ଭୁବନେଶ୍ୱର, ୨୫।୧୨ (ତପନ ସ୍ୱାଇଁ)**

ଚେନ୍ନାଇରେ ଅନୁଷ୍ଠିତ ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ସୁଇମିଂ ଓ ଡାଇଭିଂ ଚାମ୍ପିୟନଶିପ୍‌ରେ ଓଡ଼ିଶାର ପ୍ରତ୍ୟାଶା ରାୟ ଓ ଦିବ୍ୟଙ୍କା ଦିବ୍ୟଜ୍ୟୋତି ପ୍ରଧାନ ସ୍ୱର୍ଣ୍ଣ ପଦକ ହାସଲ କରଛନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ପ୍ରତ୍ୟାଶା ମହିଳା ୧୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ୧:୦୮.୧୪ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସାବିତ୍ରୀବାଇ ଫୁଲେ ପୁଣେ ବିଶ୍ୱବିଦ୍ୟାଳୟର ଭକ୍ତି ରାହୁଲ ୱାଦକର (୧:୦୯.୧୮) ରୌପ୍ୟ ଓ ବେଙ୍ଗାଲୁରୁ ସିଟି ବିଶ୍ୱବିଦ୍ୟାଳୟର ନିଶା ଶେଟ୍ଟି (୧:୧୦.୦୮) ବ୍ରୋଞ୍ଜ ପଦକ ପାଇଛନ୍ତି। ସେହିପରି କିଟ୍ ବିଶ୍ୱବିଦ୍ୟାଳୟରୁ ଭାଗ ନେଉଥିବା ଦିବ୍ୟଙ୍କା ଦିବ୍ୟାଜ୍ୟୋତି ମହିଳା ୨୦୦ ମିଟର ବ୍ରେଷ୍ଟଷ୍ଟ୍ରୋକ୍‌ରେ ୨:୪୬.୮୩ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ଜୈନ ୟୁନିଭର୍ସିଟିର ବାସୁପଲ୍ଲୀ ନାଗା ଗ୍ରୀଷ୍ମିନି (୨:୪୯.୪୮) ଓ ଶିବାଜୀ ୟୁନିଭର୍ସିଟିର ଅନୁସ୍କା ସାୟାଜି ପାଟିଲ (୨:୪୯.୮୭) ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ଜିତିଛନ୍ତି।

# ଓଡ଼ିଶା ମହିଳା ଫୁଟ୍‌ବଲ ଦଳକୁ ଭବ୍ୟ ସ୍ୱାଗତ



ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ ପରେ ଓଡ଼ିଶା ମହିଳା ଫୁଟବଲ ଦଳକୁ ସ୍ୱାଗତ ସମ୍ବର୍ଦ୍ଧନା।

**ଭୁବନେଶ୍ୱର, ୨୫।୧୨ (ତପନ ସ୍ୱାଇଁ)**

ଛତିଶଗଡ଼ର ନାରାୟଣପୁରସ୍ଥିତ ରାମକୃଷ୍ଣ ମିଶନ ଆଶ୍ରମ ପଡ଼ିଆରେ ରାଜମାତା ଜିଜାବାଇ ଟ୍ରଫି ପାଇଁ ଅନୁଷ୍ଠିତ ଜାତୀୟ ମହିଳା ଫୁଟବଲ ଟୁର୍ନାମେଣ୍ଟରେ ରନରଅପ୍ ହୋଇ ବୁଧବାର ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିଥିବା ଓଡ଼ିଶା ଦଳକୁ ଭବ୍ୟ ସ୍ୱାଗତ କରାଯାଇଛି। ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନ ବନ୍ଦରରେ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ, ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶାର ଅଧିକାରୀ ଏବଂ ଅନେକ ଫୁଟବଲ ପ୍ରେମୀ ଉପସ୍ଥିତ ରହି ସ୍ୱାଗତ କରିଥିଲେ। ଓଡ଼ିଶାରେ ବିଶ୍ୱସ୍ତରୀୟ ଭିତ୍ତିଭୂମି ଉପଲବ୍ଧ ସହ ଗତ କିଛିବର୍ଷ ଧରି ଉନ୍ନତ ମାନର ପ୍ରଶିକ୍ଷଣ ଯୋଗୁ ଫୁଟବଲ ଦଳର ପ୍ରଦର୍ଶନ କ୍ରମେ ବୃଦ୍ଧି ପାଇବାରେ ଲାଗିଛି। ଜାତୀୟ ମହିଳା ଫୁଟବଲରେ ଓଡ଼ିଶା ଦଳ ଏଥର ଟାଇଟଲ ହାସଲରୁ ବଞ୍ଚିତ ହୋଇଥିଲେ ହେଁ ଫାଇନାଲରେ ଚମତ୍କାର ପ୍ରଦର୍ଶନ କରିଥିଲା। ତାରକା ଖଚିତ ମଣିପୁର ଦଳଠାରୁ ଓଡ଼ିଶା ମାତ୍ର ଗୋଟିଏ ଗୋଲରେ ହାରି ରନରଅପ୍ ହୋଇଥିଲା। ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ରହିବାପରେ ୫୫ତମ ମିନିଟରେ ଅସେମ ରୋଜା ଦେବୀଙ୍କ ଏକମାତ୍ର ଗୋଲ ଦେଇ ମଣିପୁରକୁ ବିଜୟ ମୁକୁଟ ପିନ୍ଧାଇଥିଲେ। ଗତବର୍ଷ ଅର୍ଥାତ୍ ୨୦୨୩ ଜାତୀୟ କ୍ରୀଡ଼ାରେ ଓଡ଼ିଶା ମହିଳା ଫୁଟବଲ ଦଳ ସ୍ୱର୍ଣ୍ଣ ପଦକ ଜିତି ରାଜ୍ୟକୁ ଗର୍ବିତ କରିଥିଲା। ୨୦୦୭ ଓ ୨୦୧୧ ପରେ ଓଡ଼ିଶା ତୃତୀୟ ଥରପାଇଁ ଜାତୀୟ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ଜିତିଥିଲା। ଏହା ବ୍ୟତୀତ ୨୦୧୫ ଓ ୨୦୨୨ରେ ୨ ଥର ରୌପ୍ୟ ଏବଂ ୨୦୦୨ରେ ବ୍ରୋଞ୍ଜ ପଦକ ହାସଲ କରିବାର ରେକର୍ଡ ମଧ୍ୟ ବହନ କରୁଛି ଓଡ଼ିଶା ଦଳ। ପ୍ରକାଶ ଯୋଗ୍ୟ ଯେ, ସମ୍ମାନଜନକ ସନ୍ତୋଷ ଟ୍ରଫିରେ ଓଡ଼ିଶା ପୁରୁଷ ଦଳ କ୍ୱାର୍ଟର ଫାଇନାଲରେ ପ୍ରବେଶ କରି ଆଶା ଉଜ୍ଜୀବିତ ରଖିଛି।

ଓଡ଼ିଶା ମହିଳା ଫୁଟବଲ ଦଳକୁ ସ୍ୱାଗତ ଅବସରରେ ରାଜ୍ୟ କ୍ରୀଡ଼ା ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ, ଏଚ୍‌ପିସିଓ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ଅତିରିକ୍ତ ସଚିବ ବିଜୟ ସ୍ୱାଇଁ, ଯୁଗ୍ମ ସଚିବ ବିଜୟାନନ୍ଦ ନାୟକ, ଉପ ସଚିବ ଅମିତ କୁମାର ନାୟକ, ଓଏସ୍‌ଡି ସୋନାଲି ଚାନ୍ଦ, ସିନିୟର ପ୍ରୋଗ୍ରାମିଂ ଅଫିସର ନିବେଦିତା ଆଚାର୍ଯ୍ୟ, ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଯୁଗ୍ମ ସମ୍ପାଦକ ଅଭିଜିତ ପାଲ, ଉପସଭାପତି ସହଦେବ ରାଉତ, ସଦସ୍ୟ ସଙ୍ଗୀତା ଶର୍ମା, ପୂର୍ବତନ ଅନ୍ତର୍ଜାତୀୟ ଖେଳାଳି ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ଓ ରଞ୍ଜିତା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ